# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୨/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, January 12/ 2019 | ★★★★

୪୫ଶ ଭାଗ ୫୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସ୍ନେହା ସୋରେନଙ୍କୁ ସ୍ୱର୍ଣ୍ଣ**

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ଓଡ଼ିଶାର ସ୍ନେହା ସୋରେନ।

୧୪

୦୨

**ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ**

ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ ବୋଲି ବଲିଉଡ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ପୂଜା ଭଟ୍ଟ ପ୍ରକାଶ କରିଛନ୍ତି।








**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

# ଖାକି ବାବୁଙ୍କ ରାଜଧାନୀ ମୋହ

**ତ୍ରିନାଥ ମହାନ୍ତି**

ଭୁବନେଶ୍ୱର, ୧୧।୧



- ବଦଳି ସତ୍ତ୍ୱେ ଗାଦି ଛାଡ଼ିବାକୁ ଅମଙ୍ଗ
- 'ଦୁର୍ନୀତିଗ୍ରସ୍ତ ହେବା ଆଶଙ୍କା'

କମିଶନରେଟ ପୋଲିସରେ ଦୀର୍ଘଦିନ ହେବ ଅନେକ ପୋଲିସ ଅଫିସର ଗାଦି ମାଡି ବସିଛନ୍ତି। ଅନ୍ୟ ଜିଲାକୁ ସେମାନଙ୍କ ବଦଳି ହେଉଥିଲେ ମଧ୍ୟ ସେମାନେ ସ୍ଥାନ ଛାଡିବାକୁ ଅମଙ୍ଗ। ଉପରିସ୍ଥ ଅଧିକାରୀ କିମ୍ବା ରାଜନେତାଙ୍କୁ ହାତକରି ସେମାନେ ବଦଳି ଆଦେଶ ବାତିଲ କରିଦେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଏଠାରେ ରହି ସବ୍‌ଇନ୍ସପେକ୍ଟରରୁ ଏସିପି ପଦବୀକୁ ମଧ୍ୟ ପଦୋନ୍ନତି ପାଇଛନ୍ତି। ଏମାନଙ୍କ ବ୍ୟତୀତ ଅନ୍ୟ କେତେଜଣ ପୋଲିସ ଅଫିସର ଅଛନ୍ତି ଯେଉଁମାନେ କି ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଭୁବନେଶ୍ୱର ଏବଂ କଟକରେ ଆଣ୍ଡା ଜମାଇଛନ୍ତି। ସୂଚନା ଅଧିକାର(ଆରଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏପରି ପୋଲିସ ଅଧିକାରୀଙ୍କ ସଂଖ୍ୟା ୮।

ପୋଲିସ ଅର୍ଡର ୧୦୯ ଓ ଧାରା ୮ରେ ଉଲ୍ଲେଖ ରହିଛି ଯେ, ଜଣେ ପୋଲିସ ଅଫିସର ଗୋଟିଏ ଜିଲାରେ ଅତି ବେଶିରେ ୧୦ ବର୍ଷ ରହିପାରିବେ। ଯଦି କୌଣସି ପୋଲିସ ଅଫିସର ବଦଳିକୁ ବାତିଲ କରି ରହୁଛନ୍ତି ସେ ଅତିବେଶିରେ ୩ବର୍ଷରୁ ଊର୍ଦ୍ଧ୍ୱ ରହି ପାରିବେ ନାହିଁ। କିନ୍ତୁ ଏହି ନିୟମକୁ ପୋଲିସ ମୁଖ୍ୟାଳୟ ଓ କମିଶନରେଟ ପୋଲିସର ଅନେକ ଅଧିକାରୀ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି।

ଆରଟିଆଇ ତଥ୍ୟ ଅନୁଯାୟୀ, କମିଶନରେଟ ପୋଲିସରେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ପୋଲିସ ଅଫିସରମାନେ ହେଲେ କଟକରେ କାର୍ଯ୍ୟ କରୁଥିବା ଡବ୍ଲ୍ୟୁଏସ୍‌ଆଇ ଚମ୍ପାବତୀ ପାଟ, କଟକରେ କାର୍ଯ୍ୟ କରୁଥିବା ଏସ୍‌ଆଇ ହରିଶଙ୍କର ଭୋଇ, ଭୁବନେଶ୍ୱର ୟୁପିଡିରେ କାର୍ଯ୍ୟରତ ମଞ୍ଚେଶ୍ୱର ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର। ନିକଟରେ ମିଶ୍ରଙ୍କର ଜଗତ୍‌ସିଂହପୁର ଜିଲାକୁ ବଦଳି ହୋଇଛି। ବଦଳିର ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେ ନୂଆ ଜାଗାକୁ ଯାଇନାହାନ୍ତି। ଭୁବନେଶ୍ୱରରେ ଥିବା ଇନ୍ସପେକ୍ଟର ଅମିତା ତ୍ରିପାଠୀ, ଇନ୍ସପେକ୍ଟର ସୁକାନ୍ତ ପତି, ଭୁବନେଶ୍ୱର ଜୋନ-୧ ଏସିପି ଅସୀମ କୁମାର ପଣ୍ଡା, ଜୋନ-୬ ଏସିପି ରବୀନ୍ଦ୍ରନାଥ ଶତପଥୀ, କଟକରେ ଥିବା ଅତିରିକ୍ତ ଡିସିପି ମାୟାଧର ସେଠୀ।

ସେହିପରି ଏସିପି ର୍ୟାଙ୍କ୍‌କୁ ପଦୋନ୍ନତି ପାଇବା ପରେ ଅନ୍ୟତ୍ର ବଦଳି ହୋଇଥିଲେ ହେଁ ରାଜଧାନୀ ଛାଡ଼ି ନ ଥିବା ୨ ଅଧିକାରୀ ହେଉଛନ୍ତି ଏୟାରଫିଲ୍ଡ ଥାନା ଅଧିକାରୀ ଦେବୀଶଙ୍କର ପ୍ରତାପ ଏବଂ ଇନ୍ସପେକ୍ଟର ଅତନୁ କୁମାର ରାଉତ। ଗତ ଅକ୍ଟୋବରରେ ଦେବୀଶଙ୍କର ଏବଂ ଅତନୁଙ୍କର ସୁନ୍ଦରଗଡ ଏସ୍‌ପି ମୁଖ୍ୟାଳୟକୁ ବଦଳି ହୋଇଥିଲେ ମଧ୍ୟ ଉଭୟେ ଯାଇନାହାନ୍ତି। ଏହାବ୍ୟତୀତ ଅନ୍ୟ କେତେଜଣ ଅଧିକାରୀ ରାଜଧାନୀରେ ୧୦ ବର୍ଷରୁ ଊର୍ଦ୍ଧ୍ୱ କାଳ ରହିସାରିଛନ୍ତି। ସେମାନଙ୍କୁ ଭୁବନେଶ୍ୱରରେ ଥିବା ପୋଲିସ ବିଭାଗର ବିଭିନ୍ନ ସଂସ୍ଥାକୁ ଲୋକ ଦେଖାଣିଆ ଭାବେ ବଦଳି କରାଯାଇ ପୁଣି କମିଶନରେଟ ପୋଲିସରେ ଅବସ୍ଥାପିତ କରାଯାଇଛି।

ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ରାଜଧାନୀରେ ଅନେକ ପୋଲିସ ଅଫିସର ୮/୧୦ ବର୍ଷ ରହିଲେଣି। କେତେଜଣ ଅଫିସର ☞ପୃଷ୍ଠା-୪

# ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଆୟକର ଚଢ଼ାଉ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

**ଟିକସ ଫାଙ୍କିବା ଅଭିଯୋଗ**

ଆୟକର ଫାଙ୍କିବା ଅଭିଯୋଗରେ ଇନ୍ଦ୍ରାଣୀ ପଟ୍ଟନାୟକ ଖଣିରେ ଶୁକ୍ରବାର ସକାଳେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। ଆୟକର ବିଭାଗ ଇନ୍ଦ୍ରାଣୀ ଓ ତାଙ୍କ ସ୍ୱାମୀ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଘର ଏବଂ କାର୍ଯ୍ୟାଳୟ ସହିତ ସମୁଦାୟ ୧୬ଟି ସ୍ଥାନରେ ଏକକାଳୀନ ଚଢାଉ କରିଛି। ଚଢାଉରେ ଆୟକର ବିଭାଗର ପ୍ରାୟ ୧୮ଟି ଟିମ୍ ସାମିଲ ହୋଇଥିଲେ।

ଆୟକର ଟିମ୍ କେନ୍ଦୁଝର ଜିଲା ଯୋଡା ଊଁଚବାଲି ମହାପର୍ବତସ୍ଥିତ ଇନ୍ଦ୍ରାଣୀ ପଟ୍ଟନାୟକ ଖଣି କାର୍ଯ୍ୟାଳୟ ଏବଂ ସ୍ଥାନୀୟ ଡି. ଆର. ପଟ୍ଟନାୟକ ଖଣି କାର୍ଯ୍ୟାଳୟରେ ଚଢାଉ କରିଥିଲେ। ସେଠାରେ ଅଧିକାରୀମାନେ ବିଭିନ୍ନ କାଗଜପତ୍ର ଯାଞ୍ଚକରିବା ସହ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ସାଥିରେ ନେଇଥିବା ଜଣାପଡିଛି। ସେହିଭଳି ରାଉରକେଲାରେ ଥିବା ଇନ୍ଦ୍ରାଣୀଙ୍କ ଅଫିସ ଓ ଟାଉନଶିପ୍‌ଠାରେ ଥିବା ଏକ୍ସ/୬ ଘର ଏବଂ ତାଙ୍କର ଦୁଇ ସହଯୋଗୀଙ୍କ ଘରେ ଚଢାଉ କରାଯାଇଛି। ଇନ୍ଦ୍ରାଣୀଙ୍କ ପରିଚାଳନାଧୀନ କୋଇଡା ମାଇନ୍ସ ଅଞ୍ଚଳରେ ଥିବା କାର୍ଯ୍ୟାଳୟ, ଭୁବନେଶ୍ୱର ଶହୀଦନଗରସ୍ଥିତ ଇନ୍ଦ୍ରାଣୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଆୟକର ବିଭାଗର ୨ଟି ଟିମ୍ ଚଢାଉ କରିଥିଲେ। ସୂଚନା ମୁତାବକ, କିଛିବର୍ଷ ହେବ ଦୀପ୍ତିରଞ୍ଜନ ପଟ୍ଟନାୟକ ☞ପୃଷ୍ଠା-୪

## ଫେବୃୟାରୀରେ ୫ ଦିନିଆ ବିଧାନସଭା ଅଧିବେଶନ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ଆସନ୍ତା ଫେବୃୟାରୀ ୧୫ ବେଳକୁ ଚଳିତ ବିଧାନସଭାର ଶେଷ ଅଧିବେଶନ ଅନୁଷ୍ଠିତ ହେବ। ଏହା ୫ ଦିନିଆ ହେବ । ଏଥିରେ କେବଳ ଆସନ୍ତା ୬ ମାସ ପାଇଁ ଏକ କାମଚଳା ବଜେଟ ଉପସ୍ଥାପନ କରାଯିବ। ବିଭିନ୍ନ ଯୋଜନା ଖର୍ଚ୍ଚ ତୁଲାଇବା ପାଇଁ ଏହି ସ୍ୱଳ୍ପକାଳୀନ ଅଧିବେଶନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ପୂର୍ବରୁ ରାଜ୍ୟ ସରକାର କେନ୍ଦ୍ର ବଜେଟ ସହିତ ତାଳ ଦେଇ ବଜେଟ ପ୍ରସ୍ତୁତ କରୁଥିଲେ। ☞ପୃଷ୍ଠା-୪

**ଇସ୍ତଫା ଦେଲେ ଆଲୋକ ବର୍ମା**

୩

# ୯୫ ଲକ୍ଷ ପରିବାର ପାଇବେ ଏଲଇଡି ବଲ୍‌ବ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

**ଆମ ଗାଁ ଆମ ବିକାଶ**

- 'ଆମ ଘରେ ଏଲଇଡି' ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ପ୍ରତି ପରିବାରକୁ ମିଳିବ ୪ଟି ଲେଖାଏ ବଲ୍‌ବ
- ୧୦୬ ପଞ୍ଚାୟତ ପାଇଁ ୮୭୭ ପ୍ରକଳ୍ପ ମଞ୍ଜୁର

ରାଜ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାର ସବୁ ହିତାଧିକାରୀଙ୍କୁ ୪ଟି ଲେଖାଏ ଏଲ୍‌ଇଡି ବଲ୍‌ବ ମାଗଣାରେ ଦିଆଯିବ। ଏହାଦ୍ୱାରା ପ୍ରାୟ ୯୫ଲକ୍ଷ ହିତାଧିକାରୀ ପରିବାର ଉପକୃତ ହେବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଶୁକ୍ରବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅବସରରେ 'ଆମ ଘରେ ଏଲଇଡି' ନାମରେ ଏକ ନୂଆ ଯୋଜନାର ଶୁଭାରମ୍ଭ କରିଛନ୍ତି। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ପିଠା କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଉକ୍ତ ଏଲ୍‌ଇଡି ବଲ୍‌ବ ଯୋଗାଇ ଦିଆଯିବ। ଏହାଦ୍ୱାରା ବିଜୁଳି ଖର୍ଚ୍ଚ କମିବା ସହିତ ପିଲାମାନଙ୍କ ପାଠପଢ଼ାରେ ମଧ୍ୟ ସୁବିଧା ହେବ। ଏହି ଅବସରରେ ଏକ ଭିଡିଓ ରିଲିଜ କରାଯାଇଛି। ଏନେଇ ଶକ୍ତି ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ଉଭୟ ରାଜ୍ୟ ଏବଂ ରାଷ୍ଟ୍ରୀୟ ଖାଦ୍ୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଶାସନିକ ନିଅଣ୍ଟ**

**ଆଜିର ମନ୍ତବ୍ୟ**

"ଭ୍ରଷ୍ଟାଚାର ମାମଲାରେ ଜାମିନରେ ମୁକୁଳିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣୁଛନ୍ତି।

**-ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**

**କିଛି ତଥ୍ୟ**

ଗତ ୩ ଆର୍ଥିକ ବର୍ଷରେ ଦେଶର ରାଷ୍ଟ୍ରାୟତ୍ତ ଇସ୍ପାତ ସଂସ୍ଥାଗୁଡ଼ିକ ଗବେଷଣା ଏବଂ ଉନ୍ନତିକରଣ ବାବଦକୁ ୧୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ କରିଛନ୍ତି। **– ଇସ୍ପାତ ମନ୍ତ୍ରଣାଳୟ**

# ଗଣିତରେ ଦୁର୍ବଳ ପିଲାଙ୍କ ପାଇଁ ସହଜ ପ୍ରଶ୍ନପତ୍ର

**ସିବିଏସ୍‌ଇର ନୂଆ ଯୋଜନା**

- ୨୦୨୦ରୁ ୧୦ମ ଶ୍ରେଣୀରେ କାର୍ଯ୍ୟକାରୀ ହେବ
- ମୂଲ୍ୟାଙ୍କନରେ ତ୍ରୁଟି ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

ଦଶମ ଶ୍ରେଣୀରେ ଗଣିତରେ ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ସହଜ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ଯୋଜନା କରିଛି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)। ଛାତ୍ରୀଛାତ୍ରଙ୍କ ପାଇଁ ୨ଟି ପ୍ରଶ୍ନପତ୍ର ତିଆରି ହେବ। ଗୋଟିଏ ପୂର୍ବଭଳି ପ୍ରସ୍ତୁତ ହେବ ଏବଂ ଅନ୍ୟଟି ସହଜ ପ୍ରଶ୍ନପତ୍ର ରହିବ। ଏହା ଦୁର୍ବଳ ଛାତ୍ରୀଛାତ୍ରଙ୍କ ଲାଗି ସହାୟକ ହେବ। ଶୁକ୍ରବାର ସିବିଏସ୍‌ଇ ପକ୍ଷରୁ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଛାତ୍ରୀଛାତ୍ରମାନଙ୍କ ପରୀକ୍ଷା ପରିଚାଳନା ଓ ଖାତାର ସଠିକ୍ ମୂଲ୍ୟାଙ୍କନ ଉପରେ ଆୟୋଜିତ କର୍ମଶାଳାରେ ସିବିଏସ୍‌ଇର ସଚିବ ଅନୁରାଗ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସେହିପରି ଦଶମ ଏବଂ ଦ୍ୱାଦଶ ପରୀକ୍ଷା ମୂଲ୍ୟାୟନ ଓ ପରିଚାଳନାରେ ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE | 11.01.2019 | Venkobb Fresh Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 69 | 118 | 128 |
| DKL | 69 | 118 | 128 |
| BDK | 69 | 118 | 128 |
| BLS | 71 | 120 | 130 |
| ANG | 69 | 118 | 128 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers






281 CITIES COVERED | 509 SALES & SERVICE OUTLETS | FORD CREDIT | FORD ASSURED Certified Pre - Owned Cars

AUTHORISED FORD DEALERS: BHUBANESHWAR: Mancheswar Indusrial Estate, Capital Ford: ☎: 9022917371. • ANGUL: NH 42, Karadagadia, Capital Ford, ☎: 9022920332. • BALANGIR: Koshal Chowk, Minerva Ford, ☎: 9619051495.• BALASORE: Near Januganj Golai, Basanti Ford, ☎: 9619049873. • BERHAMPORE (WB): Near Bhakuri 2 Gram Panchayat, Ganges Ford, ☎: 9022917375. • CUTTACK: Pratap Nagari, Odisha Ford, ☎: 9022909587. • DURGAPUR: Bhiringi More, GT Road (East), Banerjee Ford, ☎: 9022916571. • GANGTOK: Tadong Word, Saharsh Ford, ☎: 9022909744. • JAMSHEDPUR: Adityapur, Jayshree Ford, ☎: 9022903793. • KHARAGPUR: OT Road Inda, Zaara Ford, ☎: 9022910705. • KOLKATA: Adjacent to Vishwakarma Building, Topsia, Ganges Ford, ☎: 9022920416. Opp. Baguihati Big Bazar, Kaikan Ford, ☎: 9022909440. Across RDB Cinema, Sector V, Saini Ford, ☎: 9022909960. • HOWRAH: Lal Bari Bus Stop, Kaikan Ford, ☎: 9022920274. • PORT BLAIR: Aberdeen Bazaar, Mohan Ford, ☎: 9022914002. • RANCHI: By Pass, Dibdih Overbridge, Diara Ford, ☎: 9022920353. • ROURKELA: Beldihi Chowk, Veda Ford, ☎: 9022910684. • SHILLONG: Mawiong RIM, Nikton Ford, ☎: 9022909581. • SILIGURI: NH-31, Gosaipur, Bagdogra, Gateway Ford, ☎: 9022920367.

*Terms & Conditions Apply. Above mentioned ex-showroom prices are for New Ford Aspire Ambiente Petrol, Ford EcoSport Ambiente Petrol and Ford Freestyle Ambiente Petrol. *The above mentioned finance offer is applicable on New Ford Aspire, Ford EcoSport and Ford Freestyle. It is a dealer offer and is available at select dealerships across India, if financed through Ford Credit India Private Limited ("Ford Credit"). The customer can avail a loan amount of up to 100% of the ex-showroom car price and needs to pay 10% of the loan amount as downpayment in the 4th month from the car purchase date. This scheme is applicable for loan tenure of 60 Months only. The finance is at the sole discretion of Ford Credit. The above finance offer is not available in state of Jammu and Kashmir. This offer is applicable on limited stock of 2018 and 2019 models and variants. The offer is valid till 31st January 2019. Colours are indicative only and may vary due to printing constraints. Accessories shown may not be part of standard fitment. Ford India reserves the right to cancel, terminate or suspend this offer at any time during the campaign period without any prior notice. For more information, please contact your nearest authorised Ford dealer.



"ଭାରତର ଆଲୋଚନା ପ୍ରସ୍ତାବକୁ ନେଇ ପାକିସ୍ତାନ ଗମ୍ଭୀର ନୁହେଁ। ଇସଲାମାବାଦ କଥାବାର୍ତ୍ତା ପାଇଁ ପ୍ରସ୍ତୁତ ଥିଲେ ମୁମ୍ବାଇ ଓ ପଠାନ୍‌କୋଟ ଆକ୍ରମଣକାରୀ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତା।
-ରବୀଶ କୁମାର, ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର

## ସାଧାରଣ ନିର୍ବାଚନ ପାଇଁ ଅଣ୍ଟାଭିଡ଼ିଲେ ଶାସକ-ବିରୋଧୀ

# ଏବେ ଯୁଦ୍ଧ ପ୍ରସ୍ତୁତି

ଦୁଇହଜାର ଉଣେଇଶକୁ ଅପେକ୍ଷା କରିଥିଲେ ସମସ୍ତେ । ହେଲେ ନୂଆବର୍ଷକୁ ବିତିଗଲାଣି ୧୧ ଦିନ। ଏବେ ସାଧାରଣ ନିର୍ବାଚନକୁ ଆଉ ୪ ମାସ ବାକି । ମାର୍ଚ୍ଚ ଆଡ଼କୁ ନିର୍ବାଚନ କମିଶନ ଘୋଷଣା କରିବେ ଭୋଟ ତାରିଖ। ଏଥିଲାଗି କେଉଁ ଦଳ ଘରସଜାଡ଼ିବାରେ ବ୍ୟସ୍ତ ତ ଆଉ କିଏ କାହା ହାତ ଧରି ନିର୍ବାଚନୀ ବୈତରଣୀ ପାରହେବାକୁ ଖୋଜୁଛି ବାଟ । ଏନ୍‌ଡିଏରୁ ଗୋଟିଏ ପରେ ଗୋଟିଏ ସହଯୋଗୀ ଓହରି ଉପା ହାତ ଧରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋଜୁଛନ୍ତି ପୁରୁଣା ସାଥୀଙ୍କୁ । ସେପଟେ ଏକଦା ପରସ୍ପରର ମୁହଁ ଚାହୁଁ ନ ଥିବା ଏସ୍‌ପି ଏବଂ ବିଏସ୍‌ପି କେନ୍ଦ୍ରରେ ଭାଜପାକୁ କ୍ଷମତାଚ୍ୟୁତ କରିବା ଲାଗି ଏକାଠି ହେଲେଣି। କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ରାଜ୍ୟ ଶାଖାଗୁଡ଼ିକୁ ଦେଇଛନ୍ତି ଅଧିକ କ୍ଷମତା। ଓଡ଼ିଶାରେ ବିଜେଡିର ସମଦୂରତ୍ୱ ନୀତି, ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ କ୍ଷେପଣାସ୍ତ୍ର ମାଡ଼ ଏବଂ ଦକ୍ଷିଣରେ ଏମ୍.କେ. ଷ୍ଟାଲିନ ଓ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତୁହାକୁ ତୁହା ଆକ୍ରମଣ ମୋଦି ସରକାରଙ୍କୁ ଘାଇଲା କରିଛି । ସମ୍ଭବତଃ ଏଥିପାଇଁ ୩ ହିନ୍ଦୀଭାଷୀ ରାଜ୍ୟ ହାତରୁ ଖସିଯିବା ପରେ ନୂଆଦିଲ୍ଲୀର ରାମଲୀଲା ମଇଦାନରେ ଭାଜପା କରୁଛି ସମରସଜ୍ଜା।



ଭାଜପା ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ଅଧ୍ୟକ୍ଷ ଅମିତ ଶାହ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦଳୀୟ ନେତୃବୃନ୍ଦ।

## ବିଚାରଧାରାର ଲଢ଼େଇ: ଶାହ

**ନୂଆଦିଲ୍ଲୀ,୧୧।୧(ପି.ଟି.)**

ଆଗାମୀ ଲୋକ ସଭା ନିର୍ବାଚନ ସବୁ ରାଜନୈତିକ ଦଳ ମଧ୍ୟରେ ଏକ ଯୁଦ୍ଧ। ଏହା ଏକ ବିଚାରଧାରାର ଲଢ଼େଇ। ଏହା ମରାଠା ଓ ଆଫଗାନ ସେନା ମଧ୍ୟରେ ତୃତୀୟ ପାନିପଥ ଯୁଦ୍ଧ ସଦୃଶ। ନିର୍ବାଚନର ଫଳାଫଳ ମଧ୍ୟ ଦେଶ ପାଇଁ ଏହିଭଳି ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଗୁରୁବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଛନ୍ତି।

ଦିଲ୍ଲୀର ରାମଲୀଲା ମଇଦାନରେ ଭାଜପା ରାଷ୍ଟ୍ରୀୟ ଅଧିବେଶନର ଉଦ୍‌ଘାଟନୀ ସମାରୋହରେ ଦଳୀୟ କର୍ମକର୍ତ୍ତାଙ୍କୁ ଶାହ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଭାଜପା ବିରୋଧରେ ପ୍ରସ୍ତାବିତ ମହାମେଣ୍ଟ ଏକ ଛଳନା। ବିରୋଧୀ ଦଳଗୁଡ଼ିକର ନେତା ନାହାନ୍ତି କି ନୀତି ନାହିଁ। କେବଳ କ୍ଷମତା ଲୋଭ ସେଗୁଡ଼ିକୁ ଏକାଠି କରିଛି। ଭାଜପା ନିଜର ସାଂସ୍କୃତିକ ଜାତୀୟତାବାଦ ଓ ଗରିବଙ୍କ ମଙ୍ଗଳ କାର୍ଯ୍ୟସୂଚୀକୁ ନେଇ ନିଶ୍ଚିତ ଭାବେ ନିର୍ବାଚନ ଜିତିବ। ଭାଜପାରେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଛନ୍ତି। ତାଙ୍କୁ ପୁନଃ କ୍ଷମତାସୀନ କରିବା ପାଇଁ ଭାଜପା ପ୍ରତିନିଧିମାନେ ଶପଥ ନିଅନ୍ତୁ ବୋଲି ଶାହ ପରାମର୍ଶ ଦେଇଥିଲେ। ପ୍ରାୟ ଘଣ୍ଟାଏ ଧରି ଦେଇଥିବା ଭାଷଣରେ ଶାହ ବାରମ୍ବାର ଆଗାମୀ ନିର୍ବାଚନକୁ ଗୁରୁତ୍ୱ ଦେଇ ମୋଦି ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ବଖାଣିଥିଲେ। ଶାହ କହିଥିଲେ, ଭ୍ରଷ୍ଟାଚାର ମାମଲାରେ ଜାମିନରେ ମୁକୁଳିଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମୋଦି ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିରୋଧୀ ଦଳଗୁଡ଼ିକ 'ମଜବୁର ସରକାର' ଆଣିବାକୁ ଚାହୁଁଥିବାବେଳେ ଲୋକେ ଭାଜପାର 'ମଜଭୁତ ସରକାର' ଗଢ଼ିବାକୁ ଚାହାନ୍ତି। ରାଜନୀତି ଫିଜିକ୍ସ (ପଦାର୍ଥ ବିଜ୍ଞାନ) ନୁହେଁ, ଏହା କେମିଷ୍ଟ୍ରି (ରସାୟନ ବିଜ୍ଞାନ)।

ମଞ୍ଚରେ ପ୍ରଧାନମନ୍ତ୍ରୀ ଓ ଶାହଙ୍କ ସହ ବରିଷ୍ଠ ନେତା ଲାଲାକୃଷ୍ଣ ଆଡଭାନୀ, ମୁରଲୀ ମନୋହର ଜୋଷୀ, ଅନେକ କେନ୍ଦ୍ରମନ୍ତ୍ରୀ ଉପସ୍ଥିତ ଥିଲେ। ଏହି ଦୁଇଦିନିଆ ରାଷ୍ଟ୍ରୀୟ ଅଧିବେଶନରେ ଭାଜପାର ପ୍ରାୟ ୧୨,୦୦୦ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୋଦି ଶନିବାର ଉଦ୍‌ଯାପନୀ ଭାଷଣ ଦେଇ ସାଧାରଣ ନିର୍ବାଚନ ପାଇଁ ଦଳର କାର୍ଯ୍ୟସୂଚୀ ଘୋଷଣା କରିବେ। ଭୋଟ ପୂର୍ବରୁ ଏହାକୁ ଭାଜପାର ରଣନୀତି ପ୍ରସ୍ତୁତି ମଞ୍ଚ ବୋଲି କୁହାଯାଉଛି।

## ମୋଦି ଟେଲିପ୍ରମ୍ପ୍‌ଟର ନ ଦେଖି ଇଂଲିଶ କହିପାରନ୍ତି ନାହିଁ: ମମତା

**ନୂଆଦିଲ୍ଲୀ,୧୧।୧**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦୌ ଭଲ ଇଂଲିଶ କହିପାରନ୍ତି ନାହିଁ। ଏପରି କି ସେ ଟେଲିପ୍ରମ୍ପ୍‌ଟର ନ ଦେଖି ଧାଡ଼ିଏ ବି ଇଂଲିଶ କହିପାରିବେ ନାହିଁ ବୋଲି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଯୋଜନାରୁ ପଶ୍ଚିମବଙ୍ଗ ସରକାର ଓହରିଯିବା ନେଇ ଘୋଷଣା କରିବାବେଳେ ମୁଖ୍ୟମନ୍ତ୍ରୀ ମମତା କହିଛନ୍ତି, ପ୍ରଧାନମନ୍ତ୍ରୀ ବହୁତ ଭାଷଣ ଦିଅନ୍ତି। ହେଲେ ସେ ଠିକ୍ ଭାବେ ଇଂଲିଶ କହିପାରନ୍ତି ନାହିଁ। ଏଥିପାଇଁ ସେ ସବୁବେଳେ ଟେଲିପ୍ରମ୍ପ୍‌ଟରର ସହାୟତା ନେଇଥାନ୍ତି। ମୋଦି ସ୍କ୍ରିନ୍‌କୁ ଦେଖି ସେଥିରେ ଇଂଲିଶରେ ଯାହା ଲେଖା ହୋଇଥାଏ ସେ ତାକୁ ପଢ଼ି ଶୁଣାନ୍ତି। ମୋଦି ଇଂଲିଶରେ ଅନର୍ଗଳ କହିପାରନ୍ତି ବୋଲି ଦେଖିବା ଲୋକେ ମନେକରନ୍ତି। ଏକଥା ସମ୍ପୂର୍ଣ୍ଣ ଗଣମାଧ୍ୟମ ଜଗତକୁ ଜଣା। ହେଲେ ଆମକୁ ଏପରି କରିବାକୁ ପଡ଼େନାହିଁ ବୋଲି ମମତା କହିଛନ୍ତି। କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି କଦର୍ଯ୍ୟ ରାଜନୀତି କରୁଥିବାରୁ ପଶ୍ଚିମବଙ୍ଗ ମହତ୍ତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ ଯୋଜନା ଆୟୁଷ୍ମାନ୍ ଭାରତରୁ ଓହରିଯାଇଛି ବୋଲି ମମତା ଘୋଷଣା କରିଛନ୍ତି।

## ପିସିସିକୁ ଅଧିକ କ୍ଷମତା

**ନୂଆଦିଲ୍ଲୀ,୧୧।୧(ଆଇଏଏନ୍‌ଏସ୍):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସର ରାଜ୍ୟ ଶାଖାଗୁଡ଼ିକୁ ଅଧିକ କ୍ଷମତା ଦିଆଯାଇଛି। ଏହାସହ ନିର୍ବାଚନ ବେଳେ କାହାକୁ ପ୍ରାର୍ଥୀ କରାଯିବ ଏବଂ ପ୍ରଚାର ତଥା ସମନ୍ୱୟ କ୍ଷେତ୍ରରେ ମଧ୍ୟ ସ୍ୱାୟତ୍ତତା ଦିଆଯାଇଥିବା ଶୁକ୍ରବାର ଏଆଇସିସି ପକ୍ଷରୁ କୁହାଯାଇଛି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ନୂଆଦିଲ୍ଲୀରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତିମାନଙ୍କୁ ନେଇ ଏକ କୋର୍ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ୍ ଓ ଜିଲାସ୍ତରରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବା ପାଇଁ ପିସିସି ସଭାପତିମାନଙ୍କୁ କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି। ଏଥିସହ ନିଜ ନିଜ ରାଜ୍ୟରେ ୨୦୧୯ ଯୁଦ୍ଧ ପାଇଁ ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ତୁରନ୍ତ ଚୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କୁହାଯାଉଛି।

## ଭାଜପା ସହ ମେଣ୍ଟକୁ ଷ୍ଟାଲିନ୍‌ଙ୍କ ନା

**ଚେନ୍ନାଇ,୧୧।୧(ଆଇଏଏନ୍‌ଏସ୍):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ସହିତ କୌଣସି ମେଣ୍ଟ କରାଯିବ ନାହିଁ ବୋଲି ଶୁକ୍ରବାର ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍ ସ୍ପଷ୍ଟ କରିଛନ୍ତି। ତାମିଲନାଡୁରେ ପୁରୁଣା ସହଯୋଗୀଙ୍କ ପାଇଁ ଏନ୍‌ଡିଏର ଦ୍ୱାର ଖୋଲା ଅଛି ବୋଲି



ମୋଦି ଚେନ୍ନାଇରେ ଘୋଷଣା କରିବାର ଦିନକ ପରେ ମେଣ୍ଟ ସମ୍ଭାବନାକୁ ଷ୍ଟାଲିନ୍ ଖଣ୍ଡନ କରିଛନ୍ତି। ପ୍ରକାଶ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏରେ ଡିଏମ୍‌କେ ସାମିଲ ଥିଲା। ମୋଦି ବାଜପେୟୀଙ୍କ ରାଜନୈତିକ ସଂସ୍କୃତିକୁ ଅନୁକରଣ କରୁ ନ ଥିବାରୁ ତାଙ୍କ ସଦ୍ୟ ମନ୍ତବ୍ୟକୁ ନେଇ ବିସ୍ମିତ ହୋଇଥିବା ଷ୍ଟାଲିନ୍ କହିଛନ୍ତି।

## ମୋଦି, ଯୋଗୀଙ୍କୁ 'ଗୋରୁ' କହିଲେ ଅଜିତ୍ ସିଂ



**ମଥୁରା,୧୧।୧(ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ 'ଗୋରୁ' କହି ବିବାଦ ଘେରରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ଅଜିତ୍ ସିଂ। 'କିଷାନ ସେ ସମ୍ବାଦ' କାର୍ଯ୍ୟକ୍ରମରେ ଅଜିତ୍ କହିଛନ୍ତି, ମୋଦି ଷଣ୍ଢ, ଯୋଗୀ ବାଛୁରି ଓ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଗାଈ। ଆଜିକାଲି ଗାଈ, ବଳଦ ଓ ବାଛୁରି ବହୁତ ବୁଲୁଛନ୍ତି ବୋଲି ଖବରକାଗଜରେ ପଢ଼ିବାକୁ ମିଳୁଛି। ଏହାକୁ ନେଇ ଅଜିତ୍ କ୍ଷମାମାଗନ୍ତୁ ବୋଲି ଭାଜପା ଦାବି କରିଛି।

## ଏସ୍‌ପି-ବିଏସ୍‌ପି ମେଣ୍ଟ ଘୋଷଣା ଆଜି



**ଲକ୍ଷ୍ନୌ,୧୧।୧(ଆଇଏଏନ୍‌ଏସ୍):** ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ମଧ୍ୟରେ ମେଣ୍ଟକୁ ନେଇ ଚୂଡ଼ାନ୍ତ ଆସନ ବୁଝାମଣା ଶେଷ ହୋଇଛି। ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀ ଲକ୍ଷ୍ନୌର ଏକ ପଞ୍ଚତାରକା ହୋଟେଲରେ ଶନିବାର ଏକ ମିଳିତ ଖବରଦାତା ସମ୍ମିଳନୀ ଆୟୋଜିତ କରି ଏହା ଘୋଷଣା କରିବେ। ଲୋକ ସଭା ନିର୍ବାଚନରେ ଉଭୟ ଦଳ ୩୭ଟି ଆସନରେ ଲଢ଼ିବେ। ସେମାନେ ଅଜିତ୍ ସିଂଙ୍କ ରାଷ୍ଟ୍ରୀୟ ଲୋକ ଦଳକୁ ୨ଟି ଆସନ ଛାଡ଼ିଦେବେ। ସେହିପରି ଅମେଠି ଓ ରାଏବରେଲି ଆସନରେ ଯଥାକ୍ରମେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏବଂ ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ମେଣ୍ଟ ପ୍ରାର୍ଥୀ ଦେବନାହିଁ ବୋଲି ଜଣାପଡ଼ିଛି। ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶରେ କ୍ଷମତାସୀନ ଭାଜପାକୁ ହରାଇବା ପାଇଁ ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ରଣନୀତି ସ୍ଥିର କରିଛନ୍ତି। ତେବେ ମେଣ୍ଟରେ କଂଗ୍ରେସକୁ ସାମିଲ କରି ନ ଥିବାରୁ ଏହା ବିପଜ୍ଜନକ ଭୁଲହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ଖବରଦାତା ହତ୍ୟା ମାମଲା

# ରାମରହିମ ଦୋଷୀ

**ପଞ୍ଚକୁଲା,୧୧।୧(ପି.ଟି.)**



ଖବରଦାତା ରାମ ଚନ୍ଦର ଛତ୍ରପତି ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ ରାମ ରହିମ ସିଂ ଏବଂ ଅନ୍ୟ ୩ ଜଣଙ୍କୁ ଏକ ସିବିଆଇ ଅଦାଲତ ଶୁକ୍ରବାର ଦୋଷୀସାବ୍ୟସ୍ତ କରିଛନ୍ତି। ଆସନ୍ତା ୧୭ ତାରିଖରେ ସେମାନଙ୍କ ଦଣ୍ଡ ଶୁଣାଣି ହେବ। ଅନ୍ୟ ତିନି ଅଭିଯୁକ୍ତ ହେଲେ କୁଲଦୀପ ସିଂ, ନିର୍ମଲ ସିଂ ଏବଂ କ୍ରିଷନ୍ ଲାଲ୍। ବଳାତ୍କାର ମାମଲାରେ ୨୦ ବର୍ଷ ସଜା କାଟୁଥିବା ରାମରହିମ ରୋହତକ୍‌ର ସୁନାରିଆ ଜେଲ୍‌ରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ କୋର୍ଟରେ ହାଜର ହୋଇଥିଲେ।

୨୦୦୨ ଅକ୍ଟୋବରରେ ହରିୟାଣାର ଖବରଦାତା ରାମ ଚନ୍ଦରଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ତାଙ୍କ ଖବରକାଗଜ 'ପୂରା ସଚ୍'ରେ ଡେରା ମୁଖ୍ୟଙ୍କ ବିରୋଧରେ ଏକ ବେନାମୀ ଚିଠି ପ୍ରକାଶିତ ହୋଇଥିଲା ଯେଉଁଥିରେ ରାମରହିମ ତାଙ୍କ ସିର୍ସା ଆଶ୍ରମରେ ମହିଳାମାନଙ୍କୁ ଯୌନ ଶୋଷଣ କରୁଥିବା ଉଲ୍ଲେଖ ଥିଲା। ୨୦୦୩ରେ ମାମଲା ରୁଜୁ ହେବା ପରେ ୨୦୦୬ରେ ଉକ୍ତ ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ରାମରହିମଙ୍କୁ ଏହି ମାମଲାରେ ମୁଖ୍ୟ ଷଡଯନ୍ତ୍ରକାରୀ ଦର୍ଶାଯାଇଥିଲା।

## ଗିରଫ ହୋଇପାରନ୍ତି ଅସ୍ଥାନା

**ନୂଆଦିଲ୍ଲୀ,୧୧।୧(ପି.ଟି.)**



ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିବା ଲାଗି ହୋଇଥିବା ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏଥିସହିତ ତାଙ୍କ ବିରୋଧରେ ଫୌଜଦାରି ମକଦ୍ଦମା ନ ଚଳାଇବାକୁ ଦେଇଥିବା ଅନ୍ତରୀଣ ନିର୍ଦ୍ଦେଶକୁ ମଧ୍ୟ କୋର୍ଟ ରଦ୍ଦ କରିଦେଇଛନ୍ତି। ଅଦାଲତଙ୍କ ଏହି ନିଷ୍ପତ୍ତି ପରେ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ଅଭିଯୋଗର ତଦନ୍ତ ଚାଲିବ ଏବଂ ସେ ଗିରଫ ହୋଇପାରନ୍ତି ବୋଲି ଜଣାପଡ଼ିଛି। ଏଥିସହିତ ସିବିଆଇ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦେବେନ୍ଦ୍ର କୁମାର ଏବଂ ଅଭିଯୁକ୍ତ ମଧ୍ୟସ୍ଥ ମନୋଜ ପ୍ରସାଦଙ୍କ ବିରୋଧରେ ଦାଏର ଏତଲା ରଦ୍ଦ କରିବାକୁ ଜଷ୍ଟିସ୍ ନଜମି ଓ୍ୱଜିରି ମନା କରିଦେଇଛନ୍ତି। ଅସ୍ଥାନା ଏବଂ ଅନ୍ୟମାନଙ୍କ ବିରୋଧରେ ତଦନ୍ତ ୧୦ ସପ୍ତାହ ମଧ୍ୟରେ ଶେଷ କରିବାକୁ ସିବିଆଇକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦାଏର ଏତଲାକୁ ଚାଲେଞ୍ଜ କରି ଅସ୍ଥାନା, ଦେବେନ୍ଦ୍ର ଏବଂ ମନୋଜ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇଦ୍ରାବାଦର ଜଣେ ବ୍ୟବସାୟୀ ସଥୀଶ ବାବୁ ସାନାଙ୍କ ଅଭିଯୋଗ ଆଧାରରେ ଅସ୍ଥାନାଙ୍କ ବିରୋଧରେ ଏତଲା ଦାଏର ହୋଇଥିଲା। ଏକ ମାମଲାକୁ କୋହଳ କରିବା ଲାଗି ସେ ଅସ୍ଥାନାଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଥିଲେ। ଏହାବ୍ୟତୀତ ସେ ଅସ୍ଥାନାଙ୍କ ବିରୋଧରେ ଦୁର୍ନୀତି, ଜବରଦସ୍ତ ଅର୍ଥ ଆଦାୟ ଏବଂ ଗୁରୁତର ଅପରାଧ ଅଭିଯୋଗ ମଧ୍ୟ ଆଣିଥିଲେ। ଗତ ଡିସେମ୍ବର ୨୦ରେ ଜଷ୍ଟିସ୍ ଓ୍ୱଜିରି ବିଭିନ୍ନ ପିଟିଶନର ଶୁଣାଣି କରିବା ପରେ ରାୟ ସଂରକ୍ଷିତ ରଖିଥିଲେ।

## ସୁ ସେଙ୍ଗ୍-ଚାଙ୍ଗ୍ ତାଇଓ୍ୱାନ ପ୍ରଧାନମନ୍ତ୍ରୀ

**ତାଇପେଇ,୧୧।୧**



ତାଇଓ୍ୱାନ ରାଷ୍ଟ୍ରପତି ସାଇ ଇଙ୍ଗ୍-ଓ୍ୱେନ ତାଙ୍କର ରାଜନୈତିକ ସହଯୋଗୀ ସୁ ସେଙ୍ଗ୍-ଚାଙ୍ଗ୍‌ଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛନ୍ତି। ସ୍ଥାନୀୟ ନିର୍ବାଚନରେ ଶାସକ ଡେମୋକ୍ରାଟିକ ପ୍ରୋଗ୍ରେସିଭ୍ ପାର୍ଟି (ଡିପିପି) ପରାଜିତ ହେବା ପରେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳରେ ଅଦଳବଦଳ କରିଛନ୍ତି। ଚାଇନା ତାଇଓ୍ୱାନକୁ ନିଜର ବୋଲି ଦାବିକରିବା ସହ ଏହାକୁ ନିୟନ୍ତ୍ରଣକୁ ନେବା ଲାଗି ସୈନ୍ୟବାହିନୀ ପଠାଇବାକୁ ଧମକ ଦେଇଥିବାବେଳେ ସେଙ୍ଗ୍- ଚାଙ୍ଗ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ନଭେମ୍ବର ୨୪ରେ ହୋଇଥିବା ନିର୍ବାଚନରେ ବିରୋଧୀ ଦଳ ନ୍ୟାଶନାଲିଷ୍ଟ ପାର୍ଟି ୨୨ ପ୍ରମୁଖ ଆସନରୁ ୧୫ଟିରେ ବିଜୟୀ ହୋଇଥିଲା। ଏହି ପରାଜୟ ପରେ ସାଇ ଡିପିପି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ।

## ମେଜର, ଯବାନ ଶହୀଦ

**ନୂଆଦିଲ୍ଲୀ,୧୧।୧**


ଜମ୍ମୁ-କଶ୍ମୀର ରାଜୌରୀ ଜିଲାର ନୌଶେରା ସେକ୍ଟରରେ ଶୁକ୍ରବାର ଆଇଇଡି ବିସ୍ଫୋରଣରେ ଜଣେ ସେନା ମେଜର ଏବଂ ଜଣେ ଯବାନ ଶହୀଦ ହୋଇଛନ୍ତି। ପୁଖାର୍ନି ଅଞ୍ଚଳର ରୂପମତି ଫରଓ୍ୱାର୍ଡ ପୋଷ୍ଟ ନିକଟରେ ପ୍ରଥମ ବିସ୍ଫୋରଣ ଅପରାହ୍ନ ୪ଟା ୩୦ରେ ଏବଂ ଦ୍ୱିତୀୟ ବିସ୍ଫୋରଣ ସଂଧ୍ୟା ୬ଟାରେ ହୋଇଥିଲା। ପାଟ୍ରୋଲିଂ କରୁଥିବା ଯବାନଙ୍କୁ ଟାର୍ଗେଟ କରି ଆତଙ୍କବାଦୀମାନେ ଏଲଓସି ଅନ୍ତର୍ଗତ ଉକ୍ତ ଅଞ୍ଚଳରେ ଆଇଇଡି ଖଞ୍ଜିଥିଲେ। ବିସ୍ଫୋରଣରେ ମେଜର ଏସ୍.ଜି. ନାୟାର ଏବଂ ଜଣେ ଯବାନ ଆହତ ହୋଇଥିଲେ। ସେମାନଙ୍କୁ ହସ୍ପିଟାଲ୍ ନିଆଯାଇଥିବାବେଳେ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଛି। ଏହାବ୍ୟତୀତ ରାଜୌରୀ ଜିଲାର ସୁନ୍ଦରବଣି ଅଞ୍ଚଳରେ ସୀମାପାର ଗୁଳିରେ ଜଣେ ସେନା ପୋର୍ଟରଙ୍କର ମୃତ୍ୟୁ ଘଟିଛି।

## ଇତିହାସର ଆଇନାରେ

### ଜାନୁୟାରୀ ୧୨ର ପ୍ରମୁଖ ଘଟଣା

୨୦୧୦ ଜାନୁୟାରୀ ୧୨ରେ ହାଇଟିରେ ଏକ ଭୂକମ୍ପ ଯୋଗୁ ୧ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାର ରାଜଧାନୀ ପୋର୍ଟ-ଅଉ-ପ୍ରିନ୍ସରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ୨୦୧୫ରେ ଏହାର ଲୋକସଂଖ୍ୟା ଥିଲା ୯୮୭,୩୧୦। କିନ୍ତୁ ହାଇଟିର ମେଟ୍ରୋପଲିଟାନ୍ ନଗରୀ ପୋର୍ଟ-ଅଉ-ପ୍ରିନ୍ସ, ଡେଲମାସ୍, ସିଟେ ସୋଲେଇଲ୍, ଟାବାରେ, କ୍ୟାରିଫୋର ଏବଂ ପେଟିଅନ୍-ଭିଲ୍ଲେକୁ ନେଇ ଗଠିତ।

୨୦୦୪ ଜାନୁୟାରୀ ୧୨ରେ ବିଶ୍ୱର ସର୍ବବୃହତ୍ ଜାହାଜ ଆରଏମ୍‌ଏସ୍ କୁଇନ୍ ମେରି ୨ ଏହାର ଜଳଯାତ୍ରା ଆରମ୍ଭ କରିଥିଲା। ଉକ୍ତ ଜାହାଜକୁ ସଂକ୍ଷିପ୍ତରେ କ୍ୟୁଏମ୍୨ କୁହାଯାଏ। ଏହା ଆଟଲାଣ୍ଟିକ ମହାସାଗର ଦେଇ ଚଳାଚଳ କରିଥାଏ। କୁଇନ ମେରି ୨ ହେଉଛି ଏକମାତ୍ର ଯାତ୍ରିବାହୀ ଜାହାଜ ଯାହା କି ଆଟଲାଣ୍ଟିକ ସାଗର ଦେଇ ମାଲ ମଧ୍ୟ ପରିବହନ କରୁଛି।


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୭.୫ | ୧୧.୪ |
| ଚାନ୍ଦବାଲି | ୨୫.୪ | ୧୩.୬ |
| କଟକ | ୨୫.୪ | ୧୨.୫ |
| ପାରାଦ୍ୱୀପ | ୨୫.୮ | ୧୫.୦ |
| ଭୁବନେଶ୍ୱର | ୨୭.୭ | ୧୪.୦ |
| ଗୋପାଳପୁର | ୨୭.୫ | ୧୪.୫ |
| ପୁରୀ | ୨୬.୬ | ୧୫.୨ |
| ଅନୁଗୋଳ | ୨୫.୭ | ୦୮.୦ |
| ବାରିପଦା | ୨୪.୪ | ୧୧.୪ |
| ଝାରସୁଗୁଡ଼ା | ୨୬.୪ | ୦୯.୮ |
| କେନ୍ଦୁଝର | ୨୩.୬ | ୦୯.୯ |
| ସମ୍ବଲପୁର | ୨୭.୫ | ୯.୫ |
| ସୁନ୍ଦରଗଡ଼ | ୨୬.୬ | ୧୦.୮ |
| ହୀରାକୁଦ | ୨୬.୫ | ୧୦.୬ |
| ତାଳଚେର | ୨୯.୫ | ୧୦.୫ |
| ଭବାନୀପାଟଣା | ୨୬.୮ | ୦୮.୫ |
| ବଲାଙ୍ଗୀର | --- | ୦୯.୮ |
| କୋରାପୁଟ | ୨୫.୨ | ୧୧.୦ |
| ଫୁଲବାଣୀ | ୨୫.୨ | ୦୭.୫ |
| ଟିଟିଲାଗଡ଼ | --- | ୦୯.୫ |
| ମାଲକାନଗିରି | ୩୦.୫ | ୧୪.୦ |
| ସୋନପୁର | ୨୮.୨ | ୧୧.୬ |
| ଦାରିଙ୍ଗିବାଡ଼ି | ୨୩.୨ | ୦୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### ଫୁର୍‌ସତ

## ଭାରତରେ ପୁରୁଷଙ୍କ ବୟସ ବଢ଼େନାହିଁ




**ମୁମ୍ବାଇ:** ମହିଳାମାନେ ୪୦ବର୍ଷରେ ସ୍ୱାସ୍ଥ୍ୟବତୀ ଓ ଆକର୍ଷଣୀୟ ଦେଖାଯାଉଥିବାବେଳେ ସେମାନଙ୍କୁ ଅଭିନୟର ସୁଯୋଗ ମିଳେନାହିଁ। ଅଥଚ ପୁରୁଷ ବୟସ୍କ ହେଲେ ବି ଚରିତ୍ରାଭିନୟ ଜାରିରଖନ୍ତି ବୋଲି ଅଭିନେତ୍ରୀ-ନିର୍ଦ୍ଦେଶିକା ପୂଜା ଭଟ୍ଟ କହିଛନ୍ତି। ପୂଜା ଦୀର୍ଘ ୧୮ବର୍ଷର ବ୍ୟବଧାନ ପରେ ପୁଣି ରୂପେଲି ପରଦାକୁ ଫେରିଛନ୍ତି। ସେ ଅଭିନୟକୁ ଗୁଡ୍‌ବାଏ କହିଥିଲେ ମଧ୍ୟ 'ସଡ଼କ-୨' ଆଉଥରେ ତାଙ୍କୁ ଅଭିନୟ ଜଗତକୁ ଟାଣି ଆଣିଛି। ସେ କହନ୍ତି, 'ଦିନେ ଅଭିନୟକୁ ବାଏ ବାଏ କହିଥିଲି। କିନ୍ତୁ ଜଣେ ଅଭିନେତ୍ରୀ ସବୁବେଳେ ହିଁ ଅଭିନେତ୍ରୀ। ଅଭିନେତ୍ରୀ ନୁହେଁ ବରଂ ଜଣେ ସ୍ଥପତି କିମ୍ବା ମହାକାଶଚାରୀ ହେବାକୁ ଚାହିଁଥିଲି। କିନ୍ତୁ ପିତାଙ୍କ ପ୍ରେରଣାରେ ମୁଁ ଆଗକୁ ବଢ଼ିଥିଲି। ଏହାପରେ ଆଉ ପଛକୁ ଫେରି ଚାହିଁନାହିଁ। ଖୁସି ଏଇଥିପାଇଁ ଯେ, ପୁଣିଥରେ ଅଭିନୟ ଜଗତକୁ ଫେରିଆସିଛି।' ମହିଳାମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ପାଦ ଦେଲେ ନିଜକୁ ଭଲ ଭାବରେ ଉପସ୍ଥାପନ କରିପାରନ୍ତି। କିନ୍ତୁ ଏହି ବୟସରେ ମହିଳାଙ୍କୁ ମା' ଭୂମିକା ଦିଆଯାଏ। ଅଥଚ ପୁରୁଷଙ୍କ ବୟସ ବଢ଼ିଲେ ବି ସେମାନଙ୍କୁ ହିରୋ ଭୂମିକା ମିଳେ।




# ଓଡ଼ିଶା କନ୍ଦମୂଳରେ ୧ ନମ୍ବର

- ‘କୃଷି-୨୦୧୯’ ମାସ୍କଟ ଉନ୍ମୋଚିତ
- ବାର୍ଷିକ ଉତ୍ପାଦନ ହେଉଛି ୩.୮୨ଲକ୍ଷ ଟନ୍

ଭୁବନେଶ୍ୱର,୧୧।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସଚିବାଳୟଠାରେ ‘କୃଷି-୨୦୧୯’ ଲୋଗୋ ଉନ୍ମୋଚନ କରିଛନ୍ତି। ଓଡିଶା କନ୍ଦମୂଳ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏଥିପାଇଁ କୃଷି-୨୦୧୯କୁ ଚୟନ କରାଯାଇଛି। କନ୍ଦମୂଳ ଭିଟାମିନ-ଏ’ରେ ପରିପୂର୍ଣ୍ଣ। ଏହାକୁ ବିପର୍ଯ୍ୟୟ ପ୍ରଶମନ ଶସ୍ୟ କୁହାଯାଇଥାଏ। ବାତ୍ୟା ଓ ମରୁଡି ସମୟରେ ଏହି ଶସ୍ୟ ଉତ୍ପାଦନ ହୋଇଥାଏ।

କନ୍ଦମୂଳ ଏକ ଲାଭଜନକ ଫସଲ, ଯାହାକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମସ୍ତ ବ୍ୟଞ୍ଜନରେ ବ୍ୟବହୃତ ହୁଏ। ସମଗ୍ର ଦେଶରେ କନ୍ଦମୂଳ ଉତ୍ପାଦନରେ ଓଡିଶା ପ୍ରଥମ ସ୍ଥାନ ଅଧିକାର କରିଛି। ରାଜ୍ୟରେ ସମୁଦାୟ ୪୦,୪୦୯ ହେକ୍ଟର ଜମିରେ ଏହା ଚାଷ କରାଯାଏ। ସେଥିରୁ ମୋଟ ୩.୮୨ ଲକ୍ଷ ମେଟ୍ରିକ ଟନ ଉତ୍ପାଦିତ ହୋଇଥାଏ। ଭିଟମିନ-ଏ’ରେ ପରିପୂର୍ଣ୍ଣ ଏହି ଫସଲର ୨ଟି କିସମ କଞ୍ଚନଗଡ ଓ ବିଧାନଜ୍ୟୋତି ଭାରତରେ ଅତ୍ୟନ୍ତ ଆଦୃତି ଲାଭ କରିଛି। ଏହି ଫସଲ ଓ ଚାଷର ଆୟତନ ବୃଦ୍ଧି ପାଇଁ ଗେଟ୍ସ ନାମକ ଏକ ପ୍ରକଳ୍ପ ୨୦୧୬-୧୭ରୁ ରାଜ୍ୟରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ଆନୁକୂଲ୍ୟରେ ଗଞ୍ଜାମ, ଢେଙ୍କାନାଳ, କୋରାପୁଟ ଓ ସୁନ୍ଦରଗଡ ଜିଲାରେ କାର୍ଯ୍ୟ କରୁଛି। ଏହାଦ୍ୱାରା ୬ ହଜାର ଚାଷୀଙ୍କୁ ସହାୟତା ଯୋଗାଇ ଦିଆଯାଉଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ଫସଲ ଓ ଚାଷୀମାନଙ୍କୁ ଖାଦ୍ୟ ନିରାପତ୍ତା, ପୁଷ୍ଟି ଯୋଗାଣରେ ଏହା ବିଶେଷ ସହାୟକ ହୋଇପାରିବ। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କନ୍ଦ ଜାତୀୟ ଫସଲ ଗବେଷଣା କେନ୍ଦ୍ର (ସିଟିସିଆରଆଇ) ଠାରେ କନ୍ଦମୂଳ ପ୍ରକ୍ରିୟାକରଣ ବ୍ୟବସ୍ଥା କରାଯାଇ ଚିପ୍ସ, ପାସ୍ତା, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଏଥିସହିତ ଚାଷୀମାନଙ୍କୁ ମଧ୍ୟ ତାଲିମ ଦେବାର ବ୍ୟବସ୍ଥା କରାଯାଉଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଲୋଗୋ ଉନ୍ମୋଚନ ସମୟରେ ଅର୍ଥ, କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଶଶିଭୂଷଣ ବେହେରା, ଏମ୍ପି ତଥାଗତ ସତପଥୀ, କୃଷି ବିଭାଗ ସଚିବ, ଜଳ ସମ୍ପଦ ସଚିବ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


ସଚିବାଳୟରେ ‘କୃଷି-୨୦୧୯’ ମାସ୍କଟକୁ ଉନ୍ମୋଚନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ପଞ୍ଚାୟତିରାଜ: ପୂରଣ ହେବ ୯୦୮ କନିଷ୍ଠ ଯନ୍ତ୍ରୀ ପଦବୀ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପଞ୍ଚାୟତିରାଜ ବିଭାଗରେ ୯୦୮ଟି କନିଷ୍ଠ ଯନ୍ତ୍ରୀ ପଦବୀ ପୂରଣ ଲାଗି ନିଷ୍ପତ୍ତି ନେଇଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବ୍ଲକସ୍ତରୀୟ ଯୋଜନା ଲାଗି ଅଧିକ କନିଷ୍ଠ ଯନ୍ତ୍ରୀ ପଦବୀର ଆବଶ୍ୟକତା ଥିବାରୁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ପଞ୍ଚାୟତିରାଜ ବିଭାଗରେ କନିଷ୍ଠ ଯନ୍ତ୍ରୀ ସଂଖ୍ୟା ୧୭୬୧କୁ ବୃଦ୍ଧି ପାଇବ।

- ପଶ୍ଚିମ,ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ

# ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ଆଇନ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି


ଭୁବନେଶ୍ୱର,୧୧।୧(ବ୍ୟୁରୋ)

ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଲାଗି ସ୍ଥାନୀୟ ଜନସାଧାରଣ ଦୀର୍ଘଦିନ ଧରି ଦାବି କରିବା ସହ ଆନ୍ଦୋଳନ କରି ଆସୁଛନ୍ତି। ଏହା ଦ୍ୱାରା ସାଧାରଣ ଜନଜୀବନ ପ୍ରଭାବିତ ହେଉଛି। କେନ୍ଦ୍ର ସରକାର ଉକ୍ତ ଦୁଇଟି ଭାଗରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବିହିତ ପଦକ୍ଷେପ ନେବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ଶୁକ୍ରବାର ସେ ଚିଠି ଲେଖି କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଏ ସମ୍ପର୍କରେ ଅବଗତ କରିଛନ୍ତି। ପୂର୍ବରୁ ସମାନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଗତ ସେପ୍ଟେମ୍ବର ୫ରେ ମଧ୍ୟ ଏକ ଚିଠି ଲେଖିଥିଲେ। ଏହା ପୂର୍ବରୁ ୨୦୧୩ ସେପ୍ଟେମ୍ବର ୨୮ ଏବଂ ୨୦୧୪ ଫେବୃୟାରୀ ୧୩ରେ ଚିଠି ଲେଖି ସାରିଛନ୍ତି। ନିକଟରେ ପଶ୍ଚିମ ଓଡ଼ିଶାର ବିଧାୟକମାନଙ୍କର ଏକ ପ୍ରତିନିଧି ଦଳ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଦାବି କରିଥିଲା।

ମୁଖ୍ୟମନ୍ତ୍ରୀ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଜଷ୍ଟିସ ଯଶୱନ୍ତ ସିଂ କମିଶନଙ୍କ ସୁପାରିସ ଅନୁଯାୟୀ ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ପ୍ରତିଷ୍ଠା କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି। ତେଣୁ ରାଜ୍ୟରେ ବେଞ୍ଚ ପ୍ରତିଷ୍ଠା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ। ଏହାକୁ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ କରାଯିବ। ଉକ୍ତ ଅଞ୍ଚଳଗୁଡିକରେ ଜନ ଆନ୍ଦୋଳନ ଜାରିରହିଛି। ତେଣୁ ଏସବୁକୁ ଦୃଷ୍ଟିରେ ରଖି ତୁରନ୍ତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ପଦକ୍ଷେପ ନେଉ ବୋଲି ନବୀନ କହିଛନ୍ତି।

# ଇସ୍ତଫା ଦେଲେ ଆଲୋକ ବର୍ମା

ନୂଆଦିଲ୍ଲୀ,୧୧।୧(ପି.ଟି.)



ପୂର୍ବତନ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏହା ସାମୂହିକ ଆତ୍ମନିରୀକ୍ଷଣର ସମୟ ବୋଲି ବର୍ମା ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଜଷ୍ଟିସ୍ ଏ.କେ. ସିକ୍ରି ଏବଂ ଲୋକ ସଭାରେ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନେଇ ଗଠିତ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ୧୯୭୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ବର୍ମା ଲେଖିଛନ୍ତି, ୨୦୧୭ ଜୁଲାଇ ୩୧ରେ ସେ ସର୍ବବରିଷ୍ଠ ଆଇପିଏସ୍ ଅଫିସର ବିବେଚିତ ହୋଇଥିବାରୁ ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେବଳ ସିବିଆଇ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିପାରିବେ। ତାହା ହେଉଛି ଧାର୍ଯ୍ୟ କାର୍ଯ୍ୟକାଳ। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମ୍‌ଗାର୍ଡ ଡିଜି ହେବା ବୟସ ତାଙ୍କର ଅତିକ୍ରାନ୍ତ ହୋଇସାରିଛି। ତେଣୁ ସେ ଆଜିଠାରୁ ନିଜକୁ ସେବାନିବୃତ୍ତ ମନେକରୁଥିବା ବର୍ମା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ଅଗ୍ନିଶମ, ସିଭିଲ୍ ଡିଫେନ୍ସ ଏବଂ ହୋମଗାର୍ଡ ଡିଜି ଭାବେ ନୂଆ ଦାୟିତ୍ୱ ଗ୍ରହଣ କରିବାକୁ ମନାକରିବା ସହ ବର୍ମା କହିଛନ୍ତି, ତାଙ୍କୁ ବଦଳି କରିବା ଲାଗି ନିଷ୍ପତ୍ତି ନେବା ପୂର୍ବରୁ ଚୟନ କମିଟି ସିଭିସିଙ୍କ ଦ୍ୱାରା ରେକର୍ଡ ହୋଇଥିବା ବିବରଣୀ ସମ୍ପର୍କରେ ମତ ରଖିବାକୁ ମଧ୍ୟ ସୁଯୋଗ ଦେଲାନାହିଁ। ବାସ୍ତବ ନ୍ୟାୟଠାରୁ ଦୂରେଇ ଯାଇ କମିଟି ତାଙ୍କୁ ସିବିଆଇ ନିର୍ଦ୍ଦେଶକ ପଦରୁ ବହିଷ୍କାର କରିବା ଲାଗି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଓଲଟପାଲଟ କରିଦେଇଥିବା ସେ ତାଙ୍କ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ନାଁ ନ ନେଇ ସିବିଆଇ ତଦନ୍ତାଧୀନ ଥିବା ଜଣେ ଅଫିସରଙ୍କ ଅଭିଯୋଗ ଉପରେ ସିଭିସି ରିପୋର୍ଟ ପ୍ରସ୍ତୁତ ହୋଇଥିଲାବେଳେ ଚୟନ କମିଟି ଏହାର ସତ୍ୟାସତ୍ୟକୁ ମଧ୍ୟ ବିଚାରକୁ ନେଇନାହିଁ ବୋଲି ବର୍ମା ଲେଖିଛନ୍ତି।

# କାଳିଆ ପାଇଁ ଓଏଏସ୍ ଅଧିକାରୀ ଜିଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୧।୧(ବ୍ୟୁରୋ)

କୃଷି ଓ କୃଷକଙ୍କ ବିକାଶ ପାଇଁ ରାଜ୍ୟ ସରକାର କାଳିଆ (କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ ଆଣ୍ଡ ଇନ୍‌କମ ଅଗମେଣ୍ଟେଶନ) ଯୋଜନା ଆରମ୍ଭ କରିଛନ୍ତି। ଏହାକୁ ପ୍ରକୃତ ହିତାଧିକାରୀ ନିକଟରେ ପହଞ୍ଚାଇବା ସକାଶେ ୩୦ ଜିଲା ପାଇଁ ରାଜ୍ୟ ସରକାର ବରିଷ୍ଠ ଓଏଏସ ଅଫିସରମାନଙ୍କୁ ଜିଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏମ୍ଏସଏମ୍ଇ ବିଭାଗ ଅତିରିକ୍ତ ସଚିବ ମନ୍ମଥ ବିଶ୍ୱାଳଙ୍କୁ କଟକ ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଥିବା ବେଳେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ ସୁଦର୍ଶନ ପଣ୍ଡାଙ୍କୁ ବାଲେଶ୍ୱର, ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ଇଷ୍ଟେଟ) ସୁଶାନ୍ତ କୁମାର ଦାଶଙ୍କୁ ମୟୂରଭଞ୍ଜ, ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ କୃପାସିନ୍ଧୁ ମିଶ୍ରଙ୍କୁ ଅନୁଗୋଳ, ଇଡ୍‌କୋ ସିଜିଏମ୍ (ପିଆଣ୍ଡଏ) ଗଣେଶ୍ୱର ଜେନାଙ୍କୁ ବରଗଡ, ଲ୍ୟାଣ୍ଡ ଅଫିସର ଦେବାଶିଷ ସିଂଙ୍କୁ ଭଦ୍ରକ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ବିଜୟ କୁମାର ପୁଷ୍ଟିଙ୍କୁ କଟକ, ଜଳ ସମ୍ପଦ ବିଭାଗ ଯୁଗ୍ମ ସଚିବ ଲାଲା ମନୋଜ କୁମାର ରାୟଙ୍କୁ ବଲାଙ୍ଗୀର, ଓମ୍‌ସା ରାଜ୍ୟ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଚିତ୍ରସେନ ପଶାୟତଙ୍କୁ ବୌଦ୍ଧ ଓ ସୋନପୁର, ସେରିଫେଡ ଏମ୍‌ଡି ସତ୍ୟରଞ୍ଜନ ସାହୁଙ୍କୁ ଦେବଗଡ ଓ ସମ୍ବଲପୁର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଯୁଗ୍ମ ସଚିବ ଏମ.କ୍ୟୁ. ହକ୍‌ଙ୍କୁ ଢେଙ୍କାନାଳ, ଓଏସସିଏସସି ଜେନେରାଲ ସେକ୍ରେଟାରୀ ସନ୍ତୋଷ କୁମାର ଦାଶଙ୍କୁ ଗଜପତି, ଏନଆରଏଚଏମ୍ ଯୁଗ୍ମ ସଚିବ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ଜଗତ୍‌ସିଂହପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଥିବା ମନୋରଞ୍ଜନ ମହାପାତ୍ରଙ୍କୁ ଯାଜପୁର ଜିଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଯୁଗ୍ମ ସଚିବ ସୁଶାନ୍ତ ମିଶ୍ରଙ୍କୁ କଳାହାଣ୍ଡି, ଗୋପବନ୍ଧୁ ଏକାଡେମୀର ଯୁଗ୍ମ ସଚିବ ପ୍ରଫୁଲ୍ଲ ସ୍ୱାଇଁଙ୍କୁ କେନ୍ଦ୍ରାପଡା, ସମବାୟ ବିଭାଗ ଯୁଗ୍ମ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନଙ୍କୁ କେନ୍ଦୁଝର, ବୋର୍ଡ ଅଫ ରେଭିନ୍ୟୁର ଏଫ.ଏ. ସୁବ୍ରତ ଶତପଥୀଙ୍କୁ କୋରାପୁଟ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ସଚିବ କୈଳାସ ଚନ୍ଦ୍ର ସାହୁଙ୍କୁ ମାଲକାନଗିରି, ବୋର୍ଡ ଅଫ ରେଭିନ୍ୟୁର ଯୁଗ୍ମ ସଚିବ ନିଗମାନନ୍ଦ ପଣ୍ଡାଙ୍କୁ ନବରଙ୍ଗପୁର ଜିଲାର ପର୍ଯ୍ୟବେକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି । ଅନୁରୂପ ଭାବେ ଗୃହ ବିଭାଗ ଯୁଗ୍ମ ସଚିବ ବିଭୂତିଭୂଷଣ ମିଶ୍ରଙ୍କୁ ନୟାଗଡ, ଏସସି/ଏସଟି ଉନ୍ନୟନ ବିଭାଗ ଯୁଗ୍ମ ସଚିବ ନୃପରାଜ ସାହୁଙ୍କୁ ନୂଆପଡା, ପଞ୍ଚାୟତିରାଜ ବିଭାଗ ଯୁଗ୍ମ ସଚିବ ସୁବାସ ଦାଶଙ୍କୁ ପୁରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ବ୍ରହ୍ମାନନ୍ଦ ବେହେରାଙ୍କୁ ରାୟଗଡା, ଗ୍ରାମ୍ୟ ଉନ୍ନୟନ ବିଭାଗ ଯୁଗ୍ମ ସଚିବ ଶ୍ରୀଧର ନାୟକଙ୍କୁ ଝାରସୁଗୁଡା, ଇପିଏମ୍ ଯୁଗ୍ମ ସଚିବ ମନୋଜ ପାତ୍ରୀଙ୍କୁ କନ୍ଧମାଳ ଏବଂ ଯୋଜନା ଓ ସମନ୍ୱୟ ବିଭାଗର ଯୁଗ୍ମ ସଚିବ ସୁକାନ୍ତ ପଟ୍ଟନାୟକଙ୍କୁ ସୁନ୍ଦରଗଡର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

Required School Building on lease
Podar Education Network requires land or school building as per their specifications on lease for school premises in Bhubaneswar & Cuttack (Municipal limits)
• 1.5 acres
• Minimum 30 year lease
Email proposals to gm.nagpur2@podar.org
OR Contact
Mr. Aman Temurde
88796 11070
www.podareducation.org










ଅତିଥିମାନେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

# ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ

**ମଥୁରା ନଗରୀ,୧୧।୧:** ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଏମ୍‌ପି ଡ. ପ୍ରଭାସ ସିଂ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ମୁକେଶ କୁମାର ଭାମୁ, ସମ୍ପାଦକ ସୁରେଶ୍ୱର ଶତପଥୀ, ରାଜ ଦରବାର କମିଟି ଆବାହକ ରାଜେନ୍ଦ୍ର ପ୍ରସାଦ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ମହୋତ୍ସବ ଉଦ୍‌ଘାଟନ ପରେ ବରଗଡ଼ ମଥୁରାନଗରୀ ପାଲଟି ଯାଇଛି ଏବଂ ଏଠାରେ କଂସଙ୍କ ରାଜୁତି ଆରମ୍ଭ ହୋଇଛି ।

ମହୋତ୍ସବର ପ୍ରଥମ ଦିବସରେ ମହାରାଜା ଉଗ୍ରସେନ ରାମଜୀ ମନ୍ଦିରରେ ବସୁଦେବଙ୍କ ସହିତ ତାଙ୍କ ଅଳିଅଳ କନ୍ୟା ଦେବକୀଙ୍କ ବିବାହ ସମ୍ପନ୍ନ କରୁଥିବାବେଳେ ଯୁବରାଜ କଂସ ସେଠାରେ ପହଞ୍ଚିଥିଲେ । ଦେବକୀଙ୍କ ଅଷ୍ଟମ ସନ୍ତାନ ତାଙ୍କ ମୃତ୍ୟୁର କାରଣ ହେବ ବୋଲି ଶୂନ୍ୟବାଣୀ ଶୁଣି କଂସ ବିଚଳିତ ହୋଇ ପଡ଼ିଥିଲେ ଏବଂ ଦେବକୀ, ବସୁଦେବଙ୍କୁ କାରାଗାର (ସମଲେଶ୍ୱରୀ ମଣ୍ଡପ) ମଧ୍ୟକୁ ପଠାଇ ଦେଇଥିଲେ । ମହାରାଜ ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ମଥୁରା ଶାସନ ଭାର ନିଜ ହାତକୁ ନେଇଥିଲେ । କଂସ ଉଗ୍ରସେନଙ୍କୁ କଟୁଆଳ ପଦବୀରେ ନିଯୁକ୍ତି ଦେବା ସହିତ ତାଙ୍କ ଭୃତ୍ୟ, ମନ୍ତ୍ରୀ, ପାତ୍ର, ଅମାତ୍ୟଙ୍କୁ ରାଜସେବାରୁ ନିବୃତ୍ତ କରିଥିଲେ। କଂସଙ୍କ ଏଭଳି ରାଜୁତି ପରେ ସମଗ୍ର ମଥୁରାନଗରୀ ଅଶାନ୍ତ ହୋଇପଡ଼ିଛି । ନିଜ ମନକୁ ଶାନ୍ତ କରିବା ପାଇଁ ମହାରାଜ କଂସଙ୍କ ନିର୍ଦ୍ଦେଶରେ ରାଜ ଦରବାରରେ ନୃତ୍ୟ ପରିବେଷଣ କରାଯାଇଥିଲା ।

ଏହା ପୂର୍ବରୁ ଅପରାହ୍ନ ପ୍ରାୟ ଦେଢ଼ଟାରେ ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀଛକ କଲ୍ୟାଣ ମଣ୍ଡପରୁ ବାହାରିଥିଲା । ଜିଲାପାଳ ତ୍ରିପାଠୀ, ଏସପି ଭାମୁ, ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ଶତପଥୀ, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଶୋଭାଯାତ୍ରା ସ୍ଥାନୀୟ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରକୁ ପହଞ୍ଚିଥିଲା । ସେଠାରେ ପୂଜାର୍ଚ୍ଚନା ସରିବା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ରାଜ ଦରବାର ମଞ୍ଚକୁ ଆସିଥିଲା । ପରେ ଧନୁଯାତ୍ରା ମହୋତ୍ସବକୁ ଉଦ୍‌ଘାଟନ କରାଯାଇଥିଲା ।

# ନବୀନଙ୍କୁ ଶୁଭେଚ୍ଛା ଦେଲେ ଦେବେଗୌଡ଼ା

**ମହିଳା ସଂରକ୍ଷଣ ପାଇଁ ପ୍ରୟାସ**

**ଭୁବନେଶ୍ୱର,୧୧।୧(ବ୍ୟୁରୋ):** ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଉ। ଏହାକୁ ଆଇନରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରୟାସ ଜାରି ରଖିଛନ୍ତି। ଏଭଳି ଉଦ୍ୟମକୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜନତା ଦଳ(ଧର୍ମନିରପେକ୍ଷ) ମୁଖ୍ୟ ଏଚ୍.ଡି. ଦେବେଗୌଡ଼ା ସ୍ୱାଗତ କରିବା ସହ ନବୀନଙ୍କୁ ଶୁକ୍ରବାର ଫୋନ କରି ଧନ୍ୟବାଦ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେଡି ପ୍ରତିନିଧି ଏମ୍‌ପି ନଗେନ୍ଦ୍ର ପ୍ରଧାନ ଓ ରବୀନ୍ଦ୍ର ଜେନା ଦେବେଗୌଡ଼ାଙ୍କୁ ଗୁରୁବାର ସାକ୍ଷାତ କରିସାରିଛନ୍ତି।

# ୩୦ ଫୁଟ ଲମ୍ବର ମୃତ ତିମି ଉଦ୍ଧାର


ବୈତରଣୀ ନଦୀ କୂଳରେ ଲାଗିଥିବା ମୃତ ତିମି।

**ରାଜନଗର,୧୧।୧(ଡିଏନଏ):** କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟ ଉଦ୍ୟାନ ସୀମାବର୍ତ୍ତୀ ଅହିରାଜପୁର ଗ୍ରାମ ନିକଟରେ ପ୍ରବାହିତ ବୈତରଣୀ ନଦୀ କୂଳରୁ ଶୁକ୍ରବାର ଏକ ୩୦ ଫୁଟ ଲମ୍ବର ମୃତ ତିମି ଉଦ୍ଧାର କରାଯାଇଛି। ତିମିଟି ଦିନେ ଦୁଇ ଦିନ ତଳେ ମରିଥିବା ଅନୁମାନ କରାଯାଉଛି। ଏହା ଭାସି ଆସି ନଦୀକୂଳରେ ଲାଗିବା ପରେ ଗାଁର ପିଲାମାନେ ସେଠାରେ ଭିଡ ଜମାଇବା ସହ ଫଟୋ ଉଠାଇବା ଦେଖିବାକୁ ମିଳିଥିଲା। ଅପରାହ୍ନରେ ଖବରପାଇ ରାଜନଗର ବନବିଭାଗ କର୍ମଚାରୀମାନେ ସେଠାରେ ପହଞ୍ଚି ମୃତ ତିମକୁ ଉଦ୍ଧାର କରିଥିଲେ। ଶନିବାର ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପତିତପାବନ ବଳ ଏବଂ ସହକାରୀ ଚିକିତ୍ସାଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡଙ୍କ ଦ୍ୱାରା ତିମିର ବ୍ୟବଚ୍ଛେଦ କରାଯିବ ବୋଲି ଜାତୀୟ ଉଦ୍ୟାନ ଦାୟିତ୍ୱରେ ଥିବା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ କୁମାର ପାତ୍ର ସୂଚନା ଦେଇଛନ୍ତି। ଗଭୀର ସମୁଦ୍ରରେ ଚଳପ୍ରଚଳ କରୁଥିବା ଶକ୍ତିଶାଳୀ ଯନ୍ତ୍ରଚାଳିତ ଟ୍ରଲର ମାଡରେ ତିମିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ ଯେ, ମୃତ ତିମି ପଡିଥିବା ସ୍ଥାନଠାରୁ ଅଳ୍ପ ଦୂରରେ ଧାମରା ମୁହାଣ ଅବସ୍ଥିତ ।

**ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ**

# ମୁଖ୍ୟ ବିଚାରପତିଙ୍କୁ ଭେଟିଲା କ୍ରିୟାନୁଷ୍ଠାନ କମିଟି

**କଟକ ଅଫିସ, ୧୧।୧:** ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଏବେ ଜୋର ଧରିଛି। ଏହି ପ୍ରସଙ୍ଗକୁ ନେଇ ଶୁକ୍ରବାର ସେଠାକାର ମିଳିତ କ୍ରିୟାନୁଷ୍ଠାନ କମିଟି ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀଙ୍କୁ ଭେଟିଛନ୍ତି। ବେଞ୍ଚ ପ୍ରତିଷ୍ଠା ନେଇ ଯେଉଁସବୁ ନିୟମାବଳୀ ରହିଛି ତାହା ଅବିଭକ୍ତ କୋରାପୁଟ ଜିଲା ପାଇଁ ପ୍ରଯୁଜ୍ୟ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ବୀରେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ୧୦ ଜଣ ଆଇନଜୀବୀ ମୁଖ୍ୟ ବିଚାରପତି ଝାବେରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରିର କାର୍ଯ୍ୟରତ ଓକିଲମାନଙ୍କୁ ନେଇ ଏହି ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି। ବିଭିନ୍ନ ସମୟରେ କୋର୍ଟ କାର୍ଯ୍ୟ ନେଇ ଅବିଭକ୍ତ କୋରାପୁଟ ଜିଲାର ଲୋକମାନଙ୍କୁ କଟକକୁ ଆସିବାକୁ ପଡୁଛି। ଯେଉଁଥିପାଇଁ ଅର୍ଥ ଖର୍ଚ୍ଚ ସହିତ ସମୟ ନଷ୍ଟ ହେଉଥିବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ତେଣୁ ଉପରୋକ୍ତ ଜିଲାର ଯେକୌଣସି ସ୍ଥାନରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରାଗଲେ ସାଧାରଣ ଲୋକ ଉପକୃତ ହେବେ ବୋଲି କମିଟି ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ଶନିବାର କ୍ରିୟାନୁଷ୍ଠାନ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

**ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ**

# ପ୍ରତିଷ୍ଠା ହେବ ମହାକାଶ ପ୍ରଯୁକ୍ତି ଇନ୍‌କ୍ୟୁବେଶନ ସେଣ୍ଟର

ଭୁବନେଶ୍ୱର, ୧୧।୧(ବ୍ୟୁରୋ)

**ଇସ୍ରୋ ଦେବ ୫୦ ଲକ୍ଷ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପକ୍ଷରୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିଏସ୍‌ଏସ୍‌ୟୁଟି)ଠାରେ ମହାକାଶ ପ୍ରଯୁକ୍ତି ଇନ୍‌କ୍ୟୁବେଶନ ସେଣ୍ଟର ପ୍ରତିଷ୍ଠା କରାଯିବ। ବିଶ୍ୱବିଦ୍ୟାଳୟର ଗବେଷଣାରତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ଉଚ୍ଚମାନର ଭିଏସ୍‌ଏଲ୍‌ଭି ରକେଟ୍ ନିର୍ମାଣ କରାଯାଇପାରିଛି। ଛାତ୍ରୀଛାତ୍ରମାନଙ୍କ ବୈଷୟିକ ଦକ୍ଷତା ଓ ଉତ୍କର୍ଷ ରକେଟ୍ ଲଞ୍ଚିଙ୍ଗ୍ ଗବେଷଣା କ୍ଷେତ୍ରରେ ଏକ ମାନକ ସୃଷ୍ଟି କରିଛି। ଓଡ଼ିଶା ପାଇଁ ଏହା ଗର୍ବ ଓ ଗୌରବର ବିଷୟ। ଇସ୍ରୋର ଏକ ପ୍ରତିନିଧି ଦଳ ଭିଏସ୍‌ଏସ୍‌ୟୁଟି ପରିଦର୍ଶନ କରି ଏହାର ଉଚ୍ଚକୋଟୀର ଶିକ୍ଷା ବ୍ୟବସ୍ଥାର ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନିର୍ମିତ ରକେଟ୍ ଓ ଏହାର ନମୁନା ବିକାଶ ଦେଖି ଇସ୍ରୋ କର୍ତ୍ତୃପକ୍ଷ ଅଭିଭୂତ ହୋଇଥିଲେ। ଭିଏସ୍‌ଏସ୍‌ୟୁଟିର ଗବେଷଣାରତ ଛାତ୍ରୀଛାତ୍ରମାନଙ୍କ ଅଭିନବ ବୈଜ୍ଞାନିକ ଚିନ୍ତାଧାରା ଓ ମହାକାଶ ଗବେଷଣା କ୍ଷେତ୍ରରେ ଅପୂର୍ବ ଉତ୍ସାହ ଇସ୍ରୋର ଦୃଷ୍ଟି ଆକର୍ଷଣ କରିଥିଲା। ଫଳରେ ଇସ୍ରୋ ପକ୍ଷରୁ ଏକ ସ୍ୱତନ୍ତ୍ର ପ୍ୟାକେଜ୍ ସ୍ୱରୂପ ଏଠାରେ ସ୍ୱତନ୍ତ୍ର ମହାକାଶ ଗବେଷଣା ଲ୍ୟାବ୍ ପ୍ରତିଷ୍ଠା ନିମନ୍ତେ ଇସ୍ରୋର ଚେୟାରମ୍ୟାନ ସମ୍ମତି ପ୍ରଦାନ କରିଛନ୍ତି।


ସୁରେନ୍ଦ୍ର ସାଏ ସ୍ପେସ୍ ଇନ୍‌କ୍ୟୁବେଶନ୍ ସେଣ୍ଟର ନାମରେ ନାମିତ ଏହି ଲ୍ୟାବ୍‌କୁ ଇସ୍ରୋ ପକ୍ଷରୁ ଇନ୍‌କ୍ୟୁବେଶନ୍ ସେଣ୍ଟର ସିଡ୍ ପାଣ୍ଠି ଭାବେ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏଥି ସହିତ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧୀୟ ସମସ୍ତ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯିବ। ଏହି କେନ୍ଦ୍ର ଦ୍ୱାରା ପ୍ରସ୍ତୁତ ରକେଟ୍ ପରୀକ୍ଷଣ ପଦ୍ଧତି ଓ ଉପକରଣ ନିମନ୍ତେ ଇସ୍ରୋ ସମସ୍ତ ପ୍ରକାର ସହାୟତା କରିବ। ପ୍ରକଳ୍ପର କାର୍ଯ୍ୟକାରିତା ନିମନ୍ତେ ମଧ୍ୟ ଭାରତୀୟ ଅନ୍ତରୀକ୍ଷ ଅନୁସନ୍ଧାନ ସଂଗଠନ ତତ୍ସମ୍ପର୍କୀୟ ପାଣ୍ଠି ଯୋଗାଇଦେବେ। ଏହି ବିଶ୍ୱବିଦ୍ୟାଳୟରେ ଗବେଷଣାରତ ଛାତ୍ରୀଛାତ୍ରମାନେ ଥୁମ୍ବା, ଶ୍ରୀହରିକୋଟା କିମ୍ବା ବାଲେଶ୍ୱରସ୍ଥିତ ରକେଟ୍ ଉତ୍‌କ୍ଷେପଣ କେନ୍ଦ୍ରକୁ ସେମାନଙ୍କ ଲଞ୍ଚିଙ୍ଗ୍ ପ୍ୟାଡ୍ ଭାବେ ବ୍ୟବହାର କରିପାରିବେ। ଛାତ୍ରୀଛାତ୍ରମାନଙ୍କ ଏହି ପ୍ରଚେଷ୍ଟା ଆଗାମୀ ଦିନରେ ଓଡ଼ିଶାର ମହାକାଶ ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହିତ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ଗଣବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ ଜେଲ

କେନ୍ଦ୍ରାପଡା ଅଫିସ, ୧୧।୧

୨୦୦୭ରେ ଡେରାବିଶ ଥାନା ଦେଶପୁର ମଠ ନିକଟରେ ଜନୈକା ଛାତ୍ରୀଙ୍କୁ ଗଣ ବଳାତ୍କାର ଓ ହତ୍ୟା ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କେନ୍ଦ୍ରାପଡ଼ା ଜିଲା ଜଜ୍ ବାସୁଦେବ ପଣ୍ଡା ଏହି ମାମଲାର ଶୁଣାଣି କରି ମୁଖ୍ୟ ଅଭିଯୁକ୍ତ ଥାନା ଅଧୀନ ଖମୋଳ ଗ୍ରାମର ଦିଲ୍ଲୀପ ବାରିକ(୩୪)ଙ୍କୁ ଆଜୀବନ ଜେଲ ଦଣ୍ଡ ଶୁଣାଇଛନ୍ତି। ତାଙ୍କର ଅନ୍ୟ ୪ ସହଯୋଗୀ ଅଦ୍ୟାବଧି ଫେରାର ଥିବାରୁ ମାମଲାର ବିଚାର ସରିନାହିଁ। ସେମାନେ ହେଲେ ଖମୋଳ ଗ୍ରାମର ଶ୍ରୀଧର ମଲ୍ଲିକ, ବାବୁଲି ଦାସ, ସରୋଜ ଜେନା ଓ ପ୍ରସନ୍ନ ଜେନା।

ପ୍ରକାଶ ଯେ, ଦିଲ୍ଲୀପ ସେହି ଥାନା ଅଞ୍ଚଳର ଜନୈକା ୧୯ ବର୍ଷିୟା ଛାତ୍ରୀଙ୍କୁ ଭଲ ପାଉଥିଲେ। ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ଛାତ୍ରୀ ଜଣକ ଗର୍ଭବତୀ ହୋଇଥିଲେ। ତେବେ ଛାତ୍ରୀଙ୍କୁ ବିବାହ କରିବାକୁ କହି ୨୦୦୭ ସେପ୍ଟେମ୍ବର ୧୨ ତାରିଖରେ ଦେଶପୁର ମଠକୁ ଡାକିଥିଲେ। ଛାତ୍ରୀ ଜଣକ ସେଠାରେ ପହଞ୍ଚିବା ପରେ ଦିଲ୍ଲୀପ ୪ ଜଣ ସହଯୋଗୀଙ୍କ ସହ ମିଶି ତାଙ୍କୁ ଗଣ ବଳାତ୍କାର କରିବା ପରେ ହତ୍ୟା କରି ଫୋପାଡି ଦେଇଥିଲେ। ଏ ନେଇ ସମ୍ପୃକ୍ତା ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏପିପି ସଞ୍ଜୟ କୁମାର ଜେନାଙ୍କ ସୂଚନା ଅନୁଯାୟୀ, ଜିଲା ଜଜ୍ ପଣ୍ଡା ଅଭିଯୁକ୍ତ ଦିଲ୍ଲୀପଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିବା ବେଳେ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟରେ ୧ ମାସ ଅଧିକ ଜେଲ ଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ସେହିପରି ଏହି ମାମଲାର ଆଇପିସି ଧାରା ୩୭୮ରେ ୧୦ ବର୍ଷ ଓ ୨୧୧ରେ ୨ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଭୀମସେନ ଭୂୟାଁ ପରିଚାଳନା କରୁଥିଲେ।



ଭଗବାନ ଆମର ଚୈତ୍ୟରେ ପ୍ରେମରୂପେ, ମନରେ ଜ୍ଞାନରୂପେ, ପ୍ରାଣରେ ଶକ୍ତିରୂପେ ଏବଂ ଶରୀରରେ ସୌନ୍ଦର୍ଯ୍ୟରୂପେ ପ୍ରକାଶିତ ହୁଅନ୍ତି।
-ଶ୍ରୀମା

# ପ୍ରଶାସନିକ ନିଅଣ୍ଟ



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାର ସ୍ପଷ୍ଟ କରିଛନ୍ତି ଯେ, ନୀତି ଆୟୋଗ ଦେଇଥିବା ପ୍ରସ୍ତାବ ଅନୁଯାୟୀ ସାଧାରଣ ଆଇଏଏସ୍-ଆଇପିଏସ୍ ଆଶାୟୀମାନଙ୍କ ବୟସସୀମା ୩୨ରୁ ୨୭ ବର୍ଷକୁ କମାଇବାକୁ କୌଣସି ଯୋଜନା ନାହିଁ। ଯେଉଁମାନଙ୍କୁ ନିଯୁକ୍ତି ପାଇଁ ଚୟନ କରାଯିବ, ସେମାନଙ୍କୁ ଏକ କେନ୍ଦ୍ରୀୟ ପ୍ରତିଭା ପୁଲ୍ ମଧ୍ୟରେ ରଖାଯିବ। ତା'ପରେ ସେମାନଙ୍କୁ ନିଜର ଯୋଗ୍ୟତା, ଦକ୍ଷତା ଓ ପଦବୀର ଆବଶ୍ୟକତା ଅନୁଯାୟୀ ନିଯୁକ୍ତି ଦିଆଯିବ। ଏହା ପୂର୍ବରୁ ଅନ୍ତତଃ ତିନୋଟି କମିଟି ଏକ 'ଅତି ପ୍ରୟୋଜନୀୟ' ସଂସ୍କାରସ୍ୱରୂପ ପ୍ରଶାସନିକ ସେବା ପାଇଁ ପ୍ରାର୍ଥୀମାନଙ୍କ ବୟସସୀମା ହ୍ରାସ କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏ ସୁପାରିସକୁ ମାନିଲେ ଖୁବ୍ ବଡ଼ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ମନେକରି ସରକାର ଏହା ଗ୍ରହଣ କରିବାକୁ ଅନିଚ୍ଛୁକ। ସରକାରଙ୍କର ଏହି ସ୍ପଷ୍ଟୀକରଣ ପ୍ରଶାସନିକ ସେବା ପରୀକ୍ଷା ଦେବା ପାଇଁ ବିଳମ୍ବରେ ପ୍ରସ୍ତୁତି ଆରମ୍ଭ କରିଥିବା ଆଶାୟୀମାନଙ୍କୁ ଆଶ୍ୱସ୍ତି ଦେଇଛି। ତେବେ ସରକାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୪୦୦ରୁ ଅଧିକ ଆଇଏଏସ୍ ଓ ଆଇପିଏସ୍ ପଦବୀ ଖାଲି ପଡ଼ିଥିବା ବେଳେ ତାକୁ କେମିତି ପୂରଣ କରାଯିବ, ସେ ପ୍ରଶ୍ନର ଉତ୍ତର ବାବଦରେ ନୀରବ। ଆଇପିଏସ୍ ବାବୁମାନଙ୍କ ଅଭାବଜନିତ ପରିସ୍ଥିତି କ୍ରମଶଃ ଉତ୍କଟତର ହେବାରେ ଲାଗିଛି, କାରଣ ଗତବର୍ଷ ତୁଳନାରେ ସେମାନଙ୍କ ସଂଖ୍ୟା ଏ ବର୍ଷ ଆହୁରି କମିଯାଇଛି। ତେବେ ସେହି ତୁଳନାରେ ଆଇଏଏସ୍ ଅଫିସରଙ୍କ ସଂଖ୍ୟାରେ କିଛିଟା ବୃଦ୍ଧି ଘଟିଛି। କାର୍ମିକ, ଜନଅଭିଯୋଗ ଓ ପେନ୍‌ସନ ମନ୍ତ୍ରଣାଳୟ ଦ୍ୱାରା ୨୦୧୭ ମସିହାରେ ପ୍ରଦତ୍ତ ସରକାରୀ ତଥ୍ୟ ଅନୁସାରେ ୯୦୮ ଆଇପିଏସ୍ ଅଫିସରଙ୍କ ଅଭାବ ଥିବାବେଳେ ତାହା ବୃଦ୍ଧି ପାଇ ୨୦୧୮ ଜାନୁୟାରୀ ସୁଦ୍ଧା ୯୭୦ରେ ପହଞ୍ଚିଛି। ଅଫିସରମାନଙ୍କ ଉତ୍କଟ ଅଭାବକୁ ନେଇ ସଂସଦୀୟ ସ୍ଥାୟୀ କମିଟି ପକ୍ଷରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ତେବେ ଏହି ସମସ୍ୟାର ସମାଧାନ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି କୋଟା ଅଧୀନରେ ଅଧିକ ସଂଖ୍ୟକ ଆଇଏଏସ୍ ଓ ଆଇପିଏସ୍ ଅଫିସରଙ୍କୁ ନିଆଯାଉଛି ବୋଲି ସରକାର ଦାବି କରିଛନ୍ତି।

## ୟୁପି ବାବୁଙ୍କ ଅବହେଳା

ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବ ଅନୁପ ଚନ୍ଦ୍ର ପାଣ୍ଡେ ପ୍ରମୁଖ ସଚିବ, ସଚିବ ଓ ସ୍ୱତନ୍ତ୍ର ସଚିବ ପାହ୍ୟାର ଅନେକ ସହକର୍ମୀଙ୍କ କାର୍ଯ୍ୟକୁ ନେଇ ନୈରାଶ୍ୟ ପ୍ରକାଶ କରିଛନ୍ତି। କାରଣ ସେମାନେ ସରକାରଙ୍କ ପ୍ରମୁଖ ପ୍ରକଳ୍ପଗୁଡ଼ିକର ଅବସ୍ଥା ସମ୍ପର୍କରେ ବୁଝିବା ପାଇଁ କ୍ଷେତ୍ର ପରିଦର୍ଶନରେ ଯାଇ ଏ ପର୍ଯ୍ୟନ୍ତ ରିପୋର୍ଟ ପ୍ରଦାନ କରିନାହାନ୍ତି। ପାଣ୍ଡେ ସମସ୍ତ ୭୫ ଜଣ ଅଫିସରଙ୍କୁ ଏକ ଚିଠି ଲେଖି ଜଣାଇଛନ୍ତି ଯେ, ଗତ ୨୦୧୮ ଅଗଷ୍ଟମାସରେ ୧୬ ଜଣ ଅଫିସର, ସେପ୍ଟେମ୍ବରରେ ୩୧ ଜଣ ଅଫିସର ଏବଂ ଅକ୍ଟୋବରରେ ୪୭ ଜଣ ଅଫିସର ସେମାନଙ୍କ କ୍ଷେତ୍ର ପରିଦର୍ଶନ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିନାହାନ୍ତି। ପାଣ୍ଡେଙ୍କ କହିବା ଅନୁସାରେ ଭବିଷ୍ୟତରେ ଜିଲା ପରିଦର୍ଶନ ସମୟରେ ରିପୋର୍ଟ ଦେବାରେ ଏପରି ଅବହେଳା କଲେ ସମ୍ପୃକ୍ତ ବାବୁମାନଙ୍କ ବିରୋଧରେ ପ୍ରତିକୂଳ ରିପୋର୍ଟ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି। ସେ ମଧ୍ୟ କହିଛନ୍ତି ଯେ, ଏଥିରୁ ଜଣାପଡୁଛି ନୋଡାଲ ଅଫିସରମାନେ ସେମାନଙ୍କ ଜିଲା ପରିଦର୍ଶନ ଦାୟିତ୍ୱ ସମ୍ପର୍କରେ ଆଦୌ ସମ୍ବେଦନଶୀଳ ବା ନିଷ୍ଠାବାନ୍ ନୁହନ୍ତି। ଭବିଷ୍ୟତରେ ସେ ନିଜେ ବାବୁମାନଙ୍କ କ୍ଷେତ୍ର ପରିଦର୍ଶନ ବିଷୟ ମନିଟର କରିବାକୁ ନିର୍ଦ୍ଦେଶିତ ହୋଇଛନ୍ତି ବୋଲି ଏହି ଚିଠିରେ ସହକର୍ମୀମାନଙ୍କୁ ଜଣାଇଛନ୍ତି। ଏଥିରୁ ଜଣାପଡୁଛି ଯୋଗୀଙ୍କ ଶାସନରେ ବାବୁମାନେ ପ୍ରଶାସନିକ ନୀତିନିୟମକୁ ଉପେକ୍ଷା କରିପାରିବେ ନାହିଁ।

## ସିଆଇସି ନିଯୁକ୍ତି

କେନ୍ଦ୍ରୀୟ ସୂଚନା ଆୟୋଗ (ସିଆଇସି)ରେ ନିକଟରେ ଚାରିଜଣ ନୂଆ ସୂଚନା କମିଶନର ଓ ଜଣେ ମୁଖ୍ୟ ସୂଚନା କମିଶନରଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ସରକାର ଏହି କାର୍ଯ୍ୟ କଲେ ବହୁ ବିଳମ୍ବରେ। ମୁଖ୍ୟ ସୂଚନା ଆୟୁକ୍ତ ଆର୍.କେ. ମାଥୁର ଏବଂ ସୂଚନା କମିଶନର ଯଶୋବର୍ଦ୍ଧନ ଆଜାଦ, ଶ୍ରୀଧର ଆଚାର୍ଯ୍ୟୁଲୁ ଏବଂ ଅମିତାଭ ଭଟ୍ଟାଚାର୍ଯ୍ୟ ଅବସର ନେବା ପରେ ସିଆଇସିରେ ଅନୁମୋଦିତ ସଂଖ୍ୟା ୧୧ ସ୍ଥାନରେ ଆଉ ମାତ୍ର ତିନିଜଣ ସୂଚନା କମିଶନର ରହିଥିଲେ। ତେବେ ବିଳମ୍ବରେ ହେଲେ ବି ସରକାର ସୂଚନା କମିଶନର ସୁଧୀର ଭାର୍ଗବଙ୍କୁ ମୁଖ୍ୟ ସୂଚନା ଆୟୁକ୍ତ ଭାବେ ଏବଂ ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଯଶୋବର୍ଦ୍ଧନ କୁମାର ସିହ୍ନା, ପୂର୍ବତନ ଆଇଆର୍‌ଏସ୍ ଅଫିସର ବନଜ ଏନ୍. ସର୍ନା, ପୂର୍ବତନ ଆଇଏଏସ୍ ଅଫିସର ନୀରଜ କୁମାର ଗୁପ୍ତା ଏବଂ ପୂର୍ବତନ ଆଇନ ସଚିବ ସୁରେଶ ଚନ୍ଦ୍ରଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦେଇ ଉକ୍ତ ଅଭାବକୁ କିଛି ପରିମାଣରେ ପୂରଣ କରିଛନ୍ତି। କିନ୍ତୁ ଏହି ନୂତନ ନିଯୁକ୍ତିକୁ ନେଇ ସମସ୍ତେ ଖୁସି ନୁହନ୍ତି। ସୂଚନା ଅଧିକାର ଆଇନ ଅନୁଯାୟୀ ଆୟୋଗରେ ଅଣ-ବାବୁମାନଙ୍କୁ ଯଥେଷ୍ଟ ଅଧିକ ପ୍ରତିନିଧିତ୍ୱ ଦେବା ଲାଗି ହେଉଥିବା ଆବେଦନକୁ ସରକାର ଉପେକ୍ଷା କରିଛନ୍ତି। ବର୍ତ୍ତମାନ ସିଆଇସି ଏକ ପ୍ରକାର ପୂର୍ବତନ ବାବୁମାନଙ୍କ କ୍ଲବ୍‌ରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ତେବେ ଅବଶିଷ୍ଟ ପଦଗୁଡ଼ିକ ଶୀଘ୍ର ପୂରଣ କରାଯିବ ବୋଲି ସରକାର ଆଶା ଦେଖାଇଛନ୍ତି। କିନ୍ତୁ ସରକାର ଏହି ପଦଗୁଡ଼ିକୁ ଅମଲାତନ୍ତ୍ର ବାହାରୁ ପୂରଣ କରିବେ ବୋଲି ବେଶି ଲୋକ ଆଶା କରିପାରୁ ନାହାନ୍ତି।

Email: dilipcherian@gmail.com

# ସ୍ୱର୍ଗକୁ ନିଶୁଣି



ମନ-ମାନଚିତ୍ର

ଡ. ନରହରି ବେହେରା

ମଣିଷ ସବୁବେଳେ ସ୍ୱତନ୍ତ୍ର ହେବାକୁ ପ୍ରୟାସ କରେ। କାରଣ ଏହି ସ୍ୱତନ୍ତ୍ରତା ତାକୁ ନିଆରା ପରିଚୟ ଦିଏ। ଏହି ପ୍ରୟାସ ତାକୁ କଷ୍ଟସହିଷ୍ଣୁ ଓ ଆତ୍ମାନୁବର୍ତ୍ତୀ କରିଥାଏ। ଆଜି ଆମେ ଯାହା ପାଇଛୁ, ତାହା କେବଳ ସମ୍ଭବ ହୋଇଛି ଏହି ସ୍ୱତନ୍ତ୍ର ହେବାର ପ୍ରୟାସରୁ। ମାତ୍ର ଏହି ପ୍ରୟାସ ଯେତେବେଳେ ତୁଚ୍ଛା ଅହମିକା ପାଇଁ କରାଯାଏ, ତାହା ଜନନେତ୍ରରେ ଏକ ନଗଣ୍ୟ ପ୍ରୟାସ ଭାବେ ବିବେଚିତ ହୋଇଥାଏ। ରାମାୟଣରେ ମହାପ୍ରତାପୀ ରାବଣ ସ୍ୱର୍ଗକୁ ନିଶୁଣି ବାନ୍ଧିବାର ପ୍ରୟାସ କରିବା କଥା ଏବେ ବି ଜନମୁଖରେ ପ୍ରଚଳିତ। ତାହା ପୂର୍ଣ୍ଣ ହେଲାନାହିଁ। ଅହମିକାର ଏକ ବୃଥା ଆସ୍ଫାଳନ ଭାବେ ଏହା କାଳକାଳକୁ ରହିଯାଇଛି। ଏପରି ଆସ୍ଫାଳନ ସାଧାରଣତଃ କ୍ଷମତାଶାଳୀ ଏବଂ ଧନାଢ଼୍ୟ ବ୍ୟକ୍ତିଙ୍କ ନିକଟରେ ଅଧିକ ଦେଖାଯାଇଥାଏ।

ଭାରତରେ ଏବେ ମୂର୍ତ୍ତି ଏବଂ ସୌଧ ନିର୍ମାଣ କରିବାର ପ୍ରତିଯୋଗିତା ବଢ଼ି ଚାଲିଛି। ପରିସ୍ଥିତି ଏବଂ ପରିବେଶକୁ ଲକ୍ଷ୍ୟ କଲେ ଏହି ସବୁ ପ୍ରତିଯୋଗିତାରେ ସ୍ୱତନ୍ତ୍ରତା ପ୍ରତିପାଦନ ଅପେକ୍ଷା ନିଜର ରାଜନୈତିକ ଅଭିସନ୍ଧି ଅଧିକ ଥିବାପରି ମନେହୁଏ। ଏହାଦ୍ୱାରା ଏ ଦେଶର କି ଉନ୍ନତି ହେବ, ଆର୍ଥିକ ଅବସ୍ଥା ଉପରେ ଏହାର କି ପ୍ରଭାବ ପଡିବ, ସେ ବିଷୟରେ କିଛି ଚିନ୍ତା କରାଯାଉଥିବା ମନେହୁଏ ନାହିଁ। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ପରେ ଭାରତରେ ଏହି ପ୍ରତିଯୋଗିତାର ସୂତ୍ରପାତ ହୋଇଛି।

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଭାରତର ଜଣେ ସର୍ବମାନ୍ୟ ନମସ୍ୟ ନେତା। ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ଗୁଜରାଟ ସରକାର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ପ୍ରତିମୂର୍ତ୍ତି ଭାରତକୁ ଜନନେତାଙ୍କ ସର୍ବୋଚ୍ଚ ମୂର୍ତ୍ତି ସ୍ଥାପନ କ୍ଷେତ୍ରରେ ପ୍ରଥମ ଦେଶର ମାନ୍ୟତା ଆଣିଦେଇଛି। କାରଣ ଭାରତର ଏହି ମୂର୍ତ୍ତି ୧୮୨ ମିଟର ଥିବାବେଳେ ଏ ପର୍ଯ୍ୟନ୍ତ ପ୍ରଥମ ସ୍ଥାନ ଅଧିକାର କରିଥିବା ଚାଇନାର ସ୍ପ୍ରିଙ୍ଗ୍ ଟେମ୍ପଲ୍ ବୁଦ୍ଧ (୧୨୮ ମିଟର) ଦ୍ୱିତୀୟ ସ୍ଥାନକୁ ଖସି ଆସିଛି। କୁହାଯାଉଛି, ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି ୧୮୨ ମିଟର ହେବା ପଛରେ ଏକ ଗଭୀର ଉଦ୍ଦେଶ୍ୟ ରହିଛି। ଗୁଜରାଟ ବିଧାନସଭାର ମୋଟ ଆସନ ସଂଖ୍ୟା ହେଉଛି ୧୮୨। ଏହି ଆସନ ଅନ୍ୟ ସବୁ ରାଜ୍ୟଠାରୁ ଊର୍ଦ୍ଧ୍ୱରେ ବୋଲି ଦେଖାଇବା ପାଇଁ ଲୌହମାନବଙ୍କ ପ୍ରତିମୂର୍ତ୍ତିର ଉଚ୍ଚତା ୧୮୨ ମିଟର ରଖାଯାଇଛି। ଏଥିପାଇଁ ୨,୯୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ପ୍ରତିମୂର୍ତ୍ତି ସ୍ଥାପନ ପରେ ଗୁଜରାଟର ଅଖ୍ୟାତ ନର୍ମଦା ସରୋବର ଡ୍ୟାମ୍ ଏବେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି। ଏହି 'ଷ୍ଟାଚ୍ୟୁ ଅଫ୍ ୟୁନିଟି'କୁ ଦେଖିବା ପାଇଁ ପର୍ଯ୍ୟଟକଙ୍କର ଭିଡ଼ ଲାଗିଛି। ଭାରତ ମଧ୍ୟ ସର୍ବୋଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରି ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିଛି। ମାତ୍ର ଗୁଜରାଟ ସରକାରଙ୍କର ଏହି କୃତିତ୍ୱକୁ ଅନ୍ୟ ରାଜନୈତିକ ଦଳମାନେ ଏକ ଚାଲେଞ୍ଜ ଭାବରେ ଗ୍ରହଣ କରିଛନ୍ତି। ଏକଥା ସତ କୌଣସି କୃତି ପ୍ରଶଂସାଭାଜନ ହେଲେ ଅନ୍ୟମାନେ ସେହିପରି କୃତି ବା ତା'ଠାରୁ ଅଧିକ ସୁନ୍ଦର କୃତି ଗଢ଼ିବାକୁ ପ୍ରୟାସ କରିଥାନ୍ତି।

ଗୁଜରାଟ ସରକାରଙ୍କ ଏହି କୃତିତ୍ୱକୁ ପଛରେ ପକାଇ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୨୫୦ ମିଟର ଉଚ୍ଚର ତିନି ମହଲା ବିଶିଷ୍ଟ ରାଜ୍ୟ ବିଧାନସଭା ସୌଧ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଉଚ୍ଚତାଠାରୁ ୬୮ ମିଟର ଅଧିକ ଉଚ୍ଚ ହେବ। ସୁତରାଂ ଆନ୍ଧ୍ରପ୍ରଦେଶର ବିଧାନ ସୌଧ ହେବ ବିଶ୍ୱର ଉଚ୍ଚତମ ସୌଧ। ଫଳରେ ଆନ୍ଧ୍ରପ୍ରଦେଶ ଗୁଜରାଟକୁ ପଛରେ ପକାଇ ବିଶ୍ୱରେ ପ୍ରଥମ ସ୍ଥାନ ଅଧିକାର କରିବ। ଏହି ଦୁଇ ରାଜ୍ୟର ରାଜନୈତିକ ଛକାପଞ୍ଝାକୁ ଲକ୍ଷ୍ୟକରି ଏବେ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଅନ୍ୟ ରାଜ୍ୟ ସରକାରମାନେ ମଧ୍ୟ ଅଣ୍ଟା ଭିଡ଼ି ନିଜର ପତିଆରା ଜାହିର କରିବାକୁ ବାହାରିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟାରେ ୧୫୧ ମିଟର ଉଚ୍ଚତା ବିଶିଷ୍ଟ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବେ ବୋଲି ଘୋଷଣା କରିଛନ୍ତି। ରାଜସ୍ଥାନ ସରକାର ୧୦୭ ମିଟର ଉଚ୍ଚତା ବିଶିଷ୍ଟ ଶିବମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିସାରିଲେଣି। ୨୦୧୯ ମାର୍ଚ୍ଚ ସୁଦ୍ଧା ଏହି ମୂର୍ତ୍ତି ଉନ୍ମୋଚିତ ହେବ ବୋଲି ସେ ଘୋଷଣା କରିଛନ୍ତି। ଏହା ସମ୍ପୂର୍ଣ୍ଣ ହେଲେ ବିଶ୍ୱରେ ଚତୁର୍ଥ ଉଚ୍ଚତମ ପ୍ରତିମୂର୍ତ୍ତି ହେବାର ଗୌରବ ଅର୍ଜନ କରିବ। ପ୍ରତିମୂର୍ତ୍ତି ନିର୍ମାଣ କରି ବାହାବା ନେବା ପାଇଁ କର୍ନାଟକ ସରକାର ମଧ୍ୟ ପଛରେ ପଡ଼ିଯାଇ ନାହାନ୍ତି। ସେ ମା' କାବେରୀଙ୍କ ୩୮ ମିଟର ଉଚ୍ଚର ପ୍ରତିମୂର୍ତ୍ତି ନିର୍ମାଣ କରିବା ପାଇଁ ଯୋଜନା ମଧ୍ୟ କରିଛନ୍ତି।

ଏହିପରି ପ୍ରତିମୂର୍ତ୍ତି ନିର୍ମାଣର ପ୍ରତିଯୋଗିତାକୁ ଲକ୍ଷ୍ୟ କଲେ ଜଣାଯାଉଛି ସତେଯେମିତି କିଛିବର୍ଷ ପରେ ସମଗ୍ର ଭାରତବର୍ଷ କେବଳ ମୂର୍ତ୍ତିମୟ ହିଁ ହୋଇଯିବ। କେବେଠାରୁ ଆମ ସମାଜରେ ଏହି ମୂର୍ତ୍ତି ପ୍ରତିଷ୍ଠାର ନିଶା ଲାଗିଲା ତାହା ଜଣା ନାହିଁ, ମାତ୍ର ରାସ୍ତାଘାଟ, ମନ୍ଦିର, ଖୋଲା ପଡ଼ିଆ ସବୁଠି ମୂର୍ତ୍ତିମାନ ଠିଆ ହୋଇଥିବା ଦେଖାଯାଉଛି। କିନ୍ତୁ ଅଧିକାଂଶ ମୂର୍ତ୍ତି ସରକାରୀ ଜାଗାଗୁଡ଼ିକୁ ମାଡ଼ି ବସିଥିବା ଦେଖାଯାଏ। ମୂର୍ତ୍ତିଗୁଡ଼ିକ ସ୍ଥାପନ ହେବା ପରେ ସେଗୁଡ଼ିକ ଉପରେ ସାଧାରଣତଃ ଦୃଷ୍ଟି ଦିଆଯାଏ ନାହିଁ। ମୁକ୍ତ ଆକାଶ ତଳେ ଏହି ଦିଅଁ ଦେବତା ଏବଂ ମହାପୁରୁଷମାନଙ୍କର ମୂର୍ତ୍ତି ଖରାବର୍ଷା ସହି ଅତ୍ୟନ୍ତ ବିକଳ ଅବସ୍ଥାରେ ଠିଆ ହୋଇଥାନ୍ତି। ବହଳ ଧୂଳି ଜମିଯାଇଥାଏ, ପକ୍ଷୀମାନଙ୍କର ମଳମୂତ୍ରର ଛାପ ମଧ୍ୟ ଥାଏ। ଯେଉଁମାନେ ଭକ୍ତିରେ ଗଦ୍ ଗଦ୍ ହୋଇ ପ୍ରତିମୂର୍ତ୍ତି ସ୍ଥାପନ କରିଥାନ୍ତି, ସେମାନେ କେବଳ ଜନ୍ମଦିନ କିମ୍ବା ପୂଜୋତ୍ସବ ଦିନ ପାଣି ଢାଳି ଫୁଲହାର ଝୁଲାଇ ଦେଇ ନିଜର କର୍ତ୍ତବ୍ୟ ସମ୍ପାଦନ କରିଥାନ୍ତି। ପ୍ରତିମୂର୍ତ୍ତି ସ୍ଥାପନ କରି ତା'ର ଉପଯୁକ୍ତ ଯତ୍ନ ନିଆ ନ ଗଲେ ଏହା ମହାମାନବ ବା ଦେବତାମାନଙ୍କ ପ୍ରତି ଅପମାନ ହେବ। ଅବଶ୍ୟ ସର୍ଦ୍ଦାର ବଲ୍ଲଭଭାଇ ପଟେଲ କିମ୍ବା ଅନ୍ୟାନ୍ୟ ପ୍ରତିମୂର୍ତ୍ତି ସ୍ଥାପନ କ୍ଷେତ୍ରରେ ଏକଥା ହୋଇ ନ ପାରେ। କାରଣ ସରକାରୀ ସ୍ତରରେ ଏତେ ଅର୍ଥ ବ୍ୟୟ ହେଉଥିବାରୁ ସେଗୁଡ଼ିକର ଖୁବ୍ ଯତ୍ନ ନିଆଯିବ ବୋଲି ଆଶା କରାଯାଏ। ମାତ୍ର ଏଠାରେ ପ୍ରଶ୍ନ ଉଠେ, ନିଜକୁ ସ୍ୱତନ୍ତ୍ର ଭାବରେ ପରିଚିତ କରାଇବା ପାଇଁ ଏବଂ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ କେବଳ ପ୍ରତିମୂର୍ତ୍ତି ବା ସୌଧ ସ୍ଥାପନ କ'ଣ ଏକମାତ୍ର ମାଧ୍ୟମ? ନିଜକୁ ସ୍ୱତନ୍ତ୍ର ଏବଂ ବିଶ୍ୱରେ ପ୍ରଥମ କରି ପ୍ରତିଷ୍ଠା କରିବା ପାଇଁ ଅନ୍ୟ କିଛି ମାଧ୍ୟମ ନାହିଁ? ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ପରମ ସମ୍ମାନନୀୟ ବ୍ୟକ୍ତିତ୍ୱ। ତାଙ୍କର ସର୍ବୋଚ୍ଚ ପ୍ରତିମୂର୍ତ୍ତି ସ୍ଥାପନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସର୍ଦ୍ଦାରଜୀଙ୍କ ଦଶମିଟରର ପ୍ରତିମୂର୍ତ୍ତି ସ୍ଥାପନ କରି ଯଦି ବିଶ୍ୱର ଗୋଟିଏ ସର୍ବବୃହତ୍ ଚିକିତ୍ସାଳୟ କରାଯାଇଥାନ୍ତା, ତାହାହେଲେ ଭାରତ ନାଁ ବି ବିଶ୍ୱର ଏକ ନମ୍ବର ତାଲିକାରେ ରହିଥାନ୍ତା। ବହୁଲୋକ ନିଯୁକ୍ତି ପାଇବା ସହିତ କେତେ ମୁମୂର୍ଷୁ ଜୀବନ ଲାଭ କରିପାରିଥାନ୍ତେ। ଭାରତରେ ପ୍ରାଚୀନ କାଳରେ ନାଳନ୍ଦା ବିଶ୍ୱବିଦ୍ୟାଳୟ, ବିକ୍ରମଶିଳା ବିଶ୍ୱବିଦ୍ୟାଳୟ, ପୁଷ୍ପଗିରିବିହାର ପରି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବା ପାଇଁ ବହୁ ବିଦେଶୀ ବିଦ୍ୟାର୍ଥୀ ଧାଇଁ ଆସୁଥିଲେ। ଆମେ କାହିଁକି ଆଉ ଗୋଟିଏ ସେହିପରି ବିଶ୍ୱବିଦ୍ୟାଳୟ ଗଢ଼ି ପାରିବା ନାହିଁ? ଏ ବିଷୟରେ ଚିନ୍ତା ନ କରି କାହିଁକି ଆମ ସରକାରମାନେ ପ୍ରତିମୂର୍ତ୍ତି ଗଢ଼ି ଆକାଶକୁ ନିଶୁଣି ବାନ୍ଧୁଛନ୍ତି? ସର୍ବବୃହତ୍ ବିଶ୍ୱବିଦ୍ୟାଳୟ ହେଉ କି ଚିକିତ୍ସାଳୟ ହେଉ ତା'କୁ ସ୍ଥାପନ କରି ସେହି ଅନୁଷ୍ଠାନର ନାମକରଣ ରାମଚନ୍ଦ୍ର, ଶିବ କିମ୍ବା ମା' କାବେରୀଙ୍କ ନାଁରେ କରାଗଲେ ସେଥିରେ କାହାରି ହୁଏତ ଆପତ୍ତି ରହିବ ନାହିଁ। ମାତ୍ର ଦୁଃଖର ବିଷୟ ଆମ ନେତୃମଣ୍ଡଳୀ କେବଳ ପ୍ରତିମୂର୍ତ୍ତି ନିର୍ମାଣ କରି, ସହଜ ସୁବିଧାରେ ସ୍ୱର୍ଗକୁ ନିଶୁଣି ବାନ୍ଧିବା ପାଇଁ ପ୍ରତିଯୋଗିତା ଚଳାଇଛନ୍ତି। ଏପରି ଉଦ୍ୟମ ରାବଣର ସେହି ପ୍ରୟାସର ନାମାନ୍ତର ହେବ ନାହିଁ ତ?

ବାସୁଦେବବାସ୍ୟମ୍, ଜଗନ୍ନାଥବିହାର, ବାଇପାସ,
ଭଦ୍ରକ, ଫୋନ୍: ୭୯୭୮୯୦୩୫୦୯

# ବିବେକାନନ୍ଦଙ୍କ ଭାରତ

ଡ. ଭାରତ ଭୂଷଣ ରଥ

ସ୍ୱାମୀ ବିବେକାନନ୍ଦ ଜଣେ ମହାପୁରୁଷ, ଯେ କି ୧୮୬୩ ଜାନୁୟାରୀ ୧୨ ତାରିଖରେ ଏ ଧରାପୃଷ୍ଠରେ ଅବତରଣ କରିଥିଲେ। ସ୍ୱାମିଜୀଙ୍କର ଜନ୍ମ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ହୋଇଥିଲା ଯେତେବେଳେ ଭାରତବର୍ଷର ବୈଦିକ ଆର୍ଯ୍ୟ ସଂସ୍କୃତି ଧୀରେ ଧୀରେ ଲୋପ ପାଇବାକୁ ବସିଥିଲା। ପବିତ୍ର ଭାରତବର୍ଷ ଇଂରେଜମାନଙ୍କ ଦ୍ୱାରା ଶୋଷିତ ହେଉଥିଲା। ଗୋଟିଏ ପଟେ ଇଂରେଜ ଏବଂ ସାମନ୍ତ ରାଜାମାନଙ୍କର ତାଡ଼ନା, ଅନ୍ୟପଟେ ମୁଷ୍ଟିମେୟ ରାଜକର୍ମଚାରୀଙ୍କର ଦୌରାତ୍ମ୍ୟ ଏବଂ କିଛି ପାଖଣ୍ଡିଙ୍କର ଅନ୍ଧବିଶ୍ୱାସର ମାୟାଜାଲରେ ଏ ଦେଶର ନିରୀହ ଜନସାଧାରଣ ଆବଦ୍ଧ ଥିଲେ। ଭାରତର ଶାଶ୍ୱତ ଏବଂ ପରିମାର୍ଜିତ ପରମ୍ପରା ତଥା ଜୀବନଶୈଳୀ ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଠିକ୍ ଏତିକି ବେଳେ ଜନ୍ମ ନେଲେ ସ୍ୱାମୀ ବିବେକାନନ୍ଦ। ଯେମିତି ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ମାତ୍ର ୩୨ ବର୍ଷର ଜୀବନାବଧି ଭିତରେ ଭାରତରେ ଅନେକ ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ ଆଣି ପାରିଥିଲେ, ସେମିତି ଭାରତର ଦୁର୍ଦ୍ଦିନ ସମୟରେ ସ୍ୱାମୀ ବିବେକାନନ୍ଦଙ୍କର ଅଦମ୍ୟ ଉତ୍ସାହ ଓ ସଂଘର୍ଷର ପରିଣାମ ସ୍ୱରୂପ ଭାରତୀୟ ପରମ୍ପରା ଏବଂ ଜୀବନଦର୍ଶନର ଯତ୍‌କିଞ୍ଚିତ୍ ଆଜି ବଞ୍ଚି ରହିଛି ତାହା ହିଁ ବର୍ତ୍ତମାନ ଆମ ଦୃଷ୍ଟିଗୋଚର ହୁଏ। ମାତ୍ର ୩୮ ବର୍ଷର ଆୟୁ ନେଇ ସେ କେବଳ ଭାରତ ନୁହେଁ ବରଂ ସମଗ୍ର ବିଶ୍ୱରେ ପ୍ରଚାର କରିଯାଇଛନ୍ତି ମାନବିକତାର ମହନୀୟ ଗୁଣାବଳୀ।

ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନର ଏକ ବିଶିଷ୍ଟ ତତ୍ତ୍ୱ ଥିଲା ସେ ପ୍ରାନ୍ତୀୟତାରେ ବିଶ୍ୱାସ ନ କରି ଜାତୀୟତାରେ ବିଶ୍ୱାସ ରଖୁଥିଲେ। ଭାରତଭୂମିର ମହତ୍ତ୍ୱକୁ ପ୍ରତିପାଦନ କରିବା ପାଇଁ ସେ କହିଥିଲେ, ଏ ଦେଶର ମାନବିକତା ଅତି ଉଚ୍ଚ ସ୍ତରରେ ଉଦାରତା, ପବିତ୍ରତା, ପ୍ରଶାନ୍ତି, ଆତ୍ମ ବିଶ୍ଳେଷଣ ଏବଂ ଆଧ୍ୟାତ୍ମିକତାକୁ ସମ୍ମାନ ଦେଇ ବିଶ୍ୱ ମଙ୍ଗଳର କାମନା କରେ। ଯଥା ''The land where humanity has attained its highest towards generosity, towards purity, towards calmness, above all, the land of introspection and of spiritual-ity—it is India.'' ଏଥିରୁ ଜଣାଯାଏ, ଏ ଦେଶର ମୁଠାଏ ମାଟି, ବିନ୍ଦୁଏ ପାଣି ଏବଂ ଟୋପାଏ ରକ୍ତ ମଧ୍ୟ ଭ୍ରଷ୍ଟାଚାର, ଅଧର୍ମ ଏବଂ ଅସତ୍ୟକୁ ପ୍ରଶ୍ରୟ ଦିଏ ନାହିଁ। ଏହା ହିଁ ଭାରତର ଚରିତ୍ର। ତେବେ ଏଠି ପ୍ରଶ୍ନ ଉଠେ ଏତେ ଲକ୍ଷଣଯୁକ୍ତ ଭାରତର ଏ ଦୁରବସ୍ଥା କ'ଣ ସ୍ୱତଃ ନା ମାନବକୃତ? ପ୍ରଶ୍ନର ଉତ୍ତର ଗୋଟିଏ ଛୋଟ ଉଦାହରଣରେ ମିଳିଯିବ।

ତାହା ହେଲା, ଦେବଭୂମି ହିମାଳୟର ଗିରିଗହ୍ୱରରୁ ପ୍ରବାହିତ ହୋଇ ଅନେକ ଔଷଧୀୟ



ବୃକ୍ଷଙ୍କର ପାଦସ୍ପର୍ଶ କରି ନିଜର ଶୁଦ୍ଧ ବୁଦ୍ଧ ଏବଂ ପବିତ୍ର ଭାବକୁ ନେଇ କଳକଳ ନାଦରେ ବହିଯାଉଥିବା ଗଙ୍ଗାନଦୀ

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମଦିବସ ଉପଲକ୍ଷେ

ହିମାଳୟ ଛାଡି ତଳକୁ ଆସିଗଲେ ଏତେ ଦୂଷିତ ହେଉଛି କ'ଣ ନିଜ ଦୋଷରୁ ନା ମାନବର ଅଜ୍ଞାନତା ଓ ଅପାରଗରୁ? ଅନେକ ପାରିପାର୍ଶ୍ୱିକ କାରଣକୁ ନେଇ ଆଜକୁ ପ୍ରାୟ ୪୦୦ ବର୍ଷ ତଳର ଭାରତ ଏବଂ ଆଜିର ଭାରତ ଭିତରେ ଆକାଶପାତାଳର ତାରତମ୍ୟ ପରିଲକ୍ଷିତ ହୁଏ। ବିଗତ ୪୦୦ ବର୍ଷ ସମୟର ପ୍ରବାହରେ ଏ ଦେଶ କ୍ରମାନୁସାରେ କିଛି ଅସାମାଜିକ ଲୋକଙ୍କ ଯୋଗୁ ନିଜର ପ୍ରାଚୀନ ଗୌରବକୁ ହରାଇଛି। ସର୍ବପ୍ରଥମେ କିଛି ଏକଚ୍ଛତ୍ରବାଦୀ ଶାସକଙ୍କର ଲୋଲୁପ ଦୃଷ୍ଟିର ଶିକାର ହୋଇଛି ଭାରତବର୍ଷ। ତା'ର ଠିକ୍ ପରେ ପରେ ଇଂରେଜମାନଙ୍କର ତାଡ଼ନାରେ ମୂର୍ଚ୍ଛିତ ହୋଇଛି ଏ ଦେଶର ପୁରପଲ୍ଲୀ। ଏହା ଭିତରେ ଅନ୍ତର୍ଦ୍ଦେଶୀୟ ବିଶ୍ୱାସଘାତୀଙ୍କର ନିର୍ଘାତ ପ୍ରହାରରେ ସଂଜ୍ଞାହୀନ ହୋଇଛି ଏ ଜାତିର ପ୍ରାଣ। ସବୁଠାରୁ ଦୁଃଖଦ ବିଷୟ ହେଲା ବିଗତ କିଛିବର୍ଷ ହେଲା କୁତ୍ସିତ ରାଜନୀତି ଏବଂ ମୁଷ୍ଟିମେୟ ରାଷ୍ଟ୍ର ବିଭାଜନକାରୀ ଶକ୍ତିଙ୍କ ଚକ୍ରବ୍ୟୂହର ଏ ଦେଶ ଏକ ନୀରବ ଦର୍ଶକ ସାଜିଛି।

ସ୍ୱାମୀ ବିବେକାନନ୍ଦ ଯେବେ ଜନ୍ମଗ୍ରହଣ କଲେ ସେତେବେଳକୁ ଏ ଦେଶର ବାତାବରଣ ଭିତରକୁ ପ୍ରବେଶ କରିସାରିଥିଲା ଅନେକ ନକାରାତ୍ମକ ଶକ୍ତି। ନିଜକୁ ଦେବତା ଏବଂ ଗୁରୁ ବୋଲାଉଥିବା କିଛି ଅଜ୍ଞାନଙ୍କର ବାକ୍‌ପ୍ରବାହରେ ଦୂଷିତ ହୋଇ ସାରିଥିଲା ଏ ଦେଶର କୋଟିକୋଟି ସରଳ ଜୀବନ। ଅନ୍ଧବିଶ୍ୱାସ, ଧନୀ-ଗରିବର ଭେଦଭାବ, ଜାତିପ୍ରଥା ତଥା ଅନେକ କୁସଂସ୍କାର କବଳିତ କରିସାରିଥିଲା ମାନବର ସରଳ ମନକୁ। ତା' ଭିତରେ ଯତ୍ପରୋନାସ୍ତି ସଂଘର୍ଷ କରି ସମାଜରେ ସତ୍ୟ, ଧର୍ମ ଓ ଶାନ୍ତି ପ୍ରତିଷ୍ଠା ପାଇଁ ସ୍ୱାମିଜୀ ଖୁବ୍ ପ୍ରୟାସ କରିଛନ୍ତି ଏବଂ ଅନେକାଂଶରେ ସଫଳ ମଧ୍ୟ ହୋଇଛନ୍ତି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏ ଦେଶର ବାସ୍ତବ ଚିତ୍ରକୁ ସ୍ୱାମିଜୀ ଯେଭଳି ଉପସ୍ଥାପନ କରିଛନ୍ତି ତାକୁ ଅବଗମନ କରି ଆଜିର ମାନବ କେତେଦୂର ନିଜ ମାନବିକତାର ମାପକାଠିରେ ନିଜକୁ ମାପି ପାରୁଛି। ସମସ୍ତ ତତ୍ତ୍ୱରେ ପରିପୂରିତ ଏ ଦେଶ ପାଇଁ ନୂତନ କିଛି କରିବାର ଆବଶ୍ୟକତା ନାହିଁ କିନ୍ତୁ ଆବଶ୍ୟକତା ରହିଛି ଯାହା ବର୍ତ୍ତମାନ ରହିଯାଇଛି ଏବଂ ଯାହା ଦିନୁଦିନ କ୍ଷୟ ହୋଇଯାଉଛି ତା'ର ସୁରକ୍ଷା। ଏହାର ଉପାୟ ଏ ଦେଶର ପ୍ରତ୍ୟେକ ନାଗରିକଙ୍କ ପାଖରେ ହିଁ ରହିଛି। ଏକ ସଚେତନ ମନ, ଦେଶପ୍ରେମର ଭାବ ଏବଂ ସମାଜ ପ୍ରତି ଆମର ଉତ୍ତରଦାୟିତ୍ୱକୁ ଚିନ୍ତନ କରି ସ୍ୱାମୀ ବିବେକାନନ୍ଦଙ୍କ ସ୍ୱପ୍ନର ଭାରତକୁ ସାକାର କରିବା ମାନବର ଲକ୍ଷ୍ୟ ହେଉ।

ଭଗବାନ ସମସ୍ତଙ୍କ ହୃଦୟରେ ବିରାଜମାନ ଅଛନ୍ତି, ସେଥିପାଇଁ ଉପନିଷଦ କହିଛନ୍ତି, ଅହଂ ବ୍ରହ୍ମାସ୍ମି ଅର୍ଥାତ୍ ମୁଁ ନିଜେ ବ୍ରହ୍ମ। ତେଣୁ ମାନବ ଚାହିଁଲେ ନିଜର ଦିବ୍ୟତ୍ୱକୁ ପରିପ୍ରକାଶ କରି ଏ ସମାଜ ପାଇଁ ଅନେକ କିଛି ଆଦର୍ଶପୂର୍ଣ୍ଣ କାର୍ଯ୍ୟ କରିପାରିବ। ଯେପରି ସ୍ୱାମୀ ବିବେକାନନ୍ଦ ନିଜର ଦିବ୍ୟ ଭାବନାକୁ ଉଦ୍ରେକକରି ଭାରତକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ପୂର୍ଣ୍ଣତଃ ସମର୍ଥ ହୋଇଥିଲେ।

ଅଧ୍ୟାପକ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ,
ତିରୁପତି, ମୋ- ୮୮୯୭୪୨୬୨୪୩

## ଏଇ ଭାରତରେ

ମାନବର ସେବା କରିବା ମାଧବଙ୍କ ସେବା କରିବା ସହିତ ସମାନ। କିନ୍ତୁ ମୃତବ୍ୟକ୍ତିର ବ୍ୟବଚ୍ଛେଦ କରାଇ ଜଣେ ପୋଲିସ କନ୍‌ଷ୍ଟେବଳ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେବା ମନୋବୃତ୍ତି ରଖି ସେ ଦୀର୍ଘ ୧୦ବର୍ଷ ଧରି ଶବ ବ୍ୟବଚ୍ଛେଦ ବେଳେ ଉପସ୍ଥିତ ରହି ଆସୁଛନ୍ତି। ପୋଲିସ ବିଭାଗରେ ଯୋଗଦେଇଥିବା ଏହି ଜନସେବୀ ହେଉଛନ୍ତି କନ୍‌ଷ୍ଟେବଳ ଅଙ୍ଗଦ ବାଲ୍ମୀକି। ସେ ଏବେ ଜନସେବାକୁ ପ୍ରମୁଖ କାର୍ଯ୍ୟ ବୋଲି ଧରି ନେଇଛନ୍ତି। ସେ ଗତ ୧୦ବର୍ଷ ଧରି ରାଜସ୍ଥାନର ଜୟ ଆରୋଗ୍ୟ ହସ୍ପିଟାଲ ଫାଣ୍ଡିରେ ମୁତୟନ ଅଛନ୍ତି। ଏଠାରେ ତାଙ୍କୁ ପୋଷ୍ଟମର୍ଟମ ରୁମ୍‌ରେ ଅଧିକ ସମୟ ଉପସ୍ଥିତ ହେବାକୁ ପଡେ। କେତେକ ମୃତଦେହ ପଚିଶଢ଼ି ଗଲେ ପୋଷ୍ଟମର୍ଟମ ସମୟରେ ଦୁର୍ଗନ୍ଧ ହୋଇଥାଏ। ତେବେ ତାଙ୍କର ଆତ୍ମୀୟସ୍ୱଜନଙ୍କ ବ୍ୟାକୁଳତାକୁ ଦୃଷ୍ଟିରେ ରଖି ଅଙ୍ଗଦ ଶୀଘ୍ର ପଞ୍ଚନାମାର ବ୍ୟବସ୍ଥା କରାଇଥାଆନ୍ତି। ମୃତଦେହ ସହିତ ୫ଜଣ ଲୋକ ଆସି ନ ଥିଲେ ଏପରିସ୍ଥଳେ ଅଙ୍ଗଦ ଅନ୍ୟ ଲୋକଙ୍କୁ ଯୋଗାଡ଼ କରିଥାଆନ୍ତି। ବେଳେବେଳେ ପୋଷ୍ଟମର୍ଟମ ପରେ ମୃତଦେହକୁ ନେବା ପାଇଁ ଆତ୍ମୀୟସ୍ୱଜନଙ୍କ ପାଖରେ ଅର୍ଥ ନ ଥାଏ। ଅଙ୍ଗଦ ନିଜ ପକେଟରୁ ଟଙ୍କା ଦେଇ ସେମାନଙ୍କୁ ଘରକୁ ଫେରିବାର ବନ୍ଦୋବସ୍ତ କରିଥାଆନ୍ତି। ଗତ ୧୦ବର୍ଷ ମଧ୍ୟରେ ସେ ୯ ହଜାରରୁ ଅଧିକ ମୃତଦେହର ପଞ୍ଚନାମା କରାଇଛନ୍ତି। ପୋଲିସ ବିଭାଗ ତାଙ୍କ ସେବା ମନୋବୃତ୍ତିକୁ ଦୃଷ୍ଟିରେ ରଖି ତାଙ୍କର ବଦଳି ଆଦେଶ ଦେଇନାହିଁ।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।
ଦୟା ପ୍ରେମ ଜ୍ଞାନ ଧ୍ୟାନ ଦୁଃଖ ସୁଖ
ମାନ ଅପମାନ
ସକଳ ଊର୍ଦ୍ଧ୍ୱରେ ଉଡ଼େ ଜୀବନର
ବିଜୟ ନିଶାଣ।
ତାହାରି ଉଦ୍ଦେଶ୍ୟେ ଜାତ ସବୁ ଧର୍ମ
ନୀତି ଆଲୋଚନା
ସକଳ ସମସ୍ୟା ଦ୍ୱନ୍ଦ୍ୱ ଦିବା ନିଶି
ପ୍ରାଣାନ୍ତ ସାଧନା।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 9 | | | | | | A | | | | | 1 | C | |
| | | 4 | | 2 | B | 3 | 0 | | 6 | | | | D | |
| | 3 | B | | | 6 | 8 | | | 7 | | | | 9 | |
| | | | 8 | E | D | | | | A | 0 | | 4 | | |
| | | 6 | 5 | | | | 4 | | 2 | 1 | B | | | |
| | | | | D | | | | | | | 1 | 5 | | |
| | 7 | 0 | | | 8 | | | 3 | | C | | | | |
| 8 | | | | | 4 | 9 | | | 5 | | | 7 | | |
| | | | | | | 6 | B | | 8 | | 4 | | | |
| | | | | | 0 | C | E | A | 9 | | 7 | B | | |
| | | C | | | | | | E | | | D | 0 | | |
| | | 2 | | 8 | A | | | D | | | | 9 | | |
| | | | | | | 4 | | | | | | 2 | 6 | |
| | | 1 | | 3 | | | 9 | 7 | E | 2 | 0 | D | | 4 |
| | 5 | D | 9 | 1 | | | | | | 4 | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 6 | 4 | 9 | A | E | 1 | 5 | C | B | 7 | 2 | 8 | 0 |
| 5 | 8 | A | 2 | 0 | 6 | C | 3 | 9 | D | 4 | 1 | B | 7 | E |
| E | 1 | 7 | 5 | C | D | A | 2 | B | 0 | 8 | 3 | 6 | 9 | 4 |
| 9 | 4 | B | E | 8 | 1 | 7 | 0 | D | 2 | 6 | A | 3 | C | 5 |
| 0 | 2 | C | 7 | 3 | B | 8 | 6 | 4 | 9 | 5 | E | D | A | 1 |
| 7 | 9 | 2 | 1 | E | 8 | D | 4 | 6 | 3 | A | 0 | C | 5 | B |
| 3 | D | 0 | C | 6 | 7 | 1 | 9 | E | 5 | 2 | B | 8 | 4 | A |
| A | 6 | E | 0 | 5 | 3 | B | 8 | C | 1 | 7 | 4 | 9 | 2 | D |
| 8 | 5 | 4 | B | A | 9 | 0 | 7 | 2 | 6 | C | D | 1 | E | 3 |
| B | C | 1 | D | 2 | 4 | 5 | A | 3 | E | 9 | 8 | 7 | 0 | 6 |
| 6 | 0 | 8 | A | D | E | 9 | C | 1 | 7 | 3 | 5 | 4 | B | 2 |
| 1 | E | D | 3 | 4 | C | 2 | B | A | 8 | 0 | 9 | 5 | 6 | 7 |
| C | 7 | 9 | 6 | B | 5 | 3 | E | 0 | 4 | D | 2 | A | 1 | 8 |
| 2 | A | 3 | 9 | 7 | 0 | 4 | 5 | 8 | B | 1 | 6 | E | D | C |
| 4 | B | 5 | 8 | 1 | 2 | 6 | D | 7 | A | E | C | 0 | 3 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଉଚ୍ଚଜାତି ଗରିବଙ୍କୁ ସଂରକ୍ଷଣ

ମହାଶୟ,

ଭାରତ ପରି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆର୍ଥିକ ଅନଗ୍ରସର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ହେଲେ ଜାତିଭିତ୍ତିକ ସଂରକ୍ଷଣ ଫଳରେ ଉଚ୍ଚଜାତିର ଗରିବମାନେ ଦିନକୁ ଦିନ ଗରିବ ହେଲେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଉଚ୍ଚଜାତିର ଗରିବଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ଅତୀତରେ ପ୍ରବାଦପୁରୁଷ ବିଜୁବାବୁ ମଧ୍ୟ କହିଥିଲେ ଯେ ଗରିବର ଜାତି ନାହିଁ। ତେଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ସଂରକ୍ଷଣ ବ୍ୟବସ୍ଥା କରାଗଲେ ଗରିବମାନଙ୍କ ବାସ୍ତବ ବିକାଶ ହୋଇପାରିବ। ଉଚ୍ଚଜାତିର ଅନଗ୍ରସର ଲୋକଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ ବିଲ୍ ଉଭୟ ଲୋକସଭା ଓ ରାଜ୍ୟସଭାରେ ପାସ ହୋଇଛି। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜାତିଭିତ୍ତିକ ସଂରକ୍ଷଣ ନୁହେଁ ବରଂ ଯୋଗ୍ୟତା ଭିତ୍ତିରେ ଚାକିରି ମିଳିବା ଦରକାର। ତେବେ ଆର୍ଥିକ ଦୃଷ୍ଟିରୁ ଗରିବ ଛାତ୍ରୀଛାତ୍ରଙ୍କୁ ସରକାର ପାଠ ପଢିବା ପାଇଁ ଆବଶ୍ୟକ ଆର୍ଥିକ ସହଯୋଗ କରି ସେମାନଙ୍କୁ ଅଧିକ ଦକ୍ଷ ଏବଂ ଯୋଗ୍ୟ କରି କେବଳ ଯୋଗ୍ୟତା ଓ ଦକ୍ଷତା ଭିତ୍ତିରେ ଚାକିରି ପ୍ରଦାନ କଲେ ଦେଶ ସମୃଦ୍ଧ ହେବ।

ସନ୍ତୋଷ କୁମାର ବିଶ୍ୱାଳ, ଭୁବନପୁର, ଗଡ଼ମଧୁପୁର, ଯାଜପୁର

### କୋଟିପତି ଜୁନିୟର ଏମ୍‌ଭିଆଇ

କିଛିଦିନ ତଳେ ଭଦ୍ରକର ଜୁନିୟର ଏମ୍‌ଭିଆଇ ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲ ଯିବା ଘଟଣା ଧରିତ୍ରୀରେ ପ୍ରକାଶ ପାଇଥିଲା। ଅବଶ୍ୟ ଏପରି କୋଟିପତିଙ୍କ ସଂଖ୍ୟା କମ୍ ନୁହେଁ। କେବଳ ସମୟାନ୍ତରରେ ଗୋଟେ ଅଧେ ଘଟଣା ପଦାକୁ ଆସି ହଇଚଇ ସୃଷ୍ଟି କରିବା ପରେ ପୁଣି ସବୁ ଚୁପ୍‌ଚାପ ହୋଇଯାଏ। ଓଡ଼ିଶା ଦରିଦ୍ର ରାଜ୍ୟ ରୂପେ ପରିଗଣିତ ହୋଇ ସ୍ୱତନ୍ତ୍ର ପାହ୍ୟା ଦାବି କରୁଥିବା ବେଳେ ପ୍ରଶାସନରେ ଥିବା ପିଅନ, ଡ୍ରାଇଭରଠାରୁ ଆରମ୍ଭ କରି ଉଚ୍ଚ ପଦପଦବୀରେ ଥିବା ବାବୁମାନେ କୋଟିପତି ହେବାର ସୁଯୋଗ ହାତଛଡ଼ା କରୁନାହାନ୍ତି। ଏପରି ଲାଞ୍ଚଖୋରମାନଙ୍କୁ ପ୍ରଥମେ ଚାକିରିରୁ ବହିଷ୍କାର କରାଯାଉ ଓ ପରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅଦର ଇଣ୍ଟରେଷ୍ଟ ଟ୍ରଷ୍ଟି ଚୟନ ଭାଜପାକୁ ଅଡୁଆ

**ବନ୍ଦର ଟ୍ରଷ୍ଟ ବୋର୍ଡ**

ପାରାଦୀପ,୧୧।୧(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡରେ ଥିବା ୪ ଅଦର ଇଣ୍ଟରେଷ୍ଟ ଟ୍ରଷ୍ଟି ପଦବୀ ଦୀର୍ଘ ୧୦ ମାସ ହେଲା ଖାଲିପଡ଼ିଛି। ଉକ୍ତ ପଦବୀ ପୂରଣ କରିବାରେ କେନ୍ଦ୍ରୀୟ ଭାଜପା ନେତାମାନେ ଅସଫଳ ହୋଇଥିବା କୁହାଯାଉଛି। ସାଧାରଣ ନିର୍ବାଚନ ମୁଣ୍ଡ ଉପରେ ଥିବାବେଳେ ଏହି ସମ୍ମାନଜନକ ଟ୍ରଷ୍ଟି ଚୟନ ନେତାଙ୍କ ମୁଣ୍ଡ ବିନ୍ଧାର କାରଣ ହୋଇଛି। କାରଣ ଏକାଧିକ ଆଶାୟୀ ଟ୍ରଷ୍ଟି ପାଇଁ ଦାବିଦାର ଓ ଆବେଦନ କରିଥିବାରୁ ଓଡ଼ିଶା ଦାୟିତ୍ୱରେ ଥିବା ଭାଜପା ମୁଖିଆ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନେଇପାରୁ ନାହାନ୍ତି। କାରଣ ନିରାଶ ଆବେଦନକାରୀଙ୍କ ଅସନ୍ତୋଷ ଆସନ୍ତା ନିର୍ବାଚନ ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି। ତେଣୁ ଦଳ କାହାର ନାମ ଚୂଡ଼ାନ୍ତ କରିପାରୁନାହିଁ ବୋଲି ଜଣାପଡ଼ିଛି। ସ୍ଥିତି ଏପରି ହୋଇଛି ଯେ ଆସନ୍ତା ମେ ମାସ ମଧ୍ୟରେ ଟ୍ରଷ୍ଟି ଚୟନ ହେବା ସମ୍ଭବ ନୁହେଁ। ସୂଚନାଯୋଗ୍ୟ ପାରାଦୀପ ବନ୍ଦର ଟ୍ରଷ୍ଟ ବୋର୍ଡରେ ୧୯ଜଣ ଟ୍ରଷ୍ଟି ରହିବାର ବ୍ୟବସ୍ଥା ଅଛି। ସେଥିରେ ସରକାରୀ ପଦବୀ ୧୧ ଥିବାବେଳେ ୮ଜଣ ବାହାର ଟ୍ରଷ୍ଟି ରହିବେ। ସେହି ୮ ପଦବୀ ମଧ୍ୟରେ ୪ଜଣ ଅଦର ଇଣ୍ଟ୍ରେଷ୍ଟ ଟ୍ରଷ୍ଟି, ୨ ଜଣ ଲେବର ଟ୍ରଷ୍ଟି, ଜଣେ ଷ୍ଟିଭେଡର୍ସ ସଂଘ ପ୍ରତିନିଧି ଓ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ ପ୍ରତିନିଧି ରହିବେ। ୧୧ଜଣ ସରକାରୀ ଟ୍ରଷ୍ଟି ମଧ୍ୟରେ ବନ୍ଦର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜାହାଜ ଚଳାଚଳ ମନ୍ତ୍ରଣାଳୟ ସଚିବ, କଷ୍ଟମ୍ସ, କୋଷ୍ଟଗାର୍ଡ଼, ନୌସେନା, ଓଡ଼ିଶା ସରକାରଙ୍କ ବାଣିଜ୍ୟ ପରିବହନ ସଚିବ ଓ ଅନ୍ୟ ବିଭାଗର ମୁଖ୍ୟ ଅନ୍ତର୍ଭୁକ୍ତ। ୪ଜଣ ଅଦର ଇଣ୍ଟ୍ରେଷ୍ଟ ଟ୍ରଷ୍ଟିଙ୍କୁ କେନ୍ଦ୍ରରେ ଶାସନରେ ଥିବା ଦଳ ଚୟନ କରିଥାଏ। ଏହି କ୍ରମରେ ଶାସକ ଦଳର କେତେକ ନେତାଙ୍କୁ ଏଥିରେ ଥଇଥାନ କରାଯାଏ। ସେହି ଟ୍ରଷ୍ଟିଙ୍କ କାର୍ଯ୍ୟକାଳ ୨ ବର୍ଷ। ୨୦୧୪ରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ କେନ୍ଦ୍ରରେ ଶାସନକୁ ଆସିବା ପରେ ୨ ଥର ଟ୍ରଷ୍ଟି ଚୟନ କରିଥିଲା। ଏହାର ଅବଧି ୨୦୧୮ ମାର୍ଚ୍ଚ ୩୧ରେ ଶେଷ ହୋଇଛି। ୨୦୧୮ ଏପ୍ରିଲରୁ ୨୦୨୦ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଟ୍ରଷ୍ଟି ପଦବୀ ପାଇଁ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଜିଲାରୁ ୮ରୁ ଅଧିକ ଆଶାୟୀ ଦାବିଦାର ଅଛନ୍ତି। ତେଣୁ ଦଳ କାହାକୁ ଚୟନ କରିବ ତାହାକୁ ନେଇ ଅଡୁଆରେ ପଡ଼ିଛି।

## ପିଠା ଯୋଜନାରେ ଗରାମ ପଞ୍ଚାୟତ ଶ୍ରେଷ୍ଠ
# ମିଳିବ ୫ଲକ୍ଷ ଟଙ୍କା ପୁରସ୍କାର

ତିର୍ତ୍ତୋଲ,୧୧।୧(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟକ ପଞ୍ଚାୟତରେ କରାଯାଇଥିବା ପିଠା କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବ୍ଲକର ୨୯ ପଞ୍ଚାୟତ ମଧ୍ୟରେ ଗରାମ ପଞ୍ଚାୟତ ଶ୍ରେଷ୍ଠ ବିବେଚିତ ହୋଇଛି। ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଚିଠି ନଂ-୫୪୬ରେ ଏସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ଆସନ୍ତା ସାଧାରଣତନ୍ତ୍ର ଦିବସରେ ଜିଲାସ୍ତରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଏହି ଶ୍ରେଷ୍ଠ ପଞ୍ଚାୟତକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏହି ଅର୍ଥରାଶୀ ପଞ୍ଚାୟତର ମିଶନ ଶକ୍ତି ଗୃହ ନିର୍ମାଣ, ପାଠାଗାର ଗୃହ ନିର୍ମାଣ, ଗାଧୁଆ ଘାଟ ଓ ପୋଷାକ ପରିବର୍ତ୍ତନ ଗୃହ ନିର୍ମାଣ, ଗୋଷ୍ଠୀକେନ୍ଦ୍ର ଗୃହ ନିର୍ମାଣ ଏବଂ କୋଠଘର ନିର୍ମାଣରେ ବିନିଯୋଗ କରାଯିବ ବୋଲି ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି।

**ସଂକ୍ଷେପରେ**

## ଗୁଆଳିପୁରରେ ଧାନମଣ୍ଡି ଖୋଲିଲା



ରଘୁନାଥପୁର, ୧୧ ।୧( ଡି.ଏନ.ଏ.): ରଘୁନାଥପୁର ବ୍ଲକ ଗୁଆଳିପୁର କୃଷି ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ସମ୍ପାଦକ ବିରଞ୍ଚି ନାରାୟଣ ମହାନ୍ତି ଓ ସହସମ୍ପାଦକ ପ୍ରଭାକର ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସ୍ୱପ୍ନାସରିତା ବଳ, ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ, ଅଦେଇକୂଳ ସମିତିସଭ୍ୟ ମନୋଜ କୁମାର ସେଠୀ, ଆତ୍ମା ଅଧକ୍ଷ ରବୀନ୍ଦ୍ରନାଥ ସ୍ୱାଇଁ, ସିସିବି ମ୍ୟାନେଜର ଦୋଳ ଗୋବିନ୍ଦ ଖଟୁଆ ଓ ସମିତିର ସଭାପତି ପ୍ରଦୀପ ବାରିକ ପ୍ରମୁଖ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଠାରେ ୫୩୬ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ମୋଟ ୨୪ ହଜାର ୩ ଶହ କୁଇଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ରହିଛି। ମିଲର ବରଗଡକୁ ଧାନ ନେଉଥିବାବେଳେ ସୁପରଭାଇଜର ସାରଦା ପ୍ରସନ୍ନ ଦାସ ଏହି ଦାୟିତ୍ୱରେ ରହିଛନ୍ତି। ସପ୍ତାହକରେ ଶୁକ୍ରବାର ଧାନ ନେବାକୁ ସ୍ଥିର ହୋଇଛି। ପର୍ଚେଜ କମିଟିରେ ଚାଷୀ ଜ୍ଞାନରଞ୍ଜନ ପଟ୍ଟନାୟକ, ସର୍ବେଶ୍ୱର ପଟ୍ଟନାୟକ, ମୁରଲୀଧର ମହାନ୍ତି, ସନ୍ତୋଷ କୁମାର ସେଠୀ ଓ ନିବାସ କୁମାର ଲେଙ୍କା ଅଛନ୍ତି। ଡିଇଓ ଲିଙ୍ଗରାଜ ସାହୁ ଓ ଅଜୟ କୁମାର ସ୍ୱାଇଁ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜ କ୍ରୀଡ଼ା

ରଘୁନାଥପୁର, ୧୧ ।୧( ଡି.ଏନ.ଏ.)

ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗସ୍ଥିତ ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ଉପଲକ୍ଷେ କଲେଜ ପଡିଆରେ କ୍ରୀଡା ପତାକା ଉତ୍ତୋଳନ ହେବା ସହ ଅଧ୍ୟାପକ ଭଗବାନ ଦାସ ଓ ଅଧ୍ୟାପିକା ଶୁଭ୍ରସଲିଳା ପ୍ରିୟଦର୍ଶିନୀଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଓ ଛାତ୍ର ବର୍ଗକୁ ନେଇ ଖେଳ ଆରମ୍ଭ ହୋଇଥିଲା। ଆୟୋଜିତ ଉତ୍ସବରେ କଲେଜର ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି, ଅଧ୍ୟାପକ ସୁମନ୍ତ ଚନ୍ଦ୍ର ଦାସ, ଦୟାନିଧି ରାଉତରାୟ, ଅଧ୍ୟାପିକା ଦୀପ୍ତିମୟୀ ଜେନା ଓ ରଞ୍ଜିତା ମହାନ୍ତି ପ୍ରମୁଖ କ୍ରୀଡା ସମ୍ବନ୍ଧୀୟ ବକ୍ତବ୍ୟ ରଖିଥିଲେ। ଉଭୟ ବର୍ଗର ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ, ଲମ୍ବଡିଆଁ, ଉଚ୍ଚ ଡିଆଁ, ଜାଭେଲିନ୍ ଥ୍ରୋ, ଶଟପୁଟ, ଡିସକସ ଥ୍ରୋ ଓ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାଛଡା ସାମୂହିକ ଭାବେ ଛାତ୍ରୀଛାତ୍ରଙ୍କୁ ନେଇ କଲେଜ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ପଡିଆରେ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ଯୋଗାଇ ଦେବାକୁ ଆବଶ୍ୟକ ସରଞ୍ଜାମ ସହ ଦୁଇ କର୍ମଚାରୀ ଦୈତାରୀ ଜେନା ଓ ରବୀନ୍ଦ୍ର ଦାସ ନିୟୋଜିତ ଥିବା ଅଧ୍ୟକ୍ଷ ମହାନ୍ତି କହିଛନ୍ତି।

## ବିମାନରେ ଯାତ୍ରୀଙ୍କୁ ବଞ୍ଚାଇଥିବାରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧନା



ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ରଘୁନାଥପୁର, ୧୧ ।୧( ଡି.ଏନ.ଏ.)

ଜଣେ ବିମାନ ଯାତ୍ରୀଙ୍କ ଜରୁରୀ ଚିକିତ୍ସା କରି ତାଙ୍କ ଜୀବନ ବଞ୍ଚାଇଥିବାରୁ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକଙ୍କୁ ରଘୁନାଥପୁର ବଜାରରେ ସମ୍ବର୍ଦ୍ଧନା ଦିଆଯାଇଛି। ବିଜୁ ଯୁବ ଜନତା ଦଳ ସଭାପତି ସ୍ୱଦେଶ ଦାସ, ବ୍ଲକ ଛାତ୍ର ବିଜେଡି ସଭାପତି ଯୋସେଫ ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ରାଉତ, ବାବୁଲି ଷଡଙ୍ଗୀଙ୍କ ସମେତ ବହୁ ବ୍ୟକ୍ତି ବିଧାୟିକାଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ■ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ
# ଛାତ୍ରୀଛାତ୍ର ନିଜ ହକ୍ ପାଇଁ ଲଢନ୍ତୁ

ନାଉଗାଁ,୧୧।୧(ସ୍ୱ.ପ୍ର.)




ଶ୍ରୀ ଜଗନାଥ ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

ଅର୍ଥ ଦେଇ ସାର୍ଟିଫିକେଟ କ୍ରୟ କରିହୁଏ, କିନ୍ତୁ ଜ୍ଞାନ ନୁହେଁ। ଛାତ୍ରୀଛାତ୍ର ଯେଉଁ ବିଦ୍ୟା ହାସଲ କଲେ ସାମାଜିକ କର୍ତ୍ତବ୍ୟ ବୋଧ, ବିନୟ ଭାବ, ସମାୟାନୁବର୍ତ୍ତିତା, ଶୃଙ୍ଖଳା ଆଦି ସୃଷ୍ଟି ହୁଏ, ତାହା ହିଁ ପ୍ରକୃତ ବିଦ୍ୟା। ନାଉଗାଁ ବ୍ଲକ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଜଟାଧାରୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜଗତ୍‌ସିଂହପୁର ବିଧାୟକ ଚିରଞ୍ଜୀବ ବିଶ୍ୱାଳ ମୁଖ୍ୟଅତିଥି, ସାମ୍ବାଦିକ ରବି ଦାସ ମୁଖ୍ୟବକ୍ତା, ଗୁରୁକୃପା କୁଟୀରର ବ୍ରହ୍ମଚାରୀ ବାବା ସତ୍ୟାନନ୍ଦ ଦାସ, ମହାବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ସାମାଜିକ କର୍ମୀ ନିରୋଦ କୁମାର ସ୍ୱାଇଁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେମାନେ କହିଲେ ଯେ, ଛାତ୍ରୀଛାତ୍ର ହେଉଛନ୍ତି ଦେଶର ଭବିଷ୍ୟତ। ନିଯୁକ୍ତି, ଶିକ୍ଷା କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ତେଣୁ ଛାତ୍ରୀଛାତ୍ର ନିଜ ପାଇଁ ନିଜେ ଲଢେଇ କରିବା ଶିଖିବା ଉଚିତ ବୋଲି ମୁଖ୍ୟ ଅତିଥି ବିଶ୍ୱାଳ ମତବ୍ୟକ୍ତ କରିଥିଲେ। ପ୍ରାଧାପକ ଦୁର୍ଗା ଚରଣ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅଧାପକ ହୃଦାନନ୍ଦ ସ୍ୱାଇଁ, ନିକୁଞ୍ଜ ରଞ୍ଜନ ଦାସ, ଜ୍ୟୋତିପ୍ରକାଶ ଲେଙ୍କା, ତୁଷାରକାନ୍ତ ଦାସ, ଚୈତନ୍ୟ ଚରଣ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାବା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ରଜତ ଜୟନ୍ତୀ



ଉତ୍ସବରେ ଉପସ୍ଥିତ ଅତିଥି।

କୁଜଙ୍ଗ/ପାରାଦୀପ,୧୧।୧(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକ ବିଶ୍ୱାଳିସ୍ଥିତ ବାବା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ତିନି ଦିନିଆ ରଜତ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରାକ୍ତନ ଛାତ୍ର ସଂସଦ ସଭାପତି ମାନଭଞ୍ଜନ ମଲ୍ଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା ମୁଖ୍ୟ ଅତିଥି, ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ମୁଖ୍ୟବକ୍ତା, ଜଗତସିଂହପୁର ଏମ୍‌ପି ଡା. କୁଳମଣି ସାମଲ, କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ଶ୍ରମିକ ନେତା ଗୋଲେଖଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ସୁପ୍ରଭା ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ପ୍ରବୀର କୁମାର ସାମଲ ଅତିଥି ପରିଚୟ ପ୍ରଦାନ ସହିତ ବିଦ୍ୟାଳୟ ପ୍ରତିଷ୍ଠାରୁ ରଜତ ଜୟନ୍ତୀ ଉତ୍ସବ ପର୍ଯ୍ୟନ୍ତ ଦୀର୍ଘ ୨୫ ବର୍ଷର ଜୟଯାତ୍ରା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାକ୍ତନ ଛାତ୍ର ସଂସଦ ସମ୍ପାଦକ ନୃସିଂହଚରଣ ସାମଲ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ଓଡ଼ିଶା ସରକାର

# 'କାଳିଆ' ଯୋଜନା

**ସବୁଜ ଫର୍ମ** (Green Colour)

**କାଳିଆ ଯୋଜନାରେ ନାମ ଦରଜ ନିମନ୍ତେ ଆବେଦନ ପତ୍ର**

୧. ଚାଷୀଙ୍କ ନାମ (ପରିବାରର ମୁଖ୍ୟ):
୨. ପିତା / ସ୍ୱାମୀଙ୍କ ନାମ :
୩. ପରିବାରର ସଦସ୍ୟଙ୍କ ସଂଖ୍ୟା :
୪. ସ୍ଥାୟୀ ଠିକଣା :-
ଗ୍ରାମ: ଗ୍ରାମ ପଞ୍ଚାୟତ :
ବ୍ଲକ : ଜିଲ୍ଲା :
୫ . ଆଧାର କାର୍ଡ ନଂ- (ନକଲ ସଂଲଗ୍ନ କରନ୍ତୁ) :
୬. ମୋବାଇଲ ନଂ :
୭. ବ୍ୟାଙ୍କ ସଂଚୟ ଖାତା ବିବରଣୀ (ବହିର ପ୍ରଥମ ପୃଷ୍ଠା ର ନକଲ ସଂଲଗ୍ନ କରନ୍ତୁ)
- ବ୍ୟାଙ୍କ ନାମ :
- ଶାଖାର ନାମ :
- ବ୍ୟାଙ୍କ ଖାତା ଆକାଉଣ୍ଟ ନଂ. :
- I.F.S.C. କୋଡ଼ ନଂ :

୮. ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି (✓) ଅଛି ( ) / ନାହିଁ ( )
କ. ଯଦି ଚାଷ ଜମି ଅଛି,ଅଧିକୃତ ଚାଷ ଜମିର ବିବରଣୀ (ନକଲ ସଂଲଗ୍ନ କରନ୍ତୁ) :-
ଖାତା ନଂ : ପ୍ଲଟ ନଂ :
ଜମି ପରିମାଣ (ଏକର) :
ଖ. ଯଦି ନାହିଁ, ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି ନଥିଲେ, ତାହାର କାରଣ :-

୯. ଚାଷୀ ପ୍ରମାଣ ପତ୍ର (ନିମ୍ନୋକ୍ତ କୌଣସି ପ୍ରମାଣ ପତ୍ରର ନକଲ ସଂଯୁକ୍ତ କରନ୍ତୁ)
କିଶାନ କ୍ରେଡିଟ କାର୍ଡ / ଜମି ଖତିଆନର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଚାଷୀ ପ୍ରମାଣ ପତ୍ର / ଚଳନ୍ତି ଖଜଣା ପାଉତିର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଜମି ପାସ ବହି / ଲିଜ ଜମିର ପ୍ରମାଣ ପତ୍ରର ନକଲ / ଅନ୍ୟ ପ୍ରମାଣ ପତ୍ର

ମୁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଏହାର ସତ୍ୟାସତ୍ୟ ପାଇଁ ମୁ ଦାୟୀ ଅଟେ ।

ତାରିଖ ଚାଷୀଙ୍କ ସ୍ୱାକ୍ଷର:

ଉପରୋକ୍ତ ଘୋଷଣାନାମାକୁ ମୁଁ ନିମ୍ନୋକ୍ତ କାରଣ ପାଇଁ ସହମତି / ଅସହମତି ପ୍ରକାଶ କରୁଅଛି ।

ନୋଡାଲ୍ ଅଧିକାରୀଙ୍କ ସ୍ୱାକ୍ଷର:
ନାମ ଓ ପଦବୀ:

ବି.ଦ୍ର. : ପ୍ରଯୁଜ୍ୟ ହେଉନଥିବା କାରଣକୁ ଗାର ପକାଇ କାଟିଦିଅନ୍ତୁ ।

DSPL-342
39001/13/0007/1819

ମନେ ରଖନ୍ତୁ, ସବୁଜ ଫର୍ମ ପାଇବା ପାଇଁ କୌଣସି ମଧ୍ୟସ୍ଥିଙ୍କୁ ଅର୍ଥ ଦେବା ଆବଶ୍ୟକ ନୁହେଁ। ଏହି ଫର୍ମକୁ ଆପଣ ସହଜରେ ପୂରଣ କରିପାରିବେ ଏବଂ ସମ୍ପୂର୍ଣ୍ଣ ଫର୍ମକୁ ନିଜେ ସବୁଜ ଡ୍ରପ୍ ବକ୍ସରେ ପକାଇବେ।

**ସବୁଜ ଫର୍ମ ନ ମିଳିବା ସ୍ଥିତିରେ ଆପଣ:**
- ଏହି ବିଜ୍ଞାପନ ପୃଷ୍ଠାକୁ ଜେରକ୍ସ କରି, ବ୍ୟବହାର କରିପାରିବେ।
- www.kalia.co.in ୱେବ୍‌ସାଇଟ୍‌ରୁ ଆପଣ ସବୁଜ ଫର୍ମ ଡାଉନ୍‌ଲୋଡ ପରେ ପ୍ରିଣ୍ଟ କରି ବ୍ୟବହାର କରିପାରିବେ।
- ଅନ୍ୟ କାହାର ଖାଲି ସବୁଜ ଫର୍ମ ମଧ୍ୟ ଜେରକ୍ସ କରି ବ୍ୟବହାର କରିପାରିବେ।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

■ ପଞ୍ଚାମୁଣ୍ଡାଇ ଭେଣ୍ଡିଂ ଜୋନ

# କ୍ୟାବିନ କିଣାରେ ଦୁର୍ନୀତି ଅଭିଯୋଗ

ପଞ୍ଚାମୁଣ୍ଡାଇ,୧୧।୧ (ସ୍ୱ.ପ୍ର)

ପଞ୍ଚାମୁଣ୍ଡାଇ ପୌରାଞ୍ଚଳ ଅଧୀନ ସେସୁ ଅଫିସ ନିକଟରେ କରାଯାଇଥିବା ଭେଣ୍ଡିଂ ଜୋନରେ ଉଠା ଦୋକାନୀମାନଙ୍କୁ ଯୋଗାଇ ଦିଆଯାଇଥିବା କ୍ୟାବିନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଫଳରେ ଏହି କ୍ୟାବିନର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଯେ, ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ପଞ୍ଚାମୁଣ୍ଡାଇ ବଜାର ରାସ୍ତା ପାର୍ଶ୍ୱରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା । ପରେ ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ପାଇଁ ୨୦୧୩ ମସିହାରେ ଭେଣ୍ଡିଂ ଜୋନ୍ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଏ ଦିଗରେ ବିଳମ୍ବ ହେବାରୁ ଉଠା ଦୋକାନୀ ସଂଘ ପକ୍ଷରୁ ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ଗଣଧାରଣା ଓ ଆନ୍ଦୋଳନ କରାଯିବା ସହ ଏକ ତାଲିକା ପ୍ରସ୍ତୁତ କରାଯାଇ ପୌର କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଉଠା ଦୋକାନୀମାନଙ୍କୁ ଥଇଥାନ କରିବା ନିମନ୍ତେ ସ୍ଥାନୀୟ ସେସୁ ଅଫିସ ନିକଟରେ ଭେଣ୍ଡିଂ ଜୋନ କରିବା ପାଇଁ ସ୍ଥାନ ଚୟନ କରାଯାଇଥିଲା । ଏହାପରେ ଗତବର୍ଷ ଅଗଷ୍ଟ ୩୧ ତାରିଖରେ ଲୁହା


୪ ମାସ ନ ପୂରୁଣୁ କ୍ୟାବିନରେ କଳଙ୍କି ଲାଗି କଣା ହୋଇଯାଇଛି।

ଚାଦରରେ ନିର୍ମିତ ୬୦ଟି କ୍ୟାବିନ୍ ଏହି ସ୍ଥାନରେ ସ୍ଥାପନ କରାଯାଇଥିଲା। କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀଙ୍କ ନାମଫଳକ ଲଗାଯାଇଥିବା ଏହି ଭେଣ୍ଡିଂ ଜୋନକୁ ପୌରାଧ୍ୟକ୍ଷା ବୈଜୟନ୍ତୀମାଳା ଲେଙ୍କା ଉଦ୍‌ଘାଟନ କରିଥିଲେ । ତେବେ ୩୭ ଲକ୍ଷ ୩୪ ହଜାର ୮୪୪ ଟଙ୍କା ବ୍ୟୟ ଅଟକଳରେ କରାଯାଇଥିବା ଅଧିକାଂଶ ଲୁହା କ୍ୟାବିନ ୪ ମାସ ମଧ୍ୟରେ କଳଙ୍କି ଲାଗି ଏବେ ଫୁଟିଯିବା ଦେଖିବାକୁ ମିଳିଛି। କ୍ୟାବିନର ବିଭିନ୍ନ ପାର୍ଶ୍ୱ ସହ ତଳ ପାଖ କଳଙ୍କିରେ ଫୁଟି ଯାଇଛି । ଲଟେରୀରେ ଏହି କ୍ୟାବିନ ୩୦ ଜଣ ପାଇଛନ୍ତି । ସେମାନଙ୍କ ମଧ୍ୟରୁ ସୁଶାନ୍ତ ରାୟ, ନାରାୟଣ ସାହୁ, ଏସ.କେ. ଅଖତାର୍ ଅଲ୍ଲୀ, ଗୌରାଙ୍ଗ ସାହୁ, ଏସ.କେ. ଇସମାଇଲ୍, ଶ୍ରୀବସ୍ତ ଦାସ, ରଞ୍ଜିତ ବିଶ୍ୱାଳ, ଗୋଲେଖ ଗିରି ପ୍ରମୁଖ କହିଛନ୍ତି ଯେ, ଗତ ୪ମାସ ଭିତରେ ଲୁହା କ୍ୟାବିନରେ କଳଙ୍କି ଲାଗି ବିଭିନ୍ନ ସ୍ଥାନରେ ଫୁଟି ଗଲାଣି । ଫୁଟା କ୍ୟାବିନରେ ବେପାର କରିବା ନିରାପଦ ନୁହେଁ । ଏଠାରେ କେହି ଜଗୁଆଳି ନ ଥିବା ବେଳେ ରାତିରେ କ୍ୟାବିନ ଭାଙ୍ଗି ଜିନିଷପତ୍ର ସହ ଟଙ୍କା ପଇସା ଚୋରି ହେବାର ଆଶଙ୍କା ରହିଛି । ସୂଚନାଯୋଗ୍ୟ ଯେ, ଗୋଟିଏ କ୍ୟାବିନ ପିଛା ୫୮ହଜାର ୩୫୬ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ତାହା ୪ ମାସ ଭିତରେ କଳଙ୍କି ଲାଗିଯିବା ସମସ୍ତଙ୍କୁ ଚକିତ କରିଛି । କଳଙ୍କି ଲାଗି କ୍ୟାବିନ ଫୁଟି ଯିବା ଖବର ପାଇ ପୌର କର୍ତ୍ତୃପକ୍ଷ ଏଥିରେ ରଙ୍ଗ ଲଗାଇ ମରାମତି କରିବା ଘଟଣାକୁ ସାଧାରଣ ଲୋକେ ତଥା ଉଠା ଦୋକାନୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ଭେଣ୍ଡିଂ ଜୋନ ପାଇଁ ଲୁହା କ୍ୟାବିନ କିଣାରେ ବ୍ୟାପକ ଦୁର୍ନୀତି ହୋଇଛି। ବୈଷୟିକ କମିଟି ଦ୍ୱାରା ଏହାର ଯାଞ୍ଚ କରାଯିବାକୁ ଆନ୍ତର୍ଜାତିକ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପ୍ରତାପ ପାଢୀ କହିଛନ୍ତି। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ କହିଥିଲେ ଯେ , ଏହି କାର୍ଯ୍ୟ ମୋ ସମୟରେ ହୋଇନାହିଁ। ତେବେ ଟେଣ୍ଡର ମାଧ୍ୟମରେ ଜଣେ ଠିକାଦାର ଲୁହା କ୍ୟାବିନଗୁଡିକ ଯୋଗାଇଛନ୍ତି । କ୍ୟାବିନଗୁଡିକର ମାନ ଯାଞ୍ଚ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି ସ୍ୱାଇଁ କହିଛନ୍ତି ।

# ବାଇକ୍ ପାଇଁ ବଧୂହତ୍ୟା ଅଭିଯୋଗ

ମହାକାଳପଡ଼ା, ୧୧।୧ (ଡି.ଏନ୍.ଏ.)

ମହାକାଳପଡ଼ା ଥାନା ଅଧୀନ ଜାଲକଣା ଗ୍ରାମର ନବବଧୂ ହରପ୍ରିୟା(୨୪)ଙ୍କୁ ଶାଶୁଘର ଲୋକେ ଯୌତୁକ ପାଇଁ ହତ୍ୟା କରିଥିବା ତାଙ୍କ ବାପା ବାଲିସାହି ଗ୍ରାମର ବିଦ୍ୟାଧର ନାୟକ ଶୁକ୍ରବାର ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ୨୦୧୭ ଜୁଲାଇ ୭ତାରିଖରେ ହରପ୍ରିୟାଙ୍କ ସହ ଜାଲକଣା ଗ୍ରାମର ଗୌରାଙ୍ଗ ପାଇଟାଳଙ୍କ ପୁଅ ହିମାଦ୍ରୀ(୨୬)ଙ୍କ ବିବାହ ହୋଇଥିଲା। ବାହାଘରର ୨ମାସ ପରେ ଶାଶୁ ଘର ଲୋକେ ଯୌତୁକ ଦାବି କରି ହରପ୍ରିୟାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ବାହାଘର ବେଳେ ଶାଶୁଘର ଲୋକଙ୍କ କହିବା ମୁତାବକ ସମସ୍ତ ଯୌତୁକ ଜିନିଷ ଦିଆଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଏକ ବାଇକ୍ ଆଣିବା ପାଇଁ ଶାଶୁ, ଶ୍ୱଶୁର ଓ ଅନ୍ୟମାନେ ହରପ୍ରିୟାଙ୍କୁ କହିଥିଲେ। ଏ ନେଇ ଘରେ ବହୁ ସମୟରେ କଳି ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ସକାଳେ ହରପ୍ରିୟାଙ୍କୁ ଶାଶୁଘର ଲୋକେ ମାରିଦେବା ନେଇ ଧମକ ଦେଇଥିବା ସେ ବାପଘର ଲୋକଙ୍କୁ ଫୋନ୍ ଯୋଗେ କହିଥିଲେ। ଫୋନ୍ ପାଇ ଶାଶୁଘରେ ପହଞ୍ଚିବା ବେଳକୁ ଶାଶୁଘର ଲୋକେ ହରପ୍ରିୟାଙ୍କୁ ହତ୍ୟା କରି ଫ୍ୟାନ୍‌ରେ ଟାଙ୍ଗି ଦେଇଥିବା ବିଦ୍ୟାଧର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶାଶୁ ପ୍ରତିମା, ଶ୍ୱଶୁର ଗୌରାଙ୍ଗ ଓ ଦେଢ଼ଶୁର ମନୋରଞ୍ଜନଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ୫/୧୯ ନଂ.ରେ ଏକ ମାମଲା ରୁଜୁ ହୋଇଛି।

**INDIAN RAILWAYS**

**ପୂର୍ବ ତଟ ରେଳପଥ**

**'ଇ' କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/21, ତା.08.01.2019ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ www.ireps.gov.in (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍(Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।

PR-427/J/18-19 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**ଗୃହ ଆବଶ୍ୟକ**

ବ୍ୟାଙ୍କ ଏହାର ବର୍ତ୍ତମାନର ଶାଖା ସ୍ଥାନାନ୍ତର କରିବା ନିମନ୍ତେ ୧୦୦୦ ବର୍ଗଫୁଟ କାର୍ପେଟ୍ ଏରିଆ ବିଶିଷ୍ଟ ନିମ୍ନଲିଖିତ ସ୍ଥାନରେ ଭଡା ସୂତ୍ରରେ ଗୃହ ଆବଶ୍ୟକ କରୁଅଛି । ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ।

| କ୍ର.ନଂ. | ଶାଖାର ନାମ | କେଉଁଥି ପାଇଁ ଗୃହ ଆବଶ୍ୟକ | କାର୍ପେଟ୍ ଏରିଆ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|
| ୧. | କୋକଲବା | ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ୧୦୦୦ ବର୍ଗଫୁଟ | ସା/ପୋ.: କୋକଲବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, ୩/୧-ବି, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫** ରୁ ସଂଗ୍ରହ କରିପାରିବେ କିମ୍ବା କୋକଲୋବା ଶାଖାରୁ କିମ୍ବା ଆମର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ। ଇଚ୍ଛୁକ ପକ୍ଷମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଜଉମୁଦ ଦିଆ ଲଫାପାରେ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ: **୩୦.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା।**

ତାରିଖ: ୧୧.୦୧.୨୦୧୯ — ଉପ-ମହାପ୍ରବନ୍ଧକ

# ମାର୍ଶାଘାଇ ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ

ମାର୍ଶାଘାଇ,୧୧।୧(ଡିଏନଏ)

ଶୁକ୍ରବାର ମାର୍ଶାଘାଇ ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ ରାଜୀବଗାନ୍ଧୀ ସେବାକେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ସୀତାଲତା ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେଶନରେ ପ୍ରଥମରୁ ପୂର୍ବ ବିବରଣୀରେ ଯାହା ଗୃହୀତ ହୋଇଥିଲା ତାହା କାର୍ଯ୍ୟକାରୀ ହୋଇ ନ ଥିବାରୁ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ୮ ମାସ ପରେ ଏହି ଅଧିବେଶନ ବସିଥିଲେ ମଧ୍ୟ ଶିକ୍ଷା,ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଅନୁପସ୍ଥିତ ରହିଥିବାରୁ ମଣିକୁଣ୍ଡା ସରପଞ୍ଚ ପ୍ରତାପ ରାଉତ, ସମିତି ସଭ୍ୟ ଜ୍ଞାନରଞ୍ଜନ ବସନ୍ତିଆ, କରିଲୋପାଟଣା ସମିତି ସଭ୍ୟ ଅନ୍ନଦା ପ୍ରସାଦ ତ୍ରିପାଠୀ,ମାର୍ଶାଘାଇ ସମିତି ସଭ୍ୟ ନିଗମ ପ୍ରସାଦ ରଥ ହଙ୍ଗାମା କରିଥିଲେ। ଶିକ୍ଷକ ବଦଳି ଯୋଗୁ ବ୍ଲକ ଅଞ୍ଚଳରେ ବିଦ୍ୟାଳୟରେ ପାଠ ପଢା ବ୍ୟାହତ ହେଉଛି । ତେବେ ଏହି ବୈଠକରେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ଅନୁପସ୍ଥିତ ଥିବାରୁ ଏବିଇଓ ପ୍ରିୟମ୍ବଦା ନନ୍ଦ ଶିକ୍ଷକ ବଦଳି ସଂପର୍କରେ ଉତ୍ତର ଦେଇ ପାରି ନ ଥିଲେ। ପୂର୍ବ ଅଧିବେଶନରେ ହୋଇଥିବା ଅଭିଯୋଗର କୌଣସି ସମାଧାନ ହୋଇ ନ ଥିବାରୁ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ସଭ୍ୟାସଭ୍ୟମାନଙ୍କ ଅସନ୍ତୋଷ ଦୂର କରିବା ପାଇଁ ଅଧ୍ୟକ୍ଷା ହସ୍ତକ୍ଷେପ କରି ସମସ୍ତଙ୍କ କଥା ବୁଝିବେ ବୋଲି କହିଥିଲେ। ଲଘୁଚାପଜନିତ ବର୍ଷା ,ତିତିଲି ବାତ୍ୟାରେ କ୍ଷତିଗ୍ରସ୍ତ ପରିବାର ଏ ପର୍ଯ୍ୟନ୍ତ ପଲିଥିନ ଖଣ୍ଡିଏ ପାଇ ପାରି ନାହାନ୍ତି ବୋଲି ମଣିକୁଣ୍ଡା ସରପଞ୍ଚ ପ୍ରତାପ ରାଉତ କହିବାରୁ ସେମାନଙ୍କୁ ଖୁବଶୀଘ୍ର ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷା କହି କାଳିଆ ଯୋଜନା ସଂପର୍କରେ ଆଲୋଚନା କରିବାକୁ ଏବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଳ୍ପ ଦିନ ପୂର୍ବେ ତାଲିମ ପାଇଥିବା ଏବିଡିଓ ଦୀର୍ଘ ସମୟ ଧରି କାଳିଆ ଯୋଜନା ସଂପର୍କରେ ଆଲୋଚନା କରିଥିଲେ। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ହୋଇଥିବାରୁ ସଦସ୍ୟାସଦସ୍ୟମାନେ କାଳିଆ ଯୋଜନା ସଂପର୍କିତ ଆଲୋଚନାକୁ ଶୁଣିଥିଲେ। ଏହି ସମୟରେ କିଛି ସଦସ୍ୟ ହୋହଲ୍ଲା କରୁଥିଲେ ବି କାଳିଆ ଆଲୋଚନା ସେ ସବୁକୁ ଚପାଇ ଦେଇଥିଲା। ବିଡିଓ ସୁବାଦାର ପ୍ରଧାନ, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ,ଗଣେଶ ଚନ୍ଦ୍ର ସାମଲ,ଉପାଧ୍ୟକ୍ଷା ମମତା ପ୍ରଧାନ,ମାର୍ଶାଘାଇ ସରପଞ୍ଚ ସରିତା ପ୍ରଧାନ,ଦୁମୁକା ସରପଞ୍ଚ ସତ୍ୟ ନାରାୟଣ ନାୟକ,ମେହେନ୍ଦିନଗର ସରପଞ୍ଚ ରବିନ୍ଦ୍ର ପଣ୍ଡାଙ୍କ ସମେତ ସମସ୍ତ ସରପଞ୍ଚ ,ସମିତି ସଭ୍ୟାସଭ୍ୟ ,ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର କାନୁନ୍‌ଗୋ,କନିଷ୍ଠ ଯନ୍ତ୍ରୀ ପ୍ରଦୀପ ପରିଡା, ପ୍ରଦୀପ ସାମନ୍ତରାୟ, ରମାକାନ୍ତ ବେହେରା,ଜିପିଓ ନିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୧ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୧।୧(ଡିଏନଏ)

ଶୁକ୍ରବାର ସନ୍ଧ୍ୟାରେ ବନବିଭାଗ ପାଟ୍ରୋଲିଂ ଟିମ୍ ଭିତରକନିକା ସଂଲଗ୍ନ ଗହୀରମଥା ନିଷିଦ୍ଧାଞ୍ଚଳରୁ ବେଆଇନ ଭାବେ ମାଛ ମାରୁଥିବା ଗୋଟିଏ ଟ୍ରଲର ଜବତ କରିବା ସହ ୮ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି । ଟ୍ରଲରରୁ ୭ କୁଇଣ୍ଟାଲ ମାଛ ଜବତ ହୋଇଛି। ଗହୀରମଥା ଅତିରିକ୍ତ ବନ ସଂରକ୍ଷକ ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କ ନେତୃତ୍ୱରେ ପାଟ୍ରୋଲିଂ ଟିମ୍ ବାବୁବାଲୀ ଦୀପ ନିକଟରୁ ବଳରାମଗଡି ଅଞ୍ଚଳର ଏକ ଟ୍ରଲର ଜବତ କରିଥିଲେ । ଶନିବାର ଗିରଫ ମତ୍ସ୍ୟଜୀବୀଙ୍କୁ କୋର୍ଟ ଚାଲାଣ କରାଯିବ ।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୫-୨୦୧୮-୧୯, (୨) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୭-୨୦୧୮-୧୯, ତାରିଖ: ୧୦।୦୧।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ଲାଗି ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା, କାର୍ଯ୍ୟର ଆନୁମାନିକ ମୂଲ୍ୟ, ଅମାନତ ରାଶି ନିମ୍ନ ଅନୁଯାୟୀ ହେବ: (୧)** ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ବଡି ୱାଶିଂ, ଅଭ୍ୟନ୍ତର ସଫେଇ, ଭୋଲ୍‌ସ୍ ଫିଲ୍ଟର୍ ସଫେଇ ଏବଂ ଫିଟ୍‌ମେଣ୍ଟ ଗ୍ରେଟିଂ ଓପନିଂ, ବ୍ଲୋଇଂ ତଥା ଗ୍ରେଟିଂ, ₹୬୪,୪୧,୦୦୦/-, ₹୧,୨୮,୮୨୦/-। (୨) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ହିଟାଚି ଟ୍ରାକ୍ସନ୍ ମୋଟରର ଆର୍ମାଚର୍ ଶାଫ୍ଟ ସଂଶୋଧନ, ₹୧,୮୮,୨୫୪.୮୦, ₹୩,୮୦୦/- । **ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୧।୦୨।୨୦୧୯ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍‌ର ସବିଶେଷ ବିବରଣୀ ଓ ସୂଚନା: ପ୍ରତ୍ୟେକ କାର୍ଯ୍ୟ ପାଇଁ http://www.ireps.gov.in। ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। PR-989

**State Level Flower Show, 2019**
**Botanic Gardens (Ekamrakanan)**
**Regional Plant Resource Centre, Nayapalli, Bhubaneswar**
**12th - 13th January, 2019**
**(9 AM to 7 PM)**

ENTRY TO GARDEN FREE

FREE PARKING INSIDE GARDEN

*Organised by :*

**Regional Plant Resource Centre, Bhubaneswar**

*in collaboration with*

PLANT LOVERS' ASSOCIATION

**Plant Lovers' Association, Bhubaneswar**

*Supported by :*

नालको NALCO

&

**Directorate of Horticulture, Odisha**

**OFFICE OF THE**
**SUPERINTENDING ENGINEER, RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School Near Income Tax Office, Berhampur-760011)**
**E-Mail:- serwbpr2004@yahoo.com Tel/FAX:- 0680-2404287**
**NATIONAL COMPETITIVE BIDDING THROUGH "e"-Procurement**
**ADB Assisted PMGSY Packages**
**Identification No. Online Tender/32-2018-19/PMGSY(ADB)/BPR**
**ADB// 105 // RWC // BAM // Dated. 08.01.2019**

**No.1354-O:-** Superintending Engineer, Rural Works Circle, Berhampur on behalf of the employer invited online item rates bids from eligible bidders for Construction of Road and C.D. works including maintenance for 5 years of Rural Roads [RCIP-2 Tr-I (2017-18) Batch-I] under Pradhan Mantri Gram Sadak Yojana (ADB Rural Connectivity investment programme).

**Period of Availability of tenders online :- The details are as below.**

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works Circle, Berhampur | Online Tender / 32-2018-19 / PMGSY(ADB)/BPR | 01 (One) | 16.01.2019 at 11.00 A.M. | 30.01.2019 at 3.00 P.M. |

One PDF file is created under Cover-II i.e. Envelope for Financial Bid with the heading "Letter of Financial Bid" and "Summary of Bill of Quantities". The Bidder will upload "Letter of Financial Bid" and "Summary of Bill of Quantities" in PDF format with their Bid as per requirement of SBD.

**Key dates are:**

1. Submission of Original Bid Security Instrument, Bid Submission Fee & Original Affidavit : From 21.01.2019 at 11.00 A.M. to 30.01.2019 at 3.30 P.M.
2. Opening of "Bid Security" (Bid Security Instrument, Bid Submission fee & Original Affidavit) & Technical Bid : 30.01.2019 at 3.30 P.M.
3. Opening of Financial Bid : 04.02.2019 at 11.00 A.M.

Detailed NIB, other details and corrigendum if any can be viewed on website www.pmgsytenders.gov.in
The Original EMD, DD towards paper cost, Affidavit regarding Correctness in a sealed cover shall be physically furnished by the tenderer in original before the Procurement Officer (Superintending Engineer, R.W.Circle, Berhampur) within the specified period as mentioned in the NIT, otherwise his tender will entail rejection and blacklist of his Licence.

**25071/11/0049/1819** **Sd./- Superintending Engineer, R.W.Circle, Berhampur**

See Career Appointment on every Wednesday & Saturday

**ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରିହାବିଲିଟେସନ୍ ଟ୍ରେନିଙ୍ଗ୍ ଓ ରିସର୍ଚ୍ଚ**

**ଓଲଟପୁର, ବାଇରୋଇ, କଟକ, ଓଡ଼ିଶା - ୭୫୪୦୧୦, ଫୋନ ନଂ.୦୬୭୧-୨୮୦୫୫୫୨**

**ନୋଟିସ**

ଏତଦ୍ୱାରା ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ତୁମ୍ଭମାନଙ୍କୁ କୋର୍ଟ ସହାୟତାରେ ଓ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ କେସ୍‌ର ନୋଟିସ୍ ପଠାଯାଇଥିଲା। କିନ୍ତୁ ତୁମ୍ଭେ ବିଭିନ୍ନ କାରଣ ଦର୍ଶାଇ ସେ ନୋଟିସ ଗ୍ରହଣ ନ କରିବାରୁ ତାହା ଫେରସ୍ତ ଆସିଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ତୁମ୍ଭମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସରେ ତା୩୧।୦୧।୨୦୧୯ରିଖ ଦିବା ୧୨ ଘଟିକା ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି।

ତେଣୁ ଆପଣ ନିଜେ ବା ନିଜର ଓକିଲ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ, ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ତଦଦ୍ୱୀର କରିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ। ଉକ୍ତ ନୋଟିସ୍ ଅତିରିକ୍ତ କମିଶନର (ଏସ୍ ଓ ଜି) ଙ୍କ ଆଦେଶ କ୍ରମେ ବିଜ୍ଞାପନ କରାଗଲା।

| କ୍ରମିକ ନଂ. | ଚକବନ୍ଦୀ କେସ୍ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା | ଜମିର ବିବରଣୀ |
|---|---|---|---|
| ୦୧. | ୨୯୮/୨୦୦୬ ପ୍ରତିବାଦୀ ଉଷା ଜେନା ଓ ଓଗେର | ୦୧. ଉଷା ଜେନା, ପିତା ନଟ ଜେନା, ୦୨. କୁଣି ଜେନା, ପିତା ନଟ ଜେନା ଓଲଟପୁର, ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୬, ପ୍ଲଟ ନଂ.- ୧୮୨, ରକବା ଏ୦.୦୬ ଡି., ବନ୍ଦୋବସ୍ତ ଖାତା ନଂ.- , ପ୍ଲଟ ନଂ.- ୧୬୮, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ. ୧୯୯ (ପି) ରକବା ଏ୦.୦୬ ଡି ରେ ମୋକଦ୍ଦମା ହୋଇଅଛି। |
| ୦୨. | ୩୦୨/୨୦୦୬ ପ୍ରତିବାଦୀ ନରେଶ ନନ୍ଦ ଓ ଓଗେର | ୦୧. ନରେଶ ନନ୍ଦ, ପିତା ⁄ନରହରି ନନ୍ଦ, ସା./ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା- କଟକ, ଚକ ଖାତା ନଂ.- ୧୫୨, ପ୍ଲଟ ନଂ.-୧୪୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.-୧୪୯, ପ୍ଲଟ ନଂ.- ୧୨୦, ସାବିକ ଖାତା ନଂ.- ୧୪୭, ପ୍ଲଟ ନଂ.୧୦୨ରେ ମୋକଦ୍ଦମା ହୋଇଅଛି। |
| ୦୩. | ୩୦୧/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା ⁄ନନ୍ଦ ଜେନା, ସା./ପୋ.ଅ/ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୭, ପ୍ଲଟ ନଂ.- ୧୭୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.- ୨୬୭, ପ୍ଲଟ ନଂ.- ୧୬୪, ସାବିକ ଖାତା ନଂ.- ୧୩୭/୩୬, ପ୍ଲଟ ନଂ.- ୧୯୯ (ପି)ରେ ମୋକଦ୍ଦମା ହୋଇଅଛି। |
| ୦୪. | ୩୦୦/୨୦୦୬ ପ୍ରତିବାଦୀ ବନମାଳୀ ନାୟକ ଓ ଓଗେର | ୦୧. (କ) ବନମାଳୀ ନାୟକ, ପିତା ⁄ଟିମା ନାୟକ, ସା.ପୋ.ଅ., ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୩୩, ପ୍ଲଟ ନଂ.- ୧୭୫, ରକବା ଏ୦.୩୪ଡି., ବନ୍ଦୋବସ୍ତ ଖାତା ନଂ.୧୬୧, ପ୍ଲଟ ନଂ.-୧୬୦, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୫. | ୨୯୭/୨୦୦୬ ପ୍ରତିବାଦୀ ଡା. ଅନ୍ନପୂର୍ଣ୍ଣା ମିଶ୍ର ଓ ଓଗେର | ୦୧. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୧. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୧. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୧. (ଘ) ପ୍ରାଣନାଥ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୧. (ଙ) ପ୍ରଦୀପ୍ତ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୧. (ଚ) ଡା.ଅଜୟ କୁମାର ମିଶ୍ର, ପିତା ⁄ବିଜୟରାମ ମିଶ୍ର କ୍ରମିକ ନଂ. ୧ (କ) ରୁ (ଚ) ସା.,ପୋ.,ଅ., ଥାନା, ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୫୫, ପ୍ଲଟ ନଂ.- ୩୧୪, ରକବା ଏ.୦.୩୫ଡି., ପ୍ଲଟ ନଂ.- ୨୯୫, ରକବା ଏ ୦.୨୪ଡି (ପି) ପ୍ଲଟ ନଂ.- ୩୨୩, ରକବା ଏ୦.୦୪ଡି., ବନ୍ଦୋବସ୍ତ ଖାତା ନଂ.- ୩୫୬, ପ୍ଲଟ ନଂ.- ୧୨୭, ପ୍ଲଟ ନଂ.- ୧୨୪, ସାବିକ ଖାତା ନଂ.- ୨୩୭, ପ୍ଲଟ ନଂ.- ୨୦୫ (ପାର୍ଟ) ରକବା ଏ୦.୫୯ଡି., ଖାତା ନଂ.- ୯୪, ପ୍ଲଟ ନଂ.- ୨୦୬ (ପାର୍ଟ), ରକବା ଏ୦.୦୪ଡି. ରେ ମୋକଦ୍ଦମା ହୋଇଅଛି। |
| ୦୬. | ୨୯୯/୨୦୦୬ ପ୍ରତିବାଦୀ ରବି ନାୟକ ଓ ଓଗେର | ୦୧. (କ) ରବି ନାୟକ, ପିତା ⁄ଝରି ନାୟକ, ୦୧. (ଖ) କବି ନାୟକ, ପିତା ⁄ ଝରି ନାୟକ ସା., ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୨୯, ପ୍ଲଟ ନଂ.-୩୦୪, ରକବା ଏ୦.୦୭ଡି., ପ୍ଲଟ ନଂ.- ୩୦୫, ଏ୦.୨୫ଡି., ବନ୍ଦୋବସ୍ତ ଖାତା ନଂ.- ୧୦୬, ପ୍ଲଟ ନଂ.-୧୩୩ ଓ ୧୩୪, ସାବିକ ଖାତା ନଂ.- ୨୮୬/୨, ପ୍ଲଟ ନଂ- ୨୦୧, ରକବା ଏ୦.୩୨ଡି.ରେ ମୋକଦ୍ଦମା ହୋଇଅଛି। |
| ୦୭. | ୨୯୬/୨୦୦୬ ପ୍ରତିବାଦୀ କେଶବ କାଣ୍ଡି ଓ ଓଗେର | ୦୧. (କ) କେଶବ କାଣ୍ଡି, ପିତା ⁄ମାଗୁଣି କାଣ୍ଡି, ୦୨. (କ) ବୃନ୍ଦାବନ କାଣ୍ଡି, ପିତା ⁄ପ୍ରାଣକୃଷ୍ଣ କାଣ୍ଡି, ୦୩. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୩. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୩. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୩. (ଘ) ପ୍ରାଣନାଥ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୩. (ଙ) ପ୍ରଦୀପ୍ତ ମିଶ୍ର, ପିତା ⁄ବିଜୟରାମ ମିଶ୍ର, ୦୩. (ଚ) ଡା. ଅଜୟ କୁମାର ମିଶ୍ର, ପିତା ⁄ବିଜୟରାମ ମିଶ୍ର, କ୍ରମିକ ନଂ. ୧(କ) ଓ ୨(କ) ସା- ଶିଶୁଆ, ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ। କ୍ରମିକ ନଂ. ୩(କ) ରୁ ୩(ଚ) ପର୍ଯ୍ୟନ୍ତ ସା.,ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର ନଂ.୫୯ ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୦୮, ପ୍ଲଟ ନଂ.-୧୫୮, ରକବା ଏ୦.୧୮ଡି., ବନ୍ଦୋବସ୍ତ ଖାତା ନଂ.- ୨୬୬, ପ୍ଲଟ ନଂ.- ୧୪୦, ସାବିକ ଖାତା ନଂ.- ୨୦୭, ପ୍ଲଟ ନଂ.- ୧୦୫ରେ ମୋକଦ୍ଦମା ହୋଇଅଛି। |
| ୦୮. | ୨୯୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. (କ) କୈଳାସ ଜେନା, ପିତା- ⁄ନନ୍ଦ ଜେନା, ୦୨. (କ) ଅରକ୍ଷିତ ଜେନା, ପିତା- ⁄ ସିନ୍ଧୁ ଜେନା, ୦୨. (ଖ) ଅନୁ ଜେନା, ପିତା- ⁄ସିନ୍ଧୁ ଜେନା, ୦୩. ବାନ ଜେନା, ପିତା ⁄ମହଣି ଜେନା, ୦୪. (କ) ଶୁକ ଜେନା, ପିତା ⁄ମାନ ଜେନା, ୦୪. (ଖ) ହରି ଜେନା, ପିତା- ⁄ମାନ ଜେନା, ୦୪. (ଗ) ବାବୁଲି ଜେନା, ପିତା- ⁄ମାନ ଜେନା, ୫. ବେଣୁ ଜେନା, ପିତା ⁄ ଗନ୍ଧର୍ବ ଜେନା, ୬. କାହ୍ନୁ ଜେନା, ପିତା ⁄ ଗନ୍ଧର୍ବ ଜେନା, ୭. ଅନୁ ଜେନା, ପିତା ⁄ଗନ୍ଧର୍ବ ଜେନା, ୮. ଧରମୁ ଜେନା, ପିତା ⁄ଗନ୍ଧର୍ବ ଜେନା, ୯. ମକ୍ଷି ଜେନା, ପିତା ⁄ଗନ୍ଧର୍ବ ଜେନା କ୍ରମିକ ନଂ. ୧(କ) ରୁ ୯ ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.-୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୯, ପ୍ଲଟ ନଂ.- ୧୭୬ ରକବା ଏ୦.୧୩ଡି., ବନ୍ଦୋବସ୍ତ ଖାତା ନଂ.- ୧୪୭, ପ୍ଲଟ ନଂ.- ୧୫୯, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୯ | ୩୦୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା- ⁄ ବନ୍ଧୁ ଜେନା, ୦୨. ଆଦିକନ୍ଦ ଜେନା, ପିତା ⁄ମଦନ ଜେନା, ୦୩. ପଦ ଜେନା, ପିତା ⁄ ମଦନ ଜେନା, ୦୪. କୈଳାସ ଜେନା, ପିତା ⁄ନନ୍ଦ ଜେନା, ୦୫. (କ) ଅରକ୍ଷିତ ଜେନା, ପିତା ⁄ସିନ୍ଧୁ ଜେନା, ୦୫. (ଖ) ଜଗବନ୍ଧୁ ଜେନା, ପିତା ⁄ସିନ୍ଧୁ ଜେନା, ୦୬. ବାନ ଜେନା, ପିତା ⁄ମହଣି ଜେନା, ୭. (କ) ଶୁକ ଜେନା, ପିତା ⁄ମାନ ଜେନା, ୭. (ଖ) ଭୈରବ ଜେନା, ପିତା ⁄ମାନ ଜେନା, ୦୭ (ଗ) ହରି ଜେନା, ପିତା ⁄ମାନ ଜେନା, ୦୮. ବେଣୁ ଜେନା, ପିତା ⁄ଗନ୍ଧର୍ବ ଜେନା, ୦୯. କାହ୍ନୁ ଜେନା, ପିତା ⁄ଗନ୍ଧର୍ବ ଜେନା, ୧୦. ଅନୁ ଜେନା, ପିତା ⁄ଗନ୍ଧର୍ବ ଜେନା, ୧୧.ଧନୁ ଜେନା ପିତା ⁄ଗନ୍ଧର୍ବ ଜେନା, ୧୨.ମୁକ୍ଷି ଜେନା, ପିତା ⁄ଗନ୍ଧର୍ବ ଜେନା, ୧୩. ବଂଶୀଧର ନାୟକ, ପିତା ⁄ମଗୁ ନାୟକ, ୧୪. ବନମାଳୀ ନାୟକ, ପିତା ⁄ମଗୁ ନାୟକ, ୧୫. ମୁରଲୀ ନାୟକ, ପିତା ⁄ମଗୁ ନାୟକ, ୧୬. (କ) ଗଲୁ ନାୟକ, ପିତା ⁄ସୁରେନ୍ଦ୍ର ନାୟକ, ୧୬. (ଖ) ସଲୁ ନାୟକ, ପିତା ⁄ସୁରେନ୍ଦ୍ର ନାୟକ, କ୍ରମିକ ନଂ.୧(କ) ରୁ ୧୬(ଖ) ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.-୨୮୨, ପ୍ଲଟ ନଂ.- ୧୭୭, ରକବା ଏ୦.୦୮ଡି., ପ୍ଲଟ ନଂ.- ୧୭୪, ରକବା ଏ୦.୨୯ଡି. ବନ୍ଦୋବସ୍ତ ଖାତା ନଂ. ୧୮୯, ପ୍ଲଟ ନାଂ. ୧୬୫ ଓ ୧୬୩, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ ନଂ.୧୯୯(ପି) ରେ ମୋକଦ୍ଦମା ହୋଇଅଛି। |

ସ୍ୱାଃ ନିର୍ଦ୍ଦେଶକ

## ସଂକ୍ଷେପରେ

### ଦୁବାଇରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

ଆଲି, ୧୧।୧ (ଡି.ଏନ୍.ଏ.): ଦୁବାଇକୁ ପାଣିପାଇପ କାମ କରିବାକୁ ଯାଇ ସେଠାରେ ମୃତ୍ୟୁବରଣ କରିଥିବା ଆଲି ଥାନା ଅଧୀନ ରାଧାନଗର ଗ୍ରାମର ଦୁଃଶାସନ ପାତ୍ରଙ୍କ ମୃତଦେହ ଶୁକ୍ରବାର ସନ୍ଧ୍ୟାରେ ତାଙ୍କ ଗ୍ରାମରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ଉଦ୍ୟମକ୍ରମେ ଶୁକ୍ରବାର ପୂର୍ବାହ୍ନରେ ତାଙ୍କ ମୃତଦେହ ଭୁବନେଶ୍ୱରରେ ପହଞ୍ଚିଥିଲା। ସେଠାରୁ ମହାପ୍ରୟାଣ ଗାଡ଼ି ଯୋଗେ ମୃତଦେହକୁ ତାଙ୍କ ଗ୍ରାମକୁ ନିଆଯାଇଥିଲା। ଏହି ସମୟରେ ଆଲି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଓ ଆଲି ଆଇଆଇସି ମହେଶ୍ୱର ସେଠି ଉପସ୍ଥିତ ଥିଲେ। ଦୁଃଶାସନଙ୍କ ସ୍ତ୍ରୀ ସରସ୍ୱତୀଙ୍କୁ ଜିଲା ରେଡକ୍ରସ୍ ପାଣ୍ଠିରୁ ୫ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଦୁଃଶାସନ ଦୁବାଇକୁ ପାଣି ପାଇପ୍ କାମ କରିବାକୁ ଯାଇଥିଲେ। ସେଠାରେ ଗତ ୩୧ ତାରିଖରେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିଲା। ୮ଦିନ ପର୍ଯ୍ୟନ୍ତ ମୃତ ଦେହ ଓଡ଼ିଶା ନଆସି ପାରିବାରୁ ପରିବାର ଲୋକେ ପ୍ରଶାସନର ଦ୍ୱାରସ୍ଥ ହାଇଥିଲେ।

### ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ବୈଠକ

କେନ୍ଦ୍ରାପଡା ଅଫିସ, ୧୧।୧: ଆସନ୍ତା ୨୭ରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ୭୩ତମ ତିରୋଧାନ ଦିବସ। ଏହି ପରିପ୍ରେକ୍ଷୀରେ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ ଗରାପୁରଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି କରୁଣାକର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତିରୋଧାନ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ, ସ୍ମୃତିଚାରଣ ଓ ଆନନ୍ଦ ଜେନାଙ୍କ ଆତ୍ମ ଜୀବନୀ ଉପରେ ପର୍ଯ୍ୟବେସିତ କବିତା ପାଠୋତ୍ସବ କରାଯିବାକୁ ଏଠାରେ ନିଷ୍ପତ୍ତି ହୋଇଥିଲା। ବୈଠକରେ କମିଟି ସଦସ୍ୟ ଓ କର୍ମକର୍ତ୍ତା ପ୍ରଦୀପ କୁମାର ଦାଶ, ରମଣୀରଞ୍ଜନ ରାଉତରାୟ, ସଞ୍ଜୟ କୁମାର ଜେନା, ଧୀରେନ୍ଦ୍ର କୁମାର ଦାସ, ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଅସହାୟଙ୍କୁ କମ୍ବଳ ବଣ୍ଟନ

ମାର୍ଶାଘାଇ,୧୧।୧ (ଡିଏନଏ): ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଗରିବ ଅସହାୟମାନଙ୍କୁ ଚିହ୍ନଟ କରି ସେମାନଙ୍କ ଘର ଘର ବୁଲି ମାର୍ଶାଘାଇର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ସେବା ଟ୍ରଷ୍ଟର ସଦସ୍ୟମାନେ କମ୍ବଳ ବଣ୍ଟନ କରୁଛନ୍ତି। ଏହି ଅବସରରେ ଗୁରୁବାର ମାର୍ଶାଘାଇ ଗ୍ରାମର ବୃଦ୍ଧ ହୁରି ଦାସ(୬୮), କେଞ୍ଚି ବାରିକ(୫୩), କମଳା ଦାସ(୭୧)ଙ୍କ ସମେତ ସଂଗ୍ରାମପୁର ଶାସନ,ମଣିକୁଣ୍ଡା ପ୍ରଭୃତି ଗ୍ରାମର ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।ଏହି କାର୍ଯ୍ୟରେ ସଂଗଠନର ଅଧକ୍ଷ ପ୍ଲାବନ ସ୍ୱାଇଁ,ସଂପାଦକ ବିଶ୍ୱପ୍ରକାଶ କର,ସଦସ୍ୟ ସୂର୍ଯ୍ୟକାନ୍ତ ଷଡଙ୍ଗୀ,ରାଜେଶ ବାରିକ,ଗିରିଜା ଶଙ୍କର ଲେଙ୍କା,ସାଗର ବେହେରା,ଜ୍ୟୋତିଶ୍ରୀ ସ୍ୱାଇଁ,ଆର୍ଯ୍ୟ ନାୟକ,ଲକ୍ଷ୍ମୀଧର ଖଟୁଆ,ଅଞ୍ଜନ ଦାସ,ଦେବଜ୍ୟୋତି ସ୍ୱାଇଁ,ଶିରିଶ ଲେଙ୍କା,ମଣ୍ଟୁ କର ପ୍ରମୁଖ ସାମିଲ ହୋଇଥିଲେ। ଚଳିତବର୍ଷ ସଂଗଠନ ତରଫରୁ ୫୦୦ଜଣଙ୍କୁ କମ୍ବଳ ବଣ୍ଟନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସଂଗଠନ ତରଫରୁ ପ୍ରକାଶ।

■ ୫ ବର୍ଷ ଧରି ଜିଲାରେ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ କ୍ରୟ

# ମଣ୍ଡିରେ ଧାନ ବିକୁଛନ୍ତି ମାତ୍ର ୫ପ୍ରତିଶତ ଚାଷୀ

କେନ୍ଦ୍ରାପଡା ଅଫିସ୍, ୧୧।୧

**କେନ୍ଦ୍ରାପଡ଼ା ଜିଲା**

■ ଅନ୍‌ଲାଇନ୍ ନାମ ପଞ୍ଜୀକରଣ ସମ୍ପର୍କରେ ଜାଣୁନାହାନ୍ତି ଚାଷୀ

■ ସଚେତନତା ଅଭାବ ଯୋଗୁ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି

ଗତ ଡିସେମ୍ବର ୧୫ ତାରିଖରୁ କେନ୍ଦ୍ରାପଡ଼ା ଜିଲାରେ ଚାଷୀଙ୍କଠାରୁ ଖରିଫ ଧାନ କ୍ରୟ କରାଯାଉଛି। ଜିଲାର ୧୧୫ ଧାନମଣ୍ଡିରୁ ଏ ପର୍ଯ୍ୟନ୍ତ ୧୭ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଖରିଫ ଧାନ କ୍ରୟ ହୋଇଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ସୂଚନା ଆଇନ ଅଧିକାରରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ସରକାରୀ ଧାର୍ଯ୍ୟ ଲକ୍ଷ୍ୟଠାରୁ କ୍ରମାଗତ ଭାବେ ୫ବର୍ଷ ଧରି ଧାନ କ୍ରୟ କମ୍ ରହୁଛି। ଏପରିକି ୨୦୧୫-୧୬ ଆର୍ଥିକ ବର୍ଷରେ କେନ୍ଦ୍ରାପଡ଼ା ଜିଲାରେ ମାର୍କଫେଡ୍ ପକ୍ଷରୁ ଧାନ କ୍ରୟରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ରିପୋର୍ଟ ପ୍ରକାଶ ପାଇଛି।

କୃଷି ଭିତ୍ତିକ କେନ୍ଦ୍ରାପଡ଼ା ଜିଲା ଚାଷୀଙ୍କର ଖରିଫ ଓ ରବି ଧାନ ହେଉଛି ମୁଖ୍ୟ ଫସଲ। ଜିଲାର ୩ ଲକ୍ଷ ୧୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ୧ଲକ୍ଷ ୨୪ ହଜାର ହେକ୍ଟର ଜମିରେ ଧାନ ଚାଷ କରୁଥିବା ବେଳେ ଅମଳ ଧାନ ବିକ୍ରୟକୁ ନେଇ ଜିଲାରେ ସମସ୍ୟା ଦେଖାଦେଇଛି। ମଣ୍ଡିରେ ଧାନ ବିକ୍ରି ପାଇଁ ଥିବା ସରକାରୀ ନିୟମାବଳୀ ସମ୍ପର୍କରେ ଜାଣି ପାରୁ ନଥିବାରୁ ଜିଲାର ପ୍ରାୟ ୯୫ ପ୍ରତିଶତ ଚାଷୀ ଏଥିରେ ସାମିଲ ହୋଇପାରୁ ନାହାନ୍ତି।

ଜିଲା ଯୋଗାଣ ବିଭାଗ ଓ ଏଆର୍‌ସିଏସ୍ ପକ୍ଷରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ୨୦୧୩-୧୪ ଆର୍ଥିକ ବର୍ଷରେ ୩,୦୮,୮୨୩ କୁଇଣ୍ଟାଲ ଧାନ କ୍ରୟ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ମାତ୍ର ସେହିବର୍ଷ ମାତ୍ର ୨,୪୫,୪୪୦ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା। ସେହିପରି ୨୦୧୪-୧୫ରେ ଧାର୍ଯ୍ୟ ଲକ୍ଷ୍ୟ ୩,୬୭,୬୪୭ କୁଇଣ୍ଟାଲରୁ ୩,୬୫,୩୨୩ କୁଇଣ୍ଟାଲ, ୨୦୧୫- ୧୬ରେ ଧାର୍ଯ୍ୟ ଲକ୍ଷ୍ୟ ୫,୮୮, ୨୩୫କୁଇଣ୍ଟାଲରୁ ୫,୪୦,୬୬୧ କୁଇଣ୍ଟାଲ, ୨୦୧୬-୧୭ରେ ୬୯୧୧୭୬ରୁ ୬୮୮୨୦୯ କୁଇଣ୍ଟାଲ ଓ ୨୦୧୭- ୧୮ ଆର୍ଥିକ ବର୍ଷରେ ଧାର୍ଯ୍ୟ ଲକ୍ଷ୍ୟ ୬,୧୭,୬୪୭ରୁ ୫, ୭୦,୦୦୭ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ମଣ୍ଡିରେ ଧାନ କ୍ରୟ ନିମନ୍ତେ ଅନ୍‌ଲାଇନ୍ ନାମ ପଞ୍ଜୀକରଣ ସମ୍ପର୍କରେ ଚାଷୀମାନେ ଜାଣି ନ ପାରିବା ଓ ଅନେକ ମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଛନ୍ତି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଚାଷୀଙ୍କଠାରୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୫୦୦ରୁ ୬୦୦ ଟଙ୍କା କମ୍ ଦରରେ ଧାନ କିଣି ମଣ୍ଡିରେ ଦେଉଥିବା ଘଟଣା ମାର୍କଫେଡ ଧାନ କିଣା ଦୁର୍ନୀତିରୁ ସ୍ପଷ୍ଟ ହୋଇଛି। ସେହିପରି ଜିଲାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଥିଲେ ସୁଦ୍ଧା ସରକାରୀ ମଣ୍ଡିରେ ଧାନ ବିକ୍ରି କରିବା ଆଶାନୁରୂପକ ହେଉନାହିଁ। ୨୦୧୪-୧୫ ମସିହାରେ ଜିଲାର ୨୦,୩୯୩ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣ କରିଥିବା ବେଳେ ମାତ୍ର ୧୩,୫୧୮ ଚାଷୀ ଧାନ ବିକ୍ରି କରିପାରିଥିଲେ। ସେହିପରି ୨୦୧୫- ୧୬ ଆର୍ଥିକ ବର୍ଷରେ ପଞ୍ଜୀକୃତ ୨୮୧୧୭ ଚାଷୀଙ୍କ ମଧ୍ୟରୁ ୧୯,୧୩୫, ୨୦୧୬-୧୭ରେ ୨୫,୪୪୧ରୁ ୧୬,୩୬୩ ଓ ୨୦୧୭-୧୮ରେ ୨୯,୭୬୩ରୁ ୧୪,୫୯୬ ଚାଷୀ ମଣ୍ଡିରେ ଧାନ ବିକ୍ରି କରିଥିଲେ। ଏ ସମ୍ପର୍କରେ ଚାଷୀ ବାନାମ୍ବର ସାହୁ କୁହନ୍ତି, ଜିଲାର ମାତ୍ର ୫ ପ୍ରତିଶତ ଚାଷୀ ଧାନ ବିକ୍ରୟରେ ସାମିଲ ହେବା ଚାଷର ଦୁର୍ଗତିକୁ ସ୍ପଷ୍ଟ କରୁଛି। ସେ କହିଛନ୍ତି ଯେ, ଯେଉଁ ହାରରେ ଚାଷୀ ଧାନ ବିକ୍ରୟ ପାଇଁ ଆଗଭର ହେଉଥିଲେ, ୨୦୧୬ ରୁ ଏହା କମିଯାଇଛି। ଡିବିଟି ସହ କେତେଜଣ ରାଜନେତା ଓ ଅସାଧୁ ବ୍ୟବସାୟୀ ଏହାର କାରଣ ବୋଲି ସେ କହିଛନ୍ତି। ଧାନ କ୍ରୟରେ କ୍ରମାଗତ ବିଫଳତା ସମ୍ପର୍କରେ ଜିଲା ଯୋଗାଣ ବିଭାଗ ଅଧିକାରୀ ରଜନୀକାନ୍ତ ଦାସ କୁହନ୍ତି, ପୂର୍ବରୁ ଏ ନେଇ ଯଥେଷ୍ଟ ସଚେତନତା ସୃଷ୍ଟି ହୋଇପାରି ନଥିଲା। ତେବେ ଚଳିତ ବର୍ଷ ଏ ନେଇ ପ୍ରୟାସ ଫଳରେ ୪୧ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଛନ୍ତି ବୋଲି ସେ କହିଛନ୍ତି।

## କାଳିଆ ଯୋଜନା ସଚେତନତା ରଥ ପରିକ୍ରମା




ସଚେତନତା ରଥ ଶୁଭାରମ୍ଭ ବେଳେ ବ୍ଲକ ଅଧକ୍ଷା ସସ୍ମିତା ବରାଳ ଓ ଅନ୍ୟମାନେ।

ମହାକାଳପଡା, ୧୧।୧ (ଡି.ଏନ.ଏ.)

ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ କାଳିଆ ଯୋଜନା ସଚେତନତା ରଥକୁ ଅଧକ୍ଷା ସସ୍ମିତା ବରାଳ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ବିଡିଓ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ବ୍ଲକ ଅଧୀନ ୩୦ ପଞ୍ଚାୟତର ସମସ୍ତ ଅଞ୍ଚଳକୁ ପରିକ୍ରମା କରିଥିଲା। କେବଳ ବଡିଘର ପଞ୍ଚାୟତକୁ ଏହି ରଥ ଯାଇପାରିନ ଥିଲା। ବିଭିନ୍ନ ସ୍ଥାନରେ କାଳିଆ ଯୋଜନା ସମ୍ପର୍କିତ ତଥ୍ୟ ସମ୍ପର୍କରେ ଚଷୀମାନେ ପଚାରି ବୁଝିଥିଲେ।

ସୁଚନାଯୋଗ୍ୟ, ଚାଷୀଙ୍କୁ ସହାୟତା ଯୋଗାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କାଳିଆ ଯୋଜନା ଆରମ୍ଭ ହୋଇଛି। ଏହି ଯୋଜାନାରେ ସହାୟତା ପାଇବା ନିମନ୍ତେ ଆବେଦନ ଫର୍ମ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ମିଳୁଛି। ଗତ ୧୦ ତାରିଖ ଆବେଦନର ଶେଷ ତାରିଖ ଥିବା ବେଳେ ବହୁ ଚାଷୀ ଆବେଦନ କରି ପାରି ନଥିବାରୁ ଏହାର ଅବଧି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି।

## ନୂତନ ଯୋଗାଣ ନିରୀକ୍ଷକଙ୍କୁ ଦାୟିତ୍ୱ ହସ୍ତାନ୍ତର କରା ନ ଯିବାରୁ ଉତ୍ତେଜନା

ଡେରାବିଶ, ୧୧।୧(ସ୍ୱ.ପ୍ର.)

ରାଜ୍ୟରେ ଏକ ନଂ. ପଞ୍ଚାୟତ ସମିତି ଭାବେ କୃତିତ୍ୱ ଅର୍ଜନ କରିଥିବା ଡେରାବିଶ ପଞ୍ଚାୟତ ସମିତି ଅଧୀନ ୨୬ ପଞ୍ଚାୟତରେ ରାଶନ ସାମଗ୍ରୀ ବଣ୍ଟନ ଓ ବିଭିନ୍ନ ସମବାୟ ସମିତିରେ ଧାନକ୍ରୟକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହାକୁ ନେଇ ଶୁକ୍ରବାର ବ୍ଲକ ପରିସରରେ ଉତ୍ତେଜନା ପାଇଥିଲା।

ଗରଦପୁର ଯୋଗାଣ ନିରୀକ୍ଷକ ପ୍ରଦୀପ କୁମାର ଭଞ୍ଜଙ୍କୁ ଡେରାବିଶ ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେ ଠିକ୍ ଭାବେ ଦାୟିତ୍ୱ ତୁଲାଉ ନଥିବା ନେଇ ଅଞ୍ଚଳବାସୀ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏପରିକି ସେ ସପ୍ତାହରେ ମାତ୍ର ୨ଦିନ ଅଫିସ୍ ଆସୁଥିବାରୁ ଡିଲର ପଏଣ୍ଟରେ ଯୋଗାଣ ସାମଗ୍ରୀ ବଣ୍ଟନ ଓ ନୂତନ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନରେ ସମସ୍ୟା ଉପୁଜୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଫଳରେ ମାର୍ଶାଘାଇ ବ୍ଲକ ଯୋଗାଣ ନିରୀକ୍ଷକ ରବୀନ୍ଦ୍ରନାଥ ବେହେରାଙ୍କୁ ଡେରାବିଶ ବଦଳି ପାଇଁ ଜିଲାପାଳ ଦାଶରଥି ଶତପଥୀ ଚିଠି ଯୋଗେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଗତ ତାରିଖରେ ଯୋଗଣ ନିରୀକ୍ଷକ ବେହେରା ଡେରାବିଶରେ ବିଡିଓଙ୍କ ଉପସ୍ଥିତିରେ କର୍ଯ୍ୟରେ ଯୋଗଦେଇଥିଲେ। ମାତ୍ର ପୂର୍ବରୁ ଅତିରିକ୍ତ ଦାୟିତ୍ୱରେ ଥିବା ଗରଦପୁର ଯୋଗଣ ନିରୀକ୍ଷକ ଭଞ୍ଜ ଶୁକ୍ରବାର ପର୍ଯ୍ୟନ୍ତ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର ନ କରିବାରୁ ବହୁ ଚାଷୀଙ୍କ ସମେତ କେତେକ ପଞ୍ଚାୟତ ସରପଞ୍ଚ ଓ ପୂର୍ବତନ ଲୋକପ୍ରତିନିଧିମାନେ ବ୍ଲକ ପରିସରରେ ପାଟି ତୁଣ୍ଡ କରିଥିଲେ। ଏପରିକି ଦାୟିତ୍ୱରେ ଅବହେଳା ଯୋଗୁ ଭଞ୍ଜଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଏ ସମ୍ପର୍କରେ ବିଡିଓ ଗୋପବନ୍ଧୁ ଭୋସାଗର ଓ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସଙ୍କୁ ପଚାରିବାରେ ନୂତନ ଯୋଗାଣ ନିରୀକ୍ଷକ କାର୍ଯ୍ୟରେ ଯୋଗ ଦେଇ ତାଙ୍କ କାର୍ଯ୍ୟଆରମ୍ଭ କରିସାରିଛନ୍ତି ବୋଲି କହିଛନ୍ତି।

■ ଅନ୍ତରଙ୍ଗ କଳାକାର ପରିବାରର ବାର୍ଷିକ ଉତ୍ସବ

## ସାମାଜିକ ବାର୍ତ୍ତାକୁ ହୃଦୟଗ୍ରାହୀ କରେ କଳାକାର

କେନ୍ଦ୍ରାପଡା ଅଫିସ୍, ୧୧।୧




ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ସହରର ଗୋପଠାରେ ଅନ୍ତରଙ୍ଗ କଳାକାର ପରିବାରର ୧୫ ତମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଶିଷ୍ଟ ଯାତ୍ରା ନାଟ୍ୟକାର ତଥା ଅନୁଷ୍ଠାନର ସଭାପତି ହର ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏଥିରେ ବିଜ୍ଞାନୀ ଗୁରୁ ଶ୍ରୀ ସନ୍ତ, ଶିକ୍ଷାବିତ୍ ରଜତ କର, ଖବରଦାତା ଭବାନୀ ପ୍ରସାଦ ମହାପାତ୍ର, ପୁଣ୍ୟ ଉତ୍କଳ ଅଧକ୍ଷ ମନୋରଞ୍ଜନ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟରେ କହିଥିଲେ ଯେ, ଏହି ନାଟକର ସଂଳାପ ମାଧ୍ୟମରେ ଥିବା ସାମାଜିକ ବାର୍ତ୍ତାକୁ ଲୋକଙ୍କ ନିକଟରେ କଳାକାରମାନେ ପହଞ୍ଚାଇଥାନ୍ତି। ଏହି ବାର୍ତ୍ତା ସାମାଜିକ ଜୀବନରେ ସଂସ୍କାର ଆଣିବାରେ ସହାୟକ ହୋଇଥାଏ। ଆନ୍ତରିକତା, ଅନ୍ତରଙ୍ଗତା ଓ ଅଙ୍ଗୀକାରବଦ୍ଧତାକୁ ନେଇ ଏବେ ବି ନାଟ୍ୟଶିଳ୍ପ ବଞ୍ଚିରହିଛି ବୋଲି ଅତିଥିମାନେ କହିଥିଲେ। ଉତ୍ସବ ପ୍ରାରମ୍ଭରେ ଅନୁଷ୍ଠାନର ପୂର୍ବତନ ସଭାପତି ତଥା ନାଟ୍ୟକାର ସ୍ୱର୍ଗତ ଅନନ୍ତ ଓଝାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ନାଟ୍ୟକାର କୈଳାସ ମଲ୍ଲିକ, ଅଭିନେତା ରାଜେନ୍ଦ୍ର କୁମାର ପତି, କାହ୍ନୁଚରଣ ଚଣ୍ଡ, କେଦାର କୁମାର ନାୟକ ଓ ପ୍ରଯୋଜକ ପ୍ରବୀର କୁମାର ବାଣୁଆଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟକାର ଶତରୂପା ମିଶ୍ରଙ୍କୁ ହେ ହୃଷୀକେଶ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଯାତ୍ରାପ୍ରେମୀ ବଳରାମ ଦାସ, ହଳଦିଆପାଟଣାର ଜୟଦୁର୍ଗା ନାଟ୍ୟ ସଂସଦ ଓ ଆଠଗଡର ରାସେଶ୍ୱରୀ ଡ୍ରାମାଟିକ କ୍ଳବକୁ କଳାକ୍ଷେତ୍ରରେ ଉଲ୍ଲେଖନୀୟ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ରାଜ୍ୟସ୍ତରୀୟ ଉତ୍ସବରେ ଯାତ୍ରା ଜଗତର ଦୈତାରୀ ପଣ୍ଡାଙ୍କ ସମେତ ବହୁ ନାମୀ ଦାମୀ କଳାକାର, ନାଟ୍ୟକାର, ଗୀତିକାର, ନିର୍ଦ୍ଦେଶକ ଯୋଗ ଦେଇଥିଲେ। ଶରଣାବିନ୍ଦ ଓଝା, ଉମାକାନ୍ତ ଜେନା, ଭବାନୀପ୍ରସାଦ ଓଝା, ଶଶିକାନ୍ତ ସୁଆର ପ୍ରମୁଖ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଦସ୍ୟଗଣ ସହଯୋଗ କରିଥିଲେ।

## ଇଭିଏମ୍, ଭିଭିପାଟ୍ ସମ୍ପର୍କିତ ସଚେତନତା

ରାଜକନିକା, ୧୧।୧ (ଡି.ଏନ୍.ଏ.)



ଲୋକମାନଙ୍କୁ ଇଭିଏମ୍ ସମ୍ପର୍କରେ ସଚେତନ କରାଯାଉଛି।

ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ରାଜକନିକା ବ୍ଲକ ଅଞ୍ଚଳରେ ଇଭିଏମ୍ ଓ ଭିଭିପାଟ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ପଞ୍ଚାୟତ ଓ ଗ୍ରାମର ଭୋଟରମାନଙ୍କୁ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ଦିଆଯିବ। ଆଗାମି ସାଧାରଣ ନିର୍ବାଚନକୁ ସ୍ୱଚ୍ଛ କରିବା ନିମନ୍ତେ ଇଭିଏମ୍ ମେଶିନ ସହିତ ପ୍ରଥମ କରି ଭିଭିପାଟ୍ ମେସିନ ଲଗାଯିବ। ଏହା ଦ୍ୱାରା ସବୁ ବୁଥ୍‌ରେ ଭୋଟ୍ ଗ୍ରହଣ ହେବାକୁ ଥିବା ବେଳେ ସମସ୍ତ ଭୋଟରମାନଙ୍କୁ ଏ ସମ୍ପର୍କିତ ସଚେତନ କରାଯାଉଛି। ଶୁକ୍ରବାର ରାଜକନିକା ବ୍ଲକ ପ୍ରଶାସନ ପକ୍ଷରୁ ଚରପଡା, ନମତରା ଓ ବାରାହାଦୋମଣ୍ଡା ପଞ୍ଚାୟତର ଭୋଟରମାନଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜକନିକା ବ୍ଲକ କନିଷ୍ଠଯନ୍ତ୍ରୀ ପ୍ରଦୀପ କୁମାର, ପିଇଓ ରଣଜିତ୍ ପରିଡା, ଜିଆରଏସ୍ ସୁବାସ ଚନ୍ଦ୍ର ସାହୁ ଓ ଏଏଫ୍‌ଓ ରମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟିକେଟ କଳାବଜାରୀଙ୍କୁ ଉଠାଇ ନେଲା ରେଲୱେ ପୋଲିସ

କେନ୍ଦ୍ରାପଡା ଅଫିସ, ୧୧।୧

ପୂର୍ବତଟ ରେଳବାଇ ପୋଲିସ ଜିଲାପାଳ କାର୍ଯ୍ୟାଳୟ ପରିସରରେ ଥିବା ରେଲୱେ କାଉଣ୍ଟର ନିକଟରୁ ଜଣଙ୍କୁ ଶୁକ୍ରବାର ଉଠାଇ ନେଇଛି। ସମ୍ପୃକ୍ତ ବ୍ୟକ୍ତି ରେଲୱେ ଟିକେଟ କଳାବାଜରୀ କରୁଥିବା ଅଭିଯୋଗ ହୋଇଥିବା ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ କହିଛନ୍ତି। ସହରର ଦିଲାରପୁର ଅଞ୍ଚଳର ଜନୈକ ବ୍ୟକ୍ତି ଏହି କାଉଣ୍ଟର ନିକଟରେ ରହି ରେଳ ଟିକଟ କଳାବାଜାରୀ କରୁଥିଲା। ଏ ନେଇ ଅଭିଯୋଗ ମିଳିବା ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରେଲୱେ ପୋଲିସ ଧରିଥିଲେ।

## ଅଙ୍ଗନୱାଡି କେନ୍ଦ୍ରରେ ରୋଷେଇ କରୁଛି ୫ ବର୍ଷର ଛାତ୍ରୀ

ରାଜନଗର,୧୧।୧(ଡିଏନଏ)

ଶିଶୁମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ପ୍ରତି ଗାଁରେ ଅଙ୍ଗନୱାଡି କେନ୍ଦ୍ରମାନ ସ୍ଥାପନ କରାଯାଇ ଶିଶୁମାନଙ୍କୁ ଶିକ୍ଷାଦାନ ସହ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ ନିଆଯାଉଛି। ରାଜନଗର ବ୍ଲକର ଏକ ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ପାଚିକା ବଦଳରେ ୫ ବର୍ଷର ଶିଶୁ ରୋଷେଇ କରୁଥିବା ଦେଖିବାକୁ ମିଳିଛି। ଇଶ୍ୱରପୁର ପଞ୍ଚାୟତ ଦିଘି ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଥିବା ଜଣେ ଛାତ୍ରୀ ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ତରକାରୀରେ ଖଡିକା ବୁଲାଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସଂପୃକ୍ତ ଛାତ୍ରୀଙ୍କୁ ପଚାରିବାରୁ, ରୋଷେଇ କରିଥିବା ଦିଦି ଜାଳ ପାଇଁ ଯାଇଥିବାରୁ ତରକାରୀ ଲାଗିଯିବ ବୋଲି ଖଡିକା ବୁଲାଉଥିଲି। ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ଶିଶୁ କାଠ ଚୁଲିରେ ବସିଥିବା ତରକାରୀକୁ ଖଡିକା ମାରି ଗୋଳାଇବା ନେଇ ସାଧାରଣରେ ଉଦ୍‌ବେଗ ସୃଷ୍ଟି ହୋଇଛି। ଅଙ୍ଗନୱାଡି କେନ୍ଦ୍ରର ଦୁଇପଟରେ ପୋଖରୀ ଓ ଗାଡିଆ ଥିବା ବେଳେ ପିଲାମାନଙ୍କୁ ଖୋଲାପଡିଆରେ ବସାଇ ଦିଆଉଥିବା ଦେଖାଯାଉଛି। ଏ ସଂପର୍କରେ ସୁପରଭାଇଜର ଶଶୀରେଖା ତରାଇଙ୍କୁ ପଚାରିବାରୁ ପିଲାଙ୍କୁ ଖଡିକା ଧରାଇବା ଠିକ ନୁହେଁ। ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

■ ପିଅନ ପଦବୀକୁ ନେଇ ହାଇକୋର୍ଟରେ ମାମଲା

## ଗଣଶିକ୍ଷା ବିଭାଗ ସଚିବଙ୍କୁ ହାଜର ହେବାକୁ ନିର୍ଦ୍ଦେଶ

କଟକ ଅଫିସ, ୧୧।୧

କେନ୍ଦ୍ରାପଡ଼ା ଜିଲା ନଇନ୍ଦିପୁର ଉଚ୍ଚ ବିଦ୍ୟାଳୟର ପିଅନ ପଦବୀକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ଗଣଶିକ୍ଷା ବିଭାଗ ସଚିବଙ୍କୁ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ନଇନ୍ଦିପୁର ସ୍କୁଲରେ ପ୍ରମୋଦ ମଲ୍ଲ ନାମକ ଜଣେ ବ୍ୟକ୍ତି ପିଅନ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଏହି ପଦବୀକୁ ସରକାରୀ ଅନୁମୋଦନ ମିଳି ନ ଥିଲା। ଫଳରେ ସେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ସ୍ୟାଟ୍ ଏହି ମାମଲାରେ ତାଙ୍କ ଆବେଦନକୁ ଖାରଜ କରିଦେଇଥିଲେ। ଏହାପରେ ମଲ୍ଲ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମଲ୍ଲଙ୍କ ଆବେଦନର ଶୁଣାଣି କରି ହାଇକୋର୍ଟ ତାଙ୍କ ପଦବୀକୁ ଅନୁମୋଦନ ଦେବା ସହିତ ତାଙ୍କର ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ପାଇଁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗଣଶିକ୍ଷା ବିଭାଗ ଏହାକୁ କାର୍ଯ୍ୟକାରୀ କରି ନ ଥିଲେ। ଫଳରେ ମଲ୍ଲ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ର ଜାନୁୟାରୀ ୧୫ ମଧ୍ୟରେ ମଲ୍ଲଙ୍କୁ ବକେୟା ପ୍ରାପ୍ୟ ଦେବା ପାଇଁ ଆଦେଶ ଦେଇଛନ୍ତି। ନଚେତ ଗଣଶିକ୍ଷା ସଚିବଙ୍କ ସମେତ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକ, କେନ୍ଦ୍ରାପଡ଼ା ଜିଲା ମଣ୍ଡଳ ଅଧିକାରୀ ପ୍ରମୁଖ ବ୍ୟକ୍ତିଗତ ଭାବେ ଖଣ୍ଡପୀଠ ଆଗରେ ଆସନ୍ତା ୧୮ରେ ହାଜର ହୋଇ ଜବାବ ରଖିବାକୁ ଆଦେଶ ଦିଆଯାଇଛି।

## ୮ ବର୍ଷ ପରେ ବି କାର୍ଯ୍ୟକ୍ଷମ ହୋଇପାରିନି କଳାପୋଲ

ମାର୍ଶାଘାଇ,୧୧।୧(ଡିଏନଏ)

ମାର୍ଶାଘାଇ ବ୍ଲକ ଦେଇ ପ୍ରବାହିତ ଶାଖା ଗୋବରୀ ନଦୀ ଉପରେ ଥିବା ଏକ ପୁରାତନ ବିପଦସଙ୍କୁଳ ପୋଲକୁ ଭାଙ୍ଗି ସ୍ଥାୟୀ କଂକ୍ରିଟ ପୋଲ ନିର୍ମାଣ ସରିଛି। ହେଲେ ପୋଲର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କରାଯାଇନାହିଁ। ଏହାଛଡା ଉଭୟ ପାର୍ଶ୍ୱର ଆପ୍ରୋଚ ରୋଡ ଅଧାପନ୍ତରିଆ ହୋଇ ରହିଛି। ଏହି ପୋଲ ନିର୍ମାଣ ହେବାର ୮ ବର୍ଷ ପୁରିବାକୁ ଯାଉଥିଲେ ମଧ ପୋଲଟି ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଏଥିପାଇଁ ମାର୍ଶାଘାଇରୁ କେନ୍ଦ୍ରାପଡା ସହର ଓ ବଳଦେବଜୀଉ ମନ୍ଦିରକୁ ଗମନାଗମନରେ ଅସୁବିଧା ହେଉଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି।

ମାର୍ଶାଘାଇ ବ୍ଲକର ରାମିଆଁଗଞ୍ଜ ଓ ଅଙ୍ଗୁଲାଇ ଗ୍ରାମ ସୀମାରେ ଥିବା ଶାଖା ଗୋବରୀ ନଦୀ ଉପରେ ବ୍ରିଟିଶ ଅମଳରେ ଏକ ପୋଲ ନିର୍ମାଣ କରାଯାଇଥିଲା। ଏହି ପୋଲର ଲୁହା ବାଡରେ କଳାରଙ୍ଗ ଦିଆଯାଇଥିବାରୁ ଏହା କଳାପୋଲ ନାମରେ ପରିଚିତ। କାଳକ୍ରମେ ଏହି ପୋଲ ବିପଦସଙ୍କୁଳ ହୋଇ ପଡିବାରୁ ଯାନବାହନ ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା। ଜନସାଧାରଣଙ୍କ ଦାବି ପରେ ୨୦୧୧ ନଭେମ୍ବର ମାସରେ ତତ୍କାଳୀନ ଶକ୍ତିମନ୍ତ୍ରୀ ତଥା ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣ ପାଇଁ ଶୁଭ ଦେଇଥିଲେ। ଏହି ପୋଲ ନିର୍ମାଣ ପାଇଁ ୨ କୋଟି ୮୯ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ଟେଣ୍ଡର ହୋଇଥିଲା। ଟେଣ୍ଡର ମାଧ୍ୟମରେ ବିମଳ ସାହୁ ନାମକ ଠିକାଦାର ପୋଲ ନିର୍ମାଣ ଦାୟିତ୍ୱ ନେଇ ୨୦୧୨ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଚୁକ୍ତି ମଧ ହୋଇଥିଲା। ଏହି ପୋଲ ନିର୍ମାଣ ପାଇଁ ସାହୁ ପ୍ରାୟ ୨ କୋଟି ୬୦ ଲକ୍ଷ ଟଙ୍କା ବିଲ୍ ନେଇ ସାରିଛନ୍ତି। ୨୮ ମିଟର ଦୀର୍ଘ ବିଶିଷ୍ଟ ଏହି ପୋଲରେ ଦୁଇଟି କଂକ୍ରିଟ ପିଲାର ଆବଶ୍ୟକ ଥିଲା । ତେବେ ଏହି ପିଲାର ଦୁଇଟିକୁ ଦବାଇବା ପାଇଁ ସମସ୍ୟା ଉପୁଜିବାରୁ ସଂପୃକ୍ତ ଠିକାଦାରଙ୍କୁ କମ୍ପ୍ରେସର ମେଶିନ ବ୍ୟବହାର କରିବାକୁ ତତ୍କାଳୀନ ନିର୍ବାହୀ ଯନ୍ତ୍ରୀଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଥିଲା। ମାତ୍ର ଠିକାଦାର ତାହା ନ କରିବାରୁ ପରେ ଏମ. ଆର. ଖାଁ ନାମକ ଜଣେ ଅଭିଜ୍ଞ ନିର୍ବାହୀ ଯନ୍ତ୍ରୀ ଏଠାରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଖାଁ ମହାକାଳପଡାର ତତ୍କାଳୀନ ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସ୍ୱାଇଁଙ୍କୁ ନିଯୁକ୍ତ କରିଥିଲେ। ଦୁଇ ଗୋଟି ପିଲାର ତଳେ ପୂର୍ବରୁ ଥିବା କଠିନ ବସ୍ତୁକୁ କଢାଯାଇ ଏହାକୁ ଦବାଯିବା ସହ ପୋଲ ନିର୍ମାଣ ଶେଷ ହୋଇଥିଲା। ତେବେଏହି ପୋଲ ପୁରାତନ ପୋଲ ଅପେକ୍ଷା ପ୍ରାୟ ୨୦ଫୁଟ ଉଚ୍ଚ ହୋଇଥିବାରୁ ଆପ୍ରୋଚ ରୋଡ ନିର୍ମାଣରେ ବିଳମ୍ବ ହେଉଛି। ଗତ ୮ବର୍ଷ ମଧ୍ୟରେ ବିଭିନ୍ନ ସମୟରେ ଯାତାୟତ ପାଇଁ ଅସ୍ଥାୟୀ ପଟା ପୋଲ କରାଯିବା ସହିତ ମାଟି ପକାଯାଇ ବନ୍ଧ କରାଯାଇଥିଲା, ବନ୍ଧଟି ମଧ ବର୍ଷାରେ ଧୋଇଯାଇଥିଲା। ପୋଲନିର୍ମାଣ ସରିବା ପରେ ବର୍ତ୍ତମାନ ସୁଦ୍ଧା ଯେତିକି ଆପ୍ରୋଚ ରୋଡ ନିର୍ମାଣ ସରିଛି, ସେତିକିରେ କେବଳ ଦୁଇ ଚକିଆ ଗାଡି ଯାତାୟତ କରିପାରୁଛି। ଆପ୍ରୋଚ ରୋଡ୍ ପୂର୍ଣ୍ଣାଙ୍ଗ ସମ୍ବନ୍ଧରେ ବର୍ତ୍ତମାନର ନିର୍ବାହୀ ଯନ୍ତ୍ରୀ ଧିରେନ ସୂତାର କହିଛନ୍ତି, ଠିକାଦାର ବିମଳ ସାହୁଙ୍କ ଚୁକ୍ତିପତ୍ରକୁ ରଦ୍ଦ କରାଯାଇଛି, ଅନ୍ୟ ଜଣେ ଠିକାଦାରଙ୍କ ଦ୍ୱାରା ଫେବୃୟାରୀ ଶେଷ ସୁଦ୍ଧା ଆପ୍ରୋଚ ରୋଡ ପୂର୍ଣ୍ଣାଙ୍ଗ ହୋଇ ଗାଡି ମୋଟର ଚାଳିବା ସ୍ୱାଭାବିକ ହୋଇପାରିବ। ସୂଚନାଯୋଗ୍ୟ ଯେ,ଏହି ପୋଲ କେନ୍ଦ୍ରାପଡା ସଦର ମହକୁମା ଏବଂ ମାର୍ଶାଘାଇ ବ୍ଲକ ଅଞ୍ଚଳ ପାଇଁ ଗମନାଗମନର ମୁଖ୍ୟ ମାଧ୍ୟମ।



ମାର୍ଶାଘାଇଠାରେ ଥିବା କଳା ପୋଲ।

ଓଡ଼ିଶା ସରକାର

# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

**File No.: L.A.I.-63/2018-784** **Dated: 11.09.2018**

No.: XXIX-71: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ଜାଙ୍ଗଡ଼ା, ଥାନା- ଖମାର, ଥାନା ନଂ.- ୬୭, ତହସିଲ- ପାଲଲହଡ଼ା, ଜିଲ୍ଲା- ଅନୁଗୋଳରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୬୩୭୧ ତା୧୦।୦୮।୨୦୧୭ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା- ୩୦୪୮୯ ତା୧୨।୦୯।୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହି ଘୋଷଣା କରାଯାଉଅଛି ଯେ ମୌଜା- ଜାଙ୍ଗଡ଼ା, ଥାନା- ଖମାର, ଥାନା ନଂ.- ୬୭, ଜିଲ୍ଲା- ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.angul.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା- ଅନୁଗୋଳ, ତହସିଲ- ପାଲଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏଥିସହ ସଂଲଗ୍ନ କରାଗଲା | ଏ.୪.୨୦୦ | ଏଥିସହ ସଂଲଗ୍ନ କରାଗଲା |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା- ଅନୁଗୋଳ, ତହସିଲ- ପାଲଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ:**

**ତଫସିଲ - କ**
**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା- ଜାଙ୍ଗଡ଼ା, ତହସିଲ- ପାଲଲହଡ଼ା, ଥାନା: ଖମାର, ଥାନା ନଂ.- ୬୭, ଜିଲ୍ଲା- ଅନୁଗୋଳ**
**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୧ | ୧୫ | ଶାରଦ ଦୁଇ | ୦.୪୦୦ | ୦.୪୦୦ | ଅଭିମନ୍ୟୁ ପଧାନ, ପି.- ବାସୁଦେବ ପଧାନ, ଜା: ଚଷା, ବା: ଖମାର |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୨ | ୧୭ | ଶାରଦ ଦୁଇ | ୦.୪୧୦ | ୦.୧୦୦ | କାହ୍ନୁ ଚରଣ ପଧାନ, ପି.- ବାସୁ ପଧାନ, ଜା: ଚଷା, ବା: ଖମାର |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୩ | ୨ | ଶାରଦ ଏକ | ୨.୬୨୦ | ୧.୫୮୦ | ଚମ୍ପାବତୀ ସାହୁ, ପି.- ନବଘନ ପଧାନ, ଜା: ଚଷା, ବା: ଖମାର |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୪ | ୩ | ଶାରଦ ଦୁଇ | ୧.୩୯୦ | ୧.୨୮୦ | ଜନାର୍ଦ୍ଦନ ପଧାନ, ପି.- ବାସୁ ପଧାନ, ଜା: ଚଷା, ବା: ଖମାର |
| | | | ୧୪ | ଶାରଦ ଦୁଇ | ୦.୩୫୦ | ୦.୩୫୦ | |
| | | | ୨/୧୮ | ଶାରଦ ଏକ | ୦.୨୧୦ | ୦.୨୧୦ | |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୫ | ୧୩ | ଶାରଦ ଦୁଇ | ୦.୪୨୦ | ୦.୧୯୦ | ମାଳତୀ ବିଶ୍ୱାଳ, ସ୍ୱା.- ଦିବାକର ବିଶ୍ୱାଳ, ଜା: ଚଷା, ବା: ଖମାର |
| | | | ୨୭ | ଶାରଦ ଦୁଇ | ୦.୭୭୦ | ୦.୦୬୦ | |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୫/୧ | ୩/୩୦ | ଶାରଦ ଦୁଇ | ୦.୦୧୦ | ୦.୦୧୦ | କୌଶଲ୍ୟା ପ୍ରଧାନ, ସ୍ୱା.- କୈଳାସ ଚନ୍ଦ୍ର ପ୍ରଧାନ, ଜା: ଚଷା, ବା: ଖମାର |
| | | | ୧୪/୩୧ | ଶାରଦ ଦୁଇ | ୦.୦୧୦ | ୦.୦୧୦ | |
| ଜାଙ୍ଗଡ଼ା | ଗ୍ରାମାଞ୍ଚଳ | ୫/୨ | ୧୫/୩୨ | ଶାରଦ ଦୁଇ | ୦.୦୧୦ | ୦.୦୧୦ | ପ୍ରଦୀପ କୁମାର ପ୍ରଧାନ, ପି.- ଧରଣୀଧର ପ୍ରଧାନ, ଜା: ଚଷା, ବା: ଖମାର |
| ମୌଜାର ସର୍ବମୋଟ ୧୧ ପ୍ଲଟକୁ ଅଧିକୃତ ରକବା | | | | | | ଏ.୪.୨୦୦ | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ମୌଜା- ଜାଙ୍ଗଡ଼ା, ଥାନା: ଖମାର, ଥାନା ନଂ.- ୬୭, ତହସିଲ- ପାଲଲହଡ଼ା, ଜିଲ୍ଲା- ଅନୁଗୋଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

**ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଜିଲ୍ଲାପାଳ, ଅନୁଗୋଳ**

**24012/14/0039/1819**

---

**ODISHA INDUSTRIAL INFRASTRUCTURE DEVELOPMENT CORPORATION**
idco — Your power to grow — ODISHA NEW OPPORTUNITIES
(A Government of Odisha Undertaking)
IDCO Towers, Janpath, Bhubaneswar - 751022

**No. HO/Civil/T&E/E/4056/04/2018/ 700** **Dated.10.01.19**

## QUOTATION CALL NOTICE

Sealed Quotations are invited from the original Manufacture / Registered Supplier/Authorized Dealers of **Utensils for "Supplying, Installing, Fixing & Commissioning of Utensils For Krushi Bhawan at Bhubaneswar".** The last date of submission of the quotation is 06.02.2019 by 5.00 P.M and the quotation will be opened on 07.02.2019 at 11.00 A.M.

For the detail Quotation Call Notice, Terms & Condition, Specification and B.O.Q, Please visit our web site **www.idco.in** (Tender & Quotation)

**Sd/-**
**Chief General Manager (Civil) I/C**
**IDCO, Bhubaneswar**

---

# OFFICE OF THE EXECUTIVE ENGINEER

## RURAL WORKS DIVISION-II, GANJAM, BERHAMPUR

**Phone-0680-2404096, E-Mail: eerwgmt@yahoo.co.in**

**Government of Odisha e-Procurement Notice**
**Bid Identification No. Online Tender/10/ EERWD-II/2018-19**

**No.202 / RWD-IIGB, Date 09.01.2019**
**No.1352-O:-**

| | | | |
|---|---|---|---|
| 1 | Name of the work | : | Road & Building Works |
| 2 | Estimated cost | : | Rs.22.13 lakhs |
| 3 | Period of Completion | : | 3 (Three) Calendar Months as per Annexure |
| 4 | Date & Time of availability of Bid documents in the Portal | : | From 16.01.2019 at 10.00 AM to 25.01.2019 upto 3.00 PM |
| 5 | Last Date/ Time for receipt of Bids in the Portal | : | 25.01.2019 upto 3.00 PM |
| 6 | Name and address of the Officer Inviting Bid | : | Executive Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal website https://tenders.ori.nic.in/nicgep/app.

**Executive Engineer**
**R.W Division-II, Ganjam**
**Berhampur**

**25073/11/0013/1819**

---

# DISTRICT PROJECT OFFICE

# RTE-SARVA SIKSHYA ABHIYAN, NUAPADA

**Behind Mini Stadium, At/P.O./P.S./Dist.- Nuapada - 766105**
**Phone No.: 06678-223295, E-mail: dpcnuapadassa.opepa@nic.in**

**No.: 105** **Dt.: 9.1.19**

## SHORT TENDER CALL NOTICE FOR PRINTING AND SUPPLY OF QUESTION-CUM-ANSWER SHEETS OF SUMMATIVE ASSESSMENT - II, 2019

Sealed tenders under two bid systems are invited from the registered offset printers/firms of Odisha having valid PAN, IT Clearance, GST Registration No., etc. for printing, packing & supply of Question-cum-Blank Answer sheets of Summative Assessment-II, 2019 for the year 2018-19 of Nuapada district. The tender papers (bid documents) containing detailed specification with terms and conditions, application of Technical Bid & application of Financial Bid can be obtained by downloading from the Nuapada district website **http://nuapada.nic.in** or OPEPA website **http://opepa.odisha.gov.in** or may be obtained from our office from Dt.09.01.19 to Dt.28.01.19 during working day (till 1.00 P.M.) by paying Rs.1000/- (Rupees one thousand only) (non-refundable) towards cost of tender paper. In case of downloading the tender paper from website, the bidders are required to submit Demand Draft of Rs.1000/- (Rupees one thousand only) (non-refundable) towards cost of tender paper drawn in favour of DPC, RTE-SSA, Nuapada. The tender paper shall only be received through Registered Post/ Speed Post before 5.00 P.M. of 28.01.19. The tender received after 5.00 P.M. will not be entertained. The undersigned will not be responsible for any postal delay. The tender will be opened on Dt.29.01.19 at 4.00 P.M. in the Office Chamber of the District Project Coordinator, RTE-SSA, Nuapada in presence of the bidders or their authorized representatives. For details please visit district website **http://nuapada.nic.in** or OPEPA website **http://opepa.odisha.gov.in**. Undersigned reserves the right to reject any or all of the quotations without assigning any reason therefor.

**Sd./- Collector-cum-Chairperson**
**RTE-SSA, Nuapada**

---

# DISTRICT PROJECT OFFICE

# RTE-SSA, SUNDARGARH

**Notice No. 62** **Pdg/Date: 11.01.19**

## SHORT TENDER CALL NOTICE FOR PRINTING & SUPPLY OF QUESTION-CUM-BLANK ANSWER SHEETS FOR SUMMATIVE ASSESSMENT-II, 2019

Sealed tenders are invited in plain paper from reputed experienced and tradable offset printers/firms having valid registered GST, PAN & ITCC for printing, packing and supply of question-cum-blank answer sheet (approximately 80 lakh pages) for the Summative Assessment-II, 2019 from Class-I to Class-VIII (Odia/English/Hindi) for all Govt & Govt aided Schools of Sundargarh District. Actual requirement may vary which shall be given to selected firm only at the time of agreement on award of work order.

The details of tender call notice containing specification, terms and conditions may be downloaded from our official website www.sundergarh.nic.in or www.opepa.in or the same may be collected from District Project Office, RTE-SSA, Sundargarh. Quotation should be submitted in the envelope duly marked on the top "Quotation for printing & supply of question-cum-answer sheet for Summative Assessment-II, 2018-19" to the District Project Office, RTE-SSA, Sundargarh in front of B.S. High School, At/PO/Dist.- Sundargarh, PIN-770001. It must be sent only through Registered/Speed Post on or before 28.01.2019 upto 5.00 PM. The tender paper/bid received after the scheduled time (5.00 PM on 28.01.2019) shall not be taken into consideration. The tender shall be opened at 3.30 PM on dt.29.01.2019 in the office chamber of Collector in the presence of the bidders or their authorised representatives. This office reserves the right to cancel all or part of the tender without assigning any reason thereof.

By the order of Collector-cum-Chairman
**Sd./- DPC, RTE-SSA, Sundargarh**

---

ଓଡ଼ିଶା ସରକାର

# ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଅଧିସୂଚନା

File No. L.A.I-71/2018 - 1075 Dated 13.11.2018

No. XXIX-77: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- **ରେଙ୍ଗାଳମୁଣ୍ଡା,** ଥାନା- **ଖମାର,** ନଂ.**୨୧,** ତହସିଲ- **ପାଲଲହଡ଼ା,** ଜିଲ୍ଲା- **ଅନୁଗୋଳ**ରେ ନିମ୍ନ ତଫସିଲ ମତେ ପ୍ରାୟ **ଏ.୩.୯୧୦** ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବାଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ-୨) ପୂର୍ବ-ତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study vide No.36761 dtd.28.09.2018 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ ଜିଲ୍ଲାପାଳ, ପାଲଲହଡ଼ା।
୬. ଜମିର ବିବରଣୀ - ଏଥି ସହିତ ସଂଲଗ୍ନ କରାଗଲା।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଅନୁଗୋଳ | **ପାଲଲହଡ଼ା** | ରେଙ୍ଗାଳମୁଣ୍ଡା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ୩.୯୧୦ | ଏଥି ସହିତ ସଂଲଗ୍ନ କରାଗଲା |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଅନୁଗୋଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

**ଭୂମି ଅନୁସୂଚୀ**
**ପ୍ରକଳ୍ପର ନାମ: ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

**ମୌଜା: ରେଙ୍ଗାଳମୁଣ୍ଡା** **ଥାନା: ଖମାର**
**ଥାନା ନଂ. ୨୧** **ତହସିଲ: ପାଲଲହଡ଼ା**
ଜିଲ୍ଲା: ଅନୁଗୋଳ

| ଗ୍ରାମର ନାମ | ଗ୍ରାମପଞ୍ଚାୟତର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରେଙ୍ଗାଳମୁଣ୍ଡା | ଖେମଲା | ୨ | ୨୫୨ | ଶାରଦ ତିନି | ୦.୧୫୦ | ୦.୦୯୦ | କନ୍ଦର୍ପ ବିଶ୍ୱାଳ, ପି. ବୁଧିଆ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୫ | ୫୦୨ | ଶାରଦ ତିନି | ୦.୯୪୦ | ୦.୩୭୦ | କୁନ୍ଦୁରୁ ବିଶ୍ୱାଳ, ପି. ହରି ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୧୫ | ୫୩୯ | ବିଆଲି | ୦.୮୦୦ | ୦.୧୧୦ | ଠେଙ୍ଗୁ ମହାକୁଳ, ପି. ବାଇଧର ମହାକୁଳ, ଜା: ଗଉଡ, ବା: ନିଜଗାଁ |
| | | ୧୬ | ୫୪୪ | ଶାରଦ ତିନି | ୦.୨୫୦ | ୦.୦୪୦ | ଠେଙ୍ଗୁ ମହାକୁଳ, ମଧୁ ମହାକୁଳ, ପି. ବାଇଧର ମହାକୁଳ, ଜା: ଗଉଡ, ବା: ନିଜଗାଁ |
| | | | ୫୪୮ | ଶାରଦ ତିନି | ୦.୧୭୦ | ୦.୦୩୦ | |
| | | ୧୯ | ୫୪୧ | ତଇଲା ଏକ | ୦.୫୨୦ | ୦.୨୭୦ | ଦିଗ ଗାଗରାଇ, ସାନ କଇରା ଗାଗରାଇ, ପି.ମାଣିକ ଗାଗରାଇ, ଜା: ହୋ, ବା: ନିଜଗାଁ |
| | | ୨୫ | ୫୪୨ / ୧୦୭୫ | ବିଆଲି | ୦.୬୦୦ | ୦.୪୬୦ | ନବଘନ ବିଶ୍ୱାଳ, ପି. ଧରଣୀ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୩୭ | ୫୨୯ | ତଇଲା ଦୁଇ | ୨.୧୧୦ | ୦.୭୭୦ | ପୁରୁମୀ ବିରୁଆ, ଜଗ ବିରୁଆ, ଅଭି ବିରୁଆ, ଗୋପୀ ବିରୁଆ, ପି. କାର୍ତ୍ତିକ ବିରୁଆ, ସମବାରୀ ବିରୁଆ, ସ୍ୱା. କାର୍ତ୍ତିକ ବିରୁଆ, ଜା: ହୋ, ବା: ନିଜଗାଁ |
| | | ୩୮ | ୨୫୧ | ଶାରଦ ଦୁଇ | ୦.୩୬୦ | ୦.୧୪୦ | ବଣ୍ଡୁ ବିଶ୍ୱାଳ, ପି. ବୁଧିଆ ବିଶ୍ୱାଳ, ଜା: ଚାଷା, ବା: ନିଜଗାଁ |
| | | ୪୭ | ୫୦୪ | ଶାରଦ ତିନି | ୦.୮୮୦ | ୦.୩୨୦ | ବୈକୁ ବିରୁଆ, ମିଲୁ ବିରୁଆ, ପି. ଚେଙ୍ଗ ବିରୁଆ, ଜା: ହୋ, ବା: ନିଜଗାଁ |
| | | | ୫୨୭ | ଘରବାରି | ୦.୬୨୦ | ୦.୩୬୦ | |
| | | ୪୯ | ୫୪୬ | ଶାରଦ ତିନି | ୦.୧୬୦ | ୦.୦୭୦ | ମଧୁ ମହାକୁଳ, ପି. ବାଇଧର ମହାକୁଳ, ଜା: ଗଉଡ଼, ବା: ନିଜଗାଁ |
| | | | ୫୩୯ / ୧୦୭୪ | ବିଆଲି | ୦.୩୬୦ | ୦.୧୫୦ | |
| | | ୫୭ | ୫୪୦ | ତଇଲା ଦୁଇ | ୦.୩୦୦ | ୦.୩୦୦ | ସଦାଶିବ ବିଶ୍ୱାଳ, ପି. ଜଟିଆ ବିଶ୍ୱାଳ, ଜା: ଚଷା, ବା: ନିଜଗାଁ |
| | | ୫୯ | ୨୨୭ | ଶାରଦ ତିନି | ୧.୦୮୦ | ୦.୪୩୦ | ସାନ କାଇରା ଗାଗରାଇ, ଦିଗି ଗାଗରାଇ, ପି. ମାଣାକି ଗାଗରାଇ, ଜା: ହୋ, ବା: ନିଜଗାଁ |
| | | **ମୋଟ** | | | **୯.୩୦୦** | **୩.୯୧୦** | |

24012/14/0045/1819 **ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

---

XXIX-74

ଓଡ଼ିଶା ସରକାର

# ଅନୁଗୋଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

File No. L.A.I. 70/2018-802 Dated : 11.09.2018

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- ହାତୀବିନ୍ଧା, ଥାନା- ଖମାର, ଥାନା ନଂ-୧୮, ତହସିଲ- ପାଳଲହଡା, ଜିଲ୍ଲା - ଅନୁଗୋଳରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଅନୁଗୋଳ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିମନ୍ତେ ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨), ପୂର୍ବତଟ ରେଳପଥ, ଅନୁଗୋଳଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R ACT, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା - ୨୬୩୬୪, ତା. ୧୦.୦୮.୨୦୧୭ରିଖ ଏବଂ ଶୁଦ୍ଧିପତ୍ର ସଂଖ୍ୟା- ୩୦୪୮୯, ତା.୧୨.୦୯.୨୦୧୭ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ହାତୀବିନ୍ଧା, ଥାନା- ଖମାର, ଥାନା ନଂ-୧୮, ଜିଲ୍ଲା- ଅନୁଗୋଳରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପାରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.angul.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ www.odisha.gov.in/ revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ ନୂତନ ଓସାରିଆ ରେଳପଥ, ତାଳଚେରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା : ଅନୁଗୋଳ** **ତହସିଲ : ପାଳଲହଡା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ହାତୀବିନ୍ଧା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୫.୪୨୦ | ଏଥି ସହିତ ସଂଲଗ୍ନ କରାଗଲା |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା : ଅନୁଗୋଳ** **ତହସିଲ : ପାଳଲହଡ଼ା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

**ତଫସିଲ-କ**
**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା- ହାତୀବିନ୍ଧା, ତହସିଲ- ପାଳଲହଡା, ଥାନା- ଖମାର, ଥାନା ନଂ-୧୮, ଜିଲ୍ଲା- ଅନୁଗୋଳ**
**ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ତାଳଚେର- ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ତାଳଚେର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୩ | ୨୨୫ | ଶାରଦ ଏକ | ୦.୯୪୦ | ୦.୩୬୦ | କଷ୍ଟୁଚରଣ ବେହେରା, ପି. ପବିତ୍ର ବେହେରା, ଜା : ତଆଁଳା, ବା: ନିଜଗାଁ |
| | | | ୨୨୭ | ଶାରଦ ଏକ | ୧.୧୪୦ | ୦.୮୬୦ | |
| | | | ୨୩୭/ ୫୦୩ | ଶାରଦ ଏକ | ୧.୫୫୦ | ୦.୨୦୦ | |
| | | | ୨୩୭/ ୫୦୪ | ଶାରଦ ତିନି | ୦.୮୪୦ | ୦.୭୯୦ | |
| | | | ୨୨୭/ ୫୬୨ | ଶାରଦ ତିନି | ୦.୨୨୦ | ୦.୧୫୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୧୮ | ୪୫୯ | ଶାରଦ ଏକ | ୧.୧୩୦ | ୦.୦୩୦ | ପୀତାମ୍ବର ପଧାନ, ପି. ମିଟୁ ପଧାନ, ଜା: ତଆଁଳା, ବା: ନିଜଗାଁ |
| | | | ୪୬୦ | ନାଳ | ୦.୧୯୦ | ୦.୦୩୦ | |
| | | | ୪୬୨ | ଶାରଦ ଏକ | ୦.୬୯୦ | ୦.୫୮୦ | |
| | | | ୪୬୩ | ଆଡ଼ି | ୦.୨୩୦ | ୦.୧୪୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୨୦ | ୪୩୯ | ଶାରଦ ଏକ | ୧.୬୩୦ | ୦.୧୧୦ | ବଂଶୀଧର ପଧାନ, ପି. ମିଟୁ ପଧାନ, ଜା: ଚଷା , ବା: ନିଜଗାଁ |
| | | | ୪୫୫ | ଆଡ଼ି | ୦.୨୦୦ | ୦.୦୨୦ | |
| | | | ୪୩୯/ ୫୩୬ | ଶାରଦ ଏକ | ୦.୧୨୦ | ୦.୦୨୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୨୫ | ୨୨୩ | ଶାରଦ ତିନି | ୦.୧୭୦ | ୦.୧୭୦ | ମଧୁ ମହାକୁଳ, ପି: ବାଇଧର ମହାକୁଳ, ଜା: ଗଉଡ, ବା: ନିଜଗାଁ |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୩୭ | ୪୬୫ | ଶାରଦ ଏକ | ୦.୯୧୦ | ୦.୪୨୦ | ଶାମ ବେହେରା, ପି. ମୃଷା ବେହେରା, ଜା: ତଆଁଳା, ବା: ନିଜଗାଁ |
| | | | ୪୬୫/ ୫୨୨ | ଶାରଦ ଦୁଇ | ୦.୪୪୦ | ୦.୨୭୦ | |
| | | | ୪୬୬ | ଶାରଦ ଦୁଇ | ୦.୧୩୦ | ୦.୧୩୦ | |
| | | | ୪୬୭ | ଶାରଦ ଦୁଇ | ୦.୨୭୦ | ୦.୨୭୦ | |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୪୧/୧ | ୪୬୪ | ଶାରଦ ଦୁଇ | ୦.୫୬୦ | ୦.୫୬୦ | ଶ୍ରୀମତୀ ସତ୍ୟଭାମା ବେହେରା, ସ୍ୱା. ସନାତନ ବେହେରା, ଜା: ତଆଁଳା, ବା: ନିଜଗାଁ |
| ହାତୀବିନ୍ଧା | ଗ୍ରାମାଞ୍ଚଳ | ୪୧/୮ | ୨୩୨ | ଶାରଦ ଦୁଇ | ୦.୩୬୦ | ୦.୩୧୦ | ସରସ୍ୱତୀ ବେହେରା, ସ୍ୱା : ରମେଶ ଚନ୍ଦ୍ର ବେହେରା, ଜା: ତଆଁଳା, ବା: ଖମାର |
| **ମୌଜାର ସର୍ବମୋଟ ୧୯ ପ୍ଲଟକୁ ଅଧିକୃତ ରକବା** | | | | | | **ଏ. ୫.୪୨୦** | |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ମୌଜା- ହାତୀବିନ୍ଧା, ଥାନା- ଖମାର, ଥାନା ନଂ-୧୮, ତହସିଲ- ପାଳଲହଡା, ଜିଲ୍ଲା- ଅନୁଗୋଳ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏହାର ଆବଶ୍ୟକତା ନାହିଁ | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

24012/14/0042/1819

Dollar 70.49 (8) | Sensex 96.66 36,009.84 | Nifty 26.65 10,794.95 | Gold ₹40 33,030.00 | Silver ₹60 40,450.00



ଆମାଜନ ଗ୍ରେଟ୍ ଇଣ୍ଡିଆନ ସେଲ୍‌ରେ ସ୍ମାର୍ଟଫୋନ, କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବିକ୍ରି କରାଯିବ।
– ମନୀଷ ତିୱାରୀ, ଭାଇସ ପ୍ରେସିଡେଣ୍ଟ, ଆମାଜନ ଇଣ୍ଡିଆ



ଭାରତରେ କୃଷି ଋଣ ଛାଡ଼ ଆର୍ଥିକ ସିଦ୍ଧାନ୍ତର ବିରୋଧାଚରଣ କରୁଛି। ଏହାଦ୍ୱାରା ଚାଷୀଙ୍କର ସଙ୍କଟ ଦୂର ହେବ ନାହିଁ।
– କେନିଚି ୟୋକୋୟାମା, ଭାରତ ଲାଗି ଏଡିବି କଣ୍ଟ୍ରି ଡାଇରେକ୍ଟର

## ସଂକ୍ଷେପରେ

### ପେଟ୍ରୋଲ ମାସର ସର୍ବୋଚ୍ଚ ସ୍ତରରେ

ଡିଜେଲ ମଧ ମହଙ୍ଗା



**ନୂଆଦିଲ୍ଲୀ,୧୧-୧:** ବ୍ୟୟଭାର ବୃଦ୍ଧି କାରଣରୁ ପେଟ୍ରୋଲିୟମ କମ୍ପାନୀଗୁଡିକ ଶୁକ୍ରବାର ପେଟ୍ରୋଲ ଦାମ୍‌ରେ ୧୯ ପଇସା ଓ ଡିଜେଲ ଦାମ୍ ୨୮ ପଇସା ବୃଦ୍ଧି କରିଛନ୍ତି। ଜାରି ଅଧିସୂଚନାନୁଯାୟୀ ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୬୮.୮୮ଟଙ୍କାରୁ ବଢ଼ି ୬୯.୦୭ ଟଙ୍କା ହୋଇଛି, ଯାହାକି ଚଳିତ ମାସର ସର୍ବୋଚ୍ଚ ସ୍ତର କୁହାଯାଉଛି। ସେହିପରି ଡିଜେଲ ଲିଟର ପିଛା ୬୨.୫୩ଟଙ୍କାରୁ ବୃଦ୍ଧି ପାଇ ୬୨.୮୧ ଟଙ୍କା ହୋଇଛି। ମୁମ୍ବାଇରେ ଏହା ଯଥାକ୍ରମେ ୭୪.୭୨ ଟଙ୍କା ଏବଂ ୬୫.୭୩ ଟଙ୍କା ରହିଛି। ସ୍ଥାନୀୟ କର ଅଥବା ଭାଟ୍ ହାର ଭିନ୍ନ ହେବା କାରଣରୁ ବିଭିନ୍ନ ରାଜ୍ୟରେ ଇନ୍ଧନ ଦରରେ ପାର୍ଥକ୍ୟ ଆସିବ। ନୂଆ ବର୍ଷର ପ୍ରଥମ ମାସରେ ଇନ୍ଧନ ଦର ତୃତୀୟ ଥର ବୃଦ୍ଧି ପାଇଛି। ଗୁରୁବାର ପେଟ୍ରୋଲ ଲିଟର ପିଛା ୩୮ ଓ ଡିଜେଲ ଲିଟର ପିଛା ୨୯ ପଇସା ବଢ଼ିଥିଲା। ଏଥିପୂର୍ବରୁ ଜାନୁୟାରୀ ୭ରେ ପେଟ୍ରୋଲ ୨୧ ଓ ଡିଜେଲ ୮ ପଇସା ବୃଦ୍ଧି ପାଇଥିଲା। ଫଳରେ ୩ ଦିନରେ ପେଟ୍ରୋଲ ମୋଟ୍ ୭୮ ଓ ଡିଜେଲ ୫୫ ପଇସା ବଢ଼ିସାରିଲାଣି।

### ଏୟାରସେଲ-ମାକ୍ସିସ୍ ମାମଲା
### ଏନ୍ଏସ୍ଇ ଅଧ୍ୟକ୍ଷଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୧:** ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ଅଧକ୍ଷ ଅଶୋକ ଚାଓଲା ଶୁକ୍ରବାର ଅଚାନକ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ଏନ୍ଏସ୍ଇ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲେ ହେଁ ଇସ୍ତଫାର କାରଣ ଦର୍ଶାଯାଇ ନାହିଁ। ଅନ୍ୟପକ୍ଷରେ ଦିଲ୍ଲୀ ହାଇକୋର୍ଟରେ ସିବିଆଇ କହିଛି ଯେ, ଏୟାରସେଲ-ମାକ୍ସିସ୍ ମାମଲାରେ କେନ୍ଦ୍ର ସରକାର ୫ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଅନୁମତି ଦେଇଛନ୍ତି। ତତ୍କାଳୀନ ଆର୍ଥିକ ବ୍ୟାପାର ଅତିରିକ୍ତ ସଚିବ ଚାଓଲା ସେମାନଙ୍କ ମଧ୍ୟରେ ଅନ୍ୟତମ। ତାଙ୍କ ବ୍ୟତୀତ ଅନ୍ୟମାନେ ହେଲେ ତତ୍କାଳୀନ ଆର୍ଥିକ ବ୍ୟାପାର ସଚିବ ଅଶୋକ ଝା, ଅର୍ଥ ମନ୍ତ୍ରଣାଳୟର ତତ୍କାଳୀନ ଯୁଗ୍ମ ସଚିବ କୁମାର ସଞ୍ଜୟ କ୍ରିଷ୍ଣା, ନିର୍ଦ୍ଦେଶକ ଦୀପକ କୁମାର ସିଂହ ଏବଂ ଅନୁ ସଚିବ ରାମ ଶରନ। ଏହି ୫ ଜଣଙ୍କ ମଧ୍ୟରୁ ୩ ଜଣ ଏବେ ସରକାରଙ୍କ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଥିବା ବେଳେ ଅନ୍ୟ ୨ ଜଣ ଅବସର ନେଇସାରିଲେଣି।

### ଆଇଏଲ୍ଆଣ୍ଡଏଫ୍ଏସ୍‌ର ସମ୍ପତ୍ତି ବିକ୍ରି
### ସୁପ୍ରିମକୋର୍ଟ ପୂର୍ବତନ ବିଚାରପତିଙ୍କୁ ନିଯୁକ୍ତି ପ୍ରସ୍ତାବ

**ନୂଆଦିଲ୍ଲୀ,୧୧-୧:** ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ଇନଫ୍ରାଷ୍ଟ୍ରକଚର ଲିଜିଂ ଆଣ୍ଡ ଫାଇନାନ୍ସିଂ ସର୍ଭିସେସ୍ (ଆଇଏଲ୍ଆଣ୍ଡଏଫ୍ଏସ୍)ର ସମ୍ପତ୍ତି ବିକ୍ରି ଜନିତ ସମସ୍ତ କାର୍ଯ୍ୟକଳାପ ସୁପ୍ରିମକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ମାଧ୍ୟମରେ ହେବା ଉଚିତ୍ ବୋଲି ରାଷ୍ଟ୍ରୀୟ କମ୍ପାନୀ ଅପିଲୀୟ ନ୍ୟାୟାଧିକରଣ (ଏନ୍ସିଏଲ୍ଏଟି) ଶୁକ୍ରବାର ପ୍ରସ୍ତାବ ଦେଇଛନ୍ତି। କମ୍ପାନୀର ନୂଆ ମ୍ୟାନେଜମେଣ୍ଟ ଆର୍ଥିକ ସଙ୍କଟ ଦୂର କରିବା ଉଦ୍ଦେଶ୍ୟରେ କିଛି ସମ୍ପତ୍ତି ବିକ୍ରି କରିବାକୁ ଚାହୁଁଛି। ଏହାଉପରେ ଏବେ ପ୍ରାୟ ୯୦ ହଜାର କୋଟି ଟଙ୍କାର ବକେୟା ଋଣ ରହିଛି। ଏହି ସମ୍ପତ୍ତି ବିକ୍ରି କରି ଋଣ ପରିଶୋଧ କରିବାକୁ ନୂଆ ମ୍ୟାନେଜମେଣ୍ଟ ଚାହୁଁଛନ୍ତି। ବିଚାରପତି ଏସ.ଜେ. ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏନ୍ସିଏଲ୍ଏଟି ଖଣ୍ଡପୀଠ କହିଛନ୍ତି ଯେ, ଆଇଏଲ୍ଆଣ୍ଡଏଫ୍ଏସ୍ ପାଇଁ କର୍ପୋରେଟ ଦେବାଳିଆ ପ୍ରକ୍ରିୟା ଭଳି ବ୍ୟବସ୍ଥା ଆପଣାଇବାକୁ ପଡିବ ବୋଲି ମନେ କରାଯାଉଛି। ଏହାଦ୍ୱାରା ଆଇଏଲ୍ଆଣ୍ଡଏଫ୍ଏସ୍ ଓ ଏହାର ସହାୟକ କମ୍ପାନୀଙ୍କ ମାମଲାଗୁଡିକର ସମାଧାନ ସହଜ ହେବ।

# ବୀମାଭୁକ୍ତ ହେବେ ଜିଏସ୍‌ଟି ପଞ୍ଜୀକୃତ କ୍ଷୁଦ୍ର ବ୍ୟବସାୟୀ

**ନୂଆଦିଲ୍ଲୀ,୧୧-୧**

- ଚଳିତ ମାସରେ ହେବ ଘୋଷଣା
- ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା
- କମ୍ପ୍ୟୁଟରୀକରଣ ଲାଗି କମ୍ ସୁଧରେ ଋଣ




ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟୀଙ୍କୁ ଆଉ ଏକ ଉପହାର ଦେବାକୁ ଯୋଜନା କରୁଛନ୍ତି। ଜିଏସ୍‌ଟିରେ ବୀମାଭୁକ୍ତ କ୍ଷୁଦ୍ର ବ୍ୟବସାୟୀଙ୍କୁ ସରକାର ବୀମାଭୁକ୍ତ କରିବା ଲାଗି ବିଚାର କରୁଛନ୍ତି। ଏହାଦ୍ୱାରା ଛୋଟ ବ୍ୟବସାୟୀଙ୍କ ଚିନ୍ତାକୁ ସରକାର ଅନେକାଂଶରେ ଦୂର କରିପାରିବେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କେନ୍ଦ୍ର ସରକାର କ୍ଷୁଦ୍ର ବ୍ୟବସାୟୀଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା(ପିଏମ୍ଏସ୍‌ବିୱାଇ) ଢାଞ୍ଚାରେ କମ ପ୍ରିମିୟମରେ ଦୁର୍ଘଟଣା ବୀମା ଯୋଗାଇ ଦେବାକୁ ବିଚାର କରୁଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଏଭଳି ଏକ ଯୋଜନା ରାଜ୍ୟରେ ଲାଗୁ କରାଯାଇଛି। ଏହାକୁ ସାରା ଦେଶରେ ଲାଗୁ କରିବା ନେଇ ଆଲୋଚନା ଚାଲିଛି। ଏହା ଅଧୀନରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ତାଙ୍କ ପରିବାର ଆଧାରରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦୁର୍ଘଟଣା ବୀମା ଦିଆଯିବ। ସରକାରଙ୍କ ମଞ୍ଜୁରୀ ମିଳିବା ପରେ ଚଳିତ ମାସରେ ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଏ ସମ୍ପର୍କରେ ଘୋଷଣା କରାଯିବ। ଏହାବ୍ୟତୀତ ନିଜର ବ୍ୟବସାୟକୁ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକରଣ କରିବା ଲାଗି ଇଚ୍ଛାପ୍ରକାଶ କରୁଥିବା ଏବଂ କାରବାରକୁ ବୃଦ୍ଧି କରିବାକୁ ଚାହୁଁଥିବା କ୍ଷୁଦ୍ର ବ୍ୟବସାୟୀଙ୍କୁ କମ୍ ସୁଧରେ ଋଣ ଦେବା ସଂକ୍ରାନ୍ତରେ ଏକ ଯୋଜନା ପ୍ରସ୍ତୁତ କରାଯାଉଛି। ସେହିପରି ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ମଧ ଏଭଳି ଏକ ଯୋଜନା ଉପରେ ସରକାର ବିଚାରବିମର୍ଶ କରୁଛନ୍ତି। ସୂଚନାଥାଉ କି, ସରକାର ଏଥିପୂର୍ବରୁ ମାତ୍ର ୫୯ ମିନିଟରେ ୧ କୋଟି ଟଙ୍କାର ଋଣ ଦେବା ନେଇ ଯୋଜନା ପ୍ରଚଳନ କରିଛନ୍ତି। ସେହିପରି କ୍ଷୁଦ୍ର ବ୍ୟବସାୟୀଙ୍କ ଲାଗି କମ୍ପାନୀ ଆଇନରେ କେତେକ ସଂଶୋଧନ କରାଯାଇଛି। ଆଉ ମାସେ ଦୁଇମାସ ମଧ୍ୟରେ ସାଧାରଣ ନିର୍ବାଚନ ଘୋଷଣା ହେବାକୁ ଯାଉଥିବାରୁ ସରକାର ଏହାପୂର୍ବରୁ ଜନହିତକର ଯୋଜନାମାନ ଘୋଷଣା କରିବାକୁ ପ୍ରୟାସ କରୁଛନ୍ତି।

## ୧୭ମାସର ସର୍ବନିମ୍ନ ସ୍ତରରେ ଆଇଆଇପି

**ନୂଆଦିଲ୍ଲୀ,୧୧-୧**

ଅର୍ଥନୀତିକୁ ଝଟକା



ମାନୁଫାକଚରିଂ ସେକ୍ଟର ବିଶେଷକରି ଉପଭୋକ୍ତା ଏବଂ ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ହ୍ରାସ ପାଇବା କାରଣରୁ ନଭେମ୍ବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଅଭିବୃଦ୍ଧି ହାର ୧୭ ମାସର ସର୍ବନିମ୍ନ ସ୍ତର ୦.୫%କୁ ଖସି ଆସିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଆଇଆଇପି ଆଧାର ମାନଦଣ୍ଡରେ ଔଦ୍ୟୋଗିକ ଉତ୍ପାଦନ ନଭେମ୍ବର ୨୦୧୭ରେ ୮.୫% ରହିଥିଲା। ଏଥିପୂର୍ବରୁ ଜୁନ୍ ୨୦୧୭ରେ ଆଇଆଇପି ଅଭିବୃଦ୍ଧି ହାର ୦.୩% ରହିଥିଲା। ତେବେ ୨୦୧୮ ଅକ୍ଟୋବର ଲାଗି ଅଭିବୃଦ୍ଧି ହାରକୁ ସଂଶୋଧନ କରାଯାଇ ୮.୧%ରୁ ୮.୪% କରାଯାଇଥିଲା। ସୂଚକାଙ୍କରେ ୭୭.୬୩ ପ୍ରତିଶତ ଅଂଶ ରହିଥିବା ମାନୁଫାକଚରିଂ ସେକ୍ଟରରେ ଅଭିବୃଦ୍ଧି ୦.୪% ହ୍ରାସ ପାଇଛି। ବର୍ଷକ ପୂର୍ବରୁ ସମାନ ଅବଧିରେ ଏହା ୧୦.୪% ହାରରେ ବଢ଼ିଥିଲା। ସମୀକ୍ଷାଧୀନ ଅବଧିରେ ଖଣି ଖନନ କ୍ଷେତ୍ରରେ ୨.୭% ଅଭିବୃଦ୍ଧି ଘଟିଛି, ଯାହାକି ୨୦୧୭ ନଭେମ୍ବରରେ ୧.୪% ଥିଲା। ସେହିପରି ଶକ୍ତି କ୍ଷେତ୍ର ମଧ ୫.୧% ବୃଦ୍ଧି ପାଇଛି, ଯାହାକି ବର୍ଷକ ପୂର୍ବରୁ ସମାନ ଅବଧିରେ ୩.୯% ଥିଲା। ପୁଞ୍ଜିଗତ ସାମଗ୍ରୀ ଉତ୍ପାଦନ ହାର ୩.୪%କୁ ହ୍ରାସ ପାଇଛି, ଯାହାକି ଗତବର୍ଷର ସମାନ ଅବଧିରେ ୩.୭% ଥିଲା। ଉପଭୋକ୍ତା ବସ୍ତୁ ଉତ୍ପାଦନ ହାରରେ ୦.୬% ହ୍ରାସ ପାଇଛି, ଯାହା ବର୍ଷକ ପୂର୍ବରୁ ୨୩.୭% ଥିଲା।

### ବିଶ୍ୱବ୍ୟାଙ୍କ ପରେ ଏଡିବିର ପୂର୍ବାନୁମାନ
## ଭାରତର ଜିଡିପି ହାର ୭.୩% ରହିବ

**ନୂଆଦିଲ୍ଲୀ,୧୧-୧**

**ପୁଞ୍ଜୀକରଣ ସୀମା ସାଢ଼େ ୪ ବିଲିୟନ ଡଲାରକୁ ବଢ଼ାଇବ**




ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୭.୩% ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିବାର ଦୁଇ ଦିନ ପରେ ଏସିଆନ ଡେଭଲପମେଣ୍ଟ ବ୍ୟାଙ୍କ(ଏଡିବି) ମଧ ସମାନ ଅନୁମାନ କରିଛି। ଆସନ୍ତା ଆର୍ଥିକ ବର୍ଷରେ ନିବେଶ ବୃଦ୍ଧି ପାଇବା ତଥା ଜିଏସ୍‌ଟି ସଂଗ୍ରହ ବଢ଼ିବା କାରଣରୁ ଅର୍ଥନୀତି ଅଭିବୃଦ୍ଧି ହାର ୭.୬% ରେ ପହଞ୍ଚିବ ବୋଲି ଏହା ପୂର୍ବାନୁମାନ କରିଛି। ଏଡିବି କହିଛି ଯେ, ୨୦୧୯ରେ ଏହା ଭାରତକୁ ନିଜର ଆର୍ଥିକ ପୁଞ୍ଜୀକରଣ ସୀମାକୁ ବଢ଼ାଇ ସାଢ଼େ ୪ ବିଲିୟନ ଡଲାର(୩୧,୫୦୦ କୋଟି ଟଙ୍କା) ପର୍ଯ୍ୟନ୍ତ କରିବ। ଏଡିବି ଇଣ୍ଡିଆ ନିର୍ଦ୍ଦେଶକ କେନିଚି ୟୋକୋୟାମା ଏଠାରେ କହିଛନ୍ତି ଯେ, ଭାରତ ଲାଗି ଋଣ ସୀମାକୁ ବଢ଼ାଯିବ। ତନ୍ମଧ୍ୟରୁ ସାଢ଼େ ୩ ବିଲିୟନ ଡଲାର ସରକାରୀ ଖର୍ଚ୍ଚ ଓ ଗୋଟିଏ ବିଲିୟନ ଡଲାର ଘରୋଇ କ୍ଷେତ୍ରରେ ବିନିଯୋଗ କରାଯିବ। ପ୍ରକଳ୍ପର ପ୍ରଗତି ଋଣର ଆଧାର ହେବ। ଏଡିବିର ବରିଷ୍ଠ ଆର୍ଥିକ ଅଧିକାରୀ ଅଭିଜିତ୍ ସେନଗୁପ୍ତା କହିଛନ୍ତି ଯେ, ୨୦୧୯-୨୦ରେ ଆର୍ଥିକ ଅଭିବୃଦ୍ଧି ଦ୍ରୁତ ଗତିଶୀଳ ହେବ। ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ୭.୨% ରହିବ ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ନିକଟରେ ପୂର୍ବାନୁମାନ କରିଥିଲା। ତେବେ ଏହା ୭.୪% ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଜିଡିପି ଅଭିବୃଦ୍ଧି ହାର ୭.୬% ରହିଛି।

## ରାଜ୍ୟରେ ବାର୍ଷିକ ହାରାହାରି ୧୧୬ କିମି ରେଲୱେ ଟ୍ରାକ୍ ନିର୍ମାଣ

**ଭୁବନେଶ୍ୱର,୧୧-୧**

ରାଜ୍ୟରେ ବାର୍ଷିକ ହାରାହାରି ୧୧୬ କି.ମି.ର ରେଲୱେ ଟ୍ରାକ୍ ନିର୍ମାଣ ହେଉଛି। ଗତ ପାଞ୍ଚ ବର୍ଷ ମଧ୍ୟରେ ରାଜ୍ୟରେ ରେଲୱେ ଟ୍ରାକ୍ ନିର୍ମାଣ ଧାରା ଏପରି ରହିଛି, ଯାହା ଏହାର ପୂର୍ବବର୍ତ୍ତୀ ୫ ବର୍ଷରେ ବାର୍ଷିକ ହାରାହାରି ୯୮ କି.ମି. ରହିଥିଲା। ସେହିଭଳି ଏହି ଅବଧିରେ ଟ୍ରାକ୍ ଦୋହରୀକରଣ କାର୍ଯ୍ୟ ମଧ ଦୁଇଗୁଣ ବଢ଼ିଥିବା ଜଣାଯାଇଛି। ଏହା ପୂର୍ବରୁ ୧୫୭ କି.ମି. ରହିଥିବା ବେଳେ ବର୍ତ୍ତମାନ ସମୟରେ ବାର୍ଷିକ ହାରାହାରି ୩୩୦ କି.ମି.କୁ ବୃଦ୍ଧି ଘଟିଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହି ସମୟରେ ବଜେଟରେ ଓଡ଼ିଶାକୁ ୪,୧୯୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାବେଳେ ୨୦୧୪ ପରଠାରୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ୨୦୧୪ ପରଠାରୁ ରାଜ୍ୟକୁ ବ୍ୟୟ ବରାଦ ୫ ଗୁଣ ବୃଦ୍ଧି ଘଟି ୨୦,୨୧୩ କୋଟି ଟଙ୍କା ରହିଥିବା ରେଲୱେ ପକ୍ଷରୁ ପ୍ରକାଶ।

## ଟିଭିଏସ୍ ବିକ୍ରିରେ ୬% ଅଭିବୃଦ୍ଧି

**ହୋସୁର,୧୧-୧**

ଟିଭିଏସ୍ ମୋଟର କମ୍ପାନୀ ଗତବର୍ଷ ଡିସେମ୍ବରରେ ୬% ବିକ୍ରି ଅଭିବୃଦ୍ଧି ହାସଲ କରିଛି। ଏହି ସମୟରେ କମ୍ପାନୀର ଗାଡି ବିକ୍ରି ବଢିବା ସହ ୨,୭୧,୩୫୯ ୟୁନିଟ ରହିଛି। ଏହା ୨୦୧୭ ଡିସେମ୍ବରରେ ୨,୫୬,୮୭୦ ୟୁନିଟ ରହିଥିଲା। ଡିସେମ୍ବରରେ ମୋଟ ଦୁଇଚକିଆ ଯାନ କ୍ଷେତ୍ରରେ ୪% ବିକ୍ରି ବୃଦ୍ଧି ଘଟିବା ସହ ୨,୫୮,୭୦୯ ୟୁନିଟ ରହିଛି। ଏହା ୨୦୧୭-୧୮ ବର୍ଷର ସମାନ ସମୟରେ ୨,୪୭,୫୯୧ ୟୁନିଟ ରହିଥିଲା। ଡିସେମ୍ବରରେ ଦେଶରେ କମ୍ପାନୀର ଦୁଇଚକିଆ ବିକ୍ରି ୧% ବଢି ୨,୦୯,୯୦୬ ୟୁନିଟ ରହିଛି। ସ୍କୁଟର ବିକ୍ରି ୯% ବୃଦ୍ଧି ହୋଇ ୯୧,୪୮୦ ୟୁନିଟ ରହିଛି। ମୋଟର ସାଇକେଲ ବିକ୍ରି ଅଭିବୃଦ୍ଧି ଏହି ସମୟରେ ୧୩% ବଢି ୧,୦୭,୧୮୯ ୟୁନିଟ ରହିଛି। କମ୍ପାନୀ ରପ୍ତାନି କ୍ଷେତ୍ରରେ ୨୬% ବୃଦ୍ଧି ହାସଲ କରିବା ସହ ୬୦,୨୬୧ ୟୁନିଟ ରହିଛି। ଦୁଇଚକିଆ ରପ୍ତାନି ୨୨% ବଢିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀର ୩ ଚକିଆ ଯାନ ବିକ୍ରି ୩୭% ବଢିଥିବା ଜଣାପଡ଼ିଛି। ଏହି ସମୟରେ କମ୍ପାନୀ ୧୨,୬୮୬ ୟୁନିଟ ତିନିଚକିଆ ଯାନ ବିକିବାକୁ ସକ୍ଷମ ହୋଇଛି।

### ଡାକାର ର୍ୟାଲି ଷ୍ଟେଜ୍-୩ର ଅଷ୍ଟମ ସ୍ଥାନରେ ଓରିଏଲ୍ ମିନା

**ଭୁବନେଶ୍ୱର,୧୧-୧:** ହିରୋ ମୋଟୋ ସ୍ପୋର୍ଟ୍ସ ଟିମ୍ ରାଇଡର ଓରିଏଲ୍ ମିନା ଡାକାର ରାଲିର ଷ୍ଟେଜ-୩ରେ ଅଷ୍ଟମ ସ୍ଥାନ ହାସଲ କରିଛନ୍ତି। ଷ୍ଟେଜ-୩ରେ ରାଇଡରଙ୍କୁ ଘନ କୁହୁଡ଼ି, ବାଲୁକା ସ୍ତୁପର ରାସ୍ତା ଏବଂ ପାର୍ବତ୍ୟାଞ୍ଚଳ ମଧ ଦେଇ ଯିବାକୁ ପଡ଼ିଥିଲା। ହିରୋ ମୋଟୋ ସ୍ପୋର୍ଟ୍ସ ରାଇଡର ସି.ଏସ୍. ସନ୍ତୋଷ ଏବଂ ଜ୍ୟାକ୍ସିମ ରୋଡ୍ରିଗ୍ସ୍ ଟାଇମ୍ ସେଟ୍ ବ୍ୟାକ୍‌ର ଶିକାର ହୋଇଥିଲେ। ଉଭୟ ଚାଳକ ଫିନିଶିଂ ଲାଇନଠାରୁ ଦୂରେଇ ଯାଇଥିଲେ। ଏଥିରେ ସି.ଏସ୍. ସନ୍ତୋଷ ଏବଂ ଜ୍ୟାକ୍ସିମ ରୋଡ୍ରିଗ୍ସ୍ ୬୪ ଏବଂ ୪୬ତମ ସ୍ଥାନ ସହ ଶେଷ କରିଛନ୍ତି।

## ଆମ୍ରି ହସ୍ପିଟାଲ୍ସ ପକ୍ଷରୁ ପଞ୍ଚମ ବାର୍ଷିକୀ ପୂର୍ତ୍ତି

**ଭୁବନେଶ୍ୱର,୧୧-୧**




ଆମ୍ରି ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ପଞ୍ଚମ ବାର୍ଷିକୀ ପୂର୍ତ୍ତି ପାଳନ କରାଯାଉଛି। ବ୍ରାଣ୍ଡ ପ୍ରତିଶ୍ରୁତିକୁ ବଜାୟ ରଖି ହସ୍ପିଟାଲ ପକ୍ଷରୁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରାଯାଇଛି। ଏହା ଦ୍ୱାରା ହସ୍ପିଟାଲର ବିଭିନ୍ନ ସ୍ପେଶିଆଲିଟିରେ ପ୍ୟାକେଜ ସୁବିଧା ଦିଆଯାଉଛି। ସେହିଭଳି ଅତ୍ୟାଧୁନିକ ଟ୍ରମା ସେଣ୍ଟର, ୧୩ ଶଯ୍ୟା ବିଶିଷ୍ଟ ସର୍ଜିକାଲ ଆଇସିୟୁ ବ୍ୟବସ୍ଥା କରାଯାଇଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି। ଏକ ବିବିଧ ଶୃଙ୍ଖଳାର ମେଡିକାଲ ଟିମ୍ ସହ ପୂର୍ବ ଭାରତରେ ଉତ୍କୃଷ୍ଟ ପ୍ରଯୁକ୍ତି ସହ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେଉଛୁ ବୋଲି ଆମ୍ରି ହସ୍ପିଟାଲ୍ସର ଗ୍ରୁପ୍ ସିଇଓ ରୂପକ ବରୁଆ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତିବଦ୍ଧ ଡାକ୍ତର, ମେଡିକାଲ ତଥା ପାରାମେଡିକାଲ ଟିମ୍ ସହ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଭୁବନେଶ୍ୱରର ୟୁନିଟ ମୁଖ୍ୟ ଏବଂ ଭିପି ସିଏଲ୍ଏନ୍ ରେଡ୍ଡୀ ସୂଚନା ଦେଇଛନ୍ତି।

**PARADIP PORT TRUST**
**e-TENDER CALL NOTICE NO. EM/IOHP-01/2019**
Name of the work: **"Replacement of Wagon Tippler-150".** **Estimated cost:** ₹15,81,69,375/-, **Last date & time of submission of bid:** dt. 30.01.2019 up to 16:00 Hrs. Refer our website for details https://eprocure.gov.in/eprocure/app
**Executive Engineer (M)**
PPT/PR/583/18-19 Dt.11/01/2019 IOHP

## ୟୁବିଆଇ-ଶ୍ରେୟୀ ଇକ୍ୱିପମେଣ୍ଟ ଫାଇନାନ୍ସ ଚୁକ୍ତି

**କଲିକତା,୧୧-୧**

ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ଶ୍ରେୟୀ ଇକ୍ୱିପମେଣ୍ଟ ଫାଇନାନ୍ସ ସହ ଚୁକ୍ତିରେ ସାମିଲ ହୋଇଛି। କୃଷିକ୍ଷେତ୍ର ଏବଂ କ୍ଷୁଦ୍ର ସଂସ୍ଥାଗୁଡ଼ିକୁ ଫାଇନାନ୍ସ ଯୋଗାଣ ନେଇ ଏହି ଚୁକ୍ତି ବିଶେଷ ସହାୟକ ହେବ। ଏମ୍ଏସ୍ଏମ୍ଇଗୁଡ଼ିକର ଉନ୍ନତି ସାଧନ ପାଇଁ ଏଭଳି ପଦକ୍ଷେପ ବିଶେଷ ଭାବେ ସହାୟକ ହୋଇ ପାରିବ ବୋଲି ୟୁବିଆଇର ଏମ୍‌ଡି ଏବଂ ସିଇଓ ଅଶୋକ କୁମାର ପ୍ରଧାନ ଏହି ଅବସରରେ ସୂଚନା ଦେଇଛନ୍ତି। ଏମ୍ଏସ୍ଏମ୍ଇ କ୍ଷେତ୍ରର ବିକାଶ ସାଧନ ଦିଗରେ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର କହିଛନ୍ତି। ଏନ୍‌ବିଏଫ୍‌ସିଗୁଡ଼ିକ ପାଇଁ ଏଭଳି ଅଭିନବ ସଲ୍ୟୁଶନର ଆବଶ୍ୟକତା ରହିଥିବା ଶ୍ରେୟୀ ଉପାଧ୍ୟକ୍ଷ ସୁନୀଲ କାନୋରିଆ ସୂଚନା ଦେଇଛନ୍ତି।

OFFICE OF THE
**SUPERINTENDING ENGINEER, RURAL WORKS CIRCLE, BERHAMPUR**
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287
**NATIONAL COMPETITIVE BIDDING THROUGH e-Procurement**
No.1356-O:- **Bid Identification No. Online Tender/34-2018-19/BPR**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 34-2018-19/BPR | Road Works under Periodical Maintenance | 11 Nos. | From Rs. 59.84 lakhs to Rs. 273.62 Lakhs | "B" or "A" Class as applicable | 03 (Three) Calendar Months as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Circle, Berhampur | Online Tender/34-2018-19/ BPR | 16.01.2019 at 10.00 A.M. | 05.02.2019 upto 3.00 P.M. |

(i) EMD / Bid Security, Cost of Bid document is to be transferred through On-line as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website: - www.tendersodisha.gov.in.
Sd./- Superintending Engineer
R.W.Circle, Berhampur
25071/11/0051/1819

**ଓଡ଼ିଶା ସରକାର**
**ସୁନ୍ଦରଗଡ଼, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

**File No.- L.A.I.-12/2018/49/WE** **Dated: 2.01.19**

No.: VII-49: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ସୁନ୍ଦରଗଡ଼ ଜିଲ୍ଲାର ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା- ବିଛଣାପଟି, ଥାନା- ବଣାଇ ନଂ.- ୧୯୩, ତହସିଲ- ଲହୁଣୀପଡ଼ା, ଜିଲ୍ଲା- ସୁନ୍ଦରଗଡ଼ରେ ନିମ୍ନ ତଫସିଲ ନିମନ୍ତେ ପ୍ରାୟ ଏକର ୪.୫୯୦ ଭୂମି-ଅର୍ଜନ କରିବା ଆବଶ୍ୟକ ହେଉଅଛି।
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RECTLAR & R Act, 2013)ର ଧାରା ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧)ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।
ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**
୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଉପମୁଖ୍ୟଯନ୍ତ୍ରୀ (ନିର୍ମାଣ-୨) ପୂର୍ବତଟ ରେଳପଥ, ଅନୁଗୋଳ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ SIA Study Vide No. 35854 Dt.28.10.17 ଦ୍ରଷ୍ଟବ୍ୟ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବଣେଇ।
୬. ଜମିର ବିବରଣୀ:

| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
|---|---|---|---|---|---|---|---|---|
| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତଙ୍କ ନାମ |
| ସୁନ୍ଦରଗଡ଼ | ଲହୁଣୀପଡ଼ା | ବିଛଣାପଟି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏ.୧୨.୭୯୦ | ଏ.୪.୫୯୦ | ଏଥି ସହିତ ସଂଲଗ୍ନ ହୋଇଅଛି |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଭୂମି-ଅର୍ଜନ ଅଧିକାରୀ, ତାଳଚେର-ବିମଳାଗଡ଼ ନୂତନ ଓସାରିଆ ରେଳପଥ, ସୁନ୍ଦରଗଡ଼ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣଙ୍ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସ୍ୱା./- ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ, ସୁନ୍ଦରଗଡ଼

**ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂ-ଅର୍ଜନ ହେବାକୁ ଥିବା ରୟତି ଜମିର ତଫସିଲ**
**ମୌଜା: ବିଛଣାପଟି, ତହସିଲ: ଲହୁଣିପଡ଼ା, ଥାନା: ବଣେଇ, ଥାନା ନଂ.- ୧୯୩, ଜିଲ୍ଲା: ସୁନ୍ଦରଗଡ଼**

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା (ଏକରରେ) | ଏକରରେ ପ୍ରସ୍ତାବିତ ଭୂ-ଅର୍ଜନ ରକବା | ହଳ କିସମ | ବନ୍ଦୋବସ୍ତରେ ରେକର୍ଡ଼ ହୋଇଥିବା ରୟତଙ୍କ ନାମ, ପିତାଙ୍କ ନାମ, ଜାତି, ବାସସ୍ଥାନ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୫ | ୯୪୦ସ୍ପ | ୧.୮୮୦ | ୦.୨୯୦ | ଗୋଡ଼ ଦୁଇ | ଉପେନ୍ଦ୍ର ନାୟକ, କରୁଣା ନାୟକ, କାଳ ନାୟକ, ପି.- ଭୁଜେଶ୍ୱର ନାୟକ, ପଦ୍ମଲୋଚନ ନାୟକ, ଦୋଳଗୋବିନ୍ଦ ନାୟକ, ପି.- ଧନୁଞ୍ଜୟ ନାୟକ, ଜା: ଗଣ୍ଡ, ବା: ସୁଆରପାଲି |
| ୨ | ୭ | ୯୨୬ | ୦.୬୧୦ | ୦.୬୧୦ | ବାହାଳ ସାଧାରଣ | କାନ୍ଦନ ସିଂ ଭୂମିଜ, ପି.- ଲକ୍ଷ୍ମଣ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୯୨୯ସ୍ପ | ୦.୭୪୦ | ୦.୫୬୦ | ବାହାଳ ସାଧାରଣ | |
| | | ୯୩୨ସ୍ପ | ୦.୬୫୦ | ୦.୧୧୦ | ଗୋଡ଼ ଦୁଇ | |
| | | ୯୩୪ସ୍ପ | ୦.୬୦୦ | ୦.୫୫୦ | ବାହାଳ ସାଧାରଣ | |
| ୩ | ୧୧ | ୯୨୫ସ୍ପ | ୧.୮୯୦ | ୦.୭୫୦ | ବାହାଳ ସାଧାରଣ | ଗଣେଶ୍ୱର ସିଂ ଭୂମିଜ, ପି.- ମଙ୍ଗଲ ସିଂ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| ୪ | ୨୪ | ୯୨୮ସ୍ପ | ୦.୯୫୦ | ୦.୩୪୦ | ବାହାଳ ସାଧାରଣ | ନବଘନ ବଡ଼ନାୟକ, ପି.- ମାଧ ବଡ଼ନାୟକ, ଜା: ଗଣ୍ଡ, ବା: ନିଜଗାଁ |
| ୫ | ୪୫/୧୩ | ୯୩୦ସ୍ପ | ୦.୨୩୦ | ୦.୧୫୦ | ବାହାଳ ସାଧାରଣ | ରବି ଭୂମିଜ, ପି.- ଗଣେଶ ଭୂମିଜ, ଜା: ଭୂମିଜ, ବା: ନିଜଗାଁ |
| | | ୯୩୭ସ୍ପ | ୦.୬୭୦ | ୦.୦୩୦ | ବାହାଳ ସାଧାରଣ | |
| ୬ | ୪୫/୩୩ | ୭୪୫ସ୍ପ | ୨.୪୦୦ | ୦.୦୭୦ | ଗୋଡ଼ ଏକ | ଦେହୁରୀ ମୁଣ୍ଡା, ପି.- ଠବଳ ମୁଣ୍ଡା, ଜା: ମୁଣ୍ଡା, ବା: ବନ୍ଧବେର୍ଣ୍ଣା କୋଲନୀ |
| | | ୭୪୬ସ୍ପ | ୧.୫୨୦ | ୦.୫୮୦ | ମାଳ ସାଧାରଣ | |
| ୭ | ୪୫/୫୫ | ୯୨୪ସ୍ପ | ୦.୬୫୦ | ୦.୫୫୦ | ବେର୍ଣ୍ଣା ସାଧାରଣ | ଜୟନ୍ତୀ ଗଡ଼ତିଆ, ପି.- ମିତ୍ରଭାନୁ ଚାହିଆ, ଜା: ଗଣ୍ଡ, ବା: ସୁଆର ପାଲି |
| ମୋଟ | | ୧୨ | ଏ. ୧୨.୭୯୦ | ଏ ୪.୫୯୦ | | |

ଭୂ-ଅର୍ଜନ ଜୋନ ଅଧିକାରୀ
ତାଳଚେର-ବିମଳାଗଡ଼ ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ, ସୁନ୍ଦରଗଡ଼
24160/14/0048/1819

# ପାଣ୍ଡ୍ୟା, ରାହୁଲ ସସ୍‌ପେଣ୍ଡ

ନୂଆଦିଲ୍ଲୀ/ସିଡ୍‌ନୀ, ୧୧।୧ (ପି.ଟି.)


ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲ।

ଏକ ଟିଭି ଶୋ'ରେ ମହିଳାଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା ଓ କେ.ଏଲ୍ ରାହୁଲ ଭାରତର କ୍ରିକେଟ ପ୍ରଶାସକ (ସିଓଏ) ଦ୍ୱାରା ଶୁକ୍ରବାର ସସ୍‌ପେଣ୍ଡ ହୋଇଛନ୍ତି। ଅଧିନାୟକ ବିରାଟ କୋହଲି ଖେଳାଳିଦ୍ୱୟଙ୍କ ମନ୍ତବ୍ୟକୁ ସମାଲୋଚନା କରିବାର କିଛି ଘଣ୍ଟା ପରେ ଏହି ଦଣ୍ଡବିଧାନ କରାଯାଇଛି। ଫଳରେ ସିଡ୍‌ନୀଠାରେ ଶନିବାର ଆରମ୍ଭ ହେବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରୁ ଏହି ଖେଳାଳିଦ୍ୱୟଙ୍କୁ ବାଦ୍ ଦିଆଯାଇଛି। ସେମାନଙ୍କୁ ତୁରନ୍ତ ଭାରତ ପଠାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ପାଣ୍ଡ୍ୟା ଓ ରାହୁଲଙ୍କ ବିରୋଧରେ ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରାଯିବ। ଏହା ପୂର୍ବରୁ ସେମାନଙ୍କ ବିରୋଧରେ ସାନି କାରଣଦର୍ଶାଅ ନୋଟିସ ଜାରି କରାଯିବ। ସିଓଏ ଚେୟାରମ୍ୟାନ ବିନୋଦ ରାୟ ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଦୁଇ କ୍ରିକେଟରଙ୍କୁ ନେଇ 'କଫି ୱିଥ୍ କରନ'ର ଅଧ୍ୟାୟକୁ ସମ୍ପୃକ୍ତ ଚ୍ୟାନେଲ ଏହାର ଅନ୍‌ଲାଇନ୍ ପ୍ଲାଟଫର୍ମରୁ ହଟାଇ ଦେଇଛି। ବିଷୟର ତଦନ୍ତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଆଭ୍ୟନ୍ତରୀଣ କମିଟି କିମ୍ବା ଜଣେ ଆଡ୍‌ହକ୍ ଅମ୍ବୁଡ୍ସମ୍ୟାନଙ୍କ ଦ୍ୱାରା କରାଯିବ, ତାହା ସ୍ପଷ୍ଟ କରାଯାଇନାହିଁ। ରବିବାର ପ୍ରସାରଣ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସେକ୍ସିଷ୍ଟ ମନ୍ତବ୍ୟକୁ ନେଇ ପାଣ୍ଡ୍ୟା ତାଙ୍କ ଟ୍ୱିଟର ପେଜ୍‌ରେ ଅନୁତାପ କରିଛନ୍ତି। ଏହାଛଡ଼ା ବୁଧବାର ବିସିସିଆଇର କାରଣ ଦର୍ଶାଅ ନୋଟିସର ଜବାବ ମଧ ଦେଇଛନ୍ତି। ରାହୁଲ କିନ୍ତୁ ଏହି ବିବାଦ ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି। ଦୁଇ ଖେଳାଳିଙ୍କ ଆଗକୁ ନ୍ୟୁଜିଲାଣ୍ଡ ଟୁର୍ ଯିବା ସମ୍ଭାବନା ମଉଳି ଯାଇଛି। ଟିଭି ଶୋ'ରେ ପାଣ୍ଡ୍ୟା ନିଜ ସେକ୍ସ ଲାଇଫ୍ ଉପରେ ଖୋଲାଖୋଲି ମନ୍ତବ୍ୟ ଦେବା ସହ ନିଜ ପରିବାର ସଦସ୍ୟଙ୍କ ଖୋଲା ଚିନ୍ତାଧାରା ନେଇ ନିଜର ମତ ରଖିଥିଲେ। ରାହୁଲ କିନ୍ତୁ ଏହି ପ୍ରସଙ୍ଗ ଉପରେ ତାଙ୍କ ମତ ଉପସ୍ଥାପନ କଲାବେଳେ ସଂଯମତା ଅବଲମ୍ବନ କରିଥିଲେ। ସମ୍ଭବତଃ ଏହି ଦୁଇ ଖେଳାଳିଙ୍କ ସ୍ଥାନରେ ରିଷଭ ପନ୍ତ ଓ ମନୀଷ ପାଣ୍ଡେଙ୍କୁ ନିଆଯାଇପାରେ। ସସ୍‌ପେଣ୍ଡ ହୋଇ ନ ଥିଲେ ଶନିବାର ମ୍ୟାଚରେ ପାଣ୍ଡ୍ୟା ଚୂଡ଼ାନ୍ତ ଏକାଦଶରେ ଖେଳିବା ନିଶ୍ଚିତ ଥିଲା। କିନ୍ତୁ ଫର୍ମରେ ନ ଥିବାରୁ ରାହୁଲଙ୍କର ସମ୍ଭାବନା ନ ଥିଲା। ସୂଚନାଯୋଗ୍ୟ, ବିସିସିଆଇ ଭବିଷ୍ୟତରେ ହୁଏତ ଖେଳାଳିମାନଙ୍କୁ ଟିଭି ରିୟଲିଟି ଶୋ'ରେ ଅଂଶଗ୍ରହଣ ନେଇ କଟକଣା ଜାରି କରିପାରେ।

## ସି.କେ. ନାଇଡୁ ଟ୍ରଫି: ଓଡ଼ିଶାର ବିଦାୟ

କଟକ ଅଫିସ,୧୧।୧: ଧର୍ମଶାଳାରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶାର ଅଭିଯାନ ଲଜ୍ଜାଜନକ ଭାବେ ଶେଷ ହୋଇଛି। ଏଲିଟ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ଚଳିତ ସିଜନରେ ଗୋଟିଏ ବି ମ୍ୟାଚ ଜିତି ପାରିନାହିଁ। ୮ଟି ମ୍ୟାଚ୍‌ରୁ ୪ଟି ପରାଜୟ ଓ ୪ଟି ଡ୍ର ବଳରେ ୮ ପଏଣ୍ଟ ପାଇ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଛି। ଶୁକ୍ରବାର ଓଡ଼ିଶା ୯ ଉଇକେଟରେ ହିମାଚଳପ୍ରଦେଶଠାରୁ ପରାସ୍ତ ହୋଇଛି। ଓଡ଼ିଶା ପ୍ରଥମ ଇନିଂସରେ ୧୬୧ରନରେ ଅଲଆଉଟ ହୋଇଥିଲା। ଜବାବରେ ଘରୋଇ ହିମାଚଳପ୍ରଦେଶ ଡି.ବି ରାଙ୍ଗୀଙ୍କ ୧୦୬ରନ ସହାୟତାରେ ପ୍ରଥମ ଇନିଂସରେ ୩୨୪ରନ କରିଥିଲା। ଦ୍ୱିତୀୟ ଇନିଂସରେ ଓଡ଼ିଶା ୨୪୩ ରନ୍‌ରେ ସୀମିତ ରହିବା ଯୋଗୁ ହିମାଚଳପ୍ରଦେଶ ସମ୍ମୁଖରେ ୮୧ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଗୋଟିଏ ଉଇକେଟ ହରାଇ ହିମାଚଳପ୍ରଦେଶ ବିଜୟୀ ହୋଇଛି।

■ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ: ପ୍ରତ୍ୟାଶାଙ୍କୁ ବ୍ରୋଞ୍ଜ

# ସ୍ନେହାଙ୍କୁ ସ୍ୱର୍ଣ୍ଣ, ଜଗଦୀଶ, ପ୍ରଜ୍ଞାଙ୍କୁ ରୌପ୍ୟ


ପ୍ରଜ୍ଞା ସାହୁ



ପ୍ରତ୍ୟାଶା ରୟ

ଭୁବନେଶ୍ୱର, ୧୧।୧ (କ୍ରୀଡ଼ା ପ୍ରତିନିଧି)

ପୁଣେରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୨୧ ବର୍ଷରୁ କମ୍ ବାଳିକା ଭାରୋତ୍ତୋଳନରେ ଓଡ଼ିଶାର ସ୍ନେହା ସୋରେନ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରାଜ୍ୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟ ଜଗଦୀଶ ବାରିକ ୧୭ ବର୍ଷରୁ କମ୍ ଟେବୁଲ ଭଲ୍ଟରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ୨୧ ବର୍ଷରୁ କମ୍ ୧୦୦ ମିଟର ହର୍ଡଲ୍ସରେ ପ୍ରଜ୍ଞା ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରଜ୍ଞା ୧୪.୩୪ ସେକେଣ୍ଡ ସମୟ ନେଇ ରେସ୍ ଶେଷ କରିଥିଲେ। ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରୟ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେ ୧:୧୦.୬୧ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ।

### ହକି: ସେମିରେ ଓଡ଼ିଶା

୨୧ବର୍ଷରୁ କମ୍ ପୁରୁଷ ହକିରେ ଓଡ଼ିଶା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ପୁଲ-ବିରେ ସ୍ଥାନ ପାଇଥିବା ଦୀପକ କେରକେଟାଙ୍କ ନେତୃତ୍ୱାଧୀନ ଓଡ଼ିଶା ଦଳ ଶୁକ୍ରବାର ୨-୧ ଗୋଲରେ ଝାଡ଼ଖଣ୍ଡକୁ ପରାସ୍ତ କରି ଏହି ସଫଳତା ପାଇଛି। ଶୈଳେନ୍ଦ୍ର ଲାକ୍ରା ୯ମ ଓ ୩୫ତମ ମିନିଟରେ୨ଟି ଗୋଲ ସ୍କୋର କରିଥିଲେ। ଝାଡ଼ଖଣ୍ଡ ପକ୍ଷରୁ ୩୯ତମ ମିନିଟରେ ଅସୀମ ତିର୍କୀ ଗୋଟିଏ ଗୋଲ ପରିଶୋଧ କରିଥିଲେ। ସେମିରେ ୨୧ବର୍ଷରୁ କମ୍ ଓଡ଼ିଶା ଦଳ ଉତ୍ତରପ୍ରଦେଶକୁ ଭେଟିବ। ଅନ୍ୟପକ୍ଷରେ ଗୁରୁବାର ଦିଲ୍ଲୀକୁ ୩-୧ ଗୋଲରେ ହରାଇ ସେମିରେ ପ୍ରବେଶ କରିଥିବା ୧୭ବର୍ଷରୁ କମ୍ ବାଳକ ଦଳ ସେମିଫାଇନାଲରେ ପଞ୍ଜାବକୁ ଭେଟିବ।

## ୟୁନିୟନ ସ୍ପୋର୍ଟିଂ ଫାଇନାଲରେ

ରାଜନଗର, ୧୧।୧: ରାଜନଗରସ୍ଥିତ ବଡପଲ୍ଲୀ ମିନି ଷ୍ଟାଡିୟମରେ ପଲ୍ଲିଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫିର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ସ୍କାନକୁ ୬ ଉଇକେଟରେ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ୧୪ ତାରିଖ ଦିନ ୟୁନିୟନ ଫାଇନାଲରେ ଖୋର୍ଦ୍ଧାର ଷ୍ଟର୍ଡ କ୍ରିକେଟ ଆସୋସିଏଶନକୁ ଭେଟିବ। ଶୁକ୍ରବାର ଟସ ଜିତି ସ୍କାନ ପ୍ରଥମେ ବ୍ୟାଟିଂ କରି ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳର ସନ୍ତୋଷ ଦେବକାନ୍ତ ୨୫ ଓ ଶୁଭମ ସତ୍ୟଜିତ ୩୦ ରନ କରିଥିଲେ। ୟୁନିୟନ ସ୍ପୋର୍ଟିଂର ବୋଲର ରତିକ ଅଲ୍ଲୀ ୩ଟି ଉଇକେଟ ନେଇଥିଲେ। ଜବାବରେ ୟୁନିୟନ ସ୍ପୋର୍ଟିଂ ମାତ୍ର ୪ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳର ଜ୍ୟୋତି ରଞ୍ଜନ ଦଳାଇ ୪୮ ରନ, ସର୍ବେଶ୍ୱର ମହାନ୍ତି ୩୨ ରନ କରିଥିଲେ। ସ୍କାନର ମନୋଜ ବାରିକ ୨ଟି ଉଇକେଟ ନେଇଥିଲେ। ଜ୍ୟୋତିରଞ୍ଜନ ଦଳାଇଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସୈନିକ ସ୍କୁଲର ଅଧ୍ୟାପକ ବିଘ୍ନେଶ୍ୱର ପ୍ରଧାନ, ମହାକାଳପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ବରାଳ ଅତିଥି ଭାବେ ଯୋଗଦେଇଥିଲେ। ବଂଶୀଧର ସ୍ୱାଇଁ, ନିରୋଦ ବଳ ଖେଳ ପରିଚାଳନା କରିଥିଲେ।

## ମୁରେଙ୍କ ଅବସର ସୂଚନା

ମେଲବୋର୍ନ,୧୧।୧- ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ପୁରୁଷ ସିଙ୍ଗଲ୍ସ ଖେଳାଳି ଆଣ୍ଡି ମୁରେ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି। ଚଳିତ ସିଜନର ୱିମ୍ବେଲଡନ ଓପନ ତାଙ୍କର ଅନ୍ତିମ ଇଭେଣ୍ଟ ହେବ ବୋଲି ମୁରେ ହୋଇ ଶୁକ୍ରବାର କହିଛନ୍ତି। ତିନି ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଗତ ବର୍ଷ ଆହତ ସମସ୍ୟା ଯୋଗୁ ପ୍ରାୟତଃ ଖେଳି ନ ଥିଲେ। ଅଣ୍ଟା ସମସ୍ୟା ଲାଗି ସେ ଅଷ୍ଟ୍ରେଲିଆନ ଓପନର ଗତ ସଂସ୍କରଣରେ ଖେଳି ନ ଥିଲେ। ଅସ୍ତ୍ରୋପଚାର କରାଇବା ପରେ ୱିମ୍ବେଲଡନ ଓପନରେ ଖେଳିଥିଲେ।

■ ଜାତୀୟ ସ୍କୁଲ କିକ୍‌ବକ୍ସିଂ ଚାମ୍ପିୟନଶିପ୍

## ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)


ଜାତୀୟ ସ୍କୁଲ କିକ୍‌ବକ୍ସିଂ ସବ୍‌ଜୁନିୟର ବିଭାଗରେ ରନର୍ସଅପ୍ ଓଡ଼ିଶା ଦଳ।

ପଶ୍ଚିମବଙ୍ଗର ସିଲିଗୁଡ଼ିସ୍ଥିତ ବିଏସ୍‌ଏଫ୍ କ୍ୟାମ୍ପସରେ ଅନୁଷ୍ଠିତ ଆଇଏକେଓ (ଇଣ୍ଡିଆନ ଆସୋସିଏଶନ ଅଫ୍ କିକ୍‌ବକ୍ସିଂ ଅର୍ଗାନାଇଜେଶନ) ଜାତୀୟ ସ୍କୁଲ କିକ୍‌ବକ୍ସିଂ ଚାମ୍ପିୟନଶିପ୍‌ର ସବ୍‌ଜୁନିୟର କାଟେଗୋରିରେ ଓଡ଼ିଶା ରନର୍ସଅପ୍ ହୋଇଛି। ପ୍ରତିଯୋଗିତାରେ ୨୩ ସ୍କୁଲରୁ ପାଖାପାଖି ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସବ୍‌ଜୁନିୟର କାଟେଗୋରିରେ ଭାଗ ନେଇଥିବା ୧୦ ଜଣିଆ ଓଡ଼ିଶା ଦଳ ୧୦ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ପାଇ ରନର୍ସଅପ୍ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଥିବାବେଳେ ଉତ୍ତରପ୍ରଦେଶର ସେଣ୍ଟ ପଲ୍ ସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅଲ୍‌ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପଶ୍ଚିମବଙ୍ଗ ଚାମ୍ପିୟନ, ଓଡ଼ିଶା ରନର୍ସଅପ୍

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

**ପୂର୍ବାଞ୍ଚଳ ଏଜି ହକି**

ସ୍ଥାନୀୟ ମହାଲେଖାକାର କାର୍ଯ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ପୂର୍ବାଞ୍ଚଳ ଅଡିଟ୍ ଓ ଆକାଉଣ୍ଟ୍ସ(ଏଜି) ହକି ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ଏଥିରେ ପଶ୍ଚିମବଙ୍ଗ ଚାମ୍ପିୟନ ଏବଂ ଓଡ଼ିଶା ରନର୍ସଅପ୍ ହୋଇଛି। ଫାଇନାଲରେ ପଶ୍ଚିମବଙ୍ଗ ୩-୧ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧର ୧୩ତମ ମିନିଟରେ ଅମିତ ଶର୍ମା ଏକ ଫିଲ୍ଡ ଗୋଲ ଦେଇ ପଶ୍ଚିମବଙ୍ଗକୁ ଅଗ୍ରଣୀ କରାଇଥିଲେ। ୩୩ତମ ମିନିଟରେ ଓଡ଼ିଶାର ଥିଓଫିଲ୍ କୁଜୁର ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୧-୧ସ୍ଥିତିକୁ ଆଣିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୯ତମ ମିନିଟରେ ଚନ୍ଦନ ଶର୍ମା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ପଶ୍ଚିମବଙ୍ଗକୁ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟରେ ଅଧିନାୟକ ୟାଦିନ୍ଦର ସିଂ ଆଉ ଏକ ଫିଲ୍ଡ ଗୋଲ ଦେବାରୁ ପଶ୍ଚିମବଙ୍ଗ ୩-୧ ଗୋଲରେ ବିଜୟୀ ହୋଇଥିଲା। ରେଫରି ପ୍ରଦୀପ ଗୌତମ ଓ ମୀନାକ୍ଷୀ ସୁନ୍ଦରମ ମ୍ୟାଚ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ମୁଖ୍ୟ ଅତିଥି, ଦେବସ୍ମିତା ନାୟକ, ହକି ଅଲିମ୍ପିଆନ ଲାଜରୁସ ବାର୍ଲା ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବରିଷ୍ଠ ଉପମହାଲେଖାକାର ବିଶ୍ୱନାଥ ସିଂ ଜର୍ଡାନ, ଉପ-ମହାଲେଖାକାର ଆର.କେ. ସୋଲାଙ୍କି, ଡ. ଜ୍ୟୋତି ଚୌରାସିଆ, ପି. ରାହୁଲ, ଦୀନମଣି ମଲିକ, ନନ୍ଦଦୁଲାଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଅବକାଶ ଖଟୁଆ, ଚିନ୍ମୟ ହୋତା, ବି. କିରଣ, ପୁରୁଷୋତ୍ତମ ବଳ, ସରୋଜ ବାରିକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।


ପୂର୍ବାଞ୍ଚଳ ଏଜି ହକି ଟୁର୍ନାମେଣ୍ଟରେ ରନର୍ସଅପ୍ ଓଡ଼ିଶା ଦଳ ପୁରସ୍କାର ସହ ଅତିଥିଙ୍କ ଗହଣରେ।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
# କ୍ଷମତାପନ୍ନ ପ୍ରାଧିକାରୀ, ଭୂ-ଅର୍ଜନ ଉପ-ବିଭାଗ
## ଜାତୀୟ ରାଜପଥ ସଂଖ୍ୟା- ୫୭ ପ୍ରକଳ୍ପ, ଜିଲ୍ଲା- ନୟାଗଡ଼
## ସର୍ବସାଧାରଣ ନୋଟିସ୍

ଜାତୀୟ ରାଜପଥ ଆଇନ ୧୯୫୬ (Act 48 of 1956)ର ଧାରା ୩ (କ) ଉପଧାରା ୩ ମୁତାବକ ଯେହେତୁ, ଜାତୀୟ ରାଜପଥ ଆଇନ ୧୯୫୬ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଅଧିସୂଚନା ସଂଖ୍ୟା S.O. ୫୦୪୮ (E) ତା ୨୮।୦୯।୨୦୧୮ରିଖ ଭାରତ ସରକାରଙ୍କ ରାଜପତ୍ର ସଂଖ୍ୟା ୩୦୬୫ ତା୧୫।୦୯।୨୦୧୭ରିଖ ପ୍ରୋକ୍ତ ଆଇନର ଧାରା ୩(ଇ)ରେ ଉଲ୍ଲେଖିତ ସର୍ବସାଧାରଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟର ନୟାଗଡ଼ ଜିଲ୍ଲା ନୟାଗଡ଼ ତହସିଲ ଅନ୍ତର୍ଗତ ଜାତୀୟ ରାଜପଥ ସଂଖ୍ୟା-୫୭ର (ବଲାଙ୍ଗୀର-ଖୋର୍ଦ୍ଧା ଉପଖଣ୍ଡ) ସମ୍ପ୍ରସାରଣ ପାଇଁ ଧାରା ୩(ଘ) ଉପଧାରା ୧ ମୁତାବକ ନିମ୍ନ ତଫସିଲଭୁକ୍ତ ପ୍ଲଟ ଅନୁସୂଚୀମାନ ଅଧିଗ୍ରହଣ କରିବାକୁ ସ୍ଥିରୀକୃତ କରାଯାଇ ଅଧିସୂଚନା ଜାରି ହୋଇଅଛି। ଯେହେତୁ ପ୍ରୋକ୍ତ ଆଇନ ଧାରା ୩(କ)ର ଉପଧାରା ୧, ୨, ୩ ଓ ୪ ଅନୁସାରେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ତଫସିଲଭୁକ୍ତ ପ୍ଲଟ ଅନୁସୂଚୀ ଜମିର ସ୍ୱତ୍ୱବାନ ବ୍ୟକ୍ତି, ଭୂମିମାଲିକ, ସ୍ୱାର୍ଥଥିବା ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ନିମ୍ନରେ ଉଦ୍ଦିଷ୍ଟ ସ୍ଥାନ ଏବଂ ତାରିଖରେ ସକାଳ ୧୧ଘଟିକା ସମୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ଯଥା ପଟ୍ଟା, ବିକ୍ରୟ କବଲା, ଭାଗ ବଣ୍ଟରା, ଦାଖଲ ଖାରଜ, ଖଜଣା ପାଉତି ସହ ନିଜେ କିମ୍ବା ବିଧି ପୂର୍ବକ କ୍ଷମତା ପ୍ରାପ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉପସ୍ଥିତ ରହି ଦାବି ଉପସ୍ଥାପିତ କରିପାରିବେ, ନଚେତ ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ଭର ଦସ୍ତଖତ ଓ ସହି ମୋହର ଦ୍ୱାରା ପ୍ରମାଣିତ।

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼
ଜାତୀୟ ରାଜପଥ ସଂଖ୍ୟା - ୫୭ ପ୍ରକଳ୍ପ, ନୟାଗଡ଼

| କ୍ର.ନଂ. | ଜିଲ୍ଲାର ନାମ | ତହସିଲର ନାମ | ଗ୍ରାମର ନାମ | ନିର୍ଦ୍ଧାରିତ ତାରିଖ ଓ ସମୟ | ଦାବି ଦାଖଲ କରିବା ସ୍ଥାନ |
|---|---|---|---|---|---|
| ୧ | ନୟାଗଡ଼ | ନୟାଗଡ଼ | ବଡ଼ପଣ୍ଡୁସର<br>ହରେକୃଷ୍ଣପୁର | ତା୧୯।୦୧।୨୦୧୯ରିଖ ଠାରୁ ତା୨୫।୦୧।୨୦୧୯ ପର୍ଯ୍ୟନ୍ତ (ସମୟ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | ଭୂ-ଅର୍ଜନ ଉପବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୟାଗଡ଼ |

## NOTIFICATION

**New Delhi the 28th September 2018**

S.O. 5048(E). Whereas by the notification of the Government of India in the Ministry of Road Transport and Highways No. S.O. 3065 (E) dated 15.09.2017, published in the Gazette of India, Extraordinary, Part II, Section-3, Sub-section (ii) issued under sub-section (1) of Section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the schedule annexed to the said notification for building (widening/fourlaning etc.) Maintenance, management and operation of National Highways No. 57 on the stretch of land from Km 239/900 to Km 294/300 (Nayagarh Khordha Section) in the district of Nayagarh in the State of Odisha.

And whereas the substance of the said notification has been published in "The Prameya" and "The Dharitri" both dated 20th November 2017; under sub-section (3) of Section 3A of the said Act;

And whereas objections have been received and the same have been considered and disallowed by the competent Authority;

And whereas, in pursuance of sub-section (1) 3D of the said Act, the competent authority has submitted its report to the Central Government;

Now, therefore, upon receipt of the said report of the competent authority and in exercise of the powers conferred by the sub-section(1) of section 3D of the said Act, the Central Government hereby declares that the land specified in the said schedule should be for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said schedule shall vest absolutely in the Central Government, free from all encumbrances.

**SCHEDULE**

Brief description of the land to be acquired with or without, falling within the stretch of land from Km 239/900 to 294/300 Km of NH 57 in the district of Nayagarh in the State of Odisha (From Km 239/900 to 252/900).

| କ୍ରମିକ ନଂ. | ପ୍ଲଟ ନଂ. | ଜମିର ପ୍ରକାର | କିସମ | ଅଧିଗ୍ରହଣ ରକବା (ଏକର) | ଅଧିଗ୍ରହଣ ରକବା (ହେକ୍ଟର) | ଜମି ମାଲିକ/ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|---|
| ତହସିଲ: ନୟାଗଡ଼, ମୌଜା: ବଡ଼ପଣ୍ଡୁସର | | | | | | |
| ୧ | ୧୨୧୧ | ବେସରକାରୀ | ଶାରଦ - ୩ | ୦.୦୩୫ | ୦.୦୧୪ | ଉଦୟ ନାଥ ସାହୁ, ପିତା: ଯଦୁ ସାହୁ |
| ୨ | ୧୨୧୩ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | |
| ୩ | ୧୨୧୨ | ବେସରକାରୀ | ଶାରଦ - ୩ | ୦.୦୨୫ | ୦.୦୧୦ | ବିଦ୍ୟାଧର ସାହୁ, ପିତା: ଅଗାଧୁ ସାହୁ |
| ୪ | ୧୨୧୪ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୫ | ୧୧୫୮ | ବେସରକାରୀ | ପଡିତ | ୦.୦୬୦ | ୦.୦୨୪ | |
| ୬ | ୧୨୧୫ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୭ | ୧୨୧୬ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଚତୁର୍ଭୁଜ ମହାରଣା, ପିତା: ହାଲ ମହାରଣା, ପ୍ରତାପ ମହାରଣା, ପୂର୍ଣ୍ଣଚନ୍ଦ୍ର ମହାରଣା, ପିତା: ଚତୁର୍ଭୁଜ ମହାରଣା, ଆଂଶିକ ପ୍ଲଟ୍ ନଂ. ୧୨୧୬/୪୧୮୨ |
| ୮ | ୧୨୧୭ | ବେସରକାରୀ | ଶାରଦ - ୩ | ୦.୧୪୦ | ୦.୦୫୭ | ଆନନ୍ଦ ଚନ୍ଦ୍ର ନାୟକ ଓରଫ ପ୍ରଧାନ, ପିତା: ଲିଙ୍ଗରାଜ ନାୟକ |
| ୯ | ୧୨୨୦ | ବେସରକାରୀ | ଶାରଦ - ୩ | ୦.୧୯୦ | ୦.୦୭୭ | |
| ୧୦ | ୧୨୧୮ | ବେସରକାରୀ | ଶାରଦ - ୩ | ୦.୦୬୦ | ୦.୦୨୪ | ଶ୍ରୀ ମଦନମୋହନ ଠାକୁର ବିଜେ ନିଜଗାଁ ମାର୍ଫତ୍ ଦେବୋତ୍ତର ବିଭାଗ, ତରଫ ଏକ୍‌ଜିକ୍ୟୁଟିଭ ଅଫିସର ଏସ୍‌ଡିଓ, ନୟାଗଡ଼ |
| ୧୧ | ୧୨୧୯ | ବେସରକାରୀ | ଶାରଦ - ୩ | ୦.୧୫୦ | ୦.୦୬୧ | |
| ୧୨ | ୧୨୨୦/୩୪୯୫ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | |
| ୧୩ | ୧୧୫୪ | ବେସରକାରୀ | ଶାରଦ - ୧ | ୦.୦୧୫ | ୦.୦୦୬ | ଉଦ୍ୟନାଥ ମହାନ୍ତି, ଦେବରାଜ ମହାନ୍ତି, ସୁକଦେବ ମହାନ୍ତି, ପିତା: ବାଞ୍ଛାନିଧି ମହାନ୍ତି, ହରି ମହାନ୍ତି, ପିତା: କସ୍ତୁରି ମହାନ୍ତି |
| ୧୪ | ୧୨୨୧ | ବେସରକାରୀ | ଶାରଦ - ୩ | ୦.୧୨୦ | ୦.୦୪୯ | ଉଦୟନାଥ ମହାନ୍ତି, ପିତା ଯଦୁ ସାହୁ |
| ୧୫ | ୧୨୨୨ | ବେସରକାରୀ | ଶାରଦ - ୩ | ୦.୦୫୫ | ୦.୨୨୦ | ସହଦେବ ପ୍ରଧାନ, ପିତା: ବାସୁ ଫତେସିଙ୍ଘ |
| ୧୬ | ୧୨୨୩ | ବେସରକାରୀ | ଶାରଦ - ୩ | ୦.୧୦୦ | ୦.୪୦୦ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୧୭ | ୧୨୨୪ | ବେସରକାରୀ | ଘରବାରି | ୦.୦୬୦ | ୦.୦୨୪ | ଅଲେଖ ବେହେରା, ପିତା: ନଟବର ବେହେରା |
| ୧୮ | ୨୫୮୬ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | |
| ୧୯ | ୧୨୨୫ | ବେସରକାରୀ | ଶାରଦ - ୩ | ୦.୦୪୫ | ୦.୦୧୮ | ସରୋଜିନୀ ଖଟୁଆ, ସ୍ୱାମୀ ଗୁଣାନିଧି ଖଟୁଆ |
| ୨୦ | ୧୧୫୫ | ବେସରକାରୀ | ଶାରଦ - ୨ | ୦.୧୭୦ | ୦.୦୬୯ | ବିଶ୍ୱନାଥ ଡାକୁଆ, ପିତା: ଦୟାନିଧି ଡାକୁଆ, କାହ୍ନୁ ଚରଣ ଡାକୁଆ, ଜଗନ୍ନାଥ ଡାକୁଆ, ପିତା: ହରି ଡାକୁଆ |
| ୨୧ | ୧୧୫୬ | ବେସରକାରୀ | ଶାରଦ - ୧ | ୦.୦୦୫ | ୦.୦୦୨ | ବଂଶୀଧର ସାହୁ, ପିତା: କଣ୍ଠ ସାହୁ |
| ୨୨ | ୧୧୫୭ | ବେସରକାରୀ | ପଡିତ | ୦.୦୪୦ | ୦.୦୧୬ | ରବୀନ୍ଦ୍ର କୁମାର ମହାନ୍ତି, ପିତା: ଉଦ୍ୟନାଥ ମହାନ୍ତି |
| ୨୩ | ୧୧୫୯ | ବେସରକାରୀ | ପଡିତ | ୦.୦୫୦ | ୦.୦୨୦ | ଅମ୍ବିକା ସାହୁ, ସ୍ୱାମୀ: ଭଗବାନ ସାହୁ |
| ୨୪ | ୧୧୬୪ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ଆନନ୍ଦ ଚନ୍ଦ୍ର ନାୟକ, ପିତା: ଲିଙ୍ଗରାଜ ନାୟକ |
| ୨୫ | ୧୧୬୬ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୧୪୦ | ୦.୦୫୭ | ପ୍ରସନ୍ନ କୁମାର ସାହୁ, ଶରତ କୁମାର ସାହୁ, ସୁଦର୍ଶନ ସାହୁ, ପିତା: ଭାଗବତ ସାହୁ |
| ୨୬ | ୧୧୬୭ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୨୮୦ | ୦.୧୧୩ | ଉଦ୍ୟନାଥ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବିଦ୍ୟାଧର ପ୍ରଧାନ, ପଞ୍ଚୁ ପ୍ରଧାନ, ପିତା: ଆନନ୍ଦ ପ୍ରଧାନ, ସୁଦର୍ଶନ ପ୍ରଧାନ, ପିତା: ନଟବର ରାଉତରା |
| ୨୭ | ୧୧୬୮ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୨୦ | ୦.୦୦୮ | କଣ୍ଠ ସାହୁ, ପିତା: ଦିନବନ୍ଧୁ ସାହୁ |
| ୨୮ | ୧୧୬୯ | ବେସରକାରୀ | ଶାରଦ ଦୋ ଫସଲି - ୨ | ୦.୦୧୦ | ୦.୦୦୪ | ବଂଶୀଧାର ସାହୁ, ମୁରଲୀଧର ସାହୁ, ଶ୍ରୀଧର ସାହୁ, ପିତା: କଣ୍ଠ ସାହୁ |
| ୨୯ | ୧୧୭୦ | ବେସରକାରୀ | ଏଜନ | ୦.୦୩୦ | ୦.୦୧୨ | |
| ୩୦ | ୧୧୭୧ | ବେସରକାରୀ | ଶାରଦ ଦୋ ଫସଲି - ୩ | ୦.୦୦୫ | ୦.୦୦୨ | ହରି ଡାକୁଆ, ପିତା: ମଣି ସୁବୁଦ୍ଧି |
| ୩୧ | ୨୫୮୭ | ବେସରକାରୀ | ଶାରଦ - ୩ | ୦.୦୪୦ | ୦.୦୧୬ | ମାଧବ ଚନ୍ଦ୍ର ବିଶୋଇ, ପିତା: ପଞ୍ଚାନନ ବିଶୋଇ |
| ୩୨ | ୨୫୮୮ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ଅନ୍ତର୍ଯ୍ୟାମି ସାହୁ, ପିତା: ପରମାନନ୍ଦ ସାହୁ |
| ୩୩ | ୨୫୮୯ | ବେସରକାରୀ | ଶାରଦ - ୩ | ୦.୦୦୫ | ୦.୦୦୨ | ମାନଗୋବିନ୍ଦ ପ୍ରଧାନ, ପିତା: ଚୈତନ୍ୟ ପ୍ରଧାନ |
| ମୌଜା: ହରେକୃଷ୍ଣପୁର | | | | | | |
| ୩୪ | ୨୨୮ | ବେସରକାରୀ | ବଗାୟତ - ୨ | ୦.୦୧୦ | ୦.୦୦୪ | ଶ୍ରୀ ରାଧାମାଧବ ଜୀଉ ବିଜେ, ଇଟାମାଟି, ମାର୍ଫତ: ଜଗନ୍ନାଥ ସାହୁ, ପିତା: ବାଞ୍ଛାନିଧି ସାହୁ |
| ୩୫ | ୨୧୪ | ବେସରକାରୀ | ବଗାୟତ - ୨ | ୦.୦୨୫ | ୦.୦୧୦ | ରାଜନ ମହାନ୍ତି, ପୂର୍ଣ୍ଣ ମହାନ୍ତି, ପିତା: ସୁଦାମ ଉତ୍ତରା, ସନାତନ ମହାନ୍ତି, ସଉରୀ ମହାନ୍ତି, ଜହ୍ନ ଦେଇ, ତରା ଦେଇ, କାଳିକା ଦେଇ, ପିତା: ସଦାଶିବ ମହାନ୍ତି, ହରି ମହାନ୍ତି, ପିତା: ବିଶ୍ରୁନ ମହାନ୍ତି |
| ୩୬ | ୨୧୦ | ବେସରକାରୀ | ଘରବାରି | ୦.୦୪୦ | ୦.୦୧୬ | ବୁଲା ଖଣ୍ଡା, ପିତା: କୃପା ଖଣ୍ଡା, ନୂରୀ ଦେଇ, ସ୍ୱାମୀ: କୃପା ଖଣ୍ଡା |
| ୩୭ | ୨୦୯ | ବେସରକାରୀ | ଘରବାରି | ୦.୦୫୦ | ୦.୦୨୧ | |
| ୩୮ | ୨୧୩/୬୨୯ | ବେସରକାରୀ | ଜଳାଶୟ - ୨ | ୦.୦୮୦ | ୦.୦୩୨ | |
| ୩୯ | ୨୦୦ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବିଶ୍ୱନାଥ ବାଘ, ପୂର୍ଣ୍ଣ ଚନ୍ଦ୍ର ବାଘ, ପିତା: ଗୁଣ୍ଡିଚା ବାଘ, ଲିଙ୍ଗରାଜ ବାଘ, ପିତା: କହ୍ନେଇ ବାଘ |
| ୪୦ | ୧୯୯ ୭୪୬ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ରାଣିଆ ବାଘ, ସ୍ୱାମୀ: ଲକ୍ଷ୍ମୀଧର ବାଘ |
| ୪୧ | ୩୩୭ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | କ୍ଷେତ୍ର ମହାନ୍ତି, ନେତ୍ର ମହାନ୍ତି, ପିତା: ରଘୁନାଥ ମହାନ୍ତି, ଚାନ୍ଦ ଦେଇ, ସ୍ୱାମୀ: ରଘୁନାଥ ମହାନ୍ତି |
| ୪୨ | ୩୩୮ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦଣ୍ଡୁ ମହାନ୍ତି, ପିତା: ଲୋକନାଥ ମହାନ୍ତି |
| ୪୩ | ୩୪୦/୭୫୦ | ବେସରକାରୀ | ଘରବାରି | ୦.୦୧୦ | ୦.୦୦୪ | ଗୋବର୍ଦ୍ଧନ ପ୍ରଧାନ, ପିତା: ଗୁରୁବାରି ପ୍ରଧାନ |
| ୪୪ | ୩୪୧ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ବାଞ୍ଛାନିଧି ମହାନ୍ତି, ପିତା: ଫକୀର ମହାନ୍ତି |
| ୪୫ | ୩୪୨ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଦାମ ଭୂୟାଁ, ପିତା: ଗୋପାଳ ଭୂୟାଁ |
| ୪୬ | ୩୪୩ | ବେସରକାରୀ | ଘରବାରି | ୦.୦୦୫ | ୦.୦୦୨ | ଲିଙ୍ଗରାଜ ନାୟକ, ପିତା: ରଘୁନାଥ ନାୟକ |
| | | | ମୋଟ | | ୦.୯୪୧ | |

ସ୍ୱା./- କ୍ଷମତାପନ୍ନ ପ୍ରାଧିକାରୀ, ନୟାଗଡ଼

## ସଂକ୍ଷେପରେ

### ଏସ୍‌ଓଜି ଭୁବନେଶ୍ୱର ଦଳଗତ ଚାମ୍ପିୟନ

ଢେଙ୍କାନାଳ ଅଫିସ,୧୧।୧: ଢେଙ୍କାନାଳ ରିଜର୍ଭ ଲାଇନ୍ ପୋଲିସ ପଡ଼ିଆରେ ଅନୁଷ୍ଠିତ ୫୨ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଦଳ ଏବଂ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଚଳିତବର୍ଷ ଏସ୍‌ଓଜି ଭୁବନେଶ୍ୱର ଦଳଗତ ଚାମ୍ପିୟନ ହୋଇଛି। ରାଇଫଲ ଚାଳନାରେ ଆଇଆର ବାଟାଲିୟନ ଲାୟନ୍ସ, କମିଶନରେଟ୍ ପୋଲିସ-ବି ଏବଂ ରିଭଲଭର ଚାଳନାରେ ଓଏସ୍‌ଏପି ପାନ୍ଥର, ଏସ୍‌ଓଜି ଭୁବନେଶ୍ୱର ଯଥାକ୍ରମେ ଚାମ୍ପିୟନ ଏବଂ ରନର୍ସଅପ୍ ହୋଇଛନ୍ତି। ସେହିପରି ଷ୍ଟେନଗନ୍ ଚାଳନାରେ ଏସ୍‌ଓଜି ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଓଏସ୍‌ଏପି ଟସ୍କର ହାବିଲଦାର ବି. ଥାପ୍ପା ଶ୍ରେଷ୍ଠ ରାଇଫଲ ମ୍ୟାନ୍ ଏବଂ ଓଏସ୍‌ଏପି ପାନ୍ଥରର ହାବିଲଦାର ମେଜର ଆର. ଗୁରୁଙ୍ଗ୍ ଶ୍ରେଷ୍ଠ ରିଭଲଭର ମ୍ୟାନ୍ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିଥିବା ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଡିଜିପି କହିଲେ, ଖୁବ୍ କମ୍ ସମୟ ଭିତରେ ଢେଙ୍କାନାଳରେ ଏହି ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇଛି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ପ୍ରଶିକ୍ଷଣ ଦେଇ ଜାତୀୟସ୍ତରକୁ ପଠାଯିବ। ପୂର୍ବାପେକ୍ଷା ଓଡ଼ିଶା ପୋଲିସ ନିଜସ୍ୱ ରଣକୌଶଳରେ ମାଓବାଦୀ ଦମନ କରିବାରେ ସଫଳତା ହାସଲ କରିଛି, ଯାହା ଗର୍ବର ବିଷୟ ବୋଲି ଡିଜିପି କହିଥିଲେ। କାର୍ଯ୍ୟକ୍ରମରେ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ, ଏସ୍‌ପି ସନ୍ତୋଷ କୁମାର ନାୟକ, ଅତିରିକ୍ତ ଡିଜି (କ୍ରାଇମବ୍ରାଞ୍ଚ) ସନ୍ତୋଷ କୁମାର ଉପାଧ୍ୟାୟ, ଅତିରିକ୍ତ ଡିଜି ଅରୁଣ କୁମାର ଷଡ଼ଙ୍ଗୀ, ସୁଧାଂଶୁ କୁମାର ଷଡ଼ଙ୍ଗୀ, ବିନୟତୋଷ ମିଶ୍ର, ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଦେବଗଡ଼ ଏସ୍‌ପି ଅନୁପମା ଜେମ୍‌ସ ପ୍ରମୁଖ ଉପସ୍ଥିତ ଥିଲେ।

### ଡୋପ୍ ଟେଷ୍ଟରେ ଦୁଇ ଭାରତୀୟ ଆଥ୍‌ଲେଟ୍ ବିଫଳ

ବେଙ୍ଗାଲୁରୁ,୧୧।୧: ଗତବର୍ଷ ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ଭାରତୀୟ ଆଥ୍‌ଲେଟ୍‌ଙ୍କ ତାଲିକା ବୃଦ୍ଧି ପାଇବାରେ ଲାଗିଛି। ଏହି ତାଲିକାରେ ତାମିଲନାଡୁର ବାଧାଦୌଡ଼ ଧାବକ ମହମ୍ମଦ ନିଜାର ଫାରୁକ ଓ ଉତ୍ତରପ୍ରଦେଶର ହାମର ଥୋ୍ରୟର ଗୁଞ୍ଜନ ସିଂ ନୂଆ ଆଥ୍‌ଲେଟ୍ ଭାବେ ସାମିଲ ହୋଇଛନ୍ତି। ରାଞ୍ଚିଠାରେ ଅନୁଷ୍ଠିତ ଜୁନିୟର ନ୍ୟାଶନାଲ ଗେମ୍ସରେ ଫାରୁକ ୪୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତାଙ୍କ ଡୋପ ନମୁନାରେ ନିଷିଦ୍ଧ ଔଷଧ ଫେଣ୍ଟରମାଇନ ଥିବା ଜଣାପଡ଼ିଛି। ସେହିଭଳି ଗୁଞ୍ଜନଙ୍କ ନମୁନାରେ ମିଥିଲେକ୍ସନେମାଇନ ନାମକ ଷ୍ଟେରଏଡ୍ ମିଳିଛି। ସେ ଲକ୍ଷ୍ନୌଠାରେ ଅନୁଷ୍ଠିତ ଆନ୍ତଃ ରେଲ୍‌ୱେ ମିଟ୍‌ର ହାମର ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଗତ ନଭେମ୍ବରରେ ବହୁ ଅନ୍ତର୍ଜାତୀୟ ଖେଳାଳି ଡୋପ୍ ଟେଷ୍ଟରେ ବିଫଳ ହୋଇ ବାସନ୍ଦ ହୋଇଛନ୍ତି। ଏଥିରେ ୪୦୦ ମି. ଧାବକ ନିର୍ମଳା ସୋରେନ, ସଞ୍ଜୀବ ଯାଦବ (୫,୦୦୦ ଓ ୧୦,୦୦୦ ମି.), ସନ୍ଦୀପ କୁମାରୀ (ଡିସ୍‌କସ ଥ୍ରୋ), ଝୁମା ଖାତୁନ (୧୫୦୦ ମି.) ଓ ନବୀନ ଚିକାରା (ଶଟ୍ ପୁଟ) ରହିଛନ୍ତି। ଏମାନଙ୍କ ମଧ୍ୟରୁ ନିର୍ମଳା, ସଞ୍ଜୀବ ଓ ସନ୍ଦୀପ ଜାକାର୍ତ୍ତା ଏସିଆନ୍ ଗେମ୍ସରେ ଅଂଶଗ୍ରହଣ କରିଥିଲେ।

### ରୋନାଲ୍ଡୋ ଦେବେ ଡିଏନ୍‌ଏ ନମୁନା

ଲସ୍‌ଏଞ୍ଜେଲ୍ସ,୧୧।୧(ଏଏଫ୍‌ପି): ଷ୍ଟାର ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନାମରେ ଆସିଥିବା ଦୁଷ୍କର୍ମ ଅଭିଯୋଗର ତଦନ୍ତ ପ୍ରକ୍ରିୟା ଲାସ ଭେଗାସ ପୋଲିସ ଜାରି ରଖିଛି। ଏହି ତଦନ୍ତ ପ୍ରକ୍ରିୟାର ଅଂଶବିଶେଷ ଭାବେ ଷ୍ଟାର ଫୁଟ୍‌ବଲ ଖେଳାଳିଙ୍କୁ ଡିଏନ୍‌ଏ ନମୁନା ଜମା କରିବା ଲାଗି କୁହାଯାଇଛି। ରୋନାଲ୍ଡୋଙ୍କ ଓକିଲ ପିଟର କ୍ରିଷ୍ଟିଆନସେନଙ୍କ ଅଭିଯୋଗକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି। ଲାସ ଭେଗାସଠାରେ ୨୦୦୯ରେ ଘଟିଥିବା ଘଟଣା ଉଭୟଙ୍କ ସମ୍ମତିକ୍ରମେ ହୋଇଥିଲା। ଏଣୁ ତାଙ୍କ ଡିଏନ୍‌ଏ ଉପସ୍ଥିତ ରହିବା ନିଶ୍ଚିତ। ପ୍ରୋଟୋକଲ ଅନୁଯାୟୀ ରୋନାଲ୍ଡୋଙ୍କୁ ଡିଏନ୍‌ଏ ନମୁନା ଜମା କରିବାକୁ ପୋଲିସ ପକ୍ଷରୁ କୁହାଯାଇଛି ବୋଲି କ୍ରିଷ୍ଟିଆନସେନ କହିଛନ୍ତି। ଏ ନେଇ ଲାସ ଭେଗାସ ମେଟ୍ରୋପଲିଟାନ ପୋଲିସ ପକ୍ଷରୁ କୁହାଯାଇଛି, ଜୁଭେଣ୍ଟସ ଫରୱାର୍ଡ ଫରମାଲ ନିବେଦନ କରିଛନ୍ତି। ଯେ କୌଣସି ଦୁଷ୍କର୍ମ ଘଟଣାରେ ଆମେ ପ୍ରମାଣ ହିସାବରେ ଡିଏନ୍‌ଏ ନମୁନା ସଂଗ୍ରହ କରୁ। ପୂର୍ବତନ ମଡେଲ କାଥରିନ ମାୟୋର୍ଗା (୩୪) ରୋନାଲ୍ଡୋଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ଆଣିଥିଲେ।



"ଭାରତ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜରେ ଭ୍ରମଣକାରୀ ଦଳର ପ୍ରଥମ ୩ ଉଇକେଟର ଶୀଘ୍ର ପତନ ଘଟାଇବା ଆମର ପ୍ରାଧାନ୍ୟ ଲକ୍ଷ୍ୟ।"
– ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ



"ପାଣ୍ଡ୍ୟା ଓ ରାହୁଲଙ୍କ ମନ୍ତବ୍ୟକୁ ନେଇ ଦେଖାଦେଇଥିବା ବିବାଦ ଭାରତୀୟ କ୍ରିକେଟ ଦଳର ଡ୍ରେସିଂ ରୁମ୍‌ରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ।"
– ବିରାଟ କୋହଲି, ଭାରତୀୟ କ୍ରିକେଟ ଅଧିନାୟକ

# ଭାରତର ଲକ୍ଷ୍ୟ ବିଶ୍ୱକପ୍ ପ୍ରସ୍ତୁତି

ସିଡ୍‌ନୀ,୧୧।୧(ପି.ଟି.)



ଦିନିକିଆ ସିରିଜ ଟ୍ରଫି ସହ ଅଧିନାୟକ ଆରୋନ ଫିଞ୍ଚ ଓ ବିରାଟ କୋହଲି।

ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ। ଟେଷ୍ଟ ସିରିଜରେ ଐତିହାସିକ ବିଜୟ ହାସଲ କରିବା ପରେ ଭ୍ରମଣକାରୀ ଭାରତ ୩ ମ୍ୟାଚ ବିଶିଷ୍ଟ ଏହି ଦିନିକିଆ ସିରିଜରେ ବାଜି ମାରିବା ଲକ୍ଷ୍ୟରେ ରହିଛି। ସ୍ଥାନୀୟ ସିଡନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। ତେବେ ଏହା ପୂର୍ବରୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଲୋକେଶ ରାହୁଲଙ୍କୁ ନେଇ ବିବାଦ ଭାରତୀୟ କ୍ରିକେଟରେ ଝଡ଼ ସୃଷ୍ଟି କରିଛି। ଜଣାଶୁଣା ଟିଭି ଶୋ' କଫି ୱିଥ୍ କରନରେ ଏହି ଦୁଇ କ୍ରିକେଟର ନିଜ ସେକ୍ସ ଲାଇଫ୍ ଓ ନାରୀମାନଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ବିବାଦରେ ଫସିଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଥିପାଇଁ ଏହି ଦୁଇ ଖେଳାଳିଙ୍କୁ ବାସନ୍ଦ କରିବା ସହ ତଦନ୍ତର ନିର୍ଦ୍ଦେଶ ଦେଇଛି। ଫଳରେ ପାଣ୍ଡ୍ୟା ଓ ରାହୁଲ ଏହି ହାଇପ୍ରୋଫାଇଲ ଦିନିକିଆ ସିରିଜରୁ ବାଦ୍ ପଡିଛନ୍ତି। ଅନ୍ତିମ ଏକାଦଶରେ ପାଣ୍ଡ୍ୟା ସ୍ଥାନ ପାଇବା ନିଶ୍ଚିତ ଥିଲା। ତେବେ ଖରାପ ଫର୍ମ କାରଣରୁ ରାହୁଲ ପ୍ରଥମ ଦିନିକିଆରେ ନ ଖେଳିବା ଏକପ୍ରକାର ନିଶ୍ଚିତ ଥିଲା। ତେବେ ଏହି ଦୁଇ ଖେଳାଳିଙ୍କ ବିବାଦୀୟ ମନ୍ତବ୍ୟ ସହ ଭାରତୀୟ ଦଳ ଏକମତ ନୁହଁ। ଏହା ସେମାନଙ୍କର ବ୍ୟକ୍ତିଗତ ମନ୍ତବ୍ୟ ବୋଲି ଅଧିନାୟକ ବିରାଟ କୋହଲି ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଓପନର ହିସାବରେ ରୋହିତ ଶର୍ମା ଓ ଶିଖର ଧାଓ୍ୱନ୍ ବେଶ୍ ଦମ୍‌ଦାର ପ୍ରଦର୍ଶନ କରୁଥିବା ବେଳେ ରାହୁଲଙ୍କ ପାଇଁ ଦଳରେ ସ୍ଥାନ ଏକପ୍ରକାର ନାହିଁ। ଅବଶ୍ୟ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ସମସ୍ୟା ସୃଷ୍ଟି କରିବ। ମିଡଲ ଅର୍ଡରରେ ଭଲ ବ୍ୟାଟିଂ କରିବା ସହ ପାଣ୍ଡ୍ୟା ପୂରା ୧୦ ଓଭର ବୋଲିଂ କରିବାର କ୍ଷମତା ରଖନ୍ତି। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜରୁ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଏବେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ବୋଲିଂକୁ ନେଇ ଅନ୍ତିମ ପରୀକ୍ଷା ନିରୀକ୍ଷା କରିବ। ଏଭଳି ପରିସ୍ଥିତିରେ ଭୁବନେଶ୍ୱର କୁମାରଙ୍କ ସମେତ ମହମ୍ମଦ ସାମି, ଖଲିଲ ଅହମ୍ମଦଙ୍କ ଉପରେ କୋହଲି ଭରସା କରିବେ। ଏସ୍‌ସିଜି ପିଚ୍‌ରେ କିଛି ପରିମାଣରେ ଘାସ ରହିଛି। ଫଳରେ ଭାରତ ୩ ଦ୍ରୁତ ବୋଲର ଓ ୨ ସ୍ପିନରଙ୍କୁ ନେଇ ପଡିଆକୁ ଓହ୍ଲାଇବା ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ରବୀନ୍ଦ୍ର ଜାଡେଜା ଅଲରାଉଣ୍ଡର ଭାବେ ଦଳରେ ସ୍ଥାନ ପାଇବେ ବୋଲି ସୂଚନା ଦେଇଛନ୍ତି। ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ସହିତ ସେ ସ୍ପିନ ବିଭାଗର ଦାୟିତ୍ୱରେ ରହିବେ। ପୁଣି କେଦାର ଯାଦବ ମଧ୍ୟ ପାର୍ଟ ଟାଇମ୍ ସ୍ପିନ୍ ବୋଲିଂ କରିବାର କ୍ଷମତା ରଖନ୍ତି ଓ ସେ ଆବଶ୍ୟକ ବେଳେ ଦଳ ପାଇଁ ସଙ୍କଟମୋଚକ ସାବ୍ୟସ୍ତ ହୋଇଛନ୍ତି।

ଦୁଇ ଓପନରଙ୍କ ସମେତ କୋହଲି ୩ ନମ୍ବରରେ ବ୍ୟାଟିଂ କରିବେ। ଏହାପରେ କେଦାର, ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ ଅମ୍ବାତି ରାୟୁଡୁ ମିଡଲ ଅର୍ଡରର ଦାୟିତ୍ୱ ସମ୍ଭାଳିବେ। ୨୦୧୮ରେ ଧୋନୀଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇପାରି ନାହିଁ। ତାଙ୍କର ଉଭୟ ହାରାହାରି ରନ ସଂଗ୍ରହ ଓ ଷ୍ଟ୍ରାଇକ୍ ରେଟ୍ ମାମୁଲି ରହିଛି। ତେଣୁ ଧୋନୀଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ୪ ନମ୍ବରରେ ରାୟୁଡୁ ବ୍ୟାଟିଂ କରିବେ। ଗତ ଏସିଆ କପ୍ ଓ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜରେ ସେ ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଗତ ୧୧ଟି ଦିନିକିଆରେ ରାୟୁଡୁ ୫୬ ହାରରେ ୩୯୨ ରନ ସଂଗ୍ରହ କରିଛନ୍ତି। ଏଥିରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ୨୦୧୬ରେ ଧୋନୀଙ୍କ ନେତୃତ୍ୱରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଆସି ୪–୧ରେ ଦିନିକିଆ ସିରିଜ ହାରିଥିଲା। ଏହି ସିରିଜରେ ରୋହିତ, କୋହଲି ଓ ଧାଓ୍ୱନ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ ମଧ୍ୟ ଦଳକୁ ସିରିଜ ପରାଜୟରୁ ରକ୍ଷା କରିପାରି ନ ଥିଲେ। ସେତେବେଳେ ଅନ୍ତିମ ଦିନିକିଆରେ ମନୀଷ ପାଣ୍ଡେ ଶତକ ହାସଲ କରି ଦଳକୁ ଜିତାଇଥିଲେ ଓ ଭାରତ ୫–୦ରେ ହାରିବାରୁ ରକ୍ଷା ପାଇଯାଇଥିଲା। ଅଷ୍ଟ୍ରେଲିଆରେ ଭାରତର ଦିନିକିଆ ପ୍ରଦଶର୍ନ ସେତେଟା ଉତ୍ସାହଜନକ ନୁହଁ। ୧୯୮୫ ବିଶ୍ୱ ଚାମ୍ପିୟନଶିପ୍ ଓ ୨୦୦୮ ସିବି ସିରିଜକୁ ବାଦ ଦେଲେ ଭାରତ ଅଷ୍ଟ୍ରେଲିଆ ମାଟିରେ ୪୮ଟି ଦିନିକିଆ ଖେଳି ୩୫ରେ ପରାଜୟ ବରଣ କରିଛି।

ଷ୍ଟିଭେନ୍ ସ୍ମିଥ ଓ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତିରୁ ଭାରତ ଏଥର ଫାଇଦା ଉଠାଇବ। ସେହିପରି ଆଗଧାଡିର ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ପ୍ୟାଟ କମିନ୍ସ ଓ ଜୋଶ ହାଜେଲଉଡଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଭାରତ ପାଇଁ ସୁବିଧାଜନକ ପରିସ୍ଥିତି ସୃଷ୍ଟି କରାଯାଇଛି। ଅଷ୍ଟ୍ରେଲିଆ ଦଳରେ ଏକମାତ୍ର ସ୍ପିନର ଭାବେ ନାଥନ ଲିୟନ ସ୍ଥାନ ପାଇଛନ୍ତି। ପୁଣି ୨୦୧୦ ପରେ ପିଟର ସିଡଲ ଦିନିକିଆକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ଅଧିନାୟକ ଆରୋନ ଫିଞ୍ଚଙ୍କ ସହ ଇନିଂସ ଓପନ କରିବେ। ଉସ୍‌ମାନ ଖ୍ୱାଜା, ଶନ ମାର୍ଶ ଓ ପିଟର ହ୍ୟାଣ୍ଡସ୍କମ୍ବ ମିଡିଲ ଅର୍ଡର ଦାୟିତ୍ୱରେ ରହିବେ। ମାର୍କସ ଷ୍ଟୋଇନ୍ସ ଓ ଗ୍ଲେନ୍ ମ୍ୟାକ୍ସୱେଲ ୬ ଓ ୭ ନମ୍ବରରେ ବ୍ୟାଟିଂ କରିବେ। ୩ ତାରକା ଦ୍ରୁତ ବୋଲର ବାଦ ପଡିଥିବାରୁ ଅଷ୍ଟ୍ରେଲୀୟ ଦ୍ରୁତ ବୋଲିଂ ବିଭାଗ ଦୁର୍ବଳ ମନେହେଉଛି। ସିଡଲ ୮ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ବାମହାତୀ ଦ୍ରୁତବୋଲର ଜାସନ ବେହରେନଡୋର୍ଫ ଦିନିକିଆ ପଦାର୍ପଣ କରିବେ।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଶିଖର ଧାଓ୍ୱନ, ଅମ୍ବାତି ରାୟୁଡୁ, ଦୀନେଶ କାର୍ତ୍ତିକ, କେଦାର ଯାଦବ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା, ଭୁବନେଶ୍ୱର କୁମାର, ଖଲିଲ ଅହମ୍ମଦ, ମହମ୍ମଦ ସାମି ଓ ମହମ୍ମଦ ସିରାଜ।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ (ଅଧିନାୟକ), ଆଲେକ୍ସ କେରୀ (ଉଇକେଟ କିପର), ଉସମାନ ଖ୍ୱାଜା, ଶନ୍ ମାର୍ଶ, ପିଟର ହ୍ୟାଣ୍ଡସ୍କମ୍ବ, ମାର୍କସ ଷ୍ଟୋଇନ୍ସ, ଗ୍ଲେନ ମ୍ୟାକ୍ସୱେଲ, ନାଥନ ଲିୟନ, ପିଟର ସିଡଲ, ଝିଏ ରିଚାର୍ଡ଼ଶନ, ଜାସନ ବେହରେନଡୋର୍ଫ।

**ଦିନିକିଆ ସିରିଜ ଆଜିଠାରୁ**
- ମ୍ୟାଚ୍ ଆରମ୍ଭ: ସକାଳ ୭.୫୦
- ସ୍ଥାନ: ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ
- ପ୍ରସାରଣ: ସୋନୀ ନେଟ୍‌ୱର୍କ

## ଏକମାତ୍ର ଟି୨୦ ଜିତିଲା ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ,୧୧।୧

ସ୍ଥାନୀୟ ଇଡେନ ପାର୍କଠାରେ ଖେଳାଯାଇଥିବା ଏକମାତ୍ର ଟି୨୦ ମ୍ୟାଚ୍‌ରେ ଘରୋଇ ନ୍ୟୁଜିଲାଣ୍ଡ ଦଳ ୩୫ ରନ୍‌ରେ ଶ୍ରୀଲଙ୍କାକୁ ହରାଇ ଦେଇଛି। ଘରୋଇ ଦଳ ପକ୍ଷରୁ ଧାର୍ଯ୍ୟ ୧୮୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଶ୍ରୀଲଙ୍କା ୧୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ବିଜୟ ସହ ବରିଷ୍ଠ ପେସର ଟିମ ସୌଦି ଅଧିନାୟକ ଭାବେ କ୍ୟାରିୟର ଆରମ୍ଭ କରିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଦଳ ମାତ୍ର ୫୫ ରନ୍ ମଧ୍ୟରେ ୫ ଉଇକେଟ ହରାଇ ମୋଟ ୧୦୦ ମଧ୍ୟରେ ଅଲଆଉଟ୍ ହୋଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର ରସ ଟେଲର ୩୩ ଓ ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ଡଗ ବ୍ରସୱେଲ ୪୪ ଏବଂ ସ୍କଟ କୁଗେଲଜିନ ୩୫ ରନ୍ ଯୋଗୁ ଦଳ ଧାର୍ଯ୍ୟ ୨୦ ଓଭରରେ ୭ ଉଇକେଟ ହରାଇ ୧୭୯ ରନ୍ କରିଥିଲା। ଭ୍ରମଣକାରୀ ଦଳ ପାଇଁ ଅଧିନାୟକ ଲସିଥ ମାଲିଙ୍ଗା ୨ ଓ କସୁନ ରାଜିଥା ୩ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନମାନେ ଦ୍ରୁତ ରନ୍ ସଂଗ୍ରହ କରିବାକୁ ଉଦ୍ୟମ କରି ଉଇକେଟ ହରାଇଥିଲେ। ଫଳରେ ଦଳ ମାତ୍ର ୧୬.୫ ଓଭରରେ ୧୪୪ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ଲାଗି ଥିସାରା ପେରେରା ୪୩ ଓ କୁସାଲ ପେରେରା ୨୩ ରନ୍ କରିଥିଲେ। ବିଜୟୀ ଦଳ ପକ୍ଷରୁ ଇଶ ସୋଧି ଓ ଲୋକି ଫର୍ଗୁସନ ୩ ଲେଖାଏ ଉଇକେଟ ନେଇଥିଲେ। ବିଜୟୀ ଦଳ ପାଇଁ ଅଲରାଉଣ୍ଡର ପ୍ରଦର୍ଶନ କରିଥିବା ବ୍ରସୱେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

## ହରି ପ୍ରସାଦ ଜାତୀୟ କରାଟେ ସଂଘର ବୈଷୟିକ ନିର୍ଦ୍ଦେଶକ




ଉତ୍କଳ କରାଟେ ସ୍କୁଲରେ ଶୁକ୍ରବାର ହରିପ୍ରସାଦ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

କରାଟେ ଆସୋସିଏଶନ ଅଫ ଇଣ୍ଡିଆ(କେଏଆଇ)ର ନିର୍ବାଚନ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇ ଯାଇଛି। ୪ ବର୍ଷ ପାଇଁ ହୋଇଥିବା ଏହି ନିର୍ବାଚନରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ଉପସଭାପତି ପଦ ବଜାୟ ରଖିବା ସହ ଜାତୀୟ ସଂଘର ନୂଆ ବୈଷୟିକ ନିର୍ଦ୍ଦେଶକ ମନୋନୀତ ହୋଇଛନ୍ତି। ଏଥିପାଇଁ ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍‌କା) ପକ୍ଷରୁ ଆୟୋଜିତ ଏକ ଉତ୍ସବରେ ହରିପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜାତୀୟ ସଂଘରେ ଅରୁଣାଚଳ ପ୍ରଦେଶର ସେନ୍‌ସେଇ ଲିଖାତାରା ସଭାପତି, ଜମ୍ମୁ କଶ୍ମୀରର ସେନ୍‌ସେଇ ଆମ୍ବେଦକର ଗୁପ୍ତା ସମ୍ପାଦକ, ପଶ୍ଚିମବଙ୍ଗର ପ୍ରେମ୍‌ଜିତ ସେନ୍ କୋଷାଧ୍ୟକ୍ଷ, ପୂର୍ବତନ ସମ୍ପାଦକ ସିହାନ ଭରତ ଶର୍ମା ଉପସଭାପତି ଏବଂ ମଧ୍ୟପ୍ରଦେଶର ରତନ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକଭାବେ ନିର୍ବାଚିତ ହୋଇଛନ୍ତି।

ହରିପ୍ରସାଦ ଓସ୍‌କାର ପ୍ରତିଷ୍ଠାତା ସଦସ୍ୟ, ସମ୍ପାଦକ ଏବଂ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ଗତ ୧୨ ବର୍ଷ ଧରି ଜାତୀୟ ସଂଘର ଉପସଭାପତି ଅଛନ୍ତି। ଭାରତରେ ଜାତୀୟ କରାଟେ ସଂଘ(ପୂର୍ବରୁ ଏଆଇକେଏଫ ଓ ଏବେ କେଏଆଇ)ର ସେ ତୃତୀୟ ବୈଷୟିକ ନିର୍ଦ୍ଦେଶକ ଅଟନ୍ତି। ତାଙ୍କ ପୂର୍ବରୁ ସେନ୍‌ସେଇ ପରଭେଜ ମିସ୍ତ୍ରି ଓ ସେନ୍‌ସେଇ କନହରାଜ ଏହି ସମ୍ମାନଜନକ ପଦବୀରେ ରହିଥିଲେ। ଏବେ ଏହି ଗୁରୁଦାୟିତ୍ୱ ହରିପ୍ରସାଦଙ୍କ ହାତକୁ ଆସିଛି। ହରିପ୍ରସାଦଙ୍କ ପ୍ରଶିକ୍ଷଣରେ ଓଡ଼ିଶାର ଅନେକ ପ୍ରତିଯୋଗୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତଭାବେ ସେ ୮୦ ଓ ୯୦ ଦଶକରେ ବହୁବାର ରାଜ୍ୟ କରାଟେରେ ଓପନ ଚାମ୍ପିୟନ ହେବାସହ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି।

ଓସ୍‌କାର କାର୍ଯ୍ୟକାରୀ ସଭାପତି ସନତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ସଞ୍ଜୟ ଦାସ, ସୌର୍ଯ୍ୟରଞ୍ଜନ ସାସମଲ, ସହ ସମ୍ପାଦକ ଗୌରୀ ମହାନ୍ତି, କୋଷାଧ୍ୟକ୍ଷ ଖାରବେଳ ମଲିକ, କାର୍ଯ୍ୟକାରୀ ସଦସ୍ୟ ଦୀପକ ସାମନ୍ତରା, ସନ୍ଦିପ ମହାନ୍ତି, ଚିତ୍ତରଞ୍ଜନ ସ୍ୱାଇଁ, ସଦସ୍ୟ ହିମାଂଶୁ ଶେଖର ଦାସ, ମିର ଅଜମଦ ଅଲ୍ଲୀ, ପ୍ରଦୀପ ସରକାର, ଦିଲୀପ ଜେନା, ଅନୁପମା ସ୍ୱାଇଁ, କ୍ରିଷ୍ଣା ଶିକାରୀ, ଅନୁରାଧା ପାତ୍ର, ସୁସ୍ମିନି ପାଲଟାସିଂ, ସନ୍ଦିପ ଦାସ, ଶୁଭସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ହରିପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୟୁଥ୍ ଲିଗ୍ ପାଇଁ ୧୩ରେ କର୍ମଶାଳା

କଟକ ଅଫିସ,୧୧।୧

ଅଲଇଣ୍ଡିଆ ଫୁଟବଲ ଫେଡେରେଶନ୍ (ଏଆଇଏଫଏଫ) ୟୁଥ୍ ଲିଗ୍‌ରେ ଅଂଶ ଗ୍ରହଣ କରିବା ନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଆସନ୍ତା ୧୩ ତାରିଖରେ ଏକ କର୍ମଶାଳା ଆୟୋଜନ କରିବ। ଓସିଏ ସମ୍ମିଳନୀ କକ୍ଷରେ ହେବାକୁ ଥିବା ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଫୁଟବଲ କ୍ଲବ ଅଂଶ ଗ୍ରହଣ କରିବାକୁ ଫାଓ ପକ୍ଷରୁ ନିବେଦନ କରାଯାଇଛି। ଏଆଇଏଫଏଫ୍ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ମାପଦଣ୍ଡକୁ ପୂରଣ କରି କିପରି ଆଗାମୀ ଦିନରେ ୟୁଥ ଲିଗ୍‌ରେ ସାମିଲ ହୋଇ ପାରିବେ ସେ ନେଇ ଆଲୋଚନା କରାଯିବ ବୋଲି ଫାଓ ପକ୍ଷରୁ କୁହାଯାଇଛି।

## ଆଜାଦ ହିନ୍ଦ–ବାଲାବାବା ଫାଇନାଲ

ମାର୍ଶାଘାଇ,୧୧।୧(ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ରଙ୍କାଳ ଖେଳପଡିଆରେ ଚାଲିଥିବା ୩୨ତମ ମାନସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍‌ରେ କଟକର ଟାଙ୍ଗୀ ଅଜାଦ ହିନ୍ଦ କ୍ଲବ ଓ କେନ୍ଦ୍ରାପଡ଼ାର ବାଲାବାବା ଟିମ୍ ପରସ୍ପରକୁ ଭେଟିବେ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବାଲାବାବା ଓ ଭୁବନେଶ୍ୱର କ୍ରାଉନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ବାଲାବାବା ଟିମ୍ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ବାଲାବାବା ନିର୍ଦ୍ଧାରିତ ୨୫ ଓଭରରେ ୭ଉଇକେଟ ବିନିମୟରେ ୨୨୯ ରନ୍ କରିଥିଲା। ଜବାବରେ କ୍ରାଉନ ଟିମ୍ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୭୫ ରନ କରିପାରିଥିଲା। ବାଲାବାବା ଟିମର ସଂଜୀବ ସାହୁ ୯୦ ରନ (୪୪ ବଲ) ସଂଗ୍ରହ କରିବା ସହ ବୋଲିଂରେ ୩ଉଇକେଟ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

## ଜାତୀୟ କୁଂଫୁରେ ଓଡ଼ିଶାକୁ ୧୩ ପଦକ

ଭୁବନେଶ୍ୱର, ୧୧।୧(କ୍ରୀଡ଼ା ପ୍ରତିନିଧି)

ହାଇଦ୍ରାବାଦର ଗାଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ୧୨ତମ ଜାତୀୟ କୁଂଫୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଓଡ଼ିଶା ୫ ସ୍ୱର୍ଣ୍ଣ ସହ ମୋଟ ୧୩ ପଦକ ହାସଲ କରିଛି। ଜୁନିୟର କାଟେଗୋରିରେ ଅବିନାଶ ପ୍ରମାଣିକ ଟୁସୁ ଓ ସାଣ୍ଡା (ଫାଇଟ୍)ରେ ୨ ସ୍ୱର୍ଣ୍ଣ, ଅନୁରାଗ ଦାସ ସାଣ୍ଡାରେ ସ୍ୱର୍ଣ୍ଣ ଓ ଟୁସୁରେ ରୌପ୍ୟ, ରାଜକିଶୋର ଦାସ ସାଣ୍ଡାରେ ରୌପ୍ୟ, ଦିବ୍ୟାଂଶୁ ଦାସ ବ୍ରୋଞ୍ଜ, ସବ୍‌ଜୁନିୟର କାଟେଗୋରି ବାଳିକାରେ ସୋନାଲି ଚାଟାର୍ଜୀ ତାଓଲୁରେ ସ୍ୱର୍ଣ୍ଣ, ସ୍ୱୟାଂଶି ମହାପାତ୍ର ତାଓଲୁରେ ବ୍ରୋଞ୍ଜ, ବାଳକରେ ସଂଶ୍ଳେଷ ଏସ. ସାହୁ ଟୁସୁରେ ସ୍ୱର୍ଣ୍ଣ, ଶିବା ରଞ୍ଜନ ପଟ୍ଟନାୟକ ସାଣ୍ଡାରେ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ସିନିୟର କାଟେଗୋରିରେ ନୀତୀଶ କୁମାର ମହାନ୍ତ ସାଣ୍ଡାରେ ରୌପ୍ୟ, ସୁଜନ କୁମାର ସାଣ୍ଡାରେ ରୌପ୍ୟ ଓ ଟୁସୁରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ।



ଜାତୀୟ କୁଂଫୁରେ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ।

## ଭାରତୀୟ ଫିଲ୍ଡିଂରେ ସୁଧାର ଆବଶ୍ୟକ

ଡିନ ଜୋନ୍ସ

ଚେତେଶ୍ୱର ପୂଜାରାଙ୍କ ପ୍ରଦର୍ଶନ, ସଫଳତା ଓ ଗଣମାଧ୍ୟମଗୁଡିକରେ ତାଙ୍କୁ ଦିଆଯାଉଥିବା ଗୁରୁତ୍ୱ ଏବେ ନୂଆ ପିଢ଼ିର ପିଲାଙ୍କୁ ପ୍ରେରଣା ଯୋଗାଇବ। ଛୋଟ ପିଲାମାନେ କ୍ରିକେଟର ସବୁଠାରୁ ଲମ୍ବା ଫର୍ମାଟ ଟେଷ୍ଟ ଖେଳିବାକୁ ଏବେ ପସନ୍ଦ କରିବେ। ପୁଣି ଟେଷ୍ଟ କ୍ରିକେଟ ପ୍ରତି ସୁପରଷ୍ଟାର ବିରାଟ କୋହଲିଙ୍କ ଭଲ ପାଇବା ଓ ଅଷ୍ଟ୍ରେଲିଆ ମାଟିରେ ଭାରତର ବୃହତ୍ ତଥା ଐତିହାସିକ ବିଜୟ ଆଗାମୀ ପିଢ଼ିକୁ ଟେଷ୍ଟ ଖେଳିବା ପାଇଁ ପ୍ରେରଣା ଦେବ ଓ ଟେଷ୍ଟ ଫର୍ମାଟକୁ ବଞ୍ଚାଇ ରଖିବାରେ ସହାୟ ହେବ।

ଦୀର୍ଘ ୭୧ ବର୍ଷ ପରେ ଭାରତ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବା ଏକ ବଡ଼ ତଥା ଅସାଧାରଣ ସଫଳତା ବୋଲି କୁହାଯାଇପାରେ। ପ୍ରତ୍ୟେକ ଭାରତୀୟ ଓ ପୂର୍ବତନ ଟେଷ୍ଟ କ୍ରିକେଟର ଏହି ବିଜୟକୁ ବେଶ୍ ପ୍ରଶଂସା କରିବା ସହ ସମ୍ମାନର ସହ ଗ୍ରହଣ କରିଛନ୍ତି। ଭାରତ ଯେଭଳି ଖେଳିଲା, ଅଷ୍ଟ୍ରେଲିଆ ପ୍ରଶଂସକମାନେ ମଧ୍ୟ ଏହାକୁ ବେଶ୍ ସିରିଜ ଅବସରରେ ଉପଭୋଗ କରିଛନ୍ତି। ଟେଷ୍ଟ କିପରି ଖେଳିବାକୁ ହୁଏ ପୂଜାରା ତାହା କରି ଦେଖାଇଛନ୍ତି। ପୂର୍ବାପେକ୍ଷା କୋହଲିଙ୍କ ପ୍ରଶଂସକଙ୍କ ସଂଖ୍ୟାରେ ଯଥେଷ୍ଟ ବୃଦ୍ଧି ଘଟିଛି।


ଦିନିକିଆ ସିରିଜରେ ମଧ୍ୟ ଭାରତ ତା'ର ଏହି ପ୍ରଦର୍ଶନକୁ ବଜାୟ ରଖିବ ଓ ଅଷ୍ଟ୍ରେଲିଆକୁ ହରାଇ ପାରିବ ବୋଲି କୁହାଯାଇପାରେ। ଭାରତର ପ୍ରଦର୍ଶନରେ ଲଗାତର ଉନ୍ନତି ହେଉଛି। ଅଷ୍ଟ୍ରେଲିଆ ମଧ୍ୟ ତା'ର ରଣନୀତିରେ ପରିବର୍ତ୍ତନ ଆଣିଛି। ଡି' ଆର୍କି ଶର୍ଟ ଓ କ୍ରିସ୍ ଲିନ୍‌ଙ୍କ ବଦଳରେ ଉସ୍‌ମାନ ଖ୍ୱାଜା ଓ ପିଟର ହ୍ୟାଣ୍ଡସ୍କମ୍ବଙ୍କୁ ଅଷ୍ଟ୍ରେଲିଆ ଦଳରେ ସାମିଲ କରିଛି। ଫଳରେ ଅଷ୍ଟ୍ରେଲିଆ ପାରମ୍ପରିକ ଶୈଳୀରେ ଖେଳିବ ବୋଲି ମନେହୁଏ।

ଦିନିକିଆ ବିଶ୍ୱକପ୍ ଆରମ୍ଭ ହେବାକୁ ଆହୁରି ୫ ମାସ ବାକି ଅଛି। କିନ୍ତୁ ଆମ ଚୟନକର୍ତ୍ତାମାନେ ପିଲାଙ୍କ ଭଳି ଦଳର ରଣନୀତିରେ ପରିବର୍ତ୍ତନ ଆଣିଛନ୍ତି। ୩ଜଣ ମୁଖ୍ୟ ବୋଲର ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ପ୍ୟାଟ କମିନ୍ସଙ୍କୁ ଚୟନକର୍ତ୍ତାମାନେ ବିଶ୍ରାମ ଦେଇଛନ୍ତି। ବିଶ୍ୱକପ୍ ପାଇଁ ଖେଳାଳିଙ୍କୁ ପରଖିବା ଓ ରଣନୀତି ପ୍ରସ୍ତୁତ କରିବାର ସମୟ ଆସି ପହଞ୍ଚିବା ବେଳେ ଚୟନକର୍ତ୍ତାଙ୍କ ଏଭଳି ପଦକ୍ଷେପ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭାରତର ବ୍ୟାଟିଂ ଲାଇନଅପ୍ ବେଶ୍ ଦୃଢ ମନେହେଉଛି। ବିଶ୍ୱସ୍ତରୀୟ ବ୍ୟାଟ୍ସମ୍ୟାନଙ୍କ ସମେତ ଭାରତୀୟ ଦଳରେ ଉଚ୍ଚକୋଟୀର ସ୍ପିନର ଓ ଦ୍ରୁତ ବୋଲର ମଧ୍ୟ ରହିଛନ୍ତି। ଅଷ୍ଟ୍ରେଲିଆରେ ଏପର୍ଯ୍ୟନ୍ତ ଭାରତର ରଣନୀତି କାମ ଦେଇଛି। ତେବେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ସଂଗଠିତ ହୋଇପାରି ନାହିଁ ଓ ଦଳ ଅବ୍ୟବସ୍ଥିତ ଜଣାପଡୁଛି। ଗତ ୨୩ଟି ଦିନିକିଆ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ମାତ୍ର ୩ଟିରେ ବିଜୟ ହାସଲ କରିଛି। ଏହି ୨୩ଟି ଦିନିକିଆରେ ଅଷ୍ଟ୍ରେଲିଆ ୩୨ ଜଣ ଖେଳାଳିଙ୍କୁ ନେଇ ପରୀକ୍ଷା ନିରୀକ୍ଷା କରିଛି। ତେଣୁ ବିଶ୍ୱକପ୍ ପୂର୍ବରୁ ଆମ ଦଳ ସଂଗଠିତ ହୋଇଛି ବୋଲି କିପରି କୁହାଯାଇପାରିବ? ଏଥି ପାଇଁ ଅବଶ୍ୟ ମୁଁ ଚୟନକର୍ତ୍ତାଙ୍କୁ ଦାୟୀ କରିବି। ଗତ ବିଶ୍ୱକପ୍‌ରେ ଆମେ ଚାମ୍ପିୟନ ହୋଇଥିଲୁ। କିନ୍ତୁ ଆମେ ଏକ ଚାମ୍ପିୟନ ଦଳ ଭଳି ଖେଳୁନାହୁଁ। ଏକଥା ଚୟନକର୍ତ୍ତାମାନେ ହୃଦୟଙ୍ଗମ କରିବା ଉଚିତ୍।

ଭାରତ ଓ ଅଷ୍ଟ୍ରେଲିଆ ଏ ବର୍ଷ ଶ୍ରେଷ୍ଠ ଦଳ ଭାବେ ଉଭା ହେବେ। ବିଶ୍ୱକପ୍ ଟାଇଟଲ ଦୌଡରେ ଏହି ଦୁଇ ଦଳ ସବୁଠାରୁ ଆଗରେ ରହିବେ ଏଥିରେ ସନ୍ଦେହ ନାହିଁ। ଅଷ୍ଟ୍ରେଲିଆ ମଧ୍ୟ ପ୍ରଦର୍ଶନରେ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। ତେବେ ଭାରତ ବିପକ୍ଷ ଦିନିକିଆ ସିରିଜରେ ୩ଜଣ ଆଗଧାଡିର ଦ୍ରୁତ ବୋଲରଙ୍କୁ ବିଶ୍ରାମ ଦେବା କଥା ମୋତେ ବୁଝାପଡୁନାହିଁ। ଜଣେ ବୋଲରଙ୍କୁ ବିଶ୍ରାମ ଦିଆଯାଇଥିଲେ ଚଳିଥାନ୍ତା। କିନ୍ତୁ ୩ଜଣଙ୍କୁ ନୁହେଁ ବୋଲି ମୁଁ ଜୋର ଦେଇ କହିପାରେ।

ଭାରତର ବ୍ୟାଟିଂ ଓ ବୋଲିଂ ବେଶ୍ ଉଚ୍ଚକୋଟୀର। କିନ୍ତୁ ଫିଲ୍ଡିଂରେ ଭାରତ ନିଶ୍ଚିତ ଭାବେ ପଛରେ ରହିଛି। ତେଣୁ ଫିଲ୍ଡିଂରେ ସୁଧାର ଆଣିପାରିଲେ ଭାରତ ସଫଳହେବ ବୋଲି କୁହାଯାଇପାରେ। (ଗେମ୍ ପ୍ଲାନ୍)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ଜାନୁୟାରୀ ୧୨/୨୦୧୯ Bhubaneswar, Saturday, January 12/ 2019


# ୭ମ ଶ୍ରେଣୀ ଛାତ୍ରଙ୍କୁ ଜୀବନ୍ତ ପୋତି ହତ୍ୟା ଉଦ୍ୟମ

- ମୁଖ୍ୟ ଅଭିଯୁକ୍ତ ନାବାଳକ ଅଟକ
- ଟଙ୍କା ନ ଦେବାରୁ ହତ୍ୟା ଉଦ୍ୟମ ଅଭିଯୋଗ
- ଘଟଣାରେ ଆଉ ୨ ଜଣ ସମ୍ପୃକ୍ତ

**କୁଜଙ୍ଗ,୧୧।୧(ସ୍ୱ.ପ୍ର.)**

କୁଜଙ୍ଗ ଥାନା ଅନ୍ତର୍ଗତ ଜିଲାନାସୀ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଟଙ୍କା ନ ଦେବାରୁ ଜଣେ ୭ମ ଶ୍ରେଣୀ ଛାତ୍ରଙ୍କୁ ଜୀବନ୍ତ ବାଲିରେ ପୋତି ହତ୍ୟା ଉଦ୍ୟମ କରିଛନ୍ତି ଜଣେ ନାବାଳକ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ନାବାଳକଙ୍କୁ ଆଉ ୨ ଜଣ ସହଯୋଗ କରିଥିଲେ। ଏନେଇ ଶୁକ୍ରବାର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ଜିଲାନାସୀ ପଞ୍ଚାୟତର କିଶୋର ଦାସଙ୍କ ପୁଅ କ୍ରାନ୍ତିବୀର(ଗୁଡୁ) ସ୍ଥାନୀୟ ତେନ୍ତୁଲିଆ ଖମାର ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢନ୍ତି। ସେ ଜିଲାନାସୀଠାରେ ପ୍ରତ୍ୟହ ଟ୍ୟୁଶନ ହୁଅନ୍ତି। ତାଙ୍କ ସହ ଅନ୍ୟ ଜଣେ ନାବାଳକ ମଧ୍ୟ ସେଠାରେ ଟ୍ୟୁଶନ ହେଉଥିଲେ। ଦିନେ ସମ୍ପୃକ୍ତ ନାବାଳକଙ୍କ ଦୁଷ୍ଟାମି ସମ୍ପର୍କରେ ଗୁଡୁ ସାର୍‌ଙ୍କୁ କହିଦେବାରୁ ନାବାଳକ ଜଣଙ୍କ ତାଙ୍କ ଉପରେ ରାଗ ରଖି ମାଡ଼ ମାରିଥିଲେ। ମାଡ଼ରୁ ରକ୍ଷା ପାଇବା ପାଇଁ ଗୁଡୁ ପ୍ରତିଦିନ କିଛି ଟଙ୍କା ଘରୁ ଚୋରି କରି ଆଣି ସମ୍ପୃକ୍ତ ନାବାଳକଙ୍କୁ ଦେଉଥିଲେ। ପ୍ରତିଦିନ ସନ୍ଧ୍ୟା ୫ଟାରେ ଟ୍ୟୁଶନ ହେଉଥିବାବେଳେ ଗତ ୯ ତାରିଖରେ ଅପରାହ୍ନ ୧.୩୦ରେ ଟ୍ୟୁଶନ ହୋଇଥିଲା। ସେଦିନ ଗୁଡୁ ଟଙ୍କା ଦେଇପାରି ନ ଥିଲେ। ତେଣୁ ଏଥିରେ ଉତ୍‌କ୍ଷିପ୍ତ ହୋଇ ସମ୍ପୃକ୍ତ ନାବାଳକ ଅନ୍ୟ ଜଣେ ଯୁବକଙ୍କ ସହ ମିଶି ଗୁଡୁଙ୍କୁ ଟ୍ୟୁଶନ ପରେ ଜିଲାନାସୀ ଛକରୁ ଉଠାଇ ନେଇଥିଲେ। ସେମାନେ ବାଇକରେ ବସାଇ ତାଙ୍କୁ ତିଖିରି ନଦୀପଠାକୁ ନେଇଯାଇଥିଲେ। ସେଠାରେ ନାଳବଣ ମଶାଣି ପାଖରେ ଅନ୍ୟ ଜଣେ ଯୁବକ ବାଲିରେ ଗାତ ଖୋଳି ଅପେକ୍ଷା କରିଥିଲେ। ୩ ଅଭିଯୁକ୍ତ ମିଶି ସେଠାରେ ଗୁଡୁଙ୍କୁ ଆଜି ପଇସା କାହିଁକି ଆଣିନୁ ବୋଲି କହି ଧମକାଇଥିଲେ। ଏହାପରେ ବାଲିରେ ବେକ ପର୍ଯ୍ୟନ୍ତ ପୋତି ଦେଇଥିଲେ। କିଛି ସମୟ ଏମିତି ରହିବା ପରେ ଗୁଡୁ କାନ୍ଦି କାନ୍ଦି ତାଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିବା ସହ ଟଙ୍କା ଆଣି ଦେବେ ବୋଲି କହିଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ବାଲିରୁ କାଢିଥିଲେ। ଗୁଡୁ ଭୟରେ ଏ ସମ୍ପର୍କରେ ଘର ଲୋକଙ୍କୁ କହି ନ ଥିଲେ। ତେବେ ଅଭିଯୁକ୍ତମାନଙ୍କୁ ଟଙ୍କା ଦେବା ପାଇଁ ସେ ମା'ଙ୍କ ବ୍ୟାଗରୁ ୫ଶହ ଟଙ୍କା ଲୁଚାଇ ନେଇ ନିଜ ସ୍କୁଲ ବ୍ୟାଗରେ ରଖିଥିଲେ। ମା' ଟଙ୍କା ନ ପାଇ ଯେତେବେଳେ ଗୁଡୁଙ୍କୁ ପଚାରିଲେ ସେତେବେଳେ ସେ ସବୁ କଥା କହିଥିଲେ। ଏ ସମ୍ପର୍କରେ ତାଙ୍କ ବାପା କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ତେବେ ଅଭିଯୁକ୍ତ ଓ ପୀଡ଼ିତ ଉଭୟ ନାବାଳକ ହୋଇଥିବାରୁ ମାମଲା ରୁଜୁ ହୋଇନାହିଁ। ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି।




## ସାହସୀ ଶୁଭସ୍ମିତାଙ୍କୁ ସମ୍ବର୍ଦ୍ଧନା



ଶୁଭସ୍ମିତାଙ୍କୁ ଭାଜପା ନେତା ସମ୍ପଦ ସ୍ୱାଇଁ ସମ୍ବର୍ଦ୍ଧିତ କରୁଛନ୍ତି।

**କୁଜଙ୍ଗ,୧୧।୧(ସ୍ୱ.ପ୍ର.)**

ନିପାଣିଆ ଡଙ୍ଗାବୁଡ଼ି ଘଟଣାରେ ନିଜ ମା ଓ ଭଉଣୀଙ୍କ ସମେତ ୧୧ ଜଣଙ୍କ ଜୀବନ ବଞ୍ଚାଇ ସାହସିକତାର ପରିଚୟ ଦେଇଥିବା ହସିଣା ଗ୍ରାମର ନାବାଳିକା ଶୁଭସ୍ମିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହସିଣା ଗ୍ରାମର ବୁଲୁ ସାହୁଙ୍କ ଝିଅ ଶୁଭସ୍ମିତା କୁଜଙ୍ଗ ମହାବିଦ୍ୟାଳୟର ଯୁକ୍ତ ୨ରେ ପଢନ୍ତି। ଗତ ୨ ତାରିଖରେ ହୁକିଟୋଲାରୁ ଡଙ୍ଗାରେ ଫେରୁଥିବା ୫୫ ଯାତ୍ରୀଙ୍କ ମଧ୍ୟରେ ସେ ଥିଲେ। ନିପାଣିଆଠାରେ ଡଙ୍ଗା ବୁଡ଼ିଯିବା ଫଳରେ ସେଦିନ ୧୦ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୪୫ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧ଜଣଙ୍କୁ ଶୁଭସ୍ମିତା ଉଦ୍ଧାର କରିଥିଲେ, ଯାହାକି ପ୍ରଶାସନର ଅଗୋଚରରେ ରହିଯାଇଛି। ଶୁକ୍ରବାର ତାଙ୍କୁ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସମ୍ପଦ ସ୍ୱାଇଁ ସମ୍ବର୍ଦ୍ଧିତ କରିଛନ୍ତି। ୨ନଂ ଜୋନ୍ ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ, ମଣ୍ଡଳ ସଭାପତି ତପନ ତ୍ରିପାଠୀ, ସାଧାରଣ ସମ୍ପାଦକ ଶ୍ରୀନିବାସ ସ୍ୱାଇଁ, ପାରାଦୀପ ଗଡ଼ ସଭାପତି ରଶ୍ମିରଞ୍ଜନ ସାମନ୍ତରାୟ, ବିପିନ ତ୍ରିପାଠୀ, ଗ୍ରାମର ମୁରବୀ ରସାନନ୍ଦ ତରାଇ, ସତ୍ୟନାରାୟଣ ଚୌଧୁରୀ, ରମେଶ ମୁଦୁଲି, ରବୀନ୍ଦ୍ର ତରାଇ, ଶିବ ସାମଲ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭସ୍ମିତାଙ୍କୁ ପ୍ରଶଂସା କରିଛନ୍ତି।

## ୨ ନାବାଳିକାଙ୍କୁ ଉଦ୍ଧାର କଲା ଆହ୍ୱାନ କମ୍ୱାଇନ୍ସ

**ପାରାଦୀପ,୧୧।୧(ସ୍ୱ.ପ୍ର.)**

ପାରାଦୀପ ବସ୍‌ଷ୍ଟାଣ୍ଡରେ ଦୀର୍ଘଦିନ ଧରି ବେସାହାରା ହୋଇ ବୁଲୁଥିବା ୨ ଜଣ ନାବାଳିକାଙ୍କୁ ଗୁରୁବାର ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ୱାଇନ୍ସ ଉଦ୍ଧାର କରିଛି। ଉକ୍ତ ୨ ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିବା ପରେ ସେମାନଙ୍କୁ ଗଡ଼ଠାରେ ଥିବା ଲୋକନାଥ ସେବାଶ୍ରମ (ଶିଶୁ ଯତ୍ନ ଅନୁଷ୍ଠାନ)ରେ ରଖାଯାଇଛି। ସେମାନଙ୍କ ମା' ମଧ୍ୟ ବସ୍‌ଷ୍ଟାଣ୍ଡରେ ଏଣେ ତେଣେ ଅସ୍ଥାୟୀ ଭାବେ ରୁହନ୍ତି। ପିଲା ଦୁଇଟି ଖରା ବର୍ଷାରେ ଅସହାୟ ଭାବେ ବାହାରେ ବୁଲନ୍ତି। ସେମାନଙ୍କ ପାଠପଢା ଓ ଭବିଷ୍ୟତ ଗଠନ ପାଇଁ ସଙ୍ଗଠନର କର୍ମକର୍ତ୍ତା ସଞ୍ଜୟ, ପ୍ରଭାସ, ସାଗର, ନିହାରିକା, ବଳରାମ ପ୍ରମୁଖ ତାଙ୍କ ମା'ଙ୍କୁ ବୁଝାଇଥିଲେ। ସେ ରାଜି ହେବା ପରେ ସଙ୍ଗଠନ କର୍ମକର୍ତ୍ତାମାନେ ସିଡବ୍ଲ୍ୟୁସିରେ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରିଥିଲେ। ସନ୍ଧ୍ୟାରେ ପିଲା ଦୁହିଁଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ଓ ପୋଷାକ ପ୍ରଦାନ ସହ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଛି।








3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ପୋଲ ତଳୁ ଖଞ୍ଜା ଚୋରି, ଲୋକେ ଆତଙ୍କିତ



ଚଣ୍ଡିଖୋଲ,୧୧।୧(ଡି.ଏନ.ଏ.)

ଚଣ୍ଡିଖୋଲ-ପାରାଦୀପ ୫ ନଂ. (କ) ଜାତୀୟ ରାଜପଥର ପତରାଜପୁର ନିକଟ ପଟ୍ଟାମୁଣ୍ଡାଇ କେନାଲ ଉପରେ ହୋଇଥିବା ସେତୁରୁ ଆଶ୍ଚର୍ଯ୍ୟଜନକ ଭାବେ ପୋଲର ଭାର ସମ୍ଭାଳୁଥିବା ଖଞ୍ଜାଗୁଡ଼ିକ ଚୋରି ହୋଇଯାଇଛି। ଏହା କିପରି ଚୋରି ହୋଇଛି, ସେ ନେଇ ଜାତୀୟ ରାଜପଥ ଅଧିକାରୀ ଆଶ୍ଚର୍ଯ୍ୟ ହୋଇଛନ୍ତି। ଖଞ୍ଜାଗୁଡ଼ିକ ଚୋରି ହେବା ଯୋଗୁ ଗାଡ଼ି ଚାଳକ ଓ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏ ନେଇ ଶୁକ୍ରବାର ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀଙ୍କ ଏକ୍ସପର୍ଟ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏହାର ଫଟୋ ଉତ୍ତୋଳନ କରିଛନ୍ତି।

ସୂଚନାଯୋଗ୍ୟ, ଚଣ୍ଡିଖୋଲ-ପାରାଦୀପ ୫ ନଂ(କ) ଜାତୀୟ ରାଜପଥ ଏବେ ୬ ଲେନ୍ ହେବାକୁ ଯାଉଛି। ୧୯୬୮ରେ ଜାତୀୟ ରାଜପଥ ତିଆରି ହେବା ସମୟରେ ପୋଲର ସନ୍ତୁଳନ ରକ୍ଷା କରିବା ପାଇଁ ତିଆରି ହୋଇଥିବା ପିଲର ଉପରେ ଖଞ୍ଜାଗୁଡ଼ିକ ଦିଆଯାଇଥିଲା। ଏହା ଚୋରି ହେବା କଷ୍ଟସାଧ ହୋଇଥିଲା ବେଳେ କିପରି ଚୋରି ହୋଇଛି, ତାହା ଚିନ୍ତାର କାରଣ ପାଲଟିଛି। ଭୂମିଠାରୁ ପୋଲର ଉଚ୍ଚତା ୩୦ ଫୁଟ୍‌ରୁ ଊର୍ଦ୍ଧ୍ୱ ହୋଇଥିଲା ବେଳେ ଖୁଣ୍ଟ ଉପରେ ଏହି ଖଞ୍ଜା ଏବଂ ତା' ଉପରେ ପୋଲର ସ୍ଲାପ୍ ରହିଥାଏ। ସ୍ଲାପ୍ କଡ଼ା ନ ହେଲେ ଖଞ୍ଜା ବାହାରିବା କଥା ନୁହେଁ ବୋଲି ରାଜପଥ କର୍ତ୍ତୃପକ୍ଷ କହିଥିଲା ବେଳେ ଏହା ଚୋରି ହୋଇଥିବାରୁ ପୋଲର ସ୍ଲାପ୍ ଓ ଖୁଣ୍ଟ ସହ ସଂଯୋଗରେ ବୈଷୟିକ ତ୍ରୁଟି ପରିଲକ୍ଷିତ ହୋଇଛି। ଖଞ୍ଜା ନ ଥିବାରୁ ସ୍ଲାପ୍‌ର ଭାରସାମ୍ୟ ସନ୍ତୁଳିତ ରଖିବାରେ ଅସୁବିଧା ହେଉଥିବା ସୂଚନା ମିଳିଛି। ଏହି ଜାତୀୟ ରାଜପଥ ଏକ ବ୍ୟସ୍ତବହୁଳ ରାଜପଥ

## ରାଜପଥ କର୍ତ୍ତୃପକ୍ଷଙ୍କ ଘଟଣାସ୍ଥଳ ପରିଦର୍ଶନ

ହୋଇଥିବାରୁ ପୋଲର ଏପରି ଅବସ୍ଥା ସମସ୍ତଙ୍କ ପାଇଁ ଭୟ ଓ ଚିନ୍ତାର କାରଣ ହୋଇଛି। ଏହାକୁ ଯଥାଶୀଘ୍ର ମରାମତି କରିବା ସହ ପୋଲରେ ସୃଷ୍ଟି ହୋଇଥିବା ବୈଷୟିକ ତ୍ରୁଟି ସୁଧାରିବା ଆବଶ୍ୟକ ହୋଇପଡ଼ିଛି। ଖଞ୍ଜା ଲଗାଇବାରେ ବିଳମ୍ବ ହେଲେ କେତେବେଳେ କ'ଣ ଅଘଟଣ ଘଟିବ, ତାହା କହିହେବ ନାହିଁ। ଏ ସମ୍ପର୍କରେ ୫ ନଂ (କ) ଜାତୀୟ ରାଜପଥ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ପୂଜା ମିଶ୍ରଙ୍କୁ ପଚାରିବାରେ, ଆଶ୍ଚର୍ଯ୍ୟଜନକ ଭାବେ ଏଠାରୁ ଚୋରି ହୋଇଛି, ଯାହା କି ପୋଲ ପ୍ରତି ବିପଦ ସୃଷ୍ଟି କରିଛି। ସେମାନେ ଏହାର ତୁରନ୍ତ ନିରାକରଣ ପାଇଁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ।

### ମାଜିଷ୍ଟ୍ରେଟ୍‌ଙ୍କ ଗାଡ଼ି ସହ ଧକ୍କା ହେଲା ସ୍କୁଟି

# ବାପ, ଝିଅ ଗୁରୁତର

ଯାଜପୁରରୋଡ/କୋରେଇ/ରଗଡ଼ି,୧୧।୧(ନି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)

 କୋରେଇ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥ ନଗୁଆଁ ତାରିଣୀ ମନ୍ଦିର ନିକଟରେ ଶୁକ୍ରବାର ମାଜିଷ୍ଟ୍ରେଟ୍‌ଙ୍କ ଗାଡ଼ି ସହ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାପ ଓ ଝିଅ ଗୁରୁତର ହୋଇଥିଲେ। ଗୁରୁତରମାନେ ହେଲେ ବ୍ୟାସନଗର ପୌରାଞ୍ଚଳ ଖଣ୍ଡାହତା ଗ୍ରାମର ପ୍ରତାପ ସାମଲ(୫୫), ଝିଅ ସୁଜାତା(୨୫)। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରତାପଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରତାପ ଓ ସୁଜାତା ସ୍କୁଟି ଯୋଗେ ବନ୍ଧୁଘର ଝୁମ୍ପାଣ ଯାଉଥିଲେ। ଏହି ସମୟରେ ଆନନ୍ଦପୁର ଆଡୁ ଆସୁଥିବା ମାଜିଷ୍ଟ୍ରେଟଙ୍କ ଗାଡି (ଓଡି-୦୯-ଏଫ-୯୫୪୧) ଡିଭାଇଡର କ୍ରସ୍ କରୁଥିବା ବେଳେ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାପ ଓ ଝିଅ ରାସ୍ତା ଉପରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଏ ନେଇ



ଦୁର୍ଘଟଣାଗ୍ରସ୍ତ ଗାଡ଼ି।

ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଗିରଫ ଓ ଗୁରୁତରଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଛନ୍ତି। କୋରେଇ ଆଇଆଇସି ଚିନ୍ମୟୀ ସାହୁ ଓ ଯାଜପୁରରୋଡ ଆଇଆଇସି ଅମିତାଭ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଓ ବୋଲେରୋ ଜବତ କରିବା ସହ ତଦନ୍ତ ଜାରି ରଖିଛନ୍ତି। କୋରେଇ ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ତଦନ୍ତ ଭାର ନେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ରାସ୍ତାରୋକୋ ଜାରି ରହିଥିବା ଜଣାପଡ଼ିଛି।

# ଟ୍ରାକ୍ଟର ଧକ୍କାରେ ନାବାଳକଙ୍କ ମୃତ୍ୟୁ

ବରୀ,୧୧।୧(ସ୍ୱ.ପ୍ର.)

ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତସ୍ଥିତ ଯଅଁପଡା ଗାଁ ରାସ୍ତାରେ ଶୁକ୍ରବାର ପୂର୍ବାହ୍ନରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ କୁଶବଟ ଗ୍ରାମର ଚନ୍ଦ୍ରମଣି ଜେନାଙ୍କ ପୁଅ ଶୁଭ୍ରଜିତ(୧୨)। ଖବରପାଇ ବରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା (୩/୧୯) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମିଳିଥିବା ସୂଚନା ଅନୁଯାୟୀ, ଶୁଭ୍ରଜିତ୍ ସ୍କୁଲ ଯାଉଥିବା ସମୟରେ ସାମ୍ନାପଟୁ ଏକ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

■ ଖଣ୍ଡିତର ପ୍ରିମିୟମ ଲିଗ୍‌ର ୩ୟ ଦିବସ

# ସୁପର ଗ୍ରୁପ୍‌କୁ ଗଲେ ୮ ଦଳ

ରସୁଲପୁର,୧୧।୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଖେଳ ପଡିଆରେ ଅନୁଷ୍ଠିତ ପ୍ରଥମ ବାର୍ଷିକ ଖଣ୍ଡିତର ପ୍ରିମିୟମ ଲିଗ୍‌ର ତୃତୀୟ ଦିବସରେ ୮ଟି ଦଳ ସୁପର ଗ୍ରୁପକୁ ଉନ୍ନୀତ ହୋଇଛନ୍ତି। ଇଲେଭେନ ଷ୍ଟାର-ଜଗତପୁର, ଏମଡିସିସି-ମଲପଡା, ରାଇଜିଂ ଇଲେଭେନ-ଭୋଟକା, ବାଲୁଙ୍କେଶ୍ୱର ବୁଲସ୍, ରେନବୋ-ତାଳଗଡିଆ, ରଥଲେସ ହାର୍ଡ ହିଟର-ଖଣ୍ଡିତର, ଓଲ୍ଡ ପ୍ରଫେସର ଓ ସ୍ୱାର୍ଟନ ଇଲେଭେନ-କେଉଟ ଲଗୁଆଁ କ୍ରିକେଟ ଦଳ ସୁପର-୮ ଗ୍ରୁପକୁ ଉନ୍ନୀତ ହୋଇଛନ୍ତି। ଏହି ଅବସରରେ ଅନୁଷ୍ଠିତ ୪ଟି ମ୍ୟାଚ୍ ବେଶ୍ ଚିତାକର୍ଷକ ହୋଇଥିଲା। ପ୍ରଥମ ମ୍ୟାଚରେ ସ୍ୱାର୍ଟଣ ଇଲେଭେନ ଓ ଓଲ୍ଡ ପ୍ରଫେସର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଓଲ୍ଡ ପ୍ରଫେସର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଗ୍ଲାଡିଏଟର ଏକାଦଶକୁ ହରାଇ ରାଇଜିଂ ଇଲେଭେନ ୫ୱିକେଟରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ବ୍ୟାକ୍ ବେଞ୍ଚର୍ସ ଏକାଦଶକୁ ହରାଇ ଏମଡିସିସି ପରବର୍ତ୍ତି ରାଉଣ୍ଡକୁ ଉନ୍ନୀତ ହୋଇଛି। ୪ର୍ଥ ତଥା ଶେଷ ମ୍ୟାଚ ରଥଲେସ ହାର୍ଡ ହିଟର ଓ ଗେମ୍ ଚେଞ୍ଜର-ନେଳିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଘରୋଇ ରଥଲେସ ହାର୍ଡ ହିଟର ବିଜୟୀ ହୋଇଥିଲା। ଉକ୍ତ ମ୍ୟାଚ ଗୁଡିକରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସାମାଜିକ କର୍ମୀ କଳ୍ପନା ସାହୁ, ଶିକ୍ଷାବିତ୍ ବିଜୟ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାଧିନ ରଂଜନ ସାହୁ, ସୁବାଶିଷ ଦାସ, ମହେଶ୍ୱର ଓ ମନୋରଞ୍ଜନଙ୍କୁ ମ୍ୟାନ ଅଫଦି ମ୍ୟାଚ୍ ଭାବରେ ପୁରସ୍କୃତ କରାଯାଇଥିଲା।



ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ସିଂହପୁର,୧୧।୧(ଡି.ଏନ୍.ଏ.)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା ପଞ୍ଚାୟତରେ ବିଜୁ ଯୁବବାହିନୀ ପକ୍ଷରୁ ଶୁକ୍ରବାର ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପଞ୍ଚାୟତ ବିଜୁ ଯୁବବାହିନୀ ସଭାପତି ଅରୁଣ ମଲ୍ଲିକଙ୍କ ନେତୃତ୍ୱରେ ଦୁଇଦିନ ଧରି ପଞ୍ଚାୟତ ଖେଳ ପଡିଆଠାରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଅକ୍ଷୟ ମଲ୍ଲିକ ସଭାପତିତ୍ୱ କରିଥିଲେ। ମା' ବରୁଣେଇ ଅବସରପ୍ରାପ୍ତ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବଟକୃଷ୍ଣ ମଲ୍ଲିକ ମୁଖ୍ୟଅତିଥି, ଟିଣା ସରପଞ୍ଚ ରଞ୍ଜିତା ଦାସ ମୁଖ୍ୟବକ୍ତା, ବିରେନ୍ଦ୍ର କୁମାର ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ କ୍ରିକେଟ୍, ଭଲି, କବାଡି ଆଦିରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବବାହିନୀ ସଦସ୍ୟ ରାଜେଶ ନାୟକ, ପ୍ରଣବ ମଲ୍ଲିକ, ବିହଙ୍ଗ କୁମାର ଯେନା, ଅଜୟ କୁମାର ମଲ୍ଲିକ, ମହେନ୍ଦ୍ର କୁମାର ସେଠୀ, ମଣ୍ଟୁ ମଲ୍ଲିକ, ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶୀମଦ ଜବତ, ୪ ମହିଳା ଗିରଫ

ଚଣ୍ଡିଖୋଲ,୧୧।୧(ଡି.ଏନ.ଏ.)

ଡୁବୁରୀ ହାଟରୁ ଏକ ବସ୍‌ରେ ଦେଶୀମଦ ନେଇ ଆସୁଥିବା ୪ ମହିଳାଙ୍କୁ ଶୁକ୍ରବାର ଚଣ୍ଡିଖୋଲ-ଡୁବୁରୀ ରାସ୍ତାର ବାଲିସାହି ଛକରେ ଧର୍ମଶାଳା ଅବକାରୀ ବିଭାଗ ଅଧିକାରୀ ଅଟକାଇବା ସହ ସେମାନଙ୍କଠାରୁ ୪୮ ଲିଟର ମଦ ଜବତ କରିଛନ୍ତି। ଏଥିସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନେ ହେଲେ ଆରୁହା ଗ୍ରାମର ରୁକ୍ମିଣୀ ସିଂ, ଗୁରୁବାରୀ ସିଂ, ଯାତିରି ସିଂ ଓ ସଙ୍ଗୀତା ସାମତ।

ଓଡ଼ିଶା ସରକାର

# 'କାଳିଆ' ଯୋଜନା

## ସବୁଜ ଫର୍ମ (Green Colour)

### କାଳିଆ ଯୋଜନାରେ ନାମ ଦରଜ ନିମନ୍ତେ ଆବେଦନ ପତ୍ର

୧. ଚାଷୀଙ୍କ ନାମ (ପରିବାରର ମୁଖ୍ୟ):
୨. ପିତା / ସ୍ୱାମୀଙ୍କ ନାମ :
୩. ପରିବାରର ସଦସ୍ୟଙ୍କ ସଂଖ୍ୟା :
୪. ସ୍ଥାୟୀ ଠିକଣା :-
ଗ୍ରାମ: ଗ୍ରାମ ପଞ୍ଚାୟତ :
ବ୍ଲକ : ଜିଲ୍ଲା :
୫ . ଆଧାର କାର୍ଡ ନଂ- (ନକଲ ସଂଲଗ୍ନ କରନ୍ତୁ) :
୬. ମୋବାଇଲ ନଂ :
୭. ବ୍ୟାଙ୍କ ସଂଚୟ ଖାତା ବିବରଣୀ (ବହିର ପ୍ରଥମ ପୃଷ୍ଠା ର ନକଲ ସଂଲଗ୍ନ କରନ୍ତୁ)
- ବ୍ୟାଙ୍କ ନାମ :
- ଶାଖାର ନାମ :
- ବ୍ୟାଙ୍କ ଖାତା ଆକାଉଣ୍ଟ ନଂ. :
- I.F.S.C. କୋଡ୍ ନଂ :

୮. ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି (✓) ଅଛି ( ) / ନାହିଁ ( )
କ. ଯଦି ଚାଷ ଜମି ଅଛି,ଅଧିକୃତ ଚାଷ ଜମିର ବିବରଣୀ (ନକଲ ସଂଲଗ୍ନ କରନ୍ତୁ) :-
ଖାତା ନଂ : ପ୍ଲଟ ନଂ :
ଜମି ପରିମାଣ (ଏକର) :
ଖ. ଯଦି ନାହିଁ, ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି ନଥିଲେ, ତାହାର କାରଣ :-

୯. ଚାଷୀ ପ୍ରମାଣ ପତ୍ର (ନିମ୍ନୋକ୍ତ କୌଣସି ପ୍ରମାଣ ପତ୍ରର ନକଲ ସଂଯୁକ୍ତ କରନ୍ତୁ)
କିଶାନ କ୍ରେଡିଟ କାର୍ଡ / ଜମି ଖତିଆନର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଚାଷୀ ପ୍ରମାଣ ପତ୍ର / ଚଳନ୍ତି ଖଜଣା ପାଉତିର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଜମି ପାସ ବହି / ଲିଜ ଜମିର ପ୍ରମାଣ ପତ୍ରର ନକଲ / ଅନ୍ୟ ପ୍ରମାଣ ପତ୍ର

ମୁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଏହାର ସତ୍ୟାସତ୍ୟ ପାଇଁ ମୁ ଦାୟୀ ଅଟେ ।

ତାରିଖ ଚାଷୀଙ୍କ ସ୍ୱାକ୍ଷର:
ଉପରୋକ୍ତ ଘୋଷଣାନାମାକୁ ମୁଁ ନିମ୍ନୋକ୍ତ କାରଣ ପାଇଁ ସହମତି / ଅସହମତି ପ୍ରକାଶ କରୁଅଛି ।

ନୋଡାଲ୍ ଅଧିକାରୀଙ୍କ ସ୍ୱାକ୍ଷର:
ନାମ ଓ ପଦବୀ:

ବି.ଦ୍ର. : ପ୍ରଯୁଜ୍ୟ ହେଉନଥିବା କାରଣକୁ ଗାର ପକାଇ କାଟିଦିଅନ୍ତୁ ।

DSPL-342
39001/13/0007/1819

ମନେ ରଖନ୍ତୁ, ସବୁଜ ଫର୍ମ ପାଇବା ପାଇଁ କୌଣସି ମଧ୍ୟସ୍ଥିଙ୍କୁ ଅର୍ଥ ଦେବା ଆବଶ୍ୟକ ନୁହେଁ। ଏହି ଫର୍ମକୁ ଆପଣ ସହଜରେ ପୂରଣ କରିପାରିବେ ଏବଂ ସମ୍ପୂର୍ଣ୍ଣ ଫର୍ମକୁ ନିଜେ ସବୁଜ ଡ୍ରପ୍ ବକ୍ସରେ ପକାଇବେ।

**ସବୁଜ ଫର୍ମ ନ ମିଳିବା ସ୍ଥିତିରେ ଆପଣ:**
- ଏହି ବିଜ୍ଞାପନ ପୃଷ୍ଠାକୁ ଜେରକ୍ସ କରି, ବ୍ୟବହାର କରିପାରିବେ।
- **www.kalia.co.in** ୱେବ୍‌ସାଇଟ୍‌ରୁ ଆପଣ ସବୁଜ ଫର୍ମ ଡାଉନ୍‌ଲୋଡ ପରେ ପ୍ରିଣ୍ଟ କରି ବ୍ୟବହାର କରିପାରିବେ।
- ଅନ୍ୟ କାହାର ଖାଲି ସବୁଜ ଫର୍ମ ମଧ୍ୟ ଜେରକ୍ସ କରି ବ୍ୟବହାର କରିପାରିବେ।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

## ସଂକ୍ଷେପରେ

### ଜିଆରଏସ୍‌ଙ୍କୁ ମାଡ଼, ୨ଭାଇ ଗିରଫ

ଧର୍ମଶାଳା,୧୧।୧(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ପଞ୍ଚାୟତର ଜିଆର୍‌ଏସ୍ ପ୍ରଦୀପ ସାହୁଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଗୁରୁବାର ଦୁଇଭାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ କୁଣ୍ଡପାଟଣା ଗ୍ରାମର ନରେଶ କୁମାର ସାହୁ ଓ ଭାଇ ପ୍ରଭାସ ସାହୁ। ପ୍ରକାଶ ଯେ, ଗତ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ଜିଆର୍‌ଏସ୍ ପ୍ରଦୀପ ସାହୁ ସରକାରଙ୍କ ପକ୍ଷରୁ ପ୍ରଦତ୍ତ କ୍ରିକେଟ୍ ସାମଗ୍ରୀ ବଣ୍ଟନ କରୁଥିଲେ। ଏହି ସମୟରେ ନରେଶ ଓ ତାର ଭାଇ ପ୍ରଭାସ ଉପଯୁକ୍ତ ଯୁବକଙ୍କୁ କ୍ରିକେଟ ସମାଗ୍ରୀ ବଣ୍ଟନ ହେଉ ନ ଥିବା ଅଭିଯୋଗ କରି ବଣ୍ଟନ ପ୍ରକ୍ରିୟାକୁ ବିରୋଧ କରିବା ସହ ମାଡ଼ ମାରିଥିବା ନେଇ ପ୍ରଦୀପ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୧୪/୧୯) ରୁଜୁ କରି ନରେଶ ଓ ପ୍ରଭାସଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

### ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ଘୋଷିତ


ଧର୍ମଶାଳା,୧୧।୧(ଡି.ଏନ୍.ଏ.)- ରାଜ୍ୟର ପ୍ରମୁଖ ସାହିତ୍ୟ ଅନୁଷ୍ଠାନ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ଚଳିତ ବର୍ଷ ପାଇଁ ଘୋଷଣା କରାଯାଇଛି। ଗୁରୁବାର ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ସଭାପତି ରମାକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପୁରସ୍କାର ଘୋଷଣା କରାଯାଇଛି। ଚଳିତବର୍ଷ ପ୍ରଫେସର ବସନ୍ତ କୁମାର ପଣ୍ଡା ସ୍ମୃତି ପୁରସ୍କାର, ପ୍ରାଧାପକ ମନୋରଞ୍ଜନ ମହାନ୍ତି ସ୍ମୃତି ସମ୍ମାନ, ପ୍ରାବନ୍ଧିକ ଲଛମନ ରାଉତ ଓ ଅଧାପକ ସନ୍ତୋଷ କୁମାର ପଣ୍ଡାଙ୍କୁ ଗୋକର୍ଣ୍ଣିକା ପୁରସ୍କାର ପ୍ରଦାନ କରାଯିବ। ଏ ନେଇ ଆସନ୍ତା ୧୬ତାରିଖ ବୁଧବାର ଧର୍ମଶାଳା କ୍ଲବ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଜିଲାପାଳ ରଞ୍ଜନ କୁମାର ଦାସ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଗୀତିକବି ନିରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ଲିଖିତ ଗୀତି କବିତା ପୁସ୍ତକ ''ଓଦା ଅନ୍ଧାରର ସ୍ମୃତି'' ଉନ୍ମୋଚନ ହେବ ବୋଲି ସମ୍ପାଦକ ବିଜୟ କୁମାର ନାୟକ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସୁକିନ୍ଦା, ୧୧।୧(ଡି.ଏନ୍.ଏ.)- ସୁକିନ୍ଦା ବ୍ଲକ ଅନ୍ତର୍ଗତ ଯାମୁପଶିଠାରେ ଆୟୋଜିତ ମା' ମଙ୍ଗଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ନୂଆ ଯାମୁପଶି ଦଳକୁ ହରାଇ ହାତୀବରି ଏକାଦଶ ବିଜୟୀ ହୋଇଛି। ହାତିବାରୀ ଏକାଦଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୨୨୯ ରନ୍ କରିଥିଲା। ଜବାବରେ ଯାମୁପଶି କ୍ରିକେଟ କ୍ଲବ ୧୭ ଓଭର୍ ୧ଟି ବଲରେ ସମସ୍ତ ୱିକେଟ ହରାଇ ୧୬୪ ରନ୍ କରି ପରାଜୟ ହୋଇଥିଲା। ହାତିବାରୀ ଏକାଦଶର ରୁଦ୍ର ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଛି। ବିଭୁଦତ୍ତ ଦାଶ ଏବଂ ଉମେଶ ଜେନା ଖେଳ ପରିଚାଳନା କରିଥିଲେ ।

■ପାଣିକୋଇଲିରେ ମେଡିକାଲ କଲେଜ ଦାବି ପ୍ରସଙ୍ଗ

# ଜିଲାପାଳଙ୍କୁ ଭେଟିଲେ ଆନ୍ଦୋଳନକାରୀ



■ପାଣିକୋଇଲିରେ ହେବ ହେଲିପ୍ୟାଡ ନିର୍ମାଣ
■ତେନ୍ତୁଳିକୁଟାଠାରେ ଆଇଟି ପାର୍କ ପ୍ରସ୍ତାବ
■ ପାଣିକୋଇଲି ଓ ଚଣ୍ଡିଖୋଲ ମଧରେ ଟ୍ରମାକେୟାର ସେଣ୍ଟର

ଯାଜପୁର ଅଫିସ,୧୧।୧

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ଦୀର୍ଘଦିନ ଧରି ଆନ୍ଦୋଳନ କରୁଥିବା ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଶୁକ୍ରବାର ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ସାକ୍ଷାତ କରିଥିଲେ। ଜିଲାପାଳ ଦାସ ସେମାନଙ୍କୁ ମେଡିକାଲ କଲେଜ ପ୍ରତିଷ୍ଠାର ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ଏହି ନିୟମାବଳୀ ଅନୁଯାୟୀ ଯେଉଁ ଜିଲା ସଦର ମହକୁମାରେ ମେଡିକାଲ ରହିଛି ତାହାକୁ ଉନ୍ନତିକରଣ କରାଯାଇ ମେଡିକାଲ କଲେଜ କରାଯିବ। ଯଦି ସେଠାରେ ସ୍ଥାନର ଅଭାବ ଦେଖାଦିଏ ତେବେ ମେଡିକାଲର ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବ। ସରକାର ଯେବେଠାରୁ ମେଡିକାଲ କଲେଜ ସ୍ଥାପନର ଘୋଷଣା କରିବେ ତାହା ସେବେଠାରୁ କାର୍ଯ୍ୟକାରୀ ହେବ। ସଦର ମହକୁମାରେ ଥିବା ମେଡିକାଲ ମାଧ୍ୟମରେ ହିଁ ଛାତ୍ରୀଛାତ୍ର ପାଠପଢିବେ। ସେଠାରେ ମଧ୍ୟ ବିଶେଷଜ୍ଞ ଡାକ୍ତର ତାଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହ ନୂତନ ଛାତ୍ରୀଛାତ୍ର ପ୍ରାକ୍ଟିକାଲ କରିବାରେ ସହାୟତା ପାଇବେ। ଏ ସବୁକୁ ବିଚାରକୁ ନେଲେ ପାଣିକୋଇଲିଠାରେ ନିୟମ ଅନୁସାରେ ମେଡିକାଲ କଲେଜର ସ୍ଥାପନ ପାଇଁ ଉପଯୁକ୍ତ ହେବ ନାହିଁ ବୋଲି ଜିଲାପାଳ କହିଥିଲେ। ଅପରପକ୍ଷରେ ପାଣିକୋଇଲିଠାରେ ଜିନ୍ଦଲ ଷ୍ଟିଲ ସହାୟତାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ମେଡିକାଲ ସ୍ଥାପନ ପାଇଁ କଥାବାର୍ତ୍ତା ଚାଲିଥିବା କଥା ଜିଲାପାଳ ସୂଚନା ଦେଇଥିଲେ। ସେହିପରି ପାଣିକୋଇଲିରେ ହେଲିପ୍ୟାଡ ନିର୍ମାଣ କରାଯିବ। ଯାହାକି ଏକାଥରେ ୩ଟି ହେଲିକ୍ୟାପ୍ଟର ଲ୍ୟାଣ୍ଡିଂ କରିବାର ସୁବିଧା ରହିବ। ପାଣିକୋଇଲି ସନ୍ନିକଟ ତେନ୍ତୁଳିକୁଟାରେ ଆଇଟି ପାର୍କ କରାଯିବ। ପାଣିକୋଇଲି ଓ ଚଣ୍ଡିଖୋଲ ମଧ୍ୟରେ ଟ୍ରମାକେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ପରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଏ ସମସ୍ତ କଥା କମିଟିର ଅନ୍ୟାନ୍ୟ ସଦସ୍ୟଙ୍କ ସହ ଆଲୋଚନା କରି ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ସିଡିଏମ୍‌ଓ ଡା. ବାରିଶ ଦାସ, ଜିଲା ଶିକ୍ଷା ଅଧିକାରୀ, କୃଷ୍ଣଚନ୍ଦ୍ର ନାୟକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, କ୍ରିୟାନୁଷ୍ଠାନ କମିଟି ସଦସ୍ୟ ବଳରାମ ସାହୁ, ଗଙ୍ଗାଧର ସାହୁ, ସୂର୍ଯ୍ୟମଣୀ ପଣ୍ଡା, ସମିତିସଭ୍ୟ ସନ୍ତୋଷ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

■କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ତରଞ୍ଜିଆ, ବାରବାଟୀ ବିଜୟୀ

ଧର୍ମଶାଳା,୧୧।୧(ଡି.ଏନ୍.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ସୁପରସିକ୍ସ ଲିଗର ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ କଦମପାଳ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର୍‌ରେ ୭ ଉଇକେଟ ହରାଇ ୧୩୩ ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ତରଞ୍ଜିଆ ୧୪.୪ ଓଭର୍‌ରେ ୬ ୱିକେଟ୍ ହରାଇ ୧୩୮ ରନ୍ କରି ମ୍ୟାଚ୍‌ର ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ରେଖିଦେଇପୁର ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ଖେଳର ୯ ୱିକେଟ୍ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମନ୍ମଥ ମଲ୍ଲ ୪୦ ଓ ଶିବୁନ ମଲ୍ଲ ୩୪ରନ୍ କରିଥିଲେ। ଜବାବରେ ବାରବାଟୀ ଦଳ ୬ଉଇକେଟ୍ ହରାଇ ବିଜୟ ଲାଭ କରିଥିଲା। ଅବିନାଶ ସାମଲ, ରଞ୍ଜନ ପାଳ, ଇନ୍ତେକାବ ଆଲାମ ଓ ଅମରେଶ ପରିଡା ଖେଳ ପରିଚାଳନା କରିଥିଲେ। ବାସୁଦେବ ମିଶ୍ର, ପ୍ରକାଶ ଧଳ ଓ ଅମୀୟ ପରିଡା ସ୍କୋର୍‌ରେ ସହାୟତା କରିଥିଲେ। ଶନିବାର ପ୍ରଥମ ମ୍ୟାଚ୍ କଣ୍ଟିଗାଡିଆ ଓ ତରଞ୍ଜିଆ ଓ ଦ୍ୱିତୀୟ ମ୍ୟାଚ୍ ରେଖିଦେଇପୁର ସହିତ ଚୋରମୁହାଁ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଫାଉଣ୍ଡେଶନର ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

## କେନ୍ଦ୍ରମନ୍ତ୍ରୀଙ୍କ ଧର୍ମଶାଳା ଗସ୍ତ ନେଇ ଭାଜପାର ପ୍ରସ୍ତୁତି

ଧର୍ମଶାଳା,୧୧।୧(ଡି.ଏନ୍.ଏ.)

କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ଆସନ୍ତା ୧୩ ତାରିଖ ଶନିବାର ଧର୍ମଶାଳା ନିର୍ବାଚନମଣ୍ଡଳୀ ଗସ୍ତ କରିବେ। ଏହି ଅବସରରେ ନିର୍ବାଚନମଣ୍ଡଳୀର କାଏମାଠାରେ ଆୟୋଜିତ ଭାଜପା କର୍ମୀ ସମାବେଶରେ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଜିଲା ସଭାପତି ଗୌତମ ରାୟ ଓ ସମସ୍ତ ନେତୃମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୨.୩୦ରେ ଧର୍ମଶାଳା ବାଣୀପୀଠ ପଡ଼ିଆରେ ଧର୍ମେନ୍ଦ୍ରଙ୍କ ହେଲିକପ୍ଟର ଅବତରଣ କରିବ। ସେଠାରୁ ଏକ ବାଇକ ଶୋଭାଯାତ୍ରାରେ କାଏମା ସଭାସ୍ଥଳ ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଜନ ପରାମର୍ଶ ପଦଯାତ୍ରା ମରାଯିବ ।ଏ ନେଇ ଶୁକ୍ରବାର ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ପରିଡ଼ା ସୂଚନା ଦେଇଛନ୍ତି। ବ୍ଲକ ଉପାଧ୍ୟକ୍ଷ ସୁବାଷ ଜେନା, ଭାଜପା ନେତା ନାରାୟଣ ସ୍ୱାଇଁ, ବାମଦେବ ପାଢୀ, ଚନ୍ଦ୍ରମଣି ପଣ୍ଡିତଙ୍କ ସମେତ ବହୁ କର୍ମକର୍ତ୍ତା ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ

କୋରେଇ,୧୧।୧(ସ୍ୱ.ପ୍ର)

ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ମସୁଦପୁରସ୍ଥିତ ଗୁରପ୍ରସାଦ ହାଇସ୍କୁଲ ଓ ଅଟଳ ବିହାରୀ ନେଡ଼ାଲ ଉପ୍ରା ବିଦ୍ୟାଳୟର ୨୮ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସମାଜସେବୀ ପିନାକୀ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୃସିଂହ ଚରଣ ଖିଲାର, ହରେକୃଷ୍ଣ ପଣ୍ଡା ଏବଂ ତାରିଣୀ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ଛାତ୍ରୀ ସ୍ନେହାସିନୀ ଖିଲାର ଓ ଶ୍ମୃତି ସ୍ମରମିତା ପରିଡ଼ା ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ବିଷ୍ଣୁ ଚରଣ ପାଣି, ରବୀନ୍ଦ୍ର ନାୟକ, ମହେନ୍ଦ୍ର ସେନାପତି, ମନୋଜ କୁମାର ବେହେରା, ସେବାନାଥ ତ୍ରିପାଠୀ, ଲକ୍ଷ୍ମୀନାରାୟଣ କର, ସୁରେଶ ଚନ୍ଦ୍ର ସାହୁ, ବିଜୟ କୁମାର ସିଂ, ପ୍ରବୋଧ ସାମଲ ଓ ବିଜୟ କୁମାର ସ୍ୱାଇଁ ଖେଳ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅନ୍ଧ ଆଗେ ଦୀପ,**
**ବଧିର ଆଗେ ଗୀତ ।**

ଅନ୍ଧ କିଛି ଦେଖିପାରି ନ ଥାଏ। ଦୀପର ଜ୍ୟୋତି ତା'ର ଅନ୍ଧତ୍ୱକୁ ପ୍ରଜ୍ୱଳିତ କରିପାରି ନ ଥାଏ। ସେହିପରି କାନକୁ ଶୁଭୁ ନ ଥିବା ବ୍ୟକ୍ତି ଆଗରେ ସଙ୍ଗୀତର ମୂର୍ଚ୍ଛନା ବ୍ୟର୍ଥ ସାବ୍ୟସ୍ତ ହୋଇଥାଏ। କାଲ ଆଗରେ ମୂଳା ଚୋବାଇବା ଭଳି ଏସବୁ ମୂଲ୍ୟହୀନ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅତିଥି ପୂଜଇ ଯେ ଭାଗ୍ୟବନ୍ତ ଜାଣ,**
**ତାହା ସରି ଭାଗ୍ୟବନ୍ତ ନାହିଁ ସଂସାରେଣ ।**

ଅତିଥି ଦେବୋ ଭବଃ । ଆମ ସଂସ୍କୃତିରେ ଅତିଥିଙ୍କୁ ଉଚ୍ଚାସନ ଦିଆଯାଇଛି। ଅତିଥିଙ୍କୁ ଯିଏ ଦେବତା ଭଳି ପୂଜା କରନ୍ତି, ସମ୍ମାନ ଦିଅନ୍ତି ତାଙ୍କ ପ୍ରତି ଈଶ୍ୱର ପ୍ରୀତ ହୋଇଥାନ୍ତି। ଯଥାର୍ଥରେ ଏପରି ବ୍ୟକ୍ତି ହିଁ ସବୁଠାରୁ ବଡ଼ ଭାଗ୍ୟବନ୍ତ ହୋଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ନିର୍ମାଣାଧୀନ ରାସ୍ତାରୁ ଉଠିଲା କଂକ୍ରିଟ

କାଳିଆପାଣି, ୧୧।୧(ଡି.ଏନ୍.ଏ.)

କଲରଙ୍ଗି ଅତା ଢାବାଛକଠାରୁ ଦେହୁରୀ ସାହିକୁ ନିର୍ମାଣନଧୀନ କଂକ୍ରିଟ ରାସ୍ତା ନିମ୍ନମାନର କରାଯାଇଛି। ଯାଜପୁର ଆର୍‌ଡି ବିଭାଗ ଅଧୀନରେ ଚଳିତ ମାସରେ ଉକ୍ତ ରାସ୍ତାକାମ ଆରମ୍ଭ କରାଯାଇଥିଲା। କିନ୍ତୁ କାମ ଶେଷ ହେବା ପୂର୍ବରୁ କଂକ୍ରିଟ ଉଠିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମାବାସୀ ଦାବି କରିଛନ୍ତି । କଲରଙ୍ଗି ଅତା ଢାବାଛକଠାରୁ ଦେହୁରୀ ସାହିକୁ ରାସ୍ତାର ଉନ୍ନତିକରଣ ପାଇଁ ଡିଏମ୍‌ଏଫ ଫଣ୍ଡ (ଡିଷ୍ଟ୍ରିକ ମିନେରାଲ ଫଣ୍ଡ) ଅନୁଦାନ ମଞ୍ଜୁର କରାଯାଇଛି। ଏଥି ନିମନ୍ତେ ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ବରାଦ କରାଯାଇଥିବା ଜଣାପଡିଛି । ତେବେ ରାସ୍ତାଟି ପୂର୍ବରୁ ମଜବୁତଥିବାବେଳେ ପୁନଃ କଂକ୍ରିଟ କାର୍ଯ୍ୟାଦେଶ କରାଯାଇଥିବା ଗ୍ରାମବାସୀ କହିଛନ୍ତି । ପ୍ରାରମ୍ଭରୁ ଠିକାଦାର ବିନା ସୂଚନା ଫଳକରେ କାମ କରିବା ସହ ଇଚ୍ଛା ଅନୁଯାଇ ଏକ ସିମେଣ୍ଟ, ୪ ବାଲି, ୬ରୁ ୧୦ ପର୍ଯ୍ୟନ୍ତ ଚିପ୍ସ ଦେଇ କାର୍ଯ୍ୟ କରିଥିଲେ। ଏ ନେଇ ଗ୍ରାମବାସୀଙ୍କ ସହିତ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ ମହାନ୍ତି ରାସ୍ତାକାମକୁ ବିରୋଧ କରି କାମ ବନ୍ଦ କରି ଦେଇଥିଲେ। ପରେ ଠିକାଦାର ଗ୍ରାମବାସୀ ଓ ସରପଞ୍ଚଙ୍କ ସହ ଆଲୋଚନା କରି କଂକ୍ରିଟ ସଡ଼କ ନିର୍ମାଣ ସରିବା ପରେ ବଳକା ରହିଥିବା ପିଚୁ କାର୍ଯ୍ୟ ଶେଷ କରିଥିଲେ। କିନ୍ତୁ ଏବେ ଏକ ମାସ ନ ପୁରୁଣ ଉକ୍ତ ରାସ୍ତାଟି ଶୋଚନୀୟ ହୋଇପଡିଥିବା ବେଳେ କଂକ୍ରିଟ ଭାଙ୍ଗି ଚିପ୍ସ ଉଠି ଯାଉଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ରାଧାରମଣ ବାରିକଙ୍କୁ ପଚାରିବାରୁ ସେ କୌଣସି ରାସ୍ତାକାମ ଠିକ ଚାଲିଥିବା କହିଥିଲେ। ସରପଞ୍ଚ ବିଶ୍ୱଜିତ ମହାନ୍ତିଙ୍କୁ ପଚାରିବାରୁ ନିମ୍ନମାନର ରାସ୍ତାକାମ କରାଯାଇଥିବା ନେଇ ସେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବେ ବୋଲି କହିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day)
For Booking Contact: 0674-2580385, 7894447131, 7894447148, 9437038266, 7894447166

BISWAJIT FINANCE
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଆଣିଛୁ କମ୍ ସୁଧରେ ଋଣର ସୁବିଧା। ମାତ୍ର ୨% ସୁଧ ୩୫% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ।
(Shri Jagannath Finance Group)
ଭାରତର ନଂ.୧ କମ୍ପାନୀ
Helpline Numbers-
7497815594
9585831878
S/o Mahesh Chandra Gupta, C-281,Pratap Gali, Nanak Chand Basti, Kotla Mubarakpur, Mubarakpur, South Delhi, Delhi-110003

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅଛି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଲୋହଡ଼ି ଧମାକା
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାରକାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
8126568293
8126592819
SCO- 106, Second Floor, Vishal Tower, Cannaught Place, Delhi.

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଭାରତର ନଂ.1 କମ୍ପାନୀ
NATIONAL FINANCE
(Registration No.- U659001077)
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର, ଏଗ୍ରିକଲ୍ଚର, ମହିଳା ଗ୍ରୁପ୍ ଋଣ ଏବଂ ସବୁ ଋଣ ପାଆନ୍ତୁ
2% ସୁଧ 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି
9855493041
9592875003
KUTASINGHA, Tentuligaon, Balangir, Orissa 767068

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

Bandhan Finance
ରୋଜଗାର ଯୋଜନା ଘରେ ବସି ଋଣ ମାତ୍ର 2 ଦିନରେ । ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ପର୍ସନାଲ, ସରକାରୀ, ଘରୋଇ ଚାକିରି ଏବଂ ସବୁ ପ୍ରକାର ଋଣ । ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ସୁଧ 1% ରିହାତି 50%
7800718597
H.No. - 249, Vill- SISWALIA Teh.- DADRI, Dist- BHIWANI

ନୋଭେଲ୍ଟି ଫାଇନାନ୍ସ କମ୍ପାନୀ
ଯୋଗାଉଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସମସ୍ତ ଋଣ ଘରେ ବସି ମାତ୍ର 48 ଘଣ୍ଟାରେ (ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ) ମହିଳାଙ୍କ ପାଇଁ ବିଶେଷ ରିହାତି। 1% ସୁଧ 50% ରିହାତି।
8130122601
7834906158
Dakhin Ganv, Baijnathpur, Wazirganj, Gaya - 205131

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 20 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Krolbagh
Contact:- 8676907143
7050017585

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

# ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ




ଅନାବରଣ ଉତ୍ସବରେ ଉପସ୍ଥିତ ଅତିଥି ।

**ଦଶରଥପୁର,୧୧।୧(ଡି.ଏନ.ଏ.)**

ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତସ୍ଥିତ କେରୁଣା ଗ୍ରାମର ନୃସିଂହ ମହାପାତ୍ର ସ୍ମୃତି ପରିଷଦ ପକ୍ଷରୁ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୃସିଂହ ଚରଣ ମହାପାତ୍ରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏକ ସଭା ଆୟୋଜିତ କରାଯାଇଥିଲା । ଏଥିରେ ବରିଷ୍ଠ କଂଗ୍ରେସ ନେତା ଅଶୋକ ମହାନ୍ତି ସଭାପତିତ୍ୱ କରିଥିଲେ । ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନର ଯୁବସମାଜ ଆବଶ୍ୟକ ସ୍ଥଳେ ସମାଜ ପାଇଁ ନିଜକୁ ଉତ୍ସର୍ଗ କରିବାର ଆବଶ୍ୟକ ରହିଛି ବୋଲି କହିଥିଲେ । କଂଗ୍ରେସ ନେତା ଶ୍ୟାମସୁନ୍ଦର କର ଅତିଥି ପରିଚୟ ପ୍ରଦାନ କରିବା ପରେ ସ୍ୱର୍ଗତ ନୃସିଂହ ଚରଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ପିସିସିର ସାଧାରଣ ସମ୍ପାଦକ ବିଜୟ ଦ୍ୱିବେଦୀ, ଭାଜପା ନେତା ରମେଶ ଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ । ସ୍ୱର୍ଗତ ନୃସିଂହଙ୍କ ସ୍ୱାଧିନତା କ୍ଷେତ୍ରରେ ଦେଶ ପାଇଁ ଦେଇଥିବା ବଳିଦାନ ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଥିଲେ । ଦେଶ ଓ ଜାତି ସହ ନିଜ ଅଞ୍ଚଳ ପାଇଁ ତାଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ । ଏହି ଅବସରରେ ତାଙ୍କ ସ୍ତ୍ରୀ ହେମଲତା(୯୨)ଙ୍କୁ ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅସନପୁର ସରପଞ୍ଚ ଦିବାକର ସାମଲ, ଇନ୍ଦ୍ରଜିତ୍ ଦାସ, ବିଦ୍ୟୁତ୍‌ଲତା ଦାସ, ସରୋଜ କୁମାର ବିଶ୍ୱାଳ, ଖବରଦାତା କ୍ଷେତ୍ରମୋହନ ମିଶ୍ର, ଭରତ ଚନ୍ଦ୍ର ପରିଡ଼ା, ଚନ୍ଦ୍ରଶେଖର ସାହୁ, ବିମଳ ମଲ୍ଲିକ, ହୃଷୀକେଶ ଜେନା, ସିପିଆଇ ନେତା ସନାତନ ତ୍ରିପାଠୀ, ସମାଜସେବୀ ନିତ୍ୟାନନ୍ଦ ଦାସ ପ୍ରମୁଖଙ୍କ ସହ ତାଙ୍କର ତିନି ପୁଅ ପ୍ରବୋଧ, ପ୍ରଶୁପ୍ତ ଓ ଦର୍ପନାରାୟଣ ଉପସ୍ଥିତ ଥିଲେ ।

# ମନ୍ମଥ ଆଣ୍ଡ ରାଜେଶ ସ୍ମାରକୀ କ୍ରିକେଟ୍ ଉଦ୍‌ଯାପିତ

**ଛତିଆ,୧୧।୧(ଡି.ଏନ୍.ଏ.)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ନିକଟ ସୋଲରଠାରେ ମଙ୍ଗଳା କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ମନ୍ମଥ ଆଣ୍ଡ ରାଜେଶ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ସୋଲର ଓ ଜାରକା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ସୋଲର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା । ଜବାବରେ ଜାରକା ୧୭ ଓଭରରେ ୫ ଉଇକେଟ ହରାଇ ୧୧୮ ରନ୍ କରି ଚାମ୍ପିୟନ୍ ହୋଇଥିଲା । ଜାରକା ପକ୍ଷରୁ ଦିଲୀପ ରାଉତ ସର୍ବାଧିକ ୪୫ ରନ୍ କରି




ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି ।

## ଜାରକା ଚାମ୍ପିୟନ୍

ଶ୍ରେଷ୍ଠ ଖେଳାଳିଭାବେ ପୁରସ୍କୃତ ହୋଇଥିଲେ । ସୋଲର ସରପଞ୍ଚ ନୀଳମଣି ରାଉତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ବାସୁଦେବ ଓ ସୁରେଶ କୁମାର ଖେଳ ପରିଚାଳନା କରିଥିଲେ । ସାମାଜିକ କର୍ମୀ ମାଧବାନନ୍ଦ ମହାପାତ୍ର, ସୁଧାଂଶୁ ରାଉତ, ରମେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ ।

# କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ରତ୍ନଗିରି,୧୧।୧(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ବାଲିଆ ସାମନ୍ତ ସିଂହାର ଉଚ୍ଚ ବିଦ୍ୟାଳୟରେ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପାବକ ମହାପାତ୍ର ସଭାପତିତ୍ୱ କରିଥିଲେ । ଶିକ୍ଷକ ଅଶୋକ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ଅଜୟ କୁମାର ବେହେରା ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ବିଶ୍ୱବନ୍ଦିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।


## ପୂର୍ବ ତଟ ରେଳପଥ
**'ଇ' କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/21, ତା.08.01.2019ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି । ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ **www.ireps.gov.in** (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍(Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ ।

PR-427/J/18-19 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର


# ୩୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ରସୁଲପୁର,୧୧।୧(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ମହାବିଦ୍ୟାଳୟର ଜୁନିୟର ଓ ଡିଗ୍ରୀ କଲେଜର ୩୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଯୁକ୍ତ ୩ କଲେଜର ଅଧକ୍ଷ କିଶୋର ଚନ୍ଦ୍ର ଜେନା ଉତ୍ସବ ଉଦ୍‌ଘାଟନ କରିଥିଲେ । ଯୁକ୍ତ ୩ କଲେଜର ଅଧକ୍ଷ ସୌଭାଗ୍ୟ କୁମାର ସାହୁ ଉଦ୍‌ଘାଟନୀ ଉତ୍ସବରେ ଅଧକ୍ଷତା କରିଥିଲେ । ଇଂଲିଶ ଅଧାପକ ଶଶିଭୂଷଣ ମହାନ୍ତି ଜାତୀୟ ସଂଗୀତ ଗାନ କରି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ । କଲେଜର ବରିଷ୍ଠ ଅଧାପିକା ଅଧାପକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରତିଯୋଗୀଙ୍କୁ ଶୃଙ୍ଖଳାର ସହ ଖେଳି କୃତିତ୍ୱ ଅର୍ଜନ କରିବାକୁ ଆହ୍ୱାନ ଦେଇଥିଲେ । କ୍ରୀଡ଼ା ଶିକ୍ଷକ ସେକ୍ ନିଜାମ ଉଦ୍ଦିନ ଓ ବିବେକାନନ୍ଦ ଜେନା ଖେଳ ପରିଚାଳନା କରିଥିଲେ । କ୍ରୀଡ଼ା ପ୍ରତିଯୋଗିତାରେ କଲେଜର ୧୫୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସମସ୍ତ ଅଧାପିକା ଅଧାପକ, ଶିକ୍ଷା କର୍ମଚାରୀ ଖେଳ ପରିଚାଳନାରେ ସହଯୋଗ କରୁଛନ୍ତି । ମହାବିଦ୍ୟାଳୟର ଉନ୍ନୟନ ଓ ସୁପରିଚାଳନା ଦିଗରେ ସହାୟତା ପ୍ରଦାନ କରିଆସୁଥିବା ମୁରବି ଆଲ୍ଲାଉଦ୍ଦିନ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ ।


## ଆଲ୍ଲାହାବାଦ ବ୍ୟାଙ୍କ
(ଭାରତ ସରକାରଙ୍କର ଏକ ଉପକ୍ରମ)
ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

## ଗୃହ ଆବଶ୍ୟକ

ବ୍ୟାଙ୍କ ଏହାର ବର୍ତ୍ତମାନର ଶାଖା ସ୍ଥାନାନ୍ତର କରିବା ନିମନ୍ତେ ୧୦୦୦ ବର୍ଗଫୁଟ କାର୍ପେଟ୍ ଏରିଆ ବିଶିଷ୍ଟ ନିମ୍ନଲିଖିତ ସ୍ଥାନରେ ଭଡା ସୂତ୍ରରେ ଗୃହ ଆବଶ୍ୟକ କରୁଅଛି । ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ ।

| କ୍ର.ନଂ. | ଶାଖାର ନାମ | କେଉଁଥି ପାଇଁ ଗୃହ ଆବଶ୍ୟକ | କାର୍ପେଟ୍ ଏରିଆ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|
| ୧. | କୋକଲବା | ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ୧୦୦୦ ବର୍ଗଫୁଟ | ସା/ପୋ.: କୋକଲବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, ୩/୧-ବି, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫** ରୁ ସଂଗ୍ରହ କରିପାରିବେ କିମ୍ବା କୋକଲୋବା ଶାଖାରୁ କିମ୍ବା ଆମର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ । ଇଚ୍ଛୁକ ପକ୍ଷମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଜଉମୁଦ ଦିଆ ଲଫାପାରେ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ: **୩୦.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା ।**

ତାରିଖ: ୧୧.୦୧.୨୦୧୯ — ଉପ-ମହାପ୍ରବନ୍ଧକ


# ଅଭିରାମ ଚାରିଟେବୁଲ ଟ୍ରଷ୍ଟ ଗଠିତ

**ଦଶରଥପୁର,୧୧।୧(ଡି.ଏନ.ଏ.):** ଦଶରଥପୁର ବ୍ଲକ ଅସନପୁର ପଞ୍ଚାୟତର ଅସନପୁରଠାରେ ନୂତନଭାବେ ଶ୍ରୀ ଅଭିରାମ ଚାରିଟେବୁଲ ଟ୍ରଷ୍ଟ ଗଠିତ ହୋଇଯାଇଛି । ଏହି ଅବସରରେ ସଂସ୍ଥାର ସଭାପତି ରାଜେନ୍ଦ୍ର ମଲ୍ଲିକ, ସମ୍ପାଦକ ନିର୍ମଳ କୁମାର ଯେନାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଏଥିରେ ସରପଞ୍ଚ ଦିବାକର ସାମଲ, ସାମାଜିକ କର୍ମୀ ପ୍ରଭାକର ଦାସ, କାଶୀନାଥ ମଲ୍ଲିକ, ମାନସ କୁମାର ଦାସଙ୍କ ସମେତ ସଭ୍ୟ ସର୍ବଶ୍ରୀ ଶରତ ଚନ୍ଦ୍ର ସ୍ୱାଇଁ, ଅମିୟ ବେହେରା, ପତିତପବାନ ଦାସ, ଅନିରୁଦ୍ଧ ଦାସ, ପ୍ରକାଶ ଦାସ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ସଂସ୍ଥା ପକ୍ଷରୁ ନିକଟସ୍ଥ ମନ୍ଦାକିନୀ ନଦୀ ପାର୍ଶ୍ୱରେ ୫୦ଟି ଚାରାରୋପଣ କରାଯାଇଥିଲା । ତେବେ ଏହି ଟ୍ରଷ୍ଟ ପକ୍ଷରୁ ପଞ୍ଚାୟତ ସହ ବ୍ଲକର ବିଭିନ୍ନ ଅଞ୍ଚଳରେ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।


## State Level Flower Show, 2019
**Botanic Gardens (Ekamrakanan)**
**Regional Plant Resource Centre, Nayapalli, Bhubaneswar**

**12th - 13th January, 2019**
**(9 AM to 7 PM)**

ENTRY TO GARDEN FREE
FREE PARKING INSIDE GARDEN

*Organised by :*
**Regional Plant Resource Centre, Bhubaneswar**

*in collaboration with*
**Plant Lovers' Association, Bhubaneswar**

*Supported by :*
नालको NALCO
&
**Directorate of Horticulture, Odisha**


# ଜୋନ୍‌ସ୍ତରୀୟ କଂଗ୍ରେସ କମିଟି ବୈଠକ

**ଯାଜପୁରରୋଡ,୧୧।୧(ନି.ପ୍ର.):** କୋରେଇ ବ୍ଲକ ୧ ନଂ. ଜୋନ୍‌ର ପାଟରଙ୍ଗାଠାରେ ଶୁକ୍ରବାର ଜୋନସ୍ତରୀୟ କଂଗ୍ରେସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ସଭାପତିତ୍ୱ କରି ୧ ନଂ. ଜୋନ୍‌ର କଂଗ୍ରେସ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ । ବୀରକିଶୋର ଦାସ ସଭାପତି, ଉପସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ମଦନ ମୋହନ ସାହୁ, ଉପଦେଷ୍ଟାଭାବେ ବିଦ୍ୟାଧର ବଳ, ଭାଗଲା ମୁର୍ମୁ, ବୀରଭଦ୍ର ବିହାରୀ, ପୁରସ୍ତମ ରାଉତ, ଏବଂ ୨୫ ଜଣଙ୍କୁ କମିଟିରେ ସଭ୍ୟ ଭାବେ ନିଆଯାଇଛି । ଆଗାମୀ ନିର୍ବାଚନ ପାଇଁ ଏହି କମିଟି ସଂଗଠନକୁ ସୁଦୃଢ କରିବା ପାଇଁ ସ୍ଥିର କରାଯାଇଛି ।

# ପାଗଳ ମାଙ୍କଡ଼ ଉପଦ୍ରବ, ଲୋକେ ଆତଙ୍କିତ

**କୋରେଇ,୧୧।୧(ସ୍ୱ.ପ୍ର):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ଗ୍ରାମରେ ଏକ ପାଗଳ ମାଙ୍କଡ଼ ଦୀର୍ଘଦିନ ହେବ କାଜିପାଟଣା, ନୁଆଗାଁ ଆଦି ଗ୍ରାମରେ ବୁଲିବା ସହିତ ସ୍ଥାନୀୟ ବ୍ୟକ୍ତିଙ୍କୁ ଆକ୍ରମଣ କରୁଛି । ଲୋକେ ମାଙ୍କଡ଼ ଭୟରେ ଘରୁ ବାହାରିବାକୁ ଯିବାକୁ ଭୟ କରୁଥିବାବେଳେ ଛୋଟ ପିଲା ସ୍କୁଲ ଯାଉ ନ ଥିବା ଜଣାପଡ଼ିଛି । ମାଙ୍କଡ଼ଟିକୁ ଜାଲପକାଇ ଧରିବା ପାଇଁ ଗ୍ରାମବାସୀ ବହୁବାର ଉଦ୍ୟମ କରି ବିଫଳ ହୋଇଥିବା କହିଛନ୍ତି । ଗ୍ରାମର ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରୁଥିବାରୁ ମାଙ୍କଡ ଉପଦ୍ରବ ନେଇ ଚିନ୍ତାରେ ପଡିଯାଇଛନ୍ତି । ଉକ୍ତ ମାଙ୍କଡ଼କୁ ଧରିବା ପାଇଁ ମଧୁସୂଦନ ସାହୁ, ସନ୍ତୋଷ କୁମାର ବେହେରା, ପୁରସ୍ତମ ବାରିକ, ଶଙ୍କର୍ଷଣ ବେହେରା, ସୁଦର୍ଶନ ପରିଡ଼ାଙ୍କ ସମେତ ବହୁ ଗ୍ରାମବାସୀ ଜଙ୍ଗଲ ବିଭାଗ ନିକଟରେ ନିବେଦନ କରିଛନ୍ତି ।


## ଏସ୍.ଇ. ରେଳପଥ ଟେଣ୍ଡର

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୫-୨୦୧୮-୧୯, (୨) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୭-୨୦୧୮-୧୯, ତାରିଖ: ୧୦।୦୧।୨୦୧୯ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଟେଣ୍ଡର ଲାଗି ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ଅଣଦେଖା କରିଦିଆଯିବ । **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା, କାର୍ଯ୍ୟର ଆନୁମାନିକ ମୂଲ୍ୟ, ଅମାନତ ରାଶି ନିମ୍ନ ଅନୁଯାୟୀ ହେବ:** (୧) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ବଡି ୱାଶିଂ, ଅଭ୍ୟନ୍ତର ସଫେଇ, ଭୋଲ୍କସ୍ ଫିଲ୍ଟର୍ ସଫେଇ ଏବଂ ଫିଟ୍‌ମେଣ୍ଟ ଗ୍ରେଟିଂ ଓପନିଂ, ବ୍ଲୋଇଂ ତଥା ଗ୍ରେଟିଂ, ₹୬୪,୪୧,୦୦୦/-, ₹୧,୨୮,୮୨୦/- । (୨) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ହିଟାଚି ଟ୍ରାକ୍ସନ୍ ମୋଟରର ଆର୍ମାଚର୍ ଶାଫ୍ଟ ସଂଶୋଧନ, ₹୧,୮୮,୨୫୪.୮୦, ₹୩,୮୦୦/- । **ଇ-ଟେଣ୍ଡରର ସମାପ୍ତିର ତାରିଖ ଓ ସମୟ:** ତା୧୧।୦୨।୨୦୧୯ରିଖ ୧୫.୦୦ ଘଟିକା । ୱେବ୍‌ସାଇଟ୍‌ର ସବିଶେଷ ବିବରଣୀ ଓ ସୂଚନା: ପ୍ରତ୍ୟେକ କାର୍ଯ୍ୟ ପାଇଁ http://www.ireps.gov.in । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ । PR-989



OFFICE OF THE
## SUPERINTENDING ENGINEER, RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287
NATIONAL COMPETITIVE BIDDING THROUGH "e"-Procurement
ADB Assisted PMGSY Packages
Identification No. Online Tender/32-2018-19/PMGSY(ADB)/BPR
ADB// 105 // RWC // BAM // Dated. 08.01.2019

**No.1354-O:-** Superintending Engineer, Rural Works Circle, Berhampur on behalf of the employer invited online item rates bids from eligible bidders for Construction of Road and C.D. works including maintenance for 5 years of Rural Roads [RCIP-2 Tr-I (2017-18) Batch-I] under Pradhan Mantri Gram Sadak Yojana (ADB Rural Connectivity investment programme).
**Period of Availability of tenders online :- The details are as below.**

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works Circle, Berhampur | Online Tender / 32-2018-19 / PMGSY(ADB)/BPR | 01 (One) | 16.01.2019 at 11.00 A.M. | 30.01.2019 at 3.00 P.M. |

One PDF file is created under Cover-II i.e. Envelope for Financial Bid with the heading "Letter of Financial Bid" and "Summary of Bill of Quantities". The Bidder will upload "Letter of Financial Bid" and "Summary of Bill of Quantities" in PDF format with their Bid as per requirement of SBD.

**Key dates are:**
1. Submission of Original Bid Security Instrument, Bid Submission Fee & Original Affidavit : From 21.01.2019 at 11.00 A.M. to 30.01.2019 at 3.30 P.M.
2. Opening of "Bid Security" (Bid Security Instrument, Bid Submission fee & Original Affidavit) & Technical Bid : 30.01.2019 at 3.30 P.M.
3. Opening of Financial Bid : 04.02.2019 at 11.00 A.M.

Detailed NIB, other details and corrigendum if any can be viewed on website www.pmgsytenders.gov.in
The Original EMD, DD towards paper cost, Affidavit regarding Correctness in a sealed cover shall be physically furnished by the tenderer in original before the Procurement Officer (Superintending Engineer, R.W.Circle, Berhampur) within the specified period as mentioned in the NIT, otherwise his tender will entail rejection and blacklist of his Licence.
**25071/11/0049/1819** — **Sd./- Superintending Engineer, R.W.Circle, Berhampur**


See Career Appointment on every Wednesday & Saturday


## ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରିହାବିଲିଟେସନ୍ ଟ୍ରେନିଙ୍ଗ୍ ଓ ରିସର୍ଚ୍ଚ
ଓଲଟପୁର, ବାଇରୋଇ, କଟକ, ଓଡ଼ିଶା - ୭୫୪୦୧୦, ଫୋନ ନଂ.୦୬୭୧-୨୮୦୫୫୫୨


### ନୋଟିସ

ଏତଦ୍ୱାରା ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ତୁମ୍ଭମାନଙ୍କୁ କୋର୍ଟ ସହାୟତାରେ ଓ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ କେସ୍‌ର ନୋଟିସ୍ ପଠାଯାଇଥିଲା । କିନ୍ତୁ ତୁମ୍ଭେ ବିଭିନ୍ନ କାରଣ ଦର୍ଶାଇ ସେ ନୋଟିସ ଗ୍ରହଣ ନ କରିବାରୁ ତାହା ଫେରସ୍ତ ଆସିଛି । ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ତୁମ୍ଭମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସରେ ତା୩୧।୦୧।୨୦୧୯ରିଖ ଦିବା ୧୨ ଘଟିକା ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି ।
ତେଣୁ ଆପଣ ନିଜେ ବା ନିଜର ଓକିଲ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ, ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ତଦଦ୍ୱୀର କରିବେ । ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ । ଉକ୍ତ ନୋଟିସ୍ ଅତିରିକ୍ତ କମିଶନର (ଏସ୍ ଓ ଜି) ଙ୍କ ଆଦେଶ କ୍ରମେ ବିଜ୍ଞାପନ କରାଗଲା ।

| କ୍ରମିକ ନଂ. | ଚକବନ୍ଦୀ କେସ୍ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା | ଜମିର ବିବରଣୀ |
|---|---|---|---|
| ୦୧. | ୨୯୮/୨୦୦୬ ପ୍ରତିବାଦୀ ଉଷା ଜେନା ଓ ଓଗେର | ୦୧. ଉଷା ଜେନା, ପିତା ନଟ ଜେନା, ୦୨. କୁଶି ଜେନା, ପିତା ନଟ ଜେନା ଓଲଟପୁର, ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୬, ପ୍ଲଟ ନଂ.- ୧୮୨, ରକବା ଏ୦.୦୬ ଡି., ବନ୍ଦୋବସ୍ତ ଖାତା ନଂ.- , ପ୍ଲଟ ନଂ.- ୧୬୮, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ. ୧୯୯ (ପି) ରକବା ଏ୦.୦୬ ଡି ରେ ମୋକଦ୍ଦମା ହୋଇଅଛି । |
| ୦୨. | ୩୦୨/୨୦୦୬ ପ୍ରତିବାଦୀ ନରେଶ ନନ୍ଦ ଓ ଓଗେର | ୦୧. ନରେଶ ନନ୍ଦ, ପିତା ୰ନରହରି ନନ୍ଦ, ସା./ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା- କଟକ, ଚକ ଖାତା ନଂ.- ୧୫୨, ପ୍ଲଟ ନଂ.-୧୪୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.-୧୪୯, ପ୍ଲଟ ନଂ.- ୧୨୦, ସାବିକ ଖାତା ନଂ.- ୧୪୭, ପ୍ଲଟ ନଂ.୧୦୨ରେ ମୋକଦ୍ଦମା ହୋଇଅଛି । |
| ୦୩. | ୩୦୧/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା ୰ନନ୍ଦ ଜେନା, ସା./ପୋ.ଅ/ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୭, ପ୍ଲଟ ନଂ.- ୧୭୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.- ୨୬୭, ପ୍ଲଟ ନଂ.- ୧୬୪, ସାବିକ ଖାତା ନଂ.- ୧୩୭/୩୬, ପ୍ଲଟ ନଂ.- ୧୯୯ (ପି)ରେ ମୋକଦ୍ଦମା ହୋଇଅଛି । |
| ୦୪. | ୩୦୦/୨୦୦୬ ପ୍ରତିବାଦୀ ବନମାଳୀ ନାୟକ ଓ ଓଗେର | ୦୧. (କ) ବନମାଳୀ ନାୟକ, ପିତା ୰ଟିମା ନାୟକ, ସା.ପୋ.ଅ., ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୩୩, ପ୍ଲଟ ନଂ.- ୧୭୫, ରକବା ଏ୦.୩୪ଡି., ବନ୍ଦୋବସ୍ତ ଖାତା ନଂ.୧୬୧, ପ୍ଲଟ ନଂ.-୧୬୦, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି । |
| ୦୫. | ୨୯୭/୨୦୦୬ ପ୍ରତିବାଦୀ ଡା. ଅନ୍ନପୂର୍ଣ୍ଣା ମିଶ୍ର ଓ ଓଗେର | ୦୧. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଚ) ଡା.ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର କ୍ରମିକ ନଂ. ୧ (କ) ରୁ (ଚ) ସା.,ପୋ.,ଅ., ଥାନା, ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୫୫, ପ୍ଲଟ ନଂ.- ୩୧୪, ରକବା ଏ.୦.୩୫ଡି., ପ୍ଲଟ ନଂ.- ୨୯୫, ରକବା ଏ ୦.୨୪ଡି (ପି) ପ୍ଲଟ ନଂ.- ୩୨୩, ରକବା ଏ୦.୦୪ଡି., ବନ୍ଦୋବସ୍ତ ଖାତା ନଂ.- ୩୫୬, ପ୍ଲଟ ନଂ.- ୧୨୭, ପ୍ଲଟ ନଂ.- ୧୨୪, ସାବିକ ଖାତା ନଂ.- ୨୩୭, ପ୍ଲଟ ନଂ.- ୨୦୫ (ପାର୍ଟ) ରକବା ଏ୦.୫୯ଡି., ଖାତା ନଂ.- ୯୪, ପ୍ଲଟ ନଂ.- ୨୦୬ (ପାର୍ଟ), ରକବା ଏ୦.୦୪ଡି. ରେ ମୋକଦ୍ଦମା ହୋଇଅଛି । |
| ୦୬. | ୨୯୯/୨୦୦୬ ପ୍ରତିବାଦୀ ରବି ନାୟକ ଓ ଓଗେର | ୦୧. (କ) ରବି ନାୟକ, ପିତା ୰ଝରି ନାୟକ, ୦୧. (ଖ) କବି ନାୟକ, ପିତା ୰ ଝରି ନାୟକ ସା., ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୨୯, ପ୍ଲଟ ନଂ.-୩୦୪, ରକବା ଏ୦.୦୭ଡି., ପ୍ଲଟ ନଂ.- ୩୦୫, ଏ୦.୨୫ଡି., ବନ୍ଦୋବସ୍ତ ଖାତା ନଂ.- ୧୦୬, ପ୍ଲଟ ନଂ.-୧୩୩ ଓ ୧୩୪, ସାବିକ ଖାତା ନଂ.- ୨୮୬/୨, ପ୍ଲଟ ନଂ- ୨୦୧, ରକବା ଏ୦.୩୨ଡି.ରେ ମୋକଦ୍ଦମା ହୋଇଅଛି । |
| ୦୭. | ୨୯୬/୨୦୦୬ ପ୍ରତିବାଦୀ କେଶବ କାଣ୍ଡି ଓ ଓଗେର | ୦୧. (କ) କେଶବ କାଣ୍ଡି, ପିତା ୰ମାଗୁଣି କାଣ୍ଡି, ୦୨. (କ) ବୃନ୍ଦାବନ କାଣ୍ଡି, ପିତା ୰ପ୍ରାଣକୃଷ୍ଣ କାଣ୍ଡି, ୦୩. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଚ) ଡା. ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର, କ୍ରମିକ ନଂ. ୧(କ) ଓ ୨(କ) ସା- ଶିଶୁଆ, ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ । କ୍ରମିକ ନଂ. ୩(କ) ରୁ ୩(ଚ) ପର୍ଯ୍ୟନ୍ତ ସା.,ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର ନଂ.୫୯ ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୦୮, ପ୍ଲଟ ନଂ.-୧୫୮, ରକବା ଏ୦.୧୮ଡି., ବନ୍ଦୋବସ୍ତ ଖାତା ନଂ.- ୨୬୬, ପ୍ଲଟ ନଂ.- ୧୪୦, ସାବିକ ଖାତା ନଂ.- ୨୦୭, ପ୍ଲଟ ନଂ.- ୧୦୫ରେ ମୋକଦ୍ଦମା ହୋଇଅଛି । |
| ୦୮. | ୨୯୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. (କ) କୈଳାସ ଜେନା, ପିତା- ୰ନନ୍ଦ ଜେନା, ୦୨. (କ) ଅରକ୍ଷିତ ଜେନା, ପିତା- ୰ ସିନ୍ଧୁ ଜେନା, ୦୨. (ଖ) ଅନୁ ଜେନା, ପିତା- ୰ସିନ୍ଧୁ ଜେନା, ୦୩. ବାନ ଜେନା, ପିତା ୰ମହଣି ଜେନା, ୦୪. (କ) ଶୁକ ଜେନା, ପିତା ୰ମାନ ଜେନା, ୦୪. (ଖ) ହରି ଜେନା, ପିତା- ୰ମାନ ଜେନା, ୦୪. (ଗ) ବାବୁଲି ଜେନା, ପିତା- ୰ମାନ ଜେନା, ୫. ବେଣୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୬. କାହ୍ନୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୭. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୮. ଧରମୁ ଜେନା, ପିତା ୰ଗନ୍ଧର୍ବ ଜେନା, ୯. ମଷି ଜେନା, ପିତା ୰ଗନ୍ଧର୍ବ ଜେନା କ୍ରମିକ ନଂ. ୧(କ) ରୁ ୯ ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.-୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୯, ପ୍ଲଟ ନଂ.- ୧୭୬ ରକବା ଏ୦.୧୩ଡି., ବନ୍ଦୋବସ୍ତ ଖାତା ନଂ.- ୧୪୭, ପ୍ଲଟ ନଂ.- ୧୫୯, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି । |
| ୦୯ | ୩୦୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା- ୰ ବନ୍ଧୁ ଜେନା, ୦୨. ଆଦିକନ୍ଦ ଜେନା, ପିତା ୰ମଦନ ଜେନା, ୦୩. ପଦ ଜେନା, ପିତା ୰ ମଦନ ଜେନା, ୦୪. କୈଳାସ ଜେନା, ପିତା ୰ନନ୍ଦ ଜେନା, ୦୫. (କ) ଅରକ୍ଷିତ ଜେନା, ପିତା ୰ସିନ୍ଧୁ ଜେନା, ୦୫. (ଖ) ଜଗବନ୍ଧୁ ଜେନା, ପିତା ୰ସିନ୍ଧୁ ଜେନା, ୦୬. ବାନ ଜେନା, ପିତା ୰ମହଣି ଜେନା, ୭. (କ) ଶୁକ ଜେନା, ପିତା ୰ମାନ ଜେନା, ୭. (ଖ) ଭୈରବ ଜେନା, ପିତା ୰ମାନ ଜେନା, ୦୭ (ଗ) ହରି ଜେନା, ପିତା ୰ମାନ ଜେନା, ୦୮. ବେଣୁ ଜେନା, ପିତା ୰ଗନ୍ଧର୍ବ ଜେନା, ୦୯. କାହ୍ନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୦. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୧.ଧନୁ ଜେନା ପିତା ୰ଗନ୍ଧର୍ବ ଜେନା, ୧୨.ମୁଷି ଜେନା, ପିତା ୰ଗନ୍ଧର୍ବ ଜେନା, ୧୩. ବଂଶୀଧର ନାୟକ, ପିତା ୰ମଗୁ ନାୟକ, ୧୪. ବନମାଳୀ ନାୟକ, ପିତା ୰ମଗୁ ନାୟକ, ୧୫. ମୁରଲୀ ନାୟକ, ପିତା ୰ମଗୁ ନାୟକ, ୧୬. (କ) ଗଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, ୧୬. (ଖ) ସଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, କ୍ରମିକ ନଂ.୧(କ) ରୁ ୧୬(ଖ) ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.-୨୮୨, ପ୍ଲଟ ନଂ.- ୧୭୭, ରକବା ଏ୦.୦୮ଡି., ପ୍ଲଟ ନଂ.- ୧୭୪, ରକବା ଏ୦.୨୯ଡି. ବନ୍ଦୋବସ୍ତ ଖାତା ନଂ. ୧୮୯, ପ୍ଲଟ ନାଂ. ୧୬୫ ଓ ୧୬୩, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ ନଂ.୧୯୯(ପି) ରେ ମୋକଦ୍ଦମା ହୋଇଅଛି । |

ସ୍ୱା: ନିର୍ଦ୍ଦେଶକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଜାନୁୟାରୀ, ୨୦୧୯



କଳିଯୁଗରେ ଜୀବ ଉଦ୍ଧାରର ଏକମାତ୍ର ଉପାୟ ହେଲା ସଦାସର୍ବଦା ହରିନାମ କୀର୍ତ୍ତନ, ଶ୍ରବଣ ଓ ମନନ।
- ଶ୍ରୀ ଚୈତନ୍ୟ



## ସଂକ୍ଷେପରେ

### ନାଟକ 'ଅନ୍ଧ ମୂକ ବଧିର' ଶୀର୍ଷକକୁ ବିରୋଧ

**ରସୁଲପୁର,୧୧।୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳରେ କୋଣାର୍କ ଅପେରା ପକ୍ଷରୁ ଲାଗିଥିବା ଯାତ୍ରା ହୋଡିଂରେ ଉଲ୍ଲେଖ ଥିବା ନାଟକ ଶୀର୍ଷକ 'ଅନ୍ଧ ମୂକ ବଧିର'କୁ ଜିଲା ଦିବ୍ୟାଙ୍ଗ କମିଟି ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ଦିବ୍ୟାଙ୍ଗ କମିଟିର ସଭାପତି ମଣ୍ଟୁ ଦାସ ଯାଜପୁର ଜିଲାପାଳ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ବାଲିଆରେ ଆସନ୍ତା ୨୮ରେ କୋଣାର୍କ ଗଣନାଟ୍ୟ ପକ୍ଷରୁ ଯାତ୍ରା ପରିବେଷଣ କରାଯିବ। ଏଥିପାଇଁ ବ୍ରହ୍ମବରଦାର ବିଭିନ୍ନ ସ୍ଥାନରେ ହୋଡିଂ ଲଗାଯାଇଛି। ଉକ୍ତ ହୋଡିଂରେ ଉଲ୍ଲେଖ ଥିବା ନାଟକର ନାମକରଣକୁ ନେଇ ଦିବ୍ୟାଙ୍ଗ କମିଟି ଆପତ୍ତି ଉଠାଇଛି। ଏଭଳି ନାମକରଣ ଦ୍ୱାରା ଦିବ୍ୟାଙ୍ଗଙ୍କୁ ଅପମାନିତ କରାଯାଇଛି ବୋଲି କମିଟି କହିଛି। ଅନ୍ଧକୁ ଦୃଷ୍ଟି ବାଧିତ, ମୂକକୁ ବାକ୍‌ଶକ୍ତି ବାଧିତ ଓ ବଧିରକୁ ଶ୍ରବଣଶକ୍ତି ବାଧିତ ବୋଲି ସମ୍ବୋଧନ କରାଯାଉଛି। ଅକ୍ଷମଙ୍କୁ ସକ୍ଷମ କରିବା ସହ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ଦିଗରୁ ପ୍ରୟାସ କରାଯାଉଛି। ହେଲେ ଏଠାରେ ଏକ ଅପେରା ପାର୍ଟି ପକ୍ଷରୁ ଏଭଳି ନାମକରଣ ନାଟକ ଦ୍ୱାରା ଦିବ୍ୟାଙ୍ଗଙ୍କ ପ୍ରତି ଅପମାନ ବୋଲି କୁହାଯାଉଛି। ଏଭଳି କରୁଥିବା ଯାତ୍ରାପାର୍ଟିର ମାଲିକ, ମ୍ୟାନେଜର, ନାଟକର ଲେଖକ ପ୍ରମୁଖଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଂଘ ଦାବି କରିଛି। ଏଥିସହ ଏହି ନାଟକ ପରିବେଷଣକୁ ତୁରନ୍ତ ବନ୍ଦ କରାଯିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ହୋଡିଂଗୁଡିକୁ ହଟାଇ ଦାସ ଦାବି କରିଛନ୍ତି।

### ସଫେଇ ହେଲା ବ୍ରହ୍ମାକୁଣ୍ଡ ପ୍ରବେଶ ଦ୍ୱାର

**ବିରଜାକ୍ଷେତ୍ର, ୧୧।୧(ଡି.ଏନ୍.ଏ):** ବ୍ରହ୍ମାକୁଣ୍ଡ ପ୍ରବେଶ ଦ୍ୱାର ଭୁଶୁଡ଼ିବାର ଅନେକ ଦିନ ପରେ ବି ତାହାର ସଫେଇ କରାଯାଉ ନ ଥିଲା। ଫଳରେ ଭକ୍ତମାନେ ବ୍ରହ୍ମାକୁଣ୍ଡ ପୋଖରୀରେ ସ୍ନାନ କରିବାରୁ ବଞ୍ଚିତ ହେଉଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଶୁକ୍ରବାର ବ୍ରହ୍ମାକୁଣ୍ଡ ପ୍ରବେଶ ଦ୍ୱାରର ଭଗ୍ନାଂବଶେଷ ସଫେଇ ହୋଇଛି। ପ୍ରକାଶ ଯେ, ଯାଜପୁର ସହରର ୧୯ନମ୍ବର ୱାର୍ଡ଼ ଦେବୀଦ୍ୱାରରେ ପୌରାଣିକ ଗାଥା ବହନ କରୁଥିବା ବ୍ରହ୍ମାକୁଣ୍ଡ ପୋଖରୀ ରହିଛି। ବିରଜା ମନ୍ଦିର ପରିସରରେ ଥିବା ନାଭିଗୟାରେ ପିଣ୍ଡଦାନ ପୂର୍ବରୁ ବ୍ରହ୍ମାକୁଣ୍ଡରେ ଶ୍ରଦ୍ଧାଳୁ ଭକ୍ତମାନେ ସ୍ନାନ ସାରିବା ପରେ ପିଣ୍ଡଦାନ କରିଥାନ୍ତି। ଭାରତର କୋଣ ଅନୁକୋଣରୁ ଅନେକ ଭକ୍ତ ଏହି ବ୍ରହ୍ମାକୁଣ୍ଡରେ ସ୍ନାନ କରିଥାନ୍ତି। ମାତ୍ର ଗତ ଡିସେମ୍ବର ୨୪ରେ ନିର୍ମାଣାଧୀନ ପ୍ରବେଶ ଦ୍ୱାର ଭାଙ୍ଗି ଯାଇଥିଲା। ମାତ୍ର ମୁଖ୍ୟ ପ୍ରବେଶ ଦ୍ୱାରରେ ପଡ଼ି ରହିଥିବା ଭଗ୍ନାଂବଶେଷକୁ ସେହିଦିନଠାରୁ ସଫେଇ କରାଯାଇ ନ ଥିଲା। ଏ ସମ୍ପର୍କରେ ଗତ ୧୦ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିରଜା ମନ୍ଦିର ପ୍ରଶାସନ ପକ୍ଷରୁ ସଫେଇ କରାଯାଇଥିଲା।

## ମହାବୀର କୋକ୍‌ର ପିଛା ଛାଡୁନି ବିବାଦ

# ଜଙ୍ଗଲ ଜମିରେ ହୋଇଛି କମ୍ପାନୀ ପ୍ରତିଷ୍ଠା

- ସିଲ ଖୋଲିବାକୁ ବଢୁଛି ଚାପ
- ଜଙ୍ଗଲ ଓ ପରିବେଶ ବିଭାଗର ଦୃଷ୍ଟି ଆକର୍ଷଣ
- କମ୍ପାନୀ କାର୍ଯ୍ୟକ୍ଷମ ହେବା ନେଇ ସଂଶୟ

**ଯାଜପୁର ଅଫିସ,୧୧।୧**

ଯାଜପୁର ଜିଲା ଚଣ୍ଡିଖୋଲ-ଦୁବୁରୀ ଜାତୀୟ ରାଜପଥ ନିକଟସ୍ଥ ମୁକୁନ୍ଦପୁର-ସରଗଡା ଗ୍ରାମରେ ମହାବୀର କୋକ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ଜଙ୍ଗଲ ଜମିରେ ପ୍ରତିଷ୍ଠା ହୋଇଛି। ତେବେ ପ୍ରଦୂଷଣ ନିୟନ୍ତ୍ରଣ ଓ ନିରାକରଣ ଆଇନ ୧୯୮୬ର ଧାରା ୫ ଓ ଅନ୍ୟାନ୍ୟ ୱେଷ୍ଟ ରୁଲ-୨୦୧୬ର ଧାରା-୬ର ଅବମାନନା ଯୋଗୁ କମ୍ପାନୀକୁ ପାଖାପାଖି ବର୍ଷେ ହେବ କ୍ଲୋଜର ନୋଟିସ ଦିଆଯାଇଛି। ଏହି କମ୍ପାନୀ ଉପରେ ପୁଣି ଏକ ଗୁରୁତର ଅଭିଯୋଗ ଆସିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ସଦସ୍ୟ ସଚିବ ତାଙ୍କ ପତ୍ରସଂଖ୍ୟା ୪୦୪/୧୦।୧।୨୦୧୯ରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକଙ୍କୁ ମହାବୀର କୋକ ଜଙ୍ଗଲ ଜମିରେ ଚାଲିଥିବା ଅଭିଯୋଗ ଉଠାଇଛନ୍ତି। ଫଳରେ ଏହି କମ୍ପାନୀ ଆଗକୁ ପୁଣି କାର୍ଯ୍ୟକ୍ଷମ ହେବା ନେଇ ସଂଶୟ ପ୍ରକାଶ ପାଇଛି।

ଗତ ୨୦୧୮ ନଭେମ୍ବର ୩ରେ ମହାବୀର କୋକ୍ ଜଙ୍ଗଲ ଜମିରେ ପ୍ରତିଷ୍ଠା ହୋଇଥିବା ନେଇ ଏସ୍‌ପିସିବି ପକ୍ଷରୁ କଟକ ଡିଏଫ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ପୂର୍ବରୁ ପରିବେଶ ଆଇନକୁ ଅମାନ୍ୟ କରିଥିବାରୁ ୯।୨।୨୦୧୭ରେ ଏହି କମ୍ପାନୀକୁ କ୍ଲୋଜର ନୋଟିସ ଦିଆଯାଇଥିଲା। ପରେ ଜିଲାପାଳଙ୍କ ସ୍ୱୀକୃତି ମିଳିବା ପରେ ଆଇନ ଅନୁସାରେ କମ୍ପାନୀକୁ ସିଲ କରାଯାଇଥିଲା। ଯାହାକି ଆଜିପର୍ଯ୍ୟନ୍ତ ବଳବତ୍ତର ରହିଛି। ମହାବୀର କୋକ କାରଖାନାରୁ ବ୍ୟବହାର ହୋଇଥିବା ତେଲ, ଅପଚୟ ତୈଳ ସାମଗ୍ରୀ, ଆନ୍ଥ୍ରାସିନ ସ୍ଲଗ, ଅବ୍ୟବହୃତ ବୋତଲ, ଡବା ଆଦି ବିପଦପୂର୍ଣ୍ଣ ଜିନିଷ ବାହାରୁଥିଲା। ଏହାକୁ ପରିଚାଳନା କରିବାରେ କାରଖାନା କର୍ତ୍ତୃପକ୍ଷ ବିଫଳ ହୋଇଥିଲେ। ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା କରିବାକୁ ବୋର୍ଡର ଅନୁମତି ମଧ୍ୟ ନାହିଁ। କୋକ କାରଖାନା ପାଉଁଶର ଆକଳନ କରିବା ସହ ବିନା ଅନୁମତିରେ କାରଖାନାରୁ ବାହାରୁଥିବା ସ୍ଲାଗ ମଧ୍ୟ ବାହାରେ ପକାଉଥିବା ଜାଣିବାକୁ ପାଇଥିଲେ। କାରଖାନାରୁ ପ୍ରତିଦିନ ବାହାରୁଥିବା ବର୍ଜ୍ୟବସ୍ତୁ ଏଣେତେଣେ ପକାଇ ବାଲିସାହି, ଅଞ୍ଜିରା, ଗମ୍ଭାଡିହା, ମୁକୁନ୍ଦପୁର, ରାମଚନ୍ଦ୍ରପୁର, ଚାରଗୋଠ ଆଦି ବସତି ଅଞ୍ଚଳକୁ ପ୍ରଦୂଷିତ କରୁଥିବାବେଳେ ବାରମ୍ବାର ବୋର୍ଡର ଲଗାତର ତାଗିଦକୁ କାରଖାନା କର୍ତ୍ତୃପକ୍ଷ ବେଖାତିର କରିଥିବାରୁ କାରଖାନାକୁ ସିଲ କରାଯାଇଥିଲା। କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ଜମି ଅଧିଗ୍ରହଣ ସହ ବୋର୍ଡ ଦ୍ୱାରା ଏହାର ପରିଦର୍ଶନ ଅନୁମୋଦନ ତଥା କଠିନ ବର୍ଜ୍ୟବସ୍ତୁର ପରିଚାଳନା ପାଇଁ ବୈଜ୍ଞାନିକ ପଦ୍ଧତିରେ ଡମ୍ପିଂୟାର୍ଡ ନିର୍ମାଣ ଓ ଏଣେତେଣେ ବେଆଇନ ଭାବେ ପକାଯାଇଥିବା ପାଉଁଶ ଉଠା ନ ଯିବା ପର୍ଯ୍ୟନ୍ତ କାରଖାନାକୁ ଚଳାଇବାକୁ ପରବର୍ତ୍ତୀ ଅନୁମତି ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶ ହୋଇଥିଲା। ଏହି ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ପାଇଁ ସ୍ୱତନ୍ତ୍ର ପିଟ ନିର୍ମାଣ ହୋଇ ନ ଥିଲା। ତେଲ ରିସାଇକ୍ଲିଂ ପାଇଁ ପମ୍ପ ଅଚଳ ହୋଇଥିଲାବେଳେ ୟୁନିଟ ଡ୍ରେନ ଭଲଭାବେ ନିର୍ମାଣ ହୋଇ ନ ଥିଲା। ବର୍ଷାଜଳ ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିଲା। ଅତି ଦୁର୍ବଳ ହାଉସ କିପିଂ ହୋଇଥିବା ନୀରିକ୍ଷଣରେ ଜଣାପଡିଥିଲା। ଏଣୁ ଆଖପାଖ କଳା ବାୟୁମଣ୍ଡଳ ଅସ୍ତରଣରେ ଢାଙ୍କି ହୋଇ ରହୁଥିଲା। ଏହିସବୁକୁ ଅନୁଧ୍ୟାନ କରିବା ପରେ ବୋର୍ଡ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏବେ ଏହି କୋକ କାରଖାନା ସିଲ ଖୋଲିବାକୁ ଶାସକ ଦଳର କେତେକ ପ୍ରଭାବଶାଳୀ ରାଜନେତା ପୁଣି ଚାପ ସୃଷ୍ଟି କରୁଥିବା ଜଣାପଡିଛି। ଏଭଳିସ୍ଥିତିରେ ବୋର୍ଡ ପକ୍ଷରୁ ମହାବୀର କୋକ କାରଖାନା ଜଙ୍ଗଲ ଜମିରେ ପ୍ରତିଷ୍ଠା ହୋଇଥିବା ନେଇ ଜଙ୍ଗଲ ଓ ପରିବେଶ ବିଭାଗର ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସଂକ୍ରାନ୍ତରେ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ, ମହାବୀର କୋକ ବନ୍ଦ ରହିଛି। ତେବେ ଜଙ୍ଗଲ ଜମି ସମ୍ପର୍କରେ ବୁଝି ଉତ୍ତର ଦେବେ ବୋଲି କହିଛନ୍ତି।

## ଆକାଉଣ୍ଟରୁ ଟଙ୍କା ଚୋରି ଅଭିଯୋଗ

**କୋରେଇ,୧୧।୧(ସ୍ୱ.ପ୍ର)**

ସାଇବର ଅପରାଧୀମାନେ ବିନା ଏଟିଏମ୍ ଏବଂ ଫୋନ କଲରେ ଆକାଉଣ୍ଟରୁ ଟଙ୍କା ଉଠାଇ ନେବାରେ ସକ୍ଷମ ହେଉଛନ୍ତି। ଏପରି ଏକ ଘଟଣା ପାଣିକୋଇଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ରଶ୍ମିରଞ୍ଜନ ପରିଡା ଗୁରବାର ପ୍ରାୟ ୧୧ଟା ୩୦ରେ ପାଣିକୋଇଲିସ୍ଥିତ ବଜାରରେ ଥିବା ଏସ୍‌ବିଆଇ ଏଟିଏମ୍‌ରୁ ୧୦ହଜାର ଟଙ୍କା ଉଠାଇ ଥିଲେ। ମାତ୍ର ସନ୍ଧ୍ୟାରେ ତାଙ୍କ ଏକାଉଣ୍ଟରୁ ପୁଣି ରାଞ୍ଚିସ୍ଥିତ ହାୱା ନଗରସ୍ଥିତ ଏକ ଏଟିଏମ୍‌ରୁ ୧୦ହଜାର ଟଙ୍କା ଉଠାଣ ହୋଇଥିବା ମେସେଜ ଆସିଥିଲା। ଏହାପରେ ରଶ୍ମିରଞ୍ଜନ ଏଟିଏମ୍‌ଟିକୁ ବ୍ଲକ କରି ଦେବା ସହ ବ୍ୟାଙ୍କ ଶାଖା ପରିଚାଳକ ସୁରେଶ ଚନ୍ଦ୍ର ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ। ଟଙ୍କା ଉଠାଯାଇଥିବା ଏଟିଏମ୍‌ର ସିସିଟିଭି ଫୁଟେଜ ଉକ୍ତ ଶାଖାରୁ ମଗାଯିବ ବୋଲି ସୁରେଶ କହିଥିଲେ। ପରେ ରଶ୍ମିରଞ୍ଜନ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## 'ନିର୍ବାଚନରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ'



ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଯାଜପୁର ଅଫିସ,୧୧।୧**

ନିର୍ବାଚନ କାର୍ଯ୍ୟରେ ଅବହେଳା କରୁଥିବା କୌଣସି ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ସତର୍କ କରାଇ ଦେଇଛନ୍ତି। ଗୁରୁବାର ନିର୍ବାଚନ ପରିଚାଳନା ପାଇଁ ସମସ୍ତ ଡିଡିଓ (ଡ୍ରଇଂ ଡିସପୋର୍ସିଂ ଅଫିସର)ଙ୍କର ଏକ ବୈଠକ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲାପାଳ ଦାସ ପୂର୍ବର ସମସ୍ତ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନ ବେଶ ଆହ୍ୱାନଭରା ଓ ବୈଷୟିକ ଜ୍ଞାନ ଦୃଷ୍ଟିରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜିଲାର ସମସ୍ତ ୧୬୧୯ଟି ବୁଥ୍‌କୁ ବାରମ୍ବାର ତର୍ଜମା କରାଯାଉଛି। ଏହି ବୁଥଗୁଡିକରେ ଶୌଚାଳୟ, ସୁରକ୍ଷା ବ୍ୟବସ୍ଥା, ଅପେକ୍ଷା ସ୍ଥଳ, ଆଲୋକ ଓ ପାନୀୟ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ପଦକ୍ଷେପ ନିଆଯାଇଛି। ସେହିପରି ପ୍ରତ୍ୟେକ ବୁଥ୍‌ରେ ର‌୍ୟାମ୍ପ ରହିବା ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତ ନିର୍ବାଚନରେ ଇଭିଏମ ସହ ଭିଭି ପାଟର ବ୍ୟବସ୍ଥା ହେଉଥିବାରୁ ଅଧିକ କର୍ମଚାରୀ ନିୟୋଜିତ ହେବେ। ତେଣୁ କୌଣସି କାର୍ଯ୍ୟାଳୟର କର୍ମଚାରୀଙ୍କ ନାମ ଯେପରି ଯେପରି ସମ୍ପୃକ୍ତ ଡିଡିଓମାନେ ନ ଲୁଚାନ୍ତି ସେଥିପ୍ରତି ଅଧିକ ଯତ୍ନବାନ ହେବାକୁ ଦାସ କଡା ନିର୍ଦ୍ଦେଶ ଦେଇଥିଲେ। ଚଳିତ ନିର୍ବାଚନରେ ମହିଳା କର୍ମଚାରୀ ଓ ଅଧିକାରୀମାନେ ମଧ୍ୟ ସହରାଞ୍ଚଳ ବୁଥ୍‌ରେ ନିୟୋଜିତ ହେଉଥିବାରୁ ସେମାନଙ୍କ ନାମ ଉଲ୍ଲେଖ କରିବାକୁ ପରାମର୍ଶ ଦେଇଥିଲେ। କୌଣସି କର୍ମଚରୀଙ୍କ ନାମକୁ ବାଦ ଦିଆଯାଇ ନାହିଁ ବୋଲି ସମସ୍ତ ଡିଡିଓମାନେ ସର୍ଟିଫିକେଟ ଦେବେ, ନଚେତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଥିଲେ। ସେହିପରି କର୍ମଚାରୀଙ୍କ ନାମ ସହ ସମ୍ପୂର୍ଣ୍ଣ ଠିକଣା, କାର୍ଯ୍ୟାଳୟର ନାମ ଓ ପଦବୀ ଉଲ୍ଲେଖ କରିବେ। ଗତ ପଞ୍ଚାୟତ ନିର୍ବାଚନରେ ୭୬ଜଣ କର୍ମଚାରୀଙ୍କୁ ନିର୍ବାଚନରେ ଅବହେଳା କରିଥିବାରୁ ନିଲମ୍ବନ କରାଯାଇଥିଲା। ତେଣୁ ନିର୍ବାଚନ କାର୍ଯ୍ୟରେ ଯିଏ ଅବହେଳା କରିବେ ଜନପ୍ରତିନିଧି ଆଇନ ଅନୁସାରେ ଅନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କଡା ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗଦେଇ ବିଭିନ୍ନ ମତାମତ ପ୍ରଦାନ କରିଥିଲେ।

## ୨ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ

**ଚଢେଇଧରା, ୧୧।୧(ଡି.ଏନ୍.ଏ.)**

ଜେନାପୁର ଥାନା ଅନ୍ତର୍ଗତ ଢେଙ୍କାନାଳ-ଚଢେଇଧରା ରାସ୍ତାର ବାରମାଣ ଓ ସଂପାରୁ ନିକଟରୁ ଗୁରୁବାର ପୋଲିସ ୨ଟି ଚୋରା ମାଙ୍କଡ଼ା ପଥର ଟ୍ରକ୍ ଜବତ କରିଛି। ଜେନାପୁର ଥାନା ଅଧିକାରୀ ଶୁସାନ୍ତ ଦାସଙ୍କ ନେତୃତ୍ୱରେ ଏସ୍‌ଆଇ ସୁଧିର କୁମାର ରାଉତରାୟଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ଚଢାଉରେ ସାମିଲ ହୋଇଥିଲେ। ଜବତ ଟ୍ରକ୍ ୨ଟି ଚଢେଇଧରା ଫାଣ୍ଡିରେ ରଖାଯାଇଥିବା ଥାନା ଅଧିକାରୀ କହିଛନ୍ତି।

## ୨ ମନ୍ଦିରରୁ ଚୋରି ଘଟଣା: ମାଷ୍ଟରମାଇଣ୍ଡ ଗିରଫ

**ରସୁଲପୁର,୧୧।୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତର ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ରାମେଶ୍ୱର ଓ ହନୁମାନ ମନ୍ଦିରରୁ ଗତ ୬ତାରିଖ ଚୋରି ହୋଇଯାଇଥିଲା। ଏହି ଚୋରିର ମାଷ୍ଟରମାଇଣ୍ଡ ସେହି ପଞ୍ଚାୟତର ବାବୁଲି ଜେନାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ୩ଟି ଗାଡି ବ୍ୟାଟେରୀ ଓ ଗୋଟିଏ ପାଣି ପମ୍ପକୁ ଜବତ କରାଯାଇଛି। ପ୍ରକାଶ ଯେ, ୫ତାରିଖ ରାତିରେ ରାମେଶ୍ୱର ଓ ହନୁମାନ ମନ୍ଦିରରୁ ଚୋରି ହୋଇଥିଲା। ଏହିଦିନ ଓଡିଶୋ ପଞ୍ଚାୟତ ବାହାବଲପୁର ଗାଁରେ ଥୁଆ ହୋଇଥିବା ଟ୍ରକରୁ ବ୍ୟାଟେରୀ ଓ ପାଣିପମ୍ପ ଚୋରି ହୋଇଥିଲା। ପୋଲିସ ଏ ନେଇ ଏକ ମାମଲା (୩/୧୯) ରୁଜୁ କରିଥିଲା। କୁଆଖିଆ ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି ଚୋରକୁ ପ୍ରଥମାଖଣ୍ଡି ଗାଁରୁ କାବୁ କରିଥିଲେ।

## ସର୍ବୋଦୟ ନେତାଙ୍କ ପରଲୋକ

**ରସୁଲପୁର,୧୧।୧(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ସର୍ବୋଦୟ ନେତା, ଗାନ୍ଧିବାଦୀ ବ୍ୟକ୍ତି, ବିଶିଷ୍ଟ ଶିକ୍ଷା ସଂସ୍କାରକ ଆଦିକନ୍ଦ ସାହୁଙ୍କର ୮୦ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ନିଷ୍ଠାପର ଶିକ୍ଷକ ଥିଲେ। ତାଙ୍କ ଜୀବନ କାଳ ମଧ୍ୟରେ ସେ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନ ବିତାଇଥିଲେ। ଏଥିସହ ସର୍ବୋଦୟ ନେତା ଭାବେ ମଧ୍ୟ ଜଣାଶୁଣା ଥିଲେ। ଜଣେ ନିଷ୍ଠାପର ସେବକ ଭାବେ ସମାଜର ଉନ୍ନୟନମୂଳକ କାର୍ଯ୍ୟରେ ନିୟୋଜିତ ହୋଇ କାର୍ଯ୍ୟ କରୁଥିଲେ। ମୃତ୍ୟୁ ସମୟରେ ସ୍ମୃତି ସଭା ଆୟୋଜନ ନ କରିବାକୁ ସେ ଶେଷ ଇଚ୍ଛା ଭାବେ ଡାଇରୀରେ ଉଲ୍ଲେଖ କରିଯାଇଛନ୍ତି। ତାଙ୍କ ମୃତ୍ୟୁ ଖବରରେ ସମଗ୍ର ରାଜ୍ୟର ଗାନ୍ଧିବାଦୀ ତଥା ସର୍ବୋଦୟ ନେତାଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଏହି ଖବର ଜାଣିବା ପରେ ଜିଲାର ବିଭିନ୍ନ ସ୍ଥାନରୁ ବହୁ ପୁରୁଖା ନେତାମାନେ ପହଞ୍ଚି ସ୍ୱର୍ଗତ ସାହୁଙ୍କ ଶେଷ ଦର୍ଶନ କରି ଫେରିଛନ୍ତି। ସ୍ୱର୍ଗତ ସାହୁଙ୍କ ମରଶରୀରକୁ ଏକ ବିରାଟ ପଟୁଆରରେ ଗାଁ ପରିକ୍ରମା କରାଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ୨ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ହତ୍ୟା ଘଟଣା**

**ବିଞ୍ଝାରପୁର,୧୧।୧(ଡିଏନଏ)**

ରାଜେଶ ଦାସ ଓରଫ ରାଜୁ ନାମକ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ୨ବର୍ଷ ତଳେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଶୁକ୍ରବାର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ୨ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ୨୦୧୬ ଅକ୍ଟୋବର ୨୦ରେ ରାଜେଶଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା (ନଂ. ୨୬୮/୧୬) ରୁଜୁ କରିଥିଲା। ଏହାର କିଛିଦିନ ପରେ ପୋଲିସ ମାଁସଡା ଗ୍ରାମର ସୁବ୍ରତ ମିଶ୍ର ଓରଫ ବୁଟୁ ନାମକ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ତେବେ ଅନ୍ୟ ଅପରାଧିମାନେ ଫେରାର୍ ଥିଲେ। ଶୁକ୍ରବାର ପୂର୍ବାହ୍ନରେ କୌଣସି ସୂତ୍ରରୁ ଖବର ପାଇ ବିଞ୍ଝାରପୁର ଥାନାଧିକାରୀ ସୁଚିତବୀର୍ଯ୍ୟ ଦାସ ଏକ ଟିମ ସହ ହଠାତ୍ ମାଁସଡା ଛକରେ ଚଢାଉ କରି ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁରଥ କର, ତାଙ୍କ ସହଯୋଗୀ କୁନିଆ ଜେନା ଓ ସନ୍ତୋଷ ଦାଶଙ୍କୁ ଗିରଫ କରିଥିବା ଜଣାପଡିଛି। ସୂଚନା ଥାଉକି, ରାଜେଶଙ୍କ ନାମରେ କେନ୍ଦ୍ରପଡା, ଯାଜପୁର ଓ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ୫୦ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ରହିଥିଲା। ହତ୍ୟା ଉଦ୍ୟମ, ଦାଦା ବଟି ଆଦାୟ, ରାହାଜାନୀ, ଲୁଟ୍ ଓ ଛିନତାଇ ଭଳି ଘଟଣାରେ ରାଜୁ ଥିଲେ ମାଷ୍ଟରମାଇଣ୍ଡ। ନିଜ ଗ୍ରାମ ମାଁସଡା ମିଶ୍ରସାହିରେ ଡକାୟତି ଉଦ୍ୟମ କରୁଥିବା ବେଳେ କେତେଜଣ ଗ୍ରାମବାସୀ ତାଙ୍କୁ କାବୁ କରି ନିର୍ଘୁମ ଛେଚିଥିଲେ। ଫଳରେ ରାଜେଶଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଏହି ଘଟଣାରେ ମୋଟ ୪ଜଣ ଗିରଫ ହୋଇସାରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ଥିବା ଜଣାପଡିଛି। ଫେରାର ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

## ପୁରିଆନାଳ ଜଳବିଭାଜିକା ପ୍ରକଳ୍ପରେ ଅନିୟମିତତା

# ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ସମ୍ପାଦକ

- କମିଟିକୁ କାର୍ଯ୍ୟ ନ ଦେଇ ବିଭାଗୀୟ ଅଧିକାରୀ ନିଜେ କରୁଥିବା ଅଭିଯୋଗ
- ତଦନ୍ତ କରିବାକୁ ଦାବି

**ଯାଜପୁର ଅଫିସ,୧୧।୧**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ପୁରିଆଝର ନାଳ କ୍ଷୁଦ୍ର ଜଳବିଭାଜିକା ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଛି। ଏନେଇ ଖୋଦ ପ୍ରକଳ୍ପ ସମ୍ପାଦକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିନା ସୂଚନା ଫଳକରେ ପ୍ରାୟ ଲକ୍ଷାଧିକ ଟଙ୍କା ହଡପ ହୋଇଥିବା ସମ୍ପାଦକ ଲମ୍ବୋଧର ମହାନ୍ତ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏପରିକି ତାଙ୍କୁ ଜୀବନରେ ମାରିଦେବା ଧମକ ଦେଇ ବିଭିନ୍ନ ବିଲ ଭାଉଚରରେ ଦସ୍ତଖତ ନେଇଥିବା ଅଭିଯୋଗରେ ପ୍ରକାଶ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଆହୁରି ଦର୍ଶାଇଛନ୍ତି ଯେ, ଜଳ ବିଭାଜିକାର ସମସ୍ତ କାର୍ଯ୍ୟ କମିଟି ମାଧ୍ୟମରେ କରାଯିବାକୁ ନିୟମ ରହିଛି। କିନ୍ତୁ କମିଟିକୁ କାର୍ଯ୍ୟ କରିବାକୁ ନ ଦେଇ ବିଭାଗୀୟ ଅଧିକାରୀ ନିଜେ ସମସ୍ତ କାର୍ଯ୍ୟ କରୁଛନ୍ତି। ଚଣ୍ଡିଖୋଲରୁ ଜେସିବି ମେଶିନ, ମାଙ୍କଡା ପଥର, ବାଲି, ସିମେଣ୍ଟ, ପାଇପ୍ ଇତ୍ୟାଦି ଆଣି ନିଜେ ଠିକାଦାର ପାଲଟିଛନ୍ତି। ଜଳବିଭାଜିକା କାର୍ଯ୍ୟାଳୟ ସୁକିନ୍ଦା ବ୍ଲକ କଲରଙ୍ଗିଅଟାରେ ରହିଛି। ହେଲେ ଏଠାକୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀ ମାସକୁ ୨/୩ ଥର ଆସିଥାନ୍ତି। ଚଣ୍ଡିଖୋଲରେ ଥିବା କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ କରାଯାଉଛି। ସମ୍ପାଦକଙ୍କୁ ଚଣ୍ଡିଖୋଲ ଡାକି କାର୍ଯ୍ୟଠାରୁ ଅଧିକ ମିଥ୍ୟା ବିଲ୍ ଭାଉଚର କରି ଟଙ୍କା ଉଠାଣ କରାଯାଉଛି। ଏପରିକି ପୁରିଆଝର ନାଳ କ୍ଷୁଦ୍ର ଜଳ ବିଭାଜିକା କମିଟି ଗଠନ ହେବା ପରଠାରୁ କମିଟିର କୌଣସି ଖାତାପତ୍ର ସମ୍ପାଦକଙ୍କୁ ଦିଆଯାଇ ନାହିଁ। କମିଟି ପାସବୁକ, କେସ୍‌ବୁକ ଓ ଅନ୍ୟାନ୍ୟ କାଗଜପତ୍ର ବିଭାଗୀୟ ଅଧିକାରୀମାନେ ରଖିଛନ୍ତି। ପ୍ରତ୍ୟେକ ବର୍ଷ ସରକାରଙ୍କଠାରୁ କେତେ ଅନୁଦାନ ଆସୁଛି ତାର ହିସାବ ରଖାଯାଉ ନାହିଁ। ପ୍ରକଳ୍ପ ନିର୍ମାଣ ସ୍ଥାନରେ ସୂଚନା ଫଳକ ଲଗାଯାଉ ନାହିଁ। ତେଣୁ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସମ୍ପାଦକ ମହନ୍ତ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଅଞ୍ଚଳର ଚାଷୀ, ମହିଳା ସମିତି, ଜଳ ଅମଳ ପ୍ରକଳ୍ପ, ଋଣ ପ୍ରଭୃତି ପ୍ରକଳ୍ପ ପାଇଁ ଜଳ ବିଭାଜିକା ପ୍ରକଳ୍ପ ଜରିଆରେ ଅନୁଦାନ ଆବଣ୍ଟିତ ହୋଇଛି। ଏ ସଂକ୍ରାନ୍ତରେ ମତାମତ ପାଇଁ ଜଳବିଭାଜିକା ଅଧିକାରୀଙ୍କ ସହିତ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

# 'ସୌରିକ ଅଞ୍ଚଳ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ'

**କାଳିଆପାଣି,୧୧।୧(ଡି.ଏନ୍.ଏ.)**

କାଳିଆପାଣି ଟାଉନ୍‌ଶିପ୍ ଖେଳ ପଡ଼ିଆରେ ଆୟୋଜିତ ୪ର୍ଥ ସୌରିକ ଯୁବ ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ରାଜ୍ୟର ବିଭିନ୍ନ କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁକିନ୍ଦା ରାଜା ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର, ଭୁବନେଶ୍ୱର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ସୌରିକ ଅଞ୍ଚଳ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ରହିଥିଲେ ମଧ୍ୟ ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଦୁଇଓଳି ଖାଦ୍ୟ ଯୋଗାଡ କରିବା ଲମାନଙ୍କ ପାଇଁ କଷ୍ଟସାଧ ହୋଇପଡିଥିବାବେଳେ ବିଜୁଳି ଅଲୋକ ସାତ ସପନ ପାଲଟିଛି। ତେଣୁ ସୌରିକ ଅଞ୍ଚଳର ସମସ୍ତ ସମସ୍ୟା ଦୂର ହୋଇ ପାରିଲେ ଅଞ୍ଚଳର ପ୍ରକୃତ ବିକାଶ ହୋଇ ପାରିବ। ତେଣୁ ଏ ଦିଗରେ ସରକାର ଓ ସ୍ଥାନୀୟ ବିଧାୟକଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ମନ୍ତ୍ରୀ ଘଡେଇ ଦାବି କରିଛନ୍ତି। ଏଥିସହ ମହୋତ୍ସବ ଫଳରେ ନଗଡାର ଚାଙ୍ଗୁ ନୃତ୍ୟ, ମହାନ୍ତ ସମ୍ପ୍ରଦାୟର ଝୁମର ଭଳି ଆଦିବାସୀ ସଂସ୍କୃତିର ବହୁ ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆସି ପାରିଛି। ଅଞ୍ଚଳବସୀଙ୍କ ସହଯୋଗ ଯୋଗୁ ମହୋତ୍ସବ ୪ର୍ଥ ବର୍ଷରେ ପହଞ୍ଚି ପାରିଥିବା ସେ କହିଥିଲେ।



ଉଦ୍‌ଯାପନୀ ଉତ୍ସବରେ ପ୍ରଫୁଲ୍ଲ ଘଡ଼େଇ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ସୌରିକ ଯୁବ ମହୋତ୍ସବ ଉଦ୍‌ଯାପିତ**

- ଅଞ୍ଚଳର ମୌଳିକ ସମସ୍ୟା ଦୂର ପାଇଁ ଦାବି
- ଆକୃଷ୍ଟ କଲା କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପରିବେଷଣ

ତୃତୀୟ ଦିବସରେ ଟାଟାଷ୍ଟିଲ କାଟେ ପୂର୍ତ୍ତୀ ଅଡିଟୋରିୟମ ଓ ଖଣି ନିଗମ କମ୍ୟୁନିଟି ସେଣ୍ଟର ପରିସରରେ ଦିବ୍ୟାଙ୍ଗଙ୍କ ପାଇଁ ଟାଟାଷ୍ଟିଲ ପକ୍ଷରୁ 'ସବଳ' ନାମକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିବ୍ୟାଙ୍ଗମାନେ କିପରି ଆତ୍ମନିର୍ଭରଶୀଳ ହେବା ସହିତ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଟାଟାଷ୍ଟିଲର ମହାପ୍ରବନ୍ଧକ ଆରଆର ଶତପଥୀ, ଜିତେନ୍ଦ୍ର ବିଶ୍ୱାଳ, ଦୁର୍ଗା ପଟ୍ଟନାୟକ, ସ୍ନେହା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖଣି ନିଗମ କମ୍ୟୁନିଟି ସେଣ୍ଟରରେ ଶତାଧିକ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନୃତ୍ୟର ବ୍ୟକ୍ତିଗତ ବିଭାଗରେ ଟାଟା ଶିଶୁ ମନ୍ଦିରର ଚନ୍ଦ୍ର ଶେଖର ମହାନ୍ତ ପ୍ରଥମ, ଓଡ଼ିଶା ଖଣି ନିଗମ ହାଇସ୍କୁଲର ପଦ୍ମାବତୀ ମହାନ୍ତ ଦ୍ୱିତୀୟ, ସୌରିକ ହାଇସ୍କୁଲ ଟିଙ୍ଗୁଡିପାଳର ବିଦ୍ୟୁଲତା ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗୋଷ୍ଠୀଗତ ବିଭାଗରେ ଟାଟା ଶିଶୁ ମନ୍ଦିର ପ୍ରଥମ, ଲାଙ୍ଗୁଳା ହାଇସ୍କୁଲ ଦ୍ୱିତୀୟ ଓ ପତିତପାବନ ହାଇସ୍କୁଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସୁକିନ୍ଦା କଲେଜର ବିଦ୍ୟୁତ୍ ପ୍ରଭା ସାହୁ, ଝାଡେଶ୍ୱର କଲେଜର ମହେଶ ପୁହାଣ ଦ୍ୱିତୀୟ, ପ୍ରୀତି ରାଜ୍ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଗୋଷ୍ଠୀଗତ ନୃତ୍ୟରେ ସୁକିନ୍ଦା କଲେଜ ପ୍ରଥମ, ଝାଡେଶ୍ୱର କଲେଜ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଂଗୀତ ବିଭାଗରେ ଟାଟା ଶିଶୁ ମନ୍ଦିରର ଶ୍ରାବଣୀ ନାୟକ ପ୍ରଥମ, ଓଡ଼ିଶା ଖଣି ନିଗମ ସ୍କୁଲର ବିଜୟ ଲକ୍ଷ୍ମୀ ସାହୁ ଦ୍ୱିତୀୟ, ମହାମାୟୀ ହାଇସ୍କୁଲ କୁହିକାର କରିନା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଝାଡେଶ୍ୱର କଲେଜର ମୁରଲୀ ମାଝୀ ପ୍ରଥମ, ସୁକିନ୍ଦା କଲେଜ ସ୍ୱତୀ ମିଶ୍ର ଦ୍ୱିତୀୟ, ଝାଡେଶ୍ୱର କଲେଜ ଚିନ୍ମୟୀ ବାରିକ ତୃତୀୟ ସ୍ଥାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ସୁକିନ୍ଦା ବିଧାୟକ ଘଡେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାନ୍ତାଳି କଳାକାର ଓ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ହେମ୍ବ୍ରମ, ଦୁର୍ଗା ଚରଣ, ପଦ୍ମାବତୀ ଜେନା,ଭଗବତୀ ମହାନ୍ତ, ଦିବ୍ୟ ଲୋଚନ ବରାଳ ଉପସ୍ଥିତ ଥିଲେ। ବିଶିଷ୍ଟ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଧର ପାତ୍ର ମଞ୍ଚ ପରିଚାଳନା କରିଥିଲେ। କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କ ନେତୃତ୍ୱରେ ଆଇନଶୃଙ୍ଖଳା ଦୃଷ୍ଟିରୁ ମହୋତ୍ସବରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

■ ଖୋଲାଗଲାନି ଧାନମଣ୍ଡି

# ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା

ରଣପୁର,୧୧।୧ (ସ୍ୱ.ପ୍ର.)


ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣାରତ ଚାଷୀମାନେ।

ସରକାର ଚାଷୀମାନଙ୍କ ଉନ୍ନତି ପାଇଁ କୋଟି କୋଟି ଟଙ୍କାର ଯୋଜନା ପ୍ରଣୟନ କରୁଛନ୍ତି। ତେବେ ଏହା କିଭଳି କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନ ଥିବାରୁ ସମ୍ପ୍ରତି ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାଜ୍ୟ ସରକାର ବିଭିନ୍ନ ଅଞ୍ଚଳରେ ଧାନମଣ୍ଡି ଖୋଲି ଚାଷୀମାନଙ୍କର ଅମଳ ଧାନକୁ କିଣିବା ପାଇଁ ଘୋଷଣା କରିଥିଲେ ମଧ୍ୟ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଘଟୁଥିବା ଅଭିଯୋଗ ହୋଇଛି। ରଣପୁର ବ୍ଲକସ୍ଥ ଏକ ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇ ମାତ୍ର କିଛି କୁଇଣ୍ଟାଲ୍ ଧାନ କିଣିବା ପରେ ଏହାକୁ ବନ୍ଦ କରି ଦିଆଯାଇଥିଲା। ଏ ଘଟଣାକୁ ବିରୋଧ କରି ଶୁକ୍ରବାର ଚାଷୀମାନେ ସମିତି ଆଗରେ ଧାରଣା ଦେଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ୨୦୧୮ ଡିସେମ୍ବର ୩୧ରେ ନୟାଗଡ ଜିଲା ରଣପୁର ବ୍ଲକ ନରସିଂହପୁର ପଞ୍ଚାୟତସ୍ଥ ଏକ ସେବା ସମବାୟ ସମିତିରେ ମଣ୍ଡି ଖୋଲାଯାଇ ଅଞ୍ଚଳର କେତେଜଣ ଚାଷୀଙ୍କଠାରୁ କିଛି ପରିମାଣର ଧାନ ସଂଗ୍ରହ ପରେ ବିଭାଗୀୟ ଅଧିକାରୀମାନେ ମଣ୍ଡିକୁ ବନ୍ଦ କରିଦେଇଥିଲେ । ଏହାପରେ ଆଉ ମଣ୍ଡି ଖୋଲାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ୨ଟି ପଞ୍ଚାୟତର ଶତାଧିକ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ହଇରାଣ ହୋଇଥିଲେ । ମଣ୍ଡି ବନ୍ଦ ରହିଥିବାରୁ ଦଲାଲମାନେ ଏହାର ଫାଇଦା ଉଠାଇ କମ୍ ଦାମରେ ଚାଷୀମାନଙ୍କଠାରୁ ଧାନ କିଣି ମିଲରମାନଙ୍କୁ ବିକି ଦେଇଥିଲେ। ଏଭଳି ଘଟଣାକୁ ବିରୋଧ କରି ସ୍ଥାନୀୟ ସିପିଆଇଏମ୍‌ର ବରିଷ୍ଠ ନେତା ହରିଶ୍ଚନ୍ଦ୍ର ମିଶ୍ର, ସମ୍ପାଦକ ଗଦାଧର ପ୍ରଧାନ, ସୁଶିଲ୍ ମହାନ୍ତିଙ୍କ ନେତୃତ୍ୱରେ ନରସିଂହପୁର, ହଂସରା ପଞ୍ଚାୟତର ଚାଷୀମାନେ ସକାଳ ୯ଟାରୁ ନରସିଂହପୁର ସୋସାଇଟ୍ ଆଗରେ ଧାରଣା ଦେଇ ବସିଥିଲେ । ଖବର ପାଇ ଜିଲା ଯୋଗାଣ ଅଧିକାରୀ ବିକ୍ରମ ମାଝି, ରଣପୁର ଯୋଗାଣ ଅଧିକାରୀ ଦାଶରଥି ସାହୁ ସେଠାରେ ପହଞ୍ଚି ଧାରଣାରତ ଚାଷୀ ଓ ସିପିଆଇଏମ୍‌ର ନେତାମାନଙ୍କୁ ବୁଝାଶୁଝା କରିଥିଲେ। ପ୍ରଶାସନ ପକ୍ଷରୁ ପ୍ରତି ସପ୍ତାହରେ ଧାନମଣ୍ଡି ଖୋଲି ଚାଷୀଙ୍କଠାରୁ ଧାନ କିଣିବା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା।

# ସଡକ ଦୁର୍ଘଟଣା: ୨ ମୃତ, ଜଣେ ଗୁରୁତର


ଦୁର୍ଘଟଣାଗ୍ରସ୍ତ କାର।

ନୂଆଗାଁ,୧୧।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଲୁଣିସରା ୫୭ନଂ ଜାତୀୟ ରାଜପଥରେ ଶୁକ୍ରବାର ପୂର୍ବାହ୍ନରେ ସଡକ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକମାନେ ହେଲେ ସିକ୍ରିଡା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମର ବୁଲୁ ସିଂ ଓ ସିକ୍ରିଡା ଗ୍ରାମର ସୁରେଶ ସାହୁ। ଆହତ ଜଣକ ହେଲେ ଜଗନ୍ନାଥପ୍ରସାଦ ଗ୍ରାମର ମୁରଲୀ ସିଂ। ସୂଚନା ମୁତାବକ ଓଡି୦୨ଡି-୭୬୫୮ ନମ୍ବର ଯାତ୍ରୀବାହୀ ଅଟୋ ଯୋଗେ ବୁଲୁ, ସୁରେଶ ଓ ମୁରଲୀ ମହିତମା ଛକ ଦେଇ ଦଶପଲ୍ଲା ଅଭିମୁଖେ ଯାଉଥିଲା। ଏହି ସମୟରେ ଦଶପଲ୍ଲା ପଟୁ ନୟାଗଡ଼ ଆସୁଥିବା ଓଡି୦୨-୮୦୪୧ କାର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ବୁଲୁ ସିଂଙ୍କ ମୃତ୍ୟୁ ଘଟିଥିଲା। ସୁରେଶ ଓ ମୁରଲୀଙ୍କ ଶରୀରରେ ଗଭୀର ଆଘାତ ଲାଗିଥିବାରୁ ନୂଆଗାଁ ଦମକଳବାହିନୀ ଗାଡି ଯୋଗେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା। ସେଠାରେ ସୁରେଶଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ନୂଆଗାଁ ଥାନା ଅଧିକାରୀ ଏସ୍.ଏଫ୍. ଆଲାମ, ଏଏସ୍ଆଇ ପ୍ରସନ୍ନ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଗାଡି ଦୁଇଟିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଛନ୍ତି। କାର ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଜମ୍ବେଶ୍ୱର ଦାସଙ୍କ ପରଲୋକ



ନୟାଗଡ଼ ଅଫିସ,୧୧।୧

ନୟାଗଡ଼ ବ୍ଲକ ବିରୂଡ଼ା ପଞ୍ଚାୟତ ବିରୂଡ଼ା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଜମ୍ବେଶ୍ୱର ଦାସଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୩ ବର୍ଷ ବୟସ ହୋଇଥିଲା। ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନୟାଗଡ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ବିରୂଡା ପଞ୍ଚାୟତର ସରପଞ୍ଚ ଥିଲେ। ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଜମ୍ବେଶ୍ୱର ବାର୍ଦ୍ଧକ୍ୟରେ ପୀଡିତ ଥିବାବେଳେ କିଛି ବର୍ଷ ହେଲାଣି ବଡ଼ପୁଅ ସନ୍ତୋଷଙ୍କ ପାଖରେ କଟକରେ ରହୁଥିଲେ। ଗୁରୁବାର ସକାଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ବିରୂଡ଼ା ଗ୍ରାମକୁ ନିଆଯିବା ପରେ ଗ୍ରାମବାସୀ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ମୁଖାଗ୍ନି ଦେଇଥିଲେ।

# ସ୍ୱିଡ୍ ପୋଷ୍ଟରେ ୭ଜଣଙ୍କୁ ପଠାଗଲା ଆର୍‌ଓଆର


ଗଣିଆ ତହସିଲଦାର ଓ ପୋଷ୍ଟମାଷ୍ଟର ସ୍ୱିଡ୍‌ପୋଷ୍ଟ ଯୋଗେ ଆରଓଆର କାର୍ଯ୍ୟକ୍ରମର ଉଦ୍‌ଘାଟନ କରୁଛନ୍ତି।

**ଗଣିଆ ତହସିଲରେ ପ୍ରଥମ**

ଗଣିଆ,୧୧।୧(ଡି.ଏନ.ଏ.)

ଗଣିଆ ତହସିଲରେ ପ୍ରଥମଥର ପାଇଁ ଗୁରୁବାର ସ୍ୱିଡ୍‌ପୋଷ୍ଟ ଯୋଗେ ୭ଜଣଙ୍କ ପାଖକୁ ଆରଓଆର (ମ୍ୟୁଟେସନ ରେକର୍ଡସ ଅଫ ରାଇଟ୍) ବା ଦାଖଲଖାରଜର ଜମି ପଟ୍ଟା ପଠାଯାଇଛି। ତହସିଲଦାର ସ୍ୱାତୀଲେଖା ଦାସ ଓ ଗଣିଆ ସବ୍‌ପୋଷ୍ଟ ଅଫିସ ପୋଷ୍ଟମାଷ୍ଟର ସନ୍ତୋଷ କୁମାର ବେହେରା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଥର ପାଇଁ ସରକାରଙ୍କ ଏହି ଯୋଜନାର ସୁଫଳ ପାଇଥିବା ୭ ବ୍ୟକ୍ତି ହେଲେ ନାରାୟଣପ୍ରସାଦ ଗ୍ରାମର ଧର୍ମେଞ୍ଜୟ ପ୍ରଧାନ, ରାସଙ୍ଗ ଗ୍ରାମର ବୀଣାପାଣି ରାଉତ, କୃତ୍ତିବାସ ସ୍ୱାଇଁ, କେନ୍ଦୁଆବିଡା ଗ୍ରାମର ବାସୁଦେବ ବାରିକ, କିଶୋରପ୍ରସାଦ ଗ୍ରାମର ସନାତନ ରାଉତ, ଜଗନ୍ନାଥପ୍ରସାଦ ଗ୍ରାମର ବିରଞ୍ଚି କୁମାର ସାହୁ ଓ ଦଶପଲ୍ଲା ତହସିଲ ଅଧୀନ ଗୋବିନ୍ଦପୁର ପାଟଣାର ଶଙ୍କର୍ଷଣ ସାହୁ । ଏହି ଯୋଜନା ଦ୍ୱାରା ମ୍ୟୁଟେସନ ମାମଲାରେ ସାଧାରଣ ଲୋକେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ନ ଦୌଡି ଘରେ ବସି ଜମିଜମା ପଟ୍ଟା ପାଇପାରିବେ ବୋଲି ତହସିଲଦାର ଦାସ ସୂଚନା ଦେଇଛନ୍ତି। ସେହିପରି ପୂର୍ବରୁ ପଡିରହିଥିବା ଦାଖଲଖାରଜ ସଂକ୍ରାନ୍ତୀୟ ଜମିପଟ୍ଟାଗୁଡିକ ପ୍ରତି ସପ୍ତାହରେ ସମ୍ପୃକ୍ତ ଜମି କିଣିଥିବା ବ୍ୟକ୍ତିମାନଙ୍କୁ ଡାକଯୋଗେ ପଠାଯିବ। ଏଥିନେଇ ମାସକୁ ୨ଥର ତହସିଲଦାର ଓ ସ୍ଥାନୀୟ ପୋଷ୍ଟମାଷ୍ଟରଙ୍କ ମଧ୍ୟରେ ବୈଠକ କରାଯାଇ ସ୍ୱିଡ୍‌ପୋଷ୍ଟ ଜରିଆରେ ପ୍ରକୃତରେ କେତେ ଜମିର ରେକର୍ଡପତ୍ର ଯାଉଛି ତାହାର ସମୀକ୍ଷା କରାଯିବ। ଗଣିଆ ତହସିଲ କାର୍ଯ୍ୟାଳୟ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ତରଫରୁ ମ୍ୟୁଟେସନ ସଂକ୍ରାନ୍ତୀୟ ମାମଲାର ତୁରନ୍ତ ସମାଧାନ ପାଇଁ ଏହି ନୂତନ ନିୟମ ଆରମ୍ଭ ହୋଇଛି । ଏହି ଯୋଜନାରେ କୌଣସି ଏକ ଜମିର ମ୍ୟୁଟେସନ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଟ୍ଟା ପାଇଁ ତହସିଲ କାର୍ଯ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ। ମ୍ୟୁଟେସନ କାମ ସାରି ଆସିବାର ୭ଦିନ ମଧ୍ୟରେ ଡାକଯୋଗେ ସେ ଘରେ ବସି ପଟ୍ଟା ପାଇପାରିବେ । ଏଥିପାଇଁ ତାଙ୍କୁ ତହସିଲ କାର୍ଯ୍ୟାଳୟରେ ୮୦ଟଙ୍କା ଡିପୋଜିଟ କରିବାକୁ ପଡିବ।

# ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର

ନୂଆଗାଁ,୧୧।୧ (ଡି.ଏନ.ଏ.)


ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଯୁକ୍ତ ୩ ଡିଗ୍ରୀ କଲେଜ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର କଲେଜ ପରିସରରେ ପଞ୍ଚସଖା ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୁରଲୀଧର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଷୟ ବିଶାରଦ ଡ. ନିରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଷୟରେ ଧାରଣା ଦେଇଥିଲେ। ପଞ୍ଚସଖା ଯଥା ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଶିଶୁ ଅନନ୍ତ ଦାସଙ୍କ ରଚିତ ବିଭିନ୍ନ ଗ୍ରନ୍ଥଗୁଡିକରେ କିଭଳି ଜଗନ୍ନାଥଙ୍କୁ ବର୍ଣ୍ଣନା କରାଯାଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ପଣ୍ଡିତ ମନୋଜ ମିଶ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଆଦିକବି ସାରଳା ଦାସଙ୍କଠାରୁ ଆରମ୍ଭ କରି ପଞ୍ଚସଖା ସାହିତ୍ୟରେ ପ୍ରଭୁ ଜଗନ୍ନାଥଙ୍କ ଗୁରୁତ୍ୱ ଥିବା ଏବଂ ପଞ୍ଚସଖା ଯୁଗରେ ଜ୍ଞାନ ସହିତ ଭକ୍ତିର ଚରମ ଉତ୍କର୍ଷତା ବିଷୟରେ କହିଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ଗୀତାରାଣୀ ଜାନି ପଞ୍ଚସଖା ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କ ଗବେଷଣାତ୍ମକ ସନ୍ଦର୍ଭ ପଠନ କରିଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ନୂଆଗାଁ ଭଳି ଏକ ବେସରକାରୀ ଡିଗ୍ରୀ କଲେଜର ଏଭଳି ଆୟୋଜନକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ନୂଆଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଭିକାରୀ ଚରଣ ସ୍ୱାଇଁ, ଅଧ୍ୟାପକ ସନ୍ତୋଷ କୁମାର ସାହୁ, ମହେଶ୍ୱର ପ୍ରଧାନ, ବିଜୟ କୁମାର ସାହୁ, ଗୋପବନ୍ଧୁ ଖଣ୍ଡୁଆଳ, ବସନ୍ତ କୁମାର ମିଶ୍ର, ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।


ଓଡ଼ିଶା ସରକାର

## 'କାଳିଆ' ଯୋଜନା

**ସବୁଜ ଫର୍ମ** (Green Colour)

**କାଳିଆ ଯୋଜନାରେ ନାମ ଦରଜ ନିମନ୍ତେ ଆବେଦନ ପତ୍ର**

୧. ଚାଷୀଙ୍କ ନାମ (ପରିବାରର ମୁଖ୍ୟ):
୨. ପିତା / ସ୍ୱାମୀଙ୍କ ନାମ :
୩. ପରିବାରର ସଦସ୍ୟଙ୍କ ସଂଖ୍ୟା :
୪. ସ୍ଥାୟୀ ଠିକଣା :-
ଗ୍ରାମ: ଗ୍ରାମ ପଞ୍ଚାୟତ :
ବ୍ଲକ : ଜିଲ୍ଲା :
୫ . ଆଧାର କାର୍ଡ ନଂ- (ନକଲ ସଂଲଗ୍ନ କରନ୍ତୁ) :
୬. ମୋବାଇଲ ନଂ :
୭. ବ୍ୟାଙ୍କ ସଂଚୟ ଖାତା ବିବରଣୀ (ବହିର ପ୍ରଥମ ପୃଷ୍ଠା ର ନକଲ ସଂଲଗ୍ନ କରନ୍ତୁ)
- ବ୍ୟାଙ୍କ ନାମ :
- ଶାଖାର ନାମ :
- ବ୍ୟାଙ୍କ ଖାତା ଆକାଉଣ୍ଟ ନଂ. :
- I.F.S.C. କୋଡ଼ ନଂ :

୮. ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି (✓) ଅଛି ( ) / ନାହିଁ ( )
କ. ଯଦି ଚାଷ ଜମି ଅଛି,ଅଧିକୃତ ଚାଷ ଜମିର ବିବରଣୀ (ନକଲ ସଂଲଗ୍ନ କରନ୍ତୁ) :-
ଖାତା ନଂ : ପ୍ଲଟ ନଂ :
ଜମି ପରିମାଣ (ଏକର) :
ଖ. ଯଦି ନାହିଁ, ନିଜ ନାମରେ ରେକର୍ଡଭୁକ୍ତ ଚାଷ ଜମି ନଥିଲେ, ତାହାର କାରଣ :-

୯. ଚାଷୀ ପ୍ରମାଣ ପତ୍ର (ନିମ୍ନୋକ୍ତ କୌଣସି ପ୍ରମାଣ ପତ୍ରର ନକଲ ସଂଯୁକ୍ତ କରନ୍ତୁ)
କିଶାନ କ୍ରେଡିଟ କାର୍ଡ / ଜମି ଖତିଆନର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଚାଷୀ ପ୍ରମାଣ ପତ୍ର / ଚଳନ୍ତି ଖଜଣା ପାଉତିର ନକଲ / ରାଜସ୍ୱ ବିଭାଗ ପ୍ରଦତ୍ତ ଜମି ପାସ ବହି / ଲିଜ ଜମିର ପ୍ରମାଣ ପତ୍ରର ନକଲ / ଅନ୍ୟ ପ୍ରମାଣ ପତ୍ର

ମୁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଏହାର ସତ୍ୟାସତ୍ୟ ପାଇଁ ମୁ ଦାୟୀ ଅଟେ ।

ତାରିଖ ଚାଷୀଙ୍କ ସ୍ୱାକ୍ଷର:
ଉପରୋକ୍ତ ଘୋଷଣାନାମାକୁ ମୁଁ ନିମ୍ନୋକ୍ତ କାରଣ ପାଇଁ ସହମତି / ଅସହମତି ପ୍ରକାଶ କରୁଅଛି ।

ନୋଡାଲ୍ ଅଧିକାରୀଙ୍କ ସ୍ୱାକ୍ଷର:
ନାମ ଓ ପଦବୀ:

ବି.ଦ୍ର. : ପ୍ରଯୁଜ୍ୟ ହେଉନଥିବା କାରଣକୁ ଗାର ପକାଇ କାଟିଦିଅନ୍ତୁ ।

DSPL-342
39001/13/0007/1819

ମନେ ରଖନ୍ତୁ, ସବୁଜ ଫର୍ମ ପାଇବା ପାଇଁ କୌଣସି ମଧ୍ୟସ୍ଥିଙ୍କୁ ଅର୍ଥ ଦେବା ଆବଶ୍ୟକ ନୁହେଁ। ଏହି ଫର୍ମକୁ ଆପଣ ସହଜରେ ପୂରଣ କରିପାରିବେ ଏବଂ ସମ୍ପୂର୍ଣ୍ଣ ଫର୍ମକୁ ନିଜେ ସବୁଜ ଡ୍ରପ୍ ବକ୍ସରେ ପକାଇବେ।

**ସବୁଜ ଫର୍ମ ନ ମିଳିବା ସ୍ଥିତିରେ ଆପଣ:**
- ଏହି ବିଜ୍ଞାପନ ପୃଷ୍ଠାକୁ ଜେରକ୍ସ କରି, ବ୍ୟବହାର କରିପାରିବେ।
- www.kalia.co.in ୱେବ୍‌ସାଇଟ୍‌ରୁ ଆପଣ ସବୁଜ ଫର୍ମ ଡାଉନ୍‌ଲୋଡ ପରେ ପ୍ରିଣ୍ଟ କରି ବ୍ୟବହାର କରିପାରିବେ।
- ଅନ୍ୟ କାହାର ଖାଲି ସବୁଜ ଫର୍ମ ମଧ୍ୟ ଜେରକ୍ସ କରି ବ୍ୟବହାର କରିପାରିବେ।

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

# ମାଗଣା ମହାପ୍ରସାଦ ବଣ୍ଟନ ବନ୍ଦ

## ଅନୁଦାନ ଅଛି, ଇଚ୍ଛାଶକ୍ତି ନାହିଁ

ପୁରୀ ଅଫିସ,୧୧।୧

ବାଇଶି ପାହାଚରେ ଭକ୍ତଙ୍କୁ ବଣ୍ଟା ଯାଉଥିଲା ମାଗଣା ମହାପ୍ରସାଦ। ଖୁସି ମନରେ ମହାପ୍ରଭୁଙ୍କ ମହାପ୍ରସାଦ ପାଇ ଫେରୁଥିଲେ ଦର୍ଶନାର୍ଥୀ। ଏବେ ଭକ୍ତଙ୍କୁ ଆଉ ବଣ୍ଟାଯାଉନି ଏହି ମହାପ୍ରସାଦ। ଶ୍ରୀମନ୍ଦିର ବଜେଟରେ ସ୍ୱତନ୍ତ୍ର ଅନୁଦାନ ଥାଇ ମଧ୍ୟ ଇଚ୍ଛାଶକ୍ତି ଅଭାବରୁ ଏହା ବନ୍ଦ ହୋଇଯାାଇଥିବା କୁହାଯାଉଛି।

ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରକୁ ପ୍ରତ୍ୟହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଆସିଥାନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ ପରେ ମହାପ୍ରସାଦ ପାଇବା ପାଇଁ ପ୍ରାୟ ପ୍ରତ୍ୟେକଙ୍କ ଇଚ୍ଛା ରହିଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ମହାପ୍ରସାଦ କିଣି ଖାଇବାକୁ ସମର୍ଥ ହୋଇ ନ ଥାନ୍ତି। ତେଣୁ ମହାପ୍ରସାଦ ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ ଅବଢା ଦେବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ (ମିଷ୍ଟାନ୍ନ) ବଣ୍ଟନ। ଅପରାହ୍ନ ୪ଟାରୁ ୬ଟା ମଧ୍ୟରେ ୨ହାଣ୍ଡି ମିଷ୍ଟାନ୍ନ ଭକ୍ତଙ୍କୁ ବାଣ୍ଟିବା ଲାଗି ବ୍ୟବସ୍ଥା କରାଯାଇଥିଲା। ୨ ଜଣ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇଟି ବଡ଼ ଆଟିକାରେ ପ୍ରତ୍ୟହ ଏହି ମିଷ୍ଟାନ୍ନ ବଣ୍ଟନ କରୁଥିଲେ। ପ୍ରାୟ ୬ ମାସରୁ ଊର୍ଦ୍ଧ୍ୱ ହେବ ଏହା ବନ୍ଦ ହୋଇଯାଇଛି। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟକର କଥା ହେଉଛି ଶ୍ରୀମନ୍ଦିରର ୨୦୧୮-୧୯ ବଜେଟରେ ଏଥିଲାଗି ୧.୫ କୋଟି ଟଙ୍କାର ବଜେଟ୍ କରାଯାଇଛି। ପ୍ରଦୀପ ଜେନା ମୁଖ୍ୟ ପ୍ରଶାସକ ଥିବା ବେଳେ ଏହାର ପରିମାଣ ବଢାଇ ୨୦ ଆଟିକା ମହାପ୍ରସାଦ ଚାରିଦ୍ୱାରରେ ଭକ୍ତଙ୍କୁ ବଣ୍ଟାଯିବା ନିମନ୍ତେ ଯୋଜନା ହୋଇଥିଲା। ଏପରି କି ଭକ୍ତଙ୍କୁ ଖଲି ଦନାରେ ମହାପ୍ରସାଦ ଦିଆଯିବା ଲାଗି ପ୍ରଶାସନ ସ୍ଥିର କରିଥିଲା। ହେଲେ ଏହି ଯୋଜନା କାର୍ଯ୍ୟକାରୀ ପୂର୍ବରୁ ମାଗଣା ମହାପ୍ରସାଦ ବଣ୍ଟନ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ହଠାତ୍ ଏହାକୁ କ'ଣ ପାଇଁ ବନ୍ଦ କରାଗଲା ଏହା ପଛରେ ଆଉ କିଛି କାରଣ ରହିଛି କି ଏମିତି ସନ୍ଦେହ ଏବେ ଭକ୍ତଙ୍କ ମନରେ ସୃଷ୍ଟି ହୋଇଛି।

ନୟାଗଡ଼ର ଶରତ ପାଣିଗ୍ରାହୀ କୁହନ୍ତି, ପୂର୍ବରୁ ଶ୍ରୀମନ୍ଦିରକୁ ଆସି ଦର୍ଶନ କରି ଫେରିବା ବେଳେ ବାଇଶି ପାହାଚରେ ମହାପ୍ରସାଦ ମିଳୁଥିଲା। ପୂର୍ବରୁ ମୁଁ ଏକାଧିକ ଥର ବାଇଶି ପାହାଚରେ ବଣ୍ଟା ଯାଉଥିବା ଅବଢା ପାଇଛି। ହେଲେ ଏବେ ଆଉ ତାହା ମିଳୁନାହିଁ। ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ ବିଚାର କରି ଏହି ବ୍ୟବସ୍ଥା ପୁଣି ଆରମ୍ଭ କରିବା ଦରକାର। ଅନ୍ୟ ଜଣେ ଶ୍ରଦ୍ଧାଳୁ କଟକର ପବିତ୍ର ସାହୁ କହିଛନ୍ତି, ପୂର୍ବରୁ ୨ ଆଟିକା ବଣ୍ଟା ଯାଉଥିଲା। ମଝିରେ ଏହା ୨୦ ଆଟିକା ବଣ୍ଟାଯିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରୁଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଥିଲୁ। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଏହା କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ହଠାତ୍ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବା ଦୁର୍ଭାଗ୍ୟଜନକ।

ଏ ସଂକ୍ରାନ୍ତରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଲୋକସମ୍ପର୍କଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏହାକୁ ପୁନର୍ବାର ଆରମ୍ଭ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରୁଛି ବୋଲି କହିଛନ୍ତି।

■ ଶ୍ରୀକ୍ଷେତ୍ର ପୁସ୍ତକ ମେଳା

# ମାନବିକତାର ଅବକ୍ଷୟ ସମାଜରେ ବିଶୃଙ୍ଖଳାର କାରଣ

ପୁରୀ ଅଫିସ,୧୧।୧

ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି ଆନୁକୂଲ୍ୟରେ ଶରଧାବାଲିରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ରଜତ ଉତ୍ସବର ଶୁକ୍ରବାର ଥିଲା ନବମ ଦିବସ। ଏହି ଅବସରରେ ପୁସ୍ତକ ମେଳାର ସାରସ୍ୱତ ମଞ୍ଚରେ ସାହିତ୍ୟାନୁଷ୍ଠାନ ଅଭିନନ୍ଦନିକାର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା।

ଅନୁଷ୍ଠାନର ସମ୍ପାଦକ ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହରିହର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମାନବିକତା ହେଉଛି ମନୁଷ୍ୟର ପ୍ରକୃତ ପରିଚୟ। ଆଜି ବିଶ୍ୱରେ ମାନବିକତା ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଲୋକଙ୍କ ମଧ୍ୟରେ ସ୍ନେହ ସଦ୍‌ଭାବ କମିବାରେ ଲାଗିଛି। ମାନବିକତାର ଅବକ୍ଷୟ ଯୋଗୁ ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି ବୋଲି ମିଶ୍ର କହିଥିଲେ। କବି ହରପ୍ରସାଦ ପରିଚ୍ଛା ପଟ୍ଟନାୟକ, ଶ୍ରୀମନ୍ଦିର ପ୍ରଶାସକ(ରାଜସ୍ୱ) ମଧୁସୂଦନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ବିକାଶ ଦିଗରେ ଅଭିନନ୍ଦନିକାର ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଉତ୍କଳ ବରପୁତ୍ର ବିଶେଷାଙ୍କ-୨୦୧୯ ଉନ୍ମୋଚିତ ହୋଇଥିଲା। କଣ୍ଠଶିଳ୍ପୀ ଇନ୍ଦିରା ପ୍ରତିହାରୀଙ୍କୁ ବିଷ୍ଣୁପ୍ରିୟା ସ୍ମୃତିସମ୍ମାନ, ଗବେଷକ ଡ. ଗୋପାଳକୃଷ୍ଣ ଦାଶଙ୍କୁ ବଂଶୀଧର ସ୍ମୃତି ସମ୍ମାନ, ଓଡ଼ିଆ ଅଭିନେତ୍ରୀ ଚିନ୍ମୟୀ ମିଶ୍ର, ଅଭିନେତ୍ରୀ ଏଲି ପାଢୀ, କ୍ରୀଡାବିତ୍ ରଶ୍ମିରଞ୍ଜନ ପରିଡା, ଶିଶୁ ସାହିତ୍ୟିକ ଅନସୂୟା ନନ୍ଦ, କଣ୍ଠଶିଳ୍ପୀ ଦର୍ଶନା କର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଚାରୁ ନର୍ତ୍ତନ ଅନୁଷ୍ଠାନର ଗୁରୁ ବିବେକ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା।

■ ଜିଆଇ ମାନ୍ୟତା ପ୍ରସଙ୍ଗ

# ମହାପ୍ରଭୁଙ୍କ ସବୁ ଭୋଗକୁ ବାଦ୍ ଦିଆଯାଉ

ପୁରୀ ଅଫିସ,୧୧।୧

ଜିଆଇ ମାନ୍ୟତା ପ୍ରସଙ୍ଗରେ ମହାପ୍ରଭୁଙ୍କ ସବୁ ଭୋଗକୁ ବାଦ୍ ଦେବାକୁ ଦାବି କରିଛି ଶ୍ରୀଜଗନ୍ନାଥ ସେନା। ଶୁକ୍ରବାର ସେନା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଦାବିପତ୍ର ପଠାଇଛି। ଜଗନ୍ନାଥ ମହାପ୍ରଭୁଙ୍କ ସବୁ ଭୋଗକୁ ଜିଆଇ ମାନ୍ୟତାରୁ ବାଦ୍ ଦେବାକୁ ସରକାର ଆଇନ ଆଣନ୍ତୁ ବୋଲି ସେନା ଦାବି କରିଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ଧାର୍ମିକ ପରମ୍ପରା ସହ ଜଡ଼ିତ ରସଗୋଲା, ଖଜା, ଜଗନ୍ନାଥବଲ୍ଲଭ, ମହାପ୍ରସାଦ, ଶୁଖିଲି ଭୋଗ ଏବଂ ୫୬ ଭୋଗକୁ ଜିଆଇ ମାନ୍ୟତା ନ କରିବା ପାଇଁ ସରକାର ଆଇନ ଆଣନ୍ତୁ। ଧାର୍ମିକ ପରମ୍ପରା ସହ ଜଡ଼ିତ ଭୋଗକୁ କେହି ମାନ୍ୟତା ଦେଇପାରିବେ ନାହିଁ। ନଚେତ ଦେଶ, ଜାତି ତଥା ବର୍ଣ୍ଣ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବ।

INDIAN RAILWAYS

# ପୂର୍ବ ତଟ ରେଳପଥ

## 'ଇ' କ୍ରୟ ପ୍ରଣାଳୀ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2018-19/21, ତା.08.01.2019ରିଖ

ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ଭାରତୀୟ ରେଳବାଇ ୱେବ୍‌ସାଇଟ୍ **www.ireps.gov.in** ଅବଲୋକନ କରନ୍ତୁ, ଯେଉଁଥିରେ କି ଏହି ରେଳପଥ ସମ୍ବନ୍ଧୀୟ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ।

ସମସ୍ତ ଯୋଗାଣକାରୀ/ବିକ୍ରେତାମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ୱେବ୍‌ସାଇଟ୍ **www.ireps.gov.in** (Vendors log in) ଅବଲୋକନ କରି ଅନ୍‌ଲାଇନ୍‌ରେ ସେମାନଙ୍କ ବିଲ୍(Bills) ଜମା କରିବେ, ଯାହା ଫଳରେ ବିଲ୍‌ଗୁଡ଼ିକୁ ଯାଞ୍ଚ କରାଯିବା ସହିତ ସେଗୁଡ଼ିକୁ ପ୍ରଣାଳୀ ମାଧ୍ୟମରେ ସ୍ୱତଃ ପୈଠ ନିମନ୍ତେ ପାରିତ କରାଯାଇପାରିବ।

PR-427/J/18-19 **ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର**

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ




ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବିକ୍ଷୋଭ।

ପୁରୀ ଅଫିସ,୧୧।୧

ବିଭିନ୍ନ ଦାବି ନେଇ ଅଙ୍ଗନୱାଡି କର୍ମୀମାନେ ଗତବର୍ଷ ନଭେମ୍ବର ୨୬ରୁ ବିଧାନସଭା ନିକଟସ୍ଥ ଧାରଣାସ୍ଥଳରେ ଗଣଧାରଣାରେ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ, ପୁରୀ ଜିଲା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ସଂଖ୍ୟାରେ ଅଙ୍ଗନୱାଡ଼ି କର୍ମୀ ରେଲୱେ ଷ୍ଟେଶନଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମୀମାନେ ସେମାନଙ୍କ ଦାବି ସମ୍ପର୍କରେ କହିଥିଲେ। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରିବା, ଯେତେଦିନ ପର୍ଯ୍ୟନ୍ତ ସରକାରୀ କର୍ମଚାରୀ ମାନ୍ୟତା ଦିଆଯାଇ ନାହିଁ ସର୍ବନିମ୍ନ ମାସିକ ୧୮ ହଜାର ଓ ସହାୟିକାଙ୍କୁ ୯ ହଜାର ଟଙ୍କା ପ୍ରଦାନ କରିବା, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା, ନୂତନ ଖାଦ୍ୟ ତାଲିକାର ମୂଲ୍ୟ ବୃଦ୍ଧି କରିବା, ଗାଁ କଲ୍ୟାଣ ସମିତି କାର୍ଯ୍ୟରୁ ଅଙ୍ଗନୱାଡ଼ି କର୍ମୀଙ୍କୁ ବାଦ୍ ଦିଆଯିବା ପ୍ରଭୃତି ଦାବି ରହିଛି। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ଯଥାଶୀଘ୍ର ସଂଘର କର୍ମକର୍ତ୍ତାଙ୍କୁ ଡକାଇ ଦାବିଗୁଡ଼ିକ ପୂରଣ ଦିଗରେ ଉଚିତ ପଦକ୍ଷେପ ନେବାକୁ କର୍ମୀମାନେ ନିବେଦନ କରିଥିଲେ।

ଏହି ବିକ୍ଷୋଭରେ ରାଜ୍ୟ ସମ୍ପାଦିକା ସୁମିତା ମହାପାତ୍ର, ପୁରୀ ଜିଲା ସଭାପତି ପ୍ରତିମା ମଞ୍ଜରୀ ଦତ୍ତ ଓ ସମ୍ପାଦିକା ନମିତା ପ୍ରହରାଜ, ଡେଲାଙ୍ଗ ବ୍ଲକ ସଭାପତି ଜ୍ୟୋତ୍ସ୍ନାରାଣୀ ସାହୁ ଓ ସମ୍ପାଦିକା ମମତା ବରାଳ, କଣାସ ବ୍ଲକ ସମ୍ପାଦିକା ମମତା ପ୍ରଧାନଙ୍କ ସମେତ ସୌଭାଗିନୀ ଗିରି, ବିଜୟଲକ୍ଷ୍ମୀ ସ୍ୱାଇଁ, ପଦ୍ମାବତୀ ସାମନ୍ତରାୟ, ମମତା ମଙ୍ଗରାଜ, ଅନିତା ସେଠୀ, ବନିତା ପ୍ରଧାନ ପ୍ରମୁଖ ସାମିଲ ଥିଲେ।

# ୧୩ରେ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ

ପୁରୀ ଅଫିସ,୧୧।୧

ସିନର୍ଜି ଟ୍ରଷ୍ଟ ଓଡ଼ିଶା ଆନୁକୂଲ୍ୟରେ ଷଷ୍ଠ ଶ୍ରୀକ୍ଷେତ୍ର ଯୁବ ମହୋତ୍ସବ ଆସନ୍ତା ୧୩ ତାରିଖରେ ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏନେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଏକାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଶନିବାର ଅନୁଷ୍ଠାନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ବେଳାଭୂମିସ୍ଥିତ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ଓ ସାଧାରଣ ସଭା ଅନୁଷ୍ଠିତ ହେବ। ଯୁବ ମହୋତ୍ସବରେ ରାଜ୍ୟସ୍ତରୀୟ ଯୁବ ପୁରସ୍କାର ଶ୍ରୀପତି ଯୁବ ପ୍ରତିଭା ସମ୍ମାନ, ଶ୍ରୀକ୍ଷେତ୍ର ସମ୍ମାନ ଏବଂ ଶ୍ରୀକ୍ଷେତ୍ର ରତ୍ନ ସମ୍ମାନ ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ସଭାପତି କୃଷ୍ଣଚନ୍ଦ୍ର ପାଢୀ କହିଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୫-୨୦୧୮-୧୯, (୨) ଟିଆର୍‌ଏସ୍-ବିଏନ୍‌ଡିଏମ୍-୧୭-୨୦୧୮-୧୯, ତାରିଖ: ୧୦।୦୧।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍), ବଣ୍ଡମୁଣ୍ଡା, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ଲାଗି ମାନୁଆଲ୍ ଅଫର୍ ଅନୁମତିଯୋଗ୍ୟ ନୁହେଁ, ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ୍ ଅଫର୍‌କୁ ଅଣଦେଖା କରିଦିଆଯିବ। **କ୍ର.ସଂ., କାର୍ଯ୍ୟର ବର୍ଣ୍ଣନା, କାର୍ଯ୍ୟର ଆନୁମାନିକ ମୂଲ୍ୟ, ଅମାନତ ରାଶି ନିମ୍ନ ଅନୁଯାୟୀ ହେବ:** (୧) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ବଡି ୱାଶିଂ, ଅଭ୍ୟନ୍ତର ସଫେଇ, ଭୋଲ୍‌ଟସ୍ ଫିଲ୍ଟର୍ ସଫେଇ ଏବଂ ଫିଟ୍‌ମେଣ୍ଟ ଗ୍ରେଟିଂ ଓପନିଂ, ବ୍ଲୋଇଂ ତଥା ଗ୍ରେଟିଂ, ₹୬୪,୪୧,୦୦୦/-, ₹୧,୨୮,୮୨୦/-। (୨) ଇଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ଗୁଡ଼ିକର ହିଟାଚି ଟ୍ରାକ୍ସନ୍ ମୋଟରର ଆର୍ମାଚର୍ ଶାଫ୍ଟ ସଂଶୋଧନ, ₹୧,୮୮,୨୫୪.୮୦, ₹୩,୮୦୦/-। **ଇ-ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୧।୦୨।୨୦୧୯ରିଖ ୧୫.୦୦ ଘଟିକା। ୱେବ୍‌ସାଇଟ୍‌ର ସବିଶେଷ ବିବରଣୀ ଓ ସୂଚନା: ପ୍ରତ୍ୟେକ କାର୍ଯ୍ୟ ପାଇଁ http://www.ireps.gov.in। ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ।

PR-989

**ଆଲ୍ଲାହାବାଦ ବ୍ୟାଙ୍କ**
(ଭାରତ ସରକାରଙ୍କର ଏକ ଉପକ୍ରମ)
**ମଣ୍ଡଳୀୟ କାର୍ଯ୍ୟାଳୟ, ଭୁବନେଶ୍ୱର**

**ଗୃହ ଆବଶ୍ୟକ**

ବ୍ୟାଙ୍କ ଏହାର ବର୍ତ୍ତମାନର ଶାଖା ସ୍ଥାନାନ୍ତର କରିବା ନିମନ୍ତେ ୧୦୦୦ ବର୍ଗଫୁଟ କାର୍ପେଟ୍ ଏରିଆ ବିଶିଷ୍ଟ ନିମ୍ନଲିଖିତ ସ୍ଥାନରେ ଭଡା ସୂତ୍ରରେ ଗୃହ ଆବଶ୍ୟକ କରୁଅଛି। ତଳ ମହଲା ଗୃହକୁ ଅଗ୍ରାଧିକାର ଦିଆଯିବ।

| କ୍ର.ନଂ. | ଶାଖାର ନାମ | କେଉଁଥି ପାଇଁ ଗୃହ ଆବଶ୍ୟକ | କାର୍ପେଟ୍ ଏରିଆ | ସ୍ଥାନ (ନିମ୍ନଲିଖିତ ସ୍ଥାନର ବଜାର ଅଞ୍ଚଳରେ) |
|---|---|---|---|---|
| ୧. | କୋକଲବା | ବର୍ତ୍ତମାନର ଶାଖା ସ୍ଥାନାନ୍ତରଣ ନିମନ୍ତେ ବିକଳ୍ପ ଗୃହ | ୧୦୦୦ ବର୍ଗଫୁଟ | ସା/ପୋ.: କୋକଲବା, ଥାନା: ନରସିଂହପୁର, ଜିଲ୍ଲା: କଟକ, ଓଡ଼ିଶା, ପିନ୍-୭୫୪୦୩୨ |

ସବିଶେଷ ବିବରଣୀ ବ୍ୟାଙ୍କର **ମଣ୍ଡଳୀୟ କାର୍ଯ୍ୟାଳୟ, ୩/୧-ବି, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫** ରୁ ସଂଗ୍ରହ କରିପାରିବେ କିମ୍ବା କୋକଲୋବା ଶାଖାରୁ କିମ୍ବା ଆମର **ୱେବ୍‌ସାଇଟ୍: www.allahabadbank.in** ରୁ ଡାଉନ୍‌ଲୋଡ୍ କରିପାରିବେ। ଇଚ୍ଛୁକ ପକ୍ଷମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ଜଉମୁଦ ଦିଆ ଲଫାପାରେ ଦରଖାସ୍ତ ଦାଖଲ କରିବାର ଶେଷ ତାରିଖ: **୩୦.୦୧.୨୦୧୯ ଅପରାହ୍ନ ୫.୦୦ ଘଟିକା।**

**ତାରିଖ: ୧୧.୦୧.୨୦୧୯** ଉପ-ମହାପ୍ରବନ୍ଧକ

**State Level Flower Show, 2019**
**Botanic Gardens (Ekamrakanan)**
**Regional Plant Resource Centre, Nayapalli, Bhubaneswar**
**12th - 13th January, 2019**
**(9 AM to 7 PM)**
ENTRY TO GARDEN FREE
FREE PARKING INSIDE GARDEN
*Organised by :*
**Regional Plant Resource Centre, Bhubaneswar**
*in collaboration with*
PLANT LOVERS ASSOCIATION
**Plant Lovers' Association, Bhubaneswar**
*Supported by :*
नालको NALCO
&
**Directorate of Horticulture, Odisha**

**OFFICE OF THE**
**SUPERINTENDING ENGINEER, RURAL WORKS CIRCLE, BERHAMPUR**
**(At:- Ambapua, Po:- Engineering School Near Income Tax Office, Berhampur-760011)**
**E-Mail:- serwbpr2004@yahoo.com Tel/FAX:- 0680-2404287**
**NATIONAL COMPETITIVE BIDDING THROUGH "e"-Procurement**
**ADB Assisted PMGSY Packages**
**Identification No. Online Tender/32-2018-19/PMGSY(ADB)/BPR**
**ADB// 105 // RWC // BAM // Dated. 08.01.2019**

**No.1354-O:-** Superintending Engineer, Rural Works Circle, Berhampur on behalf of the employer invited online item rates bids from eligible bidders for Construction of Road and C.D. works including maintenance for 5 years of Rural Roads [RCIP-2 Tr-I (2017-18) Batch-I] under Pradhan Mantri Gram Sadak Yojana (ADB Rural Connectivity investment programme).
**Period of Availability of tenders online :- The details are as below.**

| Procurement Officer | Bid Identification No. | No. of Packages | Availability of tender online for bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Superintending Engineer, Rural Works Circle, Berhampur | Online Tender / 32-2018-19 / PMGSY(ADB)/BPR | 01 (One) | 16.01.2019 at 11.00 A.M. | 30.01.2019 at 3.00 P.M. |

One PDF file is created under Cover-II i.e. Envelope for Financial Bid with the heading "Letter of Financial Bid" and "Summary of Bill of Quantities". The Bidder will upload "Letter of Financial Bid" and "Summary of Bill of Quantities" in PDF format with their Bid as per requirement of SBD.

**Key dates are:**

1. Submission of Original Bid Security Instrument, Bid Submission Fee & Original Affidavit : From 21.01.2019 at 11.00 A.M. to 30.01.2019 at 3.30 P.M.
2. Opening of "Bid Security" (Bid Security Instrument, Bid Submission fee & Original Affidavit) & Technical Bid : 30.01.2019 at 3.30 P.M.
3. Opening of Financial Bid : 04.02.2019 at 11.00 A.M.

Detailed NIB, other details and corrigendum if any can be viewed on website www.pmgsytenders.gov.in
The Original EMD, DD towards paper cost, Affidavit regarding Correctness in a sealed cover shall be physically furnished by the tenderer in original before the Procurement Officer (Superintending Engineer, R.W.Circle, Berhampur) within the specified period as mentioned in the NIT, otherwise his tender will entail rejection and blacklist of his Licence.

**25071/11/0049/1819** **Sd./- Superintending Engineer, R.W.Circle, Berhampur**

See Career Appointment on every Wednesday & Saturday

**ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ ରିହାବିଲିଟେସନ୍ ଟ୍ରେନିଙ୍ଗ୍ ଓ ରିସର୍ଚ୍ଚ**
**ଓଲଟପୁର, ବାଇରୋଇ, କଟକ, ଓଡ଼ିଶା - ୭୫୪୦୧୦, ଫୋନ ନଂ.୦୬୭୧-୨୮୦୫୫୫୨**

**ନୋଟିସ**

ଏତଦ୍ୱାରା ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ଶୁଣାଣି ନିମନ୍ତେ ତୁମ୍ଭମାନଙ୍କୁ କୋର୍ଟ ସହାୟତାରେ ଓ ପଞ୍ଜୀକୃତ ଡାକ ଯୋଗେ ଉପରୋକ୍ତ କେସ୍‌ର ନୋଟିସ୍ ପଠାଯାଇଥିଲା। କିନ୍ତୁ ତୁମ୍ଭେ ବିଭିନ୍ନ କାରଣ ଦର୍ଶାଇ ସେ ନୋଟିସ ଗ୍ରହଣ ନ କରିବାରୁ ତାହା ଫେରସ୍ତ ଆସିଛି। ଏଣୁ ଅତ୍ର ବିଜ୍ଞାପନ ଦ୍ୱାରା ତୁମ୍ଭମାନଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର, ଚକବନ୍ଦୀ ଓ ବନ୍ଦୋବସ୍ତ, ଓଡ଼ିଶା, କଟକଙ୍କ ଇଜିଲାସରେ ତା୩୧।୦୧।୨୦୧୯ରିଖ ଦିବା ୧୨ ଘଟିକା ସମୟରେ ଶୁଣାଣି ହେବା ନିମନ୍ତେ ସ୍ଥିର କରାଯାଇଛି।

ତେଣୁ ଆପଣ ନିଜେ ବା ନିଜର ଓକିଲ ବା କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ନିର୍ଦ୍ଧାରିତ ତାରିଖ, ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାରେ ତଦ୍‌ଦ୍ୱୀର କରିବେ। ଅନ୍ୟଥା ଆପଣଙ୍କ ଅନୁପସ୍ଥିତିରେ ଆଇନ ଅନୁମୋଦିତ ପନ୍ଥାରେ ମୋକଦ୍ଦମା ଫଇସଲା କରାଯିବ। ଉକ୍ତ ନୋଟିସ୍ ଅତିରିକ୍ତ କମିଶନର (ଏସ୍ ଓ ଜି) ଙ୍କ ଆଦେଶ କ୍ରମେ ବିଜ୍ଞାପନ କରାଗଲା।

| କ୍ରମିକ ନଂ. | ଚକବନ୍ଦୀ କେସ୍ ନଂ. | ପ୍ରତିବାଦୀଙ୍କ ନାମ ଓ ଠିକଣା | ଜମିର ବିବରଣୀ |
|---|---|---|---|
| ୦୧. | ୨୯୮/୨୦୦୬ ପ୍ରତିବାଦୀ ଉଷା ଜେନା ଓ ଓଗେର | ୦୧. ଉଷା ଜେନା, ପିତା ନଟ ଜେନା, ୦୨. କୁଣି ଜେନା, ପିତା ନଟ ଜେନା ଓଲଟପୁର, ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୬, ପ୍ଲଟ ନଂ.- ୧୮୨, ରକବା ଏ୦.୦୬ ଡି., ବନ୍ଦୋବସ୍ତ ଖାତା ନଂ.- , ପ୍ଲଟ ନଂ.- ୧୬୮, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ. ୧୯୯ (ପି) ରକବା ଏ୦.୦୬ ଡି ରେ ମୋକଦ୍ଦମା ହୋଇଅଛି। |
| ୦୨. | ୩୦୨/୨୦୦୬ ପ୍ରତିବାଦୀ ନରେଶ ନନ୍ଦ ଓ ଓଗେର | ୦୧. ନରେଶ ନନ୍ଦ, ପିତା ୰ନରହରି ନନ୍ଦ, ସା./ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା- କଟକ, ଚକ ଖାତା ନଂ.- ୧୫୨, ପ୍ଲଟ ନଂ.-୧୪୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.-୧୪୯, ପ୍ଲଟ ନଂ.- ୧୨୦, ସାବିକ ଖାତା ନଂ.- ୧୪୭, ପ୍ଲଟ ନଂ.୧୦୨ରେ ମୋକଦ୍ଦମା ହୋଇଅଛି। |
| ୦୩. | ୩୦୧/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା ୰ନନ୍ଦ ଜେନା, ସା./ପୋ.ଅ/ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୭, ପ୍ଲଟ ନଂ.- ୧୬୮, ରକବା ଏ୦.୦୬ଡି., ବନ୍ଦୋବସ୍ତ ଖାତା ନଂ.- ୨୬୭, ପ୍ଲଟ ନଂ.- ୧୬୪, ସାବିକ ଖାତା ନଂ.- ୧୩୭/୩୬, ପ୍ଲଟ ନଂ.- ୧୯୯ (ପି)ରେ ମୋକଦ୍ଦମା ହୋଇଅଛି। |
| ୦୪. | ୩୦୦/୨୦୦୬ ପ୍ରତିବାଦୀ ବନମାଳୀ ନାୟକ ଓ ଓଗେର | ୦୧. (କ) ବନମାଳୀ ନାୟକ, ପିତା ୰ଟିମା ନାୟକ, ସା.ପୋ.ଅ., ଥାନା- ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୩୩, ପ୍ଲଟ ନଂ.- ୧୭୫, ରକବା ଏ୦.୩୪ଡି., ବନ୍ଦୋବସ୍ତ ଖାତା ନଂ.୧୬୧, ପ୍ଲଟ ନଂ.-୧୬୦, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୫. | ୨୯୭/୨୦୦୬ ପ୍ରତିବାଦୀ ଡା. ଅନ୍ନପୂର୍ଣ୍ଣା ମିଶ୍ର ଓ ଓଗେର | ୦୧. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୧. (ଚ) ଡା.ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର କ୍ରମିକ ନଂ. ୧ (କ) ରୁ (ଚ) ସା.,ପୋ.,ଅ., ଥାନା, ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୫୫, ପ୍ଲଟ ନଂ.- ୩୧୪, ରକବା ଏ.୦.୩୫ଡି., ପ୍ଲଟ ନଂ.- ୨୯୫, ରକବା ଏ ୦.୨୪ଡି (ପି) ପ୍ଲଟ ନଂ.- ୩୨୩, ରକବା ଏ୦.୦୪ଡି., ବନ୍ଦୋବସ୍ତ ଖାତା ନଂ.- ୩୫୬, ପ୍ଲଟ ନଂ.- ୧୨୭, ପ୍ଲଟ ନଂ.- ୧୨୪, ସାବିକ ଖାତା ନଂ.- ୨୩୭, ପ୍ଲଟ ନଂ.- ୨୦୫ (ପାର୍ଟ) ରକବା ଏ୦.୫୯ଡି., ଖାତା ନଂ.- ୯୪, ପ୍ଲଟ ନଂ.- ୨୦୬ (ପାର୍ଟ), ରକବା ଏ୦.୦୪ଡି. ରେ ମୋକଦ୍ଦମା ହୋଇଅଛି। |
| ୦୬. | ୨୯୯/୨୦୦୬ ପ୍ରତିବାଦୀ ରବି ନାୟକ ଓ ଓଗେର | ୦୧. (କ) ରବି ନାୟକ, ପିତା ୰ଝରି ନାୟକ, ୦୧. (ଖ) କବି ନାୟକ, ପିତା ୰ ଝରି ନାୟକ ସା., ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୨୯, ପ୍ଲଟ ନଂ.-୩୦୪, ରକବା ଏ୦.୦୭ଡି., ପ୍ଲଟ ନଂ.- ୩୦୫, ଏ୦.୨୫ଡି., ବନ୍ଦୋବସ୍ତ ଖାତା ନଂ.- ୧୦୬, ପ୍ଲଟ ନଂ.-୧୩୩ ଓ ୧୩୪, ସାବିକ ଖାତା ନଂ.- ୨୮୬/୨, ପ୍ଲଟ ନଂ- ୨୦୧, ରକବା ଏ୦.୩୨ଡି.ରେ ମୋକଦ୍ଦମା ହୋଇଅଛି। |
| ୦୭. | ୨୯୬/୨୦୦୬ ପ୍ରତିବାଦୀ କେଶବ କାଣ୍ଡି ଓ ଓଗେର | ୦୧. (କ) କେଶବ କାଣ୍ଡି, ପିତା ୰ମାଗୁଣି କାଣ୍ଡି, ୦୨. (କ) ବୃନ୍ଦାବନ କାଣ୍ଡି, ପିତା ୰ପ୍ରାଣକୃଷ୍ଣ କାଣ୍ଡି, ୦୩. (କ) ଡା. ଅନ୍ନପୂର୍ଣ୍ଣା ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଖ) ଡା. ପୁଷ୍ପା କୁମାରୀ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଗ) ପ୍ରଫେସର ପ୍ରଶାନ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଘ) ପ୍ରାଣନାଥ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଙ) ପ୍ରଦୀପ୍ତ ମିଶ୍ର, ପିତା ୰ବିଜୟରାମ ମିଶ୍ର, ୦୩. (ଚ) ଡା. ଅଜୟ କୁମାର ମିଶ୍ର, ପିତା ୰ବିଜୟରାମ ମିଶ୍ର, କ୍ରମିକ ନଂ. ୧(କ) ଓ ୨(କ) ସା- ଶିଶୁଆ, ପୋ.ଅ. ବାଇରୋଇ, ଥାନା- ଓଲଟପୁର, ଜିଲ୍ଲା- କଟକ। କ୍ରମିକ ନଂ. ୩(କ) ରୁ ୩(ଚ) ପର୍ଯ୍ୟନ୍ତ ସା.,ପୋ.ଅ.,ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର ନଂ.୫୯ ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୪୦୮, ପ୍ଲଟ ନଂ.-୧୫୮, ରକବା ଏ୦.୧୮ଡି., ବନ୍ଦୋବସ୍ତ ଖାତା ନଂ.- ୨୬୬, ପ୍ଲଟ ନଂ.- ୧୪୦, ସାବିକ ଖାତା ନଂ.- ୨୦୭, ପ୍ଲଟ ନଂ.- ୧୦୫ରେ ମୋକଦ୍ଦମା ହୋଇଅଛି। |
| ୦୮. | ୨୯୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. (କ) କୈଳାସ ଜେନା, ପିତା- ୰ନନ୍ଦ ଜେନା, ୦୨. (କ) ଅରକ୍ଷିତ ଜେନା, ପିତା- ୰ ସିନ୍ଧୁ ଜେନା, ୦୨. (ଖ) ଅନୁ ଜେନା, ପିତା- ୰ସିନ୍ଧୁ ଜେନା, ୦୩. ବାନ ଜେନା, ପିତା ୰ମହଣି ଜେନା, ୦୪. (କ) ଶୁକ ଜେନା, ପିତା ୰ମାନ ଜେନା, ୦୪. (ଖ) ହରି ଜେନା, ପିତା- ୰ମାନ ଜେନା, ୦୪. (ଗ) ବାବୁଲି ଜେନା, ପିତା- ୰ମାନ ଜେନା, ୫. ବେଣୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୬. କାହ୍ନୁ ଜେନା, ପିତା ୰ ଗନ୍ଧର୍ବ ଜେନା, ୭. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୮. ଧରମୁ ଜେନା, ପିତା ୰ଗନ୍ଧର୍ବ ଜେନା, ୯. ମଷି ଜେନା, ପିତା ୰ଗନ୍ଧର୍ବ ଜେନା କ୍ରମିକ ନଂ. ୧(କ) ରୁ ୯ ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.-୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.- ୧୮୯, ପ୍ଲଟ ନଂ.- ୧୭୬ ରକବା ଏ୦.୧୩ଡି., ବନ୍ଦୋବସ୍ତ ଖାତା ନଂ.- ୧୪୭, ପ୍ଲଟ ନଂ.- ୧୫୯, ସାବିକ ଖାତା ନଂ.- ୨୩୭/୩୬, ପ୍ଲଟ ନଂ.- ୧୯୯ (ପି) ରେ ମୋକଦ୍ଦମା ହୋଇଅଛି। |
| ୦୯ | ୩୦୩/୨୦୦୬ ପ୍ରତିବାଦୀ କୈଳାସ ଜେନା ଓ ଓଗେର | ୦୧. କୈଳାସ ଜେନା, ପିତା- ୰ ବନ୍ଧୁ ଜେନା, ୦୨. ଆଦିକନ୍ଦ ଜେନା, ପିତା ୰ମଦନ ଜେନା, ୦୩. ପଦ ଜେନା, ପିତା ୰ ମଦନ ଜେନା, ୦୪. କୈଳାସ ଜେନା, ପିତା ୰ନନ୍ଦ ଜେନା, ୦୫. (କ) ଅରକ୍ଷିତ ଜେନା, ପିତା ୰ସିନ୍ଧୁ ଜେନା, ୦୫. (ଖ) ଜଗବନ୍ଧୁ ଜେନା, ପିତା ୰ସିନ୍ଧୁ ଜେନା, ୦୬. ବାନ ଜେନା, ପିତା ୰ମହଣି ଜେନା, ୭. (କ) ଶୁକ ଜେନା, ପିତା ୰ମାନ ଜେନା, ୭. (ଖ) ଭୈରବ ଜେନା, ପିତା ୰ମାନ ଜେନା, ୦୭ (ଗ) ହରି ଜେନା, ପିତା ୰ମାନ ଜେନା, ୦୮. ବେଣୁ ଜେନା, ପିତା ୰ଗନ୍ଧର୍ବ ଜେନା, ୦୯. କାହ୍ନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୦. ଅନୁ ଜେନା, ପିତା ୰ଗନ୍ଧର୍ବ ଜେନା, ୧୧.ଧନୁ ଜେନା ପିତା ୰ଗନ୍ଧର୍ବ ଜେନା, ୧୨.ମୁଷି ଜେନା, ପିତା ୰ଗନ୍ଧର୍ବ ଜେନା, ୧୩. ବଂଶୀଧର ନାୟକ, ପିତା ୰ମଗୁ ନାୟକ, ୧୪. ବନମାଳୀ ନାୟକ, ପିତା ୰ମଗୁ ନାୟକ, ୧୫. ମୁରଲୀ ନାୟକ, ପିତା ୰ମଗୁ ନାୟକ, ୧୬. (କ) ଗଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, ୧୬. (ଖ) ସଲୁ ନାୟକ, ପିତା ୰ସୁରେନ୍ଦ୍ର ନାୟକ, କ୍ରମିକ ନଂ.୧(କ) ରୁ ୧୬(ଖ) ପର୍ଯ୍ୟନ୍ତ ସା.,ପୋ.ଅ., ଥାନା ଓଲଟପୁର, ଜିଲ୍ଲା- କଟକ | ସା- ଓଲଟପୁର, ନଂ.୫୯, ଥାନା ଗୋବିନ୍ଦପୁର, ଜିଲ୍ଲା କଟକ, ଚକ ଖାତା ନଂ.-୨୮୨, ପ୍ଲଟ ନଂ.- ୧୭୭, ରକବା ଏ୦.୦୮ଡି., ପ୍ଲଟ ନଂ.- ୧୭୪, ରକବା ଏ୦.୨୯ଡି. ବନ୍ଦୋବସ୍ତ ଖାତା ନଂ. ୧୮୯, ପ୍ଲଟ ନାଂ. ୧୬୫ ଓ ୧୬୩, ସାବିକ ଖାତା ନଂ. ୨୩୭/୩୬, ପ୍ଲଟ ନଂ.୧୯୯(ପି) ରେ ମୋକଦ୍ଦମା ହୋଇଅଛି। |

**ସ୍ୱା: ନିର୍ଦ୍ଦେଶକ**

## ସଂକ୍ଷେପରେ

### ଚାଇଲ୍ଡ ଲାଇନ ପକ୍ଷରୁ ନାବାଳକ ଉଦ୍ଧାର

**ନୟାଗଡ଼ ଅଫିସ,୧୧।୧:** ନୟାଗଡ଼ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରୁ ଗୁରୁବାର ସନ୍ଧ୍ୟାରେ ଜଣେ ନାବାଳକଙ୍କୁ ଉଦ୍ଧାର କରାଯାଇଛି। ନାବାଳକ ଜଣଙ୍କ କଟକରେ ରହୁଥିବା ନେଇ କହିବା ପରେ ଜିଲା ଶିଶୁ ମଙ୍ଗଳ ସମିତି ପାଖରେ ନାବାଳକଙ୍କୁ ହାଜର କରାଯିବା ସହିତ ଶୁକ୍ରବାର ପରିବାର ଲୋକଙ୍କୁ ଡକାଯାଇ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ନାବାଳକ କଟକରେ ବାପା ମାଆଙ୍କ ପାଖରେ ରହୁଥିଲେ। କିଛି ଦିନ ତଳେ ଘରେ ତାଙ୍କୁ ଗାଳି କରିବାରୁ ସେ ରଷି କରି ଚାଲି ଆସିଥିଲେ। ଗୁରୁବାର ସନ୍ଧ୍ୟାରେ ନୟାଗଡରେ ବୁଲୁଥିବା ବେଳେ ଚାଇଲ୍ଡ ଲାଇନ୍ ତାଙ୍କୁ ଉଦ୍ଧାର କରିଥିଲା। ନାବାଳକଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରୀତିକାନ୍ତ ପଣ୍ଡା ପ୍ରକାଶ କରିଛନ୍ତି।

### ଦଶପଲ୍ଲା କପ୍ ଫୁଟବଲ ଟୁର୍ନାମେଣ୍ଟ: ଉଦ୍‌ଘାଟନୀ ମ୍ୟାଚରେ ଦଶପଲ୍ଲା ବିଜୟୀ

**ଦଶପଲ୍ଲା,୧୧।୧(ଡି.ଏନ.ଏ.):** ସ୍ପୋର୍ଟିଭ୍ ସ୍ପୋର୍ଟ୍‌ସ ସୋସାଇଟି ଆନୁକୂଲ୍ୟରେ ଶୁକ୍ରବାର ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ୨୦ତମ ଦଶପଲ୍ଲା କପ ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି । ଉଦଘାଟନୀ ମ୍ୟାଚ ଟାଉନ କ୍ଲବ ଫୁଲବାଣୀ ଓ ସ୍ପୋର୍ଟିଭ୍ ସ୍ପୋର୍ଟସ୍ ମଧରେ ହୋଇଥିଲା । ଏଥିରେ ଦଶପଲ୍ଲା ୨-୧ରେ ଫୁଲବାଣୀ ଟିମ୍‌କୁ ହରାଇ ବିଜୟୀ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜେନେରାଲ୍ ବସନ୍ତ ମହାପାତ୍ର, ଏନଏସି ଅଧକ୍ଷା ବବିତା ସାହୁ, ଉପାଧକ୍ଷ ପ୍ରକାଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶନିବାର ମ୍ୟାଚ ଦଶପଲ୍ଲା ଏବଂ ଭୁବନେଶ୍ୱର ମଧରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କଠାରୁ ପ୍ରକାଶ ।

### ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ତହସିଲସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ତହସିଲ କାର୍ଯ୍ୟାଳୟ ପରିସରରେ ତହସିଲଦାର ଶୁଭଶ୍ରୀ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସହରାଞ୍ଚଳର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସମେତ ଖଣ୍ଡପଡା ଏନ୍‌ଏସି, ଅଗ୍ନିଶମ କାର୍ଯ୍ୟାଳୟ, ଥାନା ଓ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। ଏ ନେଇ ଗଠିତ କମିଟି କର୍ମକର୍ତ୍ତାଙ୍କ ଉପରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

### କଂଗ୍ରେସର ସାଂଗଠନିକ ବୈଠକ

**ବୋଲଗଡ଼,୧୧।୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ଶ୍ରୀ ଶ୍ରୀ ତାରେଶ୍ୱରଦେବଙ୍କ ମନ୍ଦିର ନିକଟରେ ଶୁକ୍ରବାର କଂଗ୍ରେସ ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ମାଧବ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଧୀରେଶ ମହାପାତ୍ର, ସିମାଞ୍ଚଳ ଖଣ୍ଡାଇ ଓ ସୁଶାନ୍ତ ତ୍ରିପାଠୀ ପ୍ରମୁଖ ଦଳୀୟ ନେତାଙ୍କ ସମେତ ୨୦୦ କର୍ମୀ ଉପସ୍ଥିତ ଥିଲେ। ଚଳିତ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳକୁ ଅଧିକ ସମର୍ଥନ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

■ ୧୮ ମାସ ହେଲାଣି ବସିନି ଜିଲା ମନିଟରିଂ କମିଟି ବୈଠକ

# ସଚେତନ ଖାଉଟି ମଞ୍ଚର କଳାପତାକା ଶୋଭାଯାତ୍ରା

**ନୟାଗଡ଼ ଅଫିସ,୧୧।୧**

ନୟାଗଡ଼ ଜିଲାରେ ଦୀର୍ଘ ୧୮ ମାସ ହେଲାଣି ଜିଲା ମନିଟରିଂ କମିଟି ବୈଠକ ବସିନାହିଁ। ଫଳରେ ବିଭିନ୍ନ ସମୟରେ ଜିଲାର ଖାଉଟିମାନେ ନିଜର ସୂଚନା ଜାଣିବାରୁ ବଞ୍ଚିତ ହେବା ସହିତ ଠକାମିର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ଜିଲା ସଚେତନ ଖାଉଟି ମଞ୍ଚ ପକ୍ଷରୁ କଳାପତାକା ଶୋଭାଯାତ୍ରା କରାଯାଇଥିଲା। ମଞ୍ଚର ସଦସ୍ୟମାନଙ୍କ ପକ୍ଷରୁ ମହିଳା ମହାବିଦ୍ୟାଳୟ ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅତିରିକ୍ତ ଜିଲାପାଳଙ୍କ ଦାୟିତ୍ୱହୀନତା ଯୋଗୁ କମିଟି ବୈଠକ ବସାଯାଉ ନ ଥିବାରୁ ତାଙ୍କୁ ଗୋ ବ୍ୟାକ୍ ଗୋ ବ୍ୟାକ୍ ଆଦି ନାରା ଦିଆଯାଇଥିଲା। ସେହିଭଳି ଜିଲାରେ ଥିବା ବିଭିନ୍ନ ଗ୍ୟାସ୍ ଡିଲରମାନେ ଲୋକମାନଙ୍କ ଘରେ ନେଇ ଗ୍ୟାସ୍ ପହଞ୍ଚାଇବା ପାଇଁ ନିୟମ ଥିବା ବେଳେ ଲୋକମାନଙ୍କଠାରୁ ଅଧିକା ୨୦ ଟଙ୍କା ନିଆଯାଉଛି। ଯାହାକି ନିୟମ ବିରୋଧ। ଖାଉଟି ମଞ୍ଚ ପକ୍ଷରୁ ବୈଠକ ବସି ଖାଉଟି ସୁରକ୍ଷା ପ୍ରତି ଆଲୋଚନା ହେବାର ନିୟମ ଥିବା ବେଳେ ନୟାଗଡ଼ ଜିଲାରେ ୧୮ମାସ ହେବ ଏହି ବୈଠକ ଅନୁଷ୍ଠିତ ହୋଇନାହିଁ। ଖାଉଟି ମଞ୍ଚର ସଭାପତି ଶୂନ୍ୟଜୟୀ ମିଶ୍ରଙ୍କ ଆହ୍ୱାନରେ ଏକ କଳାପତାକା ଶୋଭାଯାତ୍ରା ଅନୁଷ୍ଠିତ ହେଇଥିଲା। ଖାଉଟିମାନଙ୍କୁ ସଚେତନ କରିବା ପାଇଁ ଏବଂ ଶୋଷଣରୁ ମୁକ୍ତ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ପ୍ରତି ଜିଲାରେ ଏ ନେଇ ଖାଉଟି ବିବାଦ ପ୍ରତିକାର ମଞ୍ଚ ପ୍ରତିଷ୍ଠା କରାଯାଇ ଖାଉଟିଙ୍କୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଉଛି।

ନୟାଗଡ଼ ଜିଲାରେ ଖାଉଟିମାନେ ଅନେକ ସମୟରେ ଶୋଷଣର ଶିକାର ହେଉଥିବା ବେଳେ ହଇରାଣ ହରକତ ହେଉଛନ୍ତି। ହେଲେ ଜିଲା ପ୍ରଶାସନର ଅପାରଗତା ଯୋଗୁ ୧୮ ମାସ ହେଲାଣି ବୈଠକ ବସି ନ ଥିବା ମଞ୍ଚର ସଭାପତି ମିଶ୍ର ଅଭିଯୋଗ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟା ୩୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଜିଲା ସଚେତନ ଖାଉଟି ମଞ୍ଚ ତରଫରୁ କଳା ପତାକା ପ୍ରଦର୍ଶନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ଜାଣି ନାହିଁ ଏଥିରେ କାହାର କିଛି ସ୍ୱାର୍ଥ ଥିବ। ୨ ଦିନ ତଳେ ସରକାରଙ୍କଠାରୁ କମିଟି ଗଠନ କରିବା ପାଇଁ ଚିଠି ଆସିଛି। ଜିଲାର ବହୁତ ସଦସ୍ୟ ଅଛନ୍ତି। ସଦସ୍ୟମାନଙ୍କ ବୈଠକ କରିବା ପାଇଁ ଚିଠି ଯାଇଛି। ଉତ୍ତର ଆସିଲା ପରେ ଆମର ମନିଟରିଂ ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା। ଏଠାରେ ପ୍ରଶାସନ ପକ୍ଷରୁ କୌଣସି ଅବହେଳା କରାଯାଇନାହିଁ ବୋଲି କହିଥିଲେ।



ସହର ମଧ ଦେଇ ମଞ୍ଚର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ତୁରନ୍ତ କମିଟି ଗଠନ କରାଯିବ- ଅତିରିକ୍ତ ଜିଲାପାଳ**

### ରଣପୁର ୱାର୍ଡମେମ୍ବର ସଂଘର ଦାବିପତ୍ର ପ୍ରଦାନ

**ନୟାଗଡ଼ ଅଫିସ,୧୧।୧**

ରଣପୁର ବ୍ଲକ ଅଧୀନ ସମସ୍ତ ୱାର୍ଡମେମ୍ବରମାନେ ଶୁକ୍ରବାର ଜିଲାପାଳଙ୍କୁ ଭେଟି ମାସିକ ୫ ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି ପତ୍ର ପ୍ରଦାନ କରିଛନ୍ତି। ୱାର୍ଡମେମ୍ବରମାନଙ୍କ କହିବାନୁସାରେ ଲୋକଙ୍କ ସମସ୍ୟା ପଞ୍ଚାୟତରେ ଉପସ୍ଥାପନ କରିବା ଏବଂ ଗ୍ରାମ୍ୟ କମିଟିରେ ଅଂଶ ଗ୍ରହଣ କରି ଜନସେବା କରୁଛନ୍ତି ଏବଂ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରୁଥିବା ବେଳେ ସେମାନଙ୍କୁ ମାସିକ ଭତ୍ତା ୨୪୦ ଟଙ୍କା ପ୍ରଦାନ କରାଯାଉଛି। ଏତେ କମ୍ ଟଙ୍କା କୌଣସି କାର୍ଯ୍ୟରେ ଆସୁ ନ ଥିବା ସଂଘ ପ୍ରଶ୍ନ ଉଠାଇବା ସହ ୱାର୍ଡମେମ୍ବରମାନଙ୍କୁ ମାସିକ ୫ ହଜାର ଟଙ୍କା ପ୍ରଦାନ ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ରର ନକଲ ପଞ୍ଚାୟତରାଜ ବିଭାଗ, ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ସଂଘର ସଭାପତି ଶିବ ମାଝୀ, ଉପସଭାପତି ପୂର୍ଣ୍ଣମା ଉଦୟସିଂହ, ସମ୍ପାଦକ ପ୍ରସନ୍ନ କୁମାର ବେହେରା, କୋଷାଧକ୍ଷ ବିରଞ୍ଚି ନାରାୟଣ ଲେଙ୍କାଙ୍କ ନେତୃତ୍ୱରେ ରଣପୁର ବ୍ଲକର ସମସ୍ତ ୱାର୍ଡମେମ୍ବର ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଦଶପଲ୍ଲାରେ ଯୁବ ମହୋତ୍ସବ ମହକ୍ ଉଦ୍‌ଘାଟିତ

**ଦଶପଲ୍ଲା,୧୧।୧(ଡି.ଏନ.ଏ.)**

ଦଶପଲ୍ଲା ତ୍ରିନାଥ ବଜାରସ୍ଥିତ ମହକ ମୈଦାନରେ ମହକ ପରିବାର ଓ ସୀତାରାମ ୟୁଥକ୍ଲବ୍ ଆନୁକୂଲ୍ୟରେ ଯୁବ ମହୋତ୍ସବ 'ମହକ' ଉଦଘାଟିତ ହୋଇଛି। ଉତ୍ସବର ପ୍ରାରମ୍ଭରେ ମହାବୀର ମନ୍ଦିର ଠାରୁ ମହକ ମୈଦାନ ପର୍ଯ୍ୟନ୍ତ ଦେଶର ଯବାନ ମାନଙ୍କ ଉଦ୍ଦେଶ୍ୟରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ ହୋଇଥିଲା । ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ଜେନେରାଲ ବସନ୍ତ ମହାପାତ୍ର , ସମ୍ମାନିତ ଅତିଥି ଭାବେ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ, ମହାବୀର ବଣିକ ମହାସଂଘ ସଭାପତି ଅଲେଖ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ଉପଦେଷ୍ଟା ବେଣୁଧର ନାୟକ ପ୍ରମୁଖ ଯୋଗଦେଇଥିଲେ । ପୂର୍ବାହ୍ନରେ ଛାତ୍ରୀ ଛାତ୍ରଙ୍କ ମଧରେ ଚିତ୍ରକଳା , ସୁନ୍ଦର ହସ୍ତାକ୍ଷର , କୁଇଜ୍ ,ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା । ମହାବୀର ଡ୍ୟାନ୍ସ ଗ୍ରୁପ୍ ଦଶପଲ୍ଲା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଧାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଅବସର ପ୍ରାପ୍ତ ଜେନେରାଲ ମହାପାତ୍ର, ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ନାୟକ ,ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମାଧୁରୀ ମା , ବ୍ଲକ ଅଧକ୍ଷା ସୁନନ୍ଦା ସାହୁ , ଏନଏସି ଅଧକ୍ଷା ବବିତା ସାହୁ ,ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଉପଦେଷ୍ଟା ରଘୁନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ।

### ଖଣ୍ଡପଡ଼ାରେ ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ

**ଖଣ୍ଡପଡ଼ା,୧୧।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ୧୩ଟି ୱାର୍ଡର ବାସିନ୍ଦାଙ୍କୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ନିମନ୍ତେ ନୂତନ ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଶୁକ୍ରବାର ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପ ନିମନ୍ତେ ମୋଟ ୨ କୋଟି ୮ ଲକ୍ଷ ୮୧ ହଜାର ଟଙ୍କା ମଞ୍ଜୁର ହୋଇଥିବା ଖଣ୍ଡପଡା ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ତ୍ରିଲୋଚନ ବେହେରା ସୂଚନା ଦେଇଛନ୍ତି। ଖଣ୍ଡପଡା କଲ୍ୟାଣମଣ୍ଡପ ପରିସରରେ ଆୟୋଜିତ ସଭାରେ ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଅମରେନ୍ଦ୍ରନାଥ ପାଢୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଦୀର୍ଘବର୍ଷ ପରେ ସହରବାସୀଙ୍କ ପାନୀୟଜଳ ସମସ୍ୟାର ସମାଧାନ ହୋଇପାରିଛି ବୋଲି ମତ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଖଣ୍ଡପଡାର ପୂର୍ବତନ ନଗରପାଳ କିଶୋର ଚନ୍ଦ୍ର ଦାଶ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ ପ୍ରମୁଖ ଯୋଗଦେଇଥିଲେ।

■ ବିଜୁ ଯୁବବାହିନୀ ଟୁର୍ନାମେଣ୍ଟ

## ବୋଲଗଡ଼-କୁହୁଡ଼ି ଫାଇନାଲ୍ ଆଜି

**ନୟାଗଡ଼ ଅଫିସ,୧୧।୧**

ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ଇଟାମାଟି ଆନୁକୂଲ୍ୟରେ ବାମନ ଅବକାଶ ଖେଳପଡ଼ିଆରେ ବିଜୁ ଯୁବବାହିନୀ ଫୁଟବଲ୍ ଟୁର୍ନାମେଣ୍ଟ ୨୦୧୯ ଚାଲୁରହିଛି। ଶୁକ୍ରବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଇଟାମାଟି ଓ ବୋଲଗଡ଼ ଫ୍ରେଣ୍ଡ୍‌ସ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଲଗଡ଼ ଦଳ ୬-୫ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲ୍‌କୁ ପ୍ରବେଶ କରିଛି। ଫଳରେ ଶନିବାର ଫାଇନାଲ୍ ମ୍ୟାଚ୍ ଫ୍ରେଣ୍ଡ୍‌ସ କ୍ଲବ ବୋଲଗଡ଼ ଓ ମହାବୀର ସ୍ପୋର୍ଟସ କ୍ଲବ କୁହୁଡ଼ି ମଧରେ ଅନୁଷ୍ଠିତ ହେବ। ଶୁକ୍ରବାର ଖେଳର ଶେଷ ପର୍ଯ୍ୟନ୍ତ କୌଣସି ଦଳ କାହାରିକୁ ଗୋଲ ସ୍କୋର ଦେଇ ପାରି ନ ଥିଲେ। ପରେ ଟାଇବ୍ରେକ୍‌ର ସହାୟତା ନିଆଯାଇଥିଲା। ଏଥିରେ ୬-୫ ଗୋଲ୍‌ରେ ବୋଲଗଡ଼ ଦଳ ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧରେ ଇଟାମାଟି ଥାନା ଅଧିକାରୀ ସରୋଜ କୁମାର ସାହୁ, ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ନୟାଗଡ଼ ଜିଲା ସ୍ପୋର୍ଟସ୍ ହଷ୍ଟେଲ କୋଚ୍ ପ୍ରଶାନ୍ତ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ରେଫରି ଭାବେ ପ୍ରଫୁଲ୍ଲ କୁମାର ଖେଳ ପରିଚାଳନା କରିଥିବା ବେଳେ ଅହମ୍ମଦ, ଅମଜାଦ୍, ଆଦିତ୍ୟ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ। କ୍ରୀଡ଼ା ଶିକ୍ଷକ ଅମିୟ ମୋହନ ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଇଟାମାଟି ଦଳର ୧୧ ନମ୍ବର ଖେଳାଳି ସୁଶାନ୍ତ କୁମାର ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ହାସଲ କରିଥିଲେ। ଶନିବାର ଫାଇନାଲ୍ ମ୍ୟାଚ୍ ପୂର୍ବରୁ ପ୍ରେମ ପାଇଁ ମହାଭାରତ କଳାକାରମାନେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ ବୋଲି ସୂଚନା ମିଳିଛି।



ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିମାନେ।

■ ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ

## ଖୋର୍ଦ୍ଧା ଓ କୁମାରବସ୍ତ ଫାଇନାଲରେ

**ଖଣ୍ଡପଡା/ଭାପୁର, ୧୧।୧(ସ୍ୱ.ପ୍ର./ଡି.ଏନ.ଏ.)**

ଭାପୁର ବ୍ଲକ ଫତେଗଡ ଗ୍ରାମର ଯୁବକସଂଘ ଆନୁକୂଲ୍ୟରେ ୯ମ ରାଜ୍ୟସ୍ତରୀୟ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ନାଳିସାଗର ଖେଳପଡିଆରେ ଅନୁଷ୍ଠିତ ହେଉଛି। ଶୁକ୍ରବାର ୨ୟ ସେମି ଫାଇନାଲରେ ବିଡାନାସୀ କଟକ କ୍ରିକେଟ କ୍ଲବକୁ ୫ ଉଇକେଟରେ ହରାଇ ରାଇଜିଙ୍ଗ ଷ୍ଟାର କୁମାରବସ୍ତ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମେ ବିଡାନାସୀ ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୫ ଓଭରରେ ୯ଉଇକେଟ ବିନିମୟରେ ୧୮୯ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ଆବଶ୍ୟକ ୧୯୦ ରନ କରି ବିଜୟୀ ହୋଇଥିଲା । ବିଜୟୀ ଦଳର ରାଜୀବ କୁମାର ପରିଡା ୨୫ ରନ ଦେଇ ୪ଉଇକେଟ ଅକ୍ତିଆର କରିଥିବାରୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଦ୍ୟୁଜେନ୍ଦ୍ର କୁମାର ଘୋଷ ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ। ଫତେଗଡ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଷଡଙ୍ଗୀ ମୁଖ୍ୟଅତିଥି ଓ ଶିକ୍ଷାବିତ୍ ପ୍ରସନ୍ନ କୁମାର ମହାରଣା, ସାମାଜିକ କର୍ମୀ ମନୋଜ ଖୁଣ୍ଟିଆ, ପ୍ରକାଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରବିବାର ଫାଇନାଲରେ ରାଇଜିଙ୍ଗଷ୍ଟାର କୁମାରବସ୍ତ ଓ କଳିଙ୍ଗ ଖୋର୍ଦ୍ଧା କ୍ରିକେଟ କ୍ଲବ ମଧରେ ମୁକାବିଲା ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।


ଜଣେ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ସ୍ୱର୍ଣ୍ଣକାର ସଂଘ ଜୟନ୍ତୀ

**ରଣପୁର,୧୧।୧ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ରାଜସୁନାଖଳା ନିଖିଳ ଉତ୍କଳ ସ୍ୱର୍ଣ୍ଣକାର ସଂଘର ୫୨ତମ ଜୟନ୍ତୀ ଉତ୍ସବ ଶୁକ୍ରବାର କୋଟଗଡ଼ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସୁନାଖଳା ଅଞ୍ଚଳର ୨ଶହରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀ ଯୋଗଦେଇଥିଲେ । ସଂଘ ସଭାପତି ଶତ୍ରୁଘ୍ନ ସାହୁ, ସମ୍ପାଦକ ବୃନ୍ଦାବନ ଚିନ୍ନରା, ଜିଲା ନିଖିଳ ଉତ୍କଳ ସ୍ୱର୍ଣ୍ଣକାର ସଂଘ ସହସମ୍ପାଦକ ଦେବରାଜ ସାଥୁଆ, ରାଜ୍ୟ କାର୍ଯ୍ୟକାରୀ ସହସମ୍ପାଦକ ଅକ୍ଷୟ କୁମାର ସାଥୁଆ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀମାନେ ନିଜର କୌଳିକ ବୃତ୍ତି ହରାଇ ପରିବାର ଭରଣପୋଷଣ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ସଭାରେ ଆଲୋଚନା ହୋଇଥିଲା। କିଭଳି ସେମାନେ ନିଜ ଅର୍ଥନୈତିକ ଅବସ୍ଥାରେ ସୁଧାର ଆଣିପାରିବେ ସେଥିନେଇ ରାଜ୍ୟ ସରକାରଙ୍କଠାରେ ଦାବି ଉପସ୍ଥାପନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସୂଚନାଯୋଗ୍ୟ ୨୦୦୭ରେ କେନ୍ଦ୍ର ସରକାର ସ୍ୱର୍ଣ୍ଣ କାରିଗରଙ୍କୁ ଶିଳ୍ପୀ ମାନ୍ୟତା ଦେଇଥିଲେ ମଧ ରାଜ୍ୟ ସରକାର ଏହି ମାନ୍ୟତା ଦେଇ ନ ଥିବାରୁ କାରିଗରଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ରାଜ୍ୟ ସରକାରଙ୍କଠାରେ ସ୍ୱର୍ଣ୍ଣକାର ସଂଘ ତରଫରୁ ୧୧ଦଫା ସମ୍ବଳିତ ଦାବି ଉପସ୍ଥାପନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଦାବିଗୁଡିକ ମଧରେ ସ୍ୱର୍ଣ୍ଣ ରୌପ୍ୟ କାରିଗରଙ୍କୁ ଶିଳ୍ପୀ ମାନ୍ୟତା, ଆନୁଷଙ୍ଗିକ ସୁବିଧା ସୁଯୋଗ ଯଥା ଭତ୍ତା ପ୍ରଦାନ, କାରିଗରଙ୍କ ପିଲାଙ୍କୁ ଶିକ୍ଷା ବ୍ୟବସ୍ଥା, ସ୍ୱଳ୍ପହାରରେ ଋଣ ସୁବିଧା, ବ୍ୟବସାୟ କ୍ଷେତ୍ରରେ କଟକଣା କୋହଳ, ସରକାରୀ ଚାକିରି କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ଆଦି ଅନ୍ୟତମ। ବାନାମ୍ବର ମହାପାତ୍ର ବିବରଣୀ ପ୍ରଦାନ କରିଥିବାବେଳେ ଶରତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣୀ ଉତ୍ସବ

**ବୋଲଗଡ଼,୧୧।୧(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇ ନୋଡାଲ ଉଚ୍ଚ ବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସାଧାରଣ ସଭାରେ ଶିକ୍ଷାବିତ କୂଳମଣି ହୋତା ପୌରୋହିତ୍ୟ କରିଥିଲେ। ବୋଲଗଡ଼ ବିଇଓ ବିଭୂତିଭୂଷଣ ମହାପାତ୍ର ମୁଖ୍ୟଅତିଥି, ଶିକ୍ଷାବିତ କୃଷ୍ଣ ଚନ୍ଦ୍ର ବଳିୟାରସିଂହ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ଫତେସିଂହ, ସମିତିସଭ୍ୟ ପ୍ରଭାତିରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଆଗିକମା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ସ୍ୱାଗତ ଅଭିଭାଷଣ, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ ବାର୍ଷିକ ବିବରଣୀ ପାଠ କରିଥିଲେ । କୃତୀ ପ୍ରତିଯୋଗୀ ଓ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଓଡ଼ଗାଁ ମହୋତ୍ସବ: ନୃତ୍ୟ ସଙ୍ଗୀତରେ ଦର୍ଶକ ବିଭୋର

**ଓଡ଼ଗାଁ,୧୧।୧(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଓଡ଼ଗାଁ ମହୋତ୍ସବ ଓ ପଲ୍ଲିଶ୍ରୀମେଳାର ଶୁକ୍ରବାର ୨ୟ ସନ୍ଧ୍ୟାରେ ସ୍ଥାନୀୟ ସ୍କୁଲ ଓ ନୃତ୍ୟାନୁଷ୍ଠାନ ଗୁଡିକର ଛାତ୍ରୀଛାତ୍ରଙ୍କ କଳା ପ୍ରଦର୍ଶନ ଦର୍ଶକଙ୍କୁ ବିଭୋର କରିଥିଲା । ଅପରାହ୍ନ ୪ଟାରୁ ସଭାରମ୍ଭ ପର୍ଯ୍ୟନ୍ତ ସ୍ଥାନୀୟ କଳାକାରମାନେ ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିବା ବେଳେ ସମୁଦାୟ ୧୨ ସ୍କୁଲ ଓ ନୃତ୍ୟାନୁଷ୍ଠାନ ଦଳଗତ ନୃତ୍ୟ ପରିବେଷଣ କରିଥିଲେ । ସେଥିମଧରୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ବୈଦେହୀ ସଙ୍ଗୀତାୟନ ସର୍ବୋତ୍କୃଷ୍ଟ ବିବେଚିତ ହୋଇଥିବା ବେଳେ କୁରାଳ ସରସ୍ୱତୀ ଶିଶୁମନ୍ଦିର ପ୍ରଥମ, ରାଧାକାନ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରି ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ । ସେହିପରି ମଧ୍ୟାନ୍ତରରେ ଆୟୋଜିତ ମହୋତ୍ସବ ସଭାରେ ସ୍ଥାନୀୟ ବରିଷ୍ଠ ନାଗରିକ ତଥା ଇଂ. ପ୍ରହଲ୍ଲାଦ ଅଧିକାରୀ ଅଧକ୍ଷତା କରିଥିବା ବେଳେ ଅନାମ ଚରଣ ପାତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମୁଖ୍ୟ ଅତିଥି ଭାବେ ଇଂ. ହିମାଂଶୁ ଶେଖର ଷଡ଼ଙ୍ଗୀ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ ନୟାଗଡ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମହୋତ୍ସବ କମିଟିସଭାପତି ଅରୁଣ କୁମାର ସାହୁ ଓ ମହୋତ୍ସବ କମିଟି ସମ୍ପାଦକ ତଥା ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ । ମହୋତ୍ସବର ୨ୟାର୍ଦ୍ଧରେ ଆକୃତି କଳା ସଂଗଠନ ବୌଦ୍ଧ, ଷ୍ଟାର ଡ୍ୟାନ୍ସ ଏକାଡେମୀ ଓ ସରସ୍ୱତୀ ଡ୍ୟାନ୍ସ ଗ୍ରୁପ ସେମାନଙ୍କ ଦଳଗତ ନୃତ୍ୟ ପରିବେଷଣ କରିବା ସହିତ ହଜାର ହଜାର ଦର୍ଶକଙ୍କୁ ବିଳମ୍ବିତ ରାତିରେ ବେଶ କିଛିସମୟ ବାନ୍ଧିରଖିଥିଲେ।


ସର୍ବୋତ୍କୃଷ୍ଟ ଦଳର ନୃତ୍ୟ ପରିବେଷଣ।

■ ସ୍ୱପ୍ନେଶ୍ୱର ଦେବ ବିଦ୍ୟାପୀଠ ବାର୍ଷିକ ଉତ୍ସବ

## ଜଣେ ଭଲ ମଣିଷ ହେବା ଦୁରୂହ

**ଖଣ୍ଡପଡା,୧୧।୧(ସ୍ୱ.ପ୍ର.)**

ଦୃଢ ଇଚ୍ଛାଶକ୍ତି ଦ୍ୱାରା ପଙ୍ଗୁ ବି ସର୍ବୋଚ୍ଚ ଶିଖରରେ ପହଞ୍ଚିପାରେ। ଏଥିପାଇଁ ଲୋଡା ଦୃଢ ମନୋବଳ ଓ ଆତ୍ମବିଶ୍ୱାସ । ଅତୀତ ଓ ବର୍ତ୍ତମାନର ଗୁରୁ-ଶିଷ୍ୟ ପରମ୍ପରା ଅନୁଶୀଳନ କଲେ ଜଣାପଡେ ଯେ, ସଂସ୍କୃତି, ପରମ୍ପରାକୁ ବଜାୟ ରଖି କର୍ତ୍ତବ୍ୟ ସମ୍ପାଦନ କଲେ ଗୁରୁମାନେ ଉତ୍ତମ ଶିଷ୍ୟ ସୃଷ୍ଟି କରିପାରିବେ ଓ ଉଭୟଙ୍କ ମଧରେ ସମ୍ପର୍କ ଦୃଢ ହୋଇପାରିବ। ବର୍ତ୍ତମାନ ସମାଜରେ ଜଣେ ଶିକ୍ଷିତ ହୋଇ ବଡ ପଦବୀରେ ଅଧିଷ୍ଠିତ ହେବା ସହଜ, ହେଲେ ଜଣେ ଭଲ ମଣିଷ ହେବା ଦୁରୂହ ବ୍ୟାପାର। ଶୁକ୍ରବାର ଭାପୁର ବ୍ଲକ ରାକମା ପଞ୍ଚାୟତ ସ୍ୱପ୍ନେଶ୍ୱର ଦେବ ବିଦ୍ୟାପୀଠର ୪୧ ତମ ବାର୍ଷିକ ଉତ୍ସବ ତଥା ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ଉତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତ ରଖିଥିଲେ । ପ୍ରଧାନ ଶିକ୍ଷକ ରାଜକିଶୋର ପଣ୍ଡା ଉତ୍ସବରେ ସଭାପତିତ୍ୱ କରିଥିଲେ। ବ୍ଲକର ପୂର୍ବତନ ଅଧକ୍ଷ ତଥା ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଶିବ ପ୍ରସାଦ ଷଡଙ୍ଗୀ ମୁଖ୍ୟଅତିଥି, ନୟାଗଡ ଜିଲା ମାଧମିକ ଶିକ୍ଷକ ସଂଘ ସଭାପତି ନିରଞ୍ଜନ ଆଚାର୍ଯ୍ୟ ମୁଖ୍ୟବକ୍ତା ଓ ଖବରଦାତା ପ୍ରଭାକର ଶିରୋମଣି, ଭାପୁର ବାଲୁଙ୍କେଶ୍ୱର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ରଥ, ଅବସରପ୍ରାପ୍ତ ଶିକ୍ଷକ ପ୍ରସନ୍ନ କୁମାର ଷଡଙ୍ଗୀ, କବି ନୀଳକଣ୍ଠ ପଟ୍ଟନାୟକ, ରାକମା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭଗବାନ ସାହୁ, ମାଧପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଭରତ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହୋଇ ନିଜ ଶିକ୍ଷାନୁଷ୍ଠାନ ସହ ଦେଶ ଓ ଜାତିର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀ ଗାୟତ୍ରୀ ବେହେରା, ମିତାଲୀ ଭୋଳ, ରେସମା ସାହୁ ଓ ନବରଙ୍ଗପୁରରୁ ଆସିଥିବା ଅତିଥି କଳାକାର ମିସ୍ ଅନନ୍ୟା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଚଳିତବର୍ଷ ବାଳକ ବିଭାଗରେ ୧୦ମ ଶ୍ରେଣୀ ଛାତ୍ର ରାଜକିଶୋର ନାୟକ ଓ ବାଳିକା ବିଭାଗରେ ୯ମ ଶ୍ରେଣୀ ଛାତ୍ରୀ ରାଜଶ୍ରୀ ବେହେରା ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ । ଉତ୍ସବରେ ଶିକ୍ଷକ ଦାମୋଦର ସାହୁ ସଂଯୋଜନା କରିଥିଲେ।